# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୮/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, August 8/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୨୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 254 | ମୂଲ୍ୟ₹୭/-





**ତେନ୍ଦୁଲକର ୟୁନିସେଫ୍‌ର ଗୁଡ୍‌ୱିଲ ଆମ୍ବାସାଡର**
ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କୁ ୟୁନିସେଫର ଗୁଡ୍‌ୱିଲ ଆମ୍ବାସାଡର ଭାବରେ ନିଯୁକ୍ତ କରାଯାଇଛି। **୧୪**

**୧୧** **ଦିଶାଙ୍କ ନୂଆ ବୟଫ୍ରେଣ୍ଡଙ୍କୁ ନେଇ ଚର୍ଚ୍ଚା**
ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ଓ ଟାଇଗର ଶ୍ରଫ୍‌ଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହେବା ପରେ ଦିଶା ଏବେ ନୂଆ ବୟଫ୍ରେଣ୍ଡ କରିଥିବା ନେଇ ଚର୍ଚ୍ଚାକୁ ଆସିଛନ୍ତି।




# ଲୋକ ସଭାକୁ ଫେରିଲେ ରାହୁଲ

**ନୂଆଦିଲ୍ଲୀ, ୭।୮ (ପି.ଟି.)**

ଅଯୋଗ୍ୟ ଘୋଷିତ ହୋଇ ଚାରି ମାସ ଲୋକ ସଭାରୁ ଦୂରେଇ ରହିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ପାର୍ଲାମେଣ୍ଟର ନିମ୍ନ ସଦନକୁ ଫେରିଛନ୍ତି। ଏକ ମାନହାନି ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଦିଆଯାଇଥିବା ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଦେଇଥିବାରୁ ସେ ତାଙ୍କ ସଦସ୍ୟ ପଦ ଫେରି ପାଇଛନ୍ତି। ଫଳରେ ଏହା ତାଙ୍କର ଲୋକ ସଭାକୁ ବହୁଡ଼ା ବିଜୟ ବୋଲି କୁହାଯାଉଛି।

ମଙ୍ଗଳବାର ମୋଦି ସରକାରଙ୍କ ବିରୋଧରେ ଅଣାଯିବାକୁ ଥିବା ଅନାସ୍ଥା ପ୍ରସ୍ତାବ ପୂର୍ବରୁ ରାହୁଲ ଲୋକ ସଭାକୁ ଫେରିଥିବାରୁ ତାହା ବିରୋଧୀଙ୍କ ମନୋବଳକୁ ସୁଦୃଢ଼ କରିଛି। ଯଦିଓ ଏନଡିଏ ସପକ୍ଷରେ ବହୁମତ ରହିଛି, ତଥାପି ବିରୋଧୀ ବ୍ଲକ 'ଇଣ୍ଡିଆ'ର ଜଣେ ପ୍ରମୁଖ ବକ୍ତା ଭାବେ ଲୋକ ସଭାରେ ତାଙ୍କ ଉପସ୍ଥିତି ଜନସାଧାରଣଙ୍କୁ ଏକ ବାର୍ତ୍ତା ଦେବାକୁ ଯାଉଛି। ଅଗଷ୍ଟ ୪ରେ ସର୍ବୋଚ୍ଚ

### ଅନାସ୍ଥା ପ୍ରସ୍ତାବ ବିତର୍କରେ ଭାଗ ନେବେ

ନ୍ୟାୟାଳୟ ରାୟ ଦେବା ପରେ ରହୁଲଙ୍କ ସଦସ୍ୟତା ପୁନଃ ଅବସ୍ଥାପିତ ହୋଇଛି ବୋଲି ଲୋକ ସଭା ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଜରିଆରେ ଘୋଷଣା କରାଯାଇଛି। ଏଥିରେ କୁହାଯାଇଛି ଯେ ପରବର୍ତ୍ତୀ ନ୍ୟାୟିକ ରାୟ ଆସିବା ଯାଏ ତାଙ୍କ ଅଯୋଗ୍ୟତାକୁ ରଦ୍ଦ କରି ଦିଆଗଲା। ସୋମବାର ଲୋକ ସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ମାତ୍ରେ ରାହୁଲ ପାର୍ଲାମେଣ୍ଟରେ ପହଞ୍ଚିଥିଲେ। ଲୋକ ସଭା ଭିତରକୁ ପ୍ରବେଶ କରିବା ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। କିନ୍ତୁ ସେତେବେଳକୁ ଗୃହ ମୁଲତବୀ ହୋଇଯାଇଥିଲା। ତେବେ ପାର୍ଲାମେଣ୍ଟ ପରିସରରେ ସେ ତାଙ୍କ ମା' ତଥା ଲୋକ ସଭା ଏମ୍‌ପି ସୋନିଆ ଗାନ୍ଧୀଙ୍କ ସହ କିଛି ସମୟ ବିତାଇଥିବା ଦେଖିବାକୁ ମିଳିଥିଲା।

ପାର୍ଲାମେଣ୍ଟକୁ ଫେରିଥିବାରୁ ରାହୁଲଙ୍କୁ କଂଗ୍ରେସ ଓ ଅନ୍ୟାନ୍ୟ ବିରୋଧୀ ଦଳ ସଦସ୍ୟମାନେ ଭବ୍ୟ ସ୍ୱାଗତ କରିଥିଲେ। ମୁଖ୍ୟ ଫାଟକ ନିକଟରେ ମିଠା ବଣ୍ଟାଯିବା ସହିତ ଏଆଇସିସିର ପୂର୍ବତନ ମୁଖ୍ୟଙ୍କ ସପକ୍ଷରେ ସ୍ଲୋଗାନ ଦିଆଯିବାରୁ ସେଠାରେ ଏକ ଉତ୍ସବର ବାତାବରଣ ସୃଷ୍ଟି ହୋଇଯାଇଥିଲା। ତାଙ୍କ ସଦସ୍ୟ ପଦ ପୁନଃ ଅବସ୍ଥାପିତ ହୋଇଥିବାରୁ ବରିଷ୍ଠ କଂଗ୍ରେସ ନେତା ଓ କର୍ମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ରାହୁଲଙ୍କ ଏମ୍‌ପି ପଦ ବଜାୟ ରହିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଦେଶବାସୀ ବିଶେଷକରି ୱାୟନାର୍ଡବାସୀଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି। ଖାର୍ଗେ ଏକ ଟୁଇଟ କରି ଆହୁରି କହିଛନ୍ତି, ବର୍ତ୍ତମାନ ସରକାରଙ୍କ ଆଉ ଯେତିକି ଅବଧି ବାକି ରହିଛି ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀ ନେତାଙ୍କୁ ଟାର୍ଗେଟ ନ କରି ତାହାକୁ ବାସ୍ତବ ଶାସନ ଦିଗରେ ☞ପୃଷ୍ଠା-୪



ଭୁବନେଶ୍ୱର ଡିଏନ୍ ରେଗାଲିଆ ମଲ୍‌ରେ ସୋମବାର ନାବାର୍ଡ ପକ୍ଷରୁ ଆୟୋଜିତ ଜାତୀୟ ହସ୍ତତନ୍ତ ଦିବସ ପାଳନ କାର୍ଯ୍ୟକ୍ରମରେ ଯୁବତୀମାନେ ହସ୍ତତନ୍ତ ପୋଷାକ ପରିଧାନ କରି ଫ୍ୟାଶନ ଶୋ' ରାମ୍ପ୍‌ରେ ଚାଲୁଛନ୍ତି। **(ଫଟୋ: ବିକାଶ ନାୟକ)**

# ରତ୍ନଭଣ୍ଡାର ତୁରନ୍ତ ମରାମତି ଜରୁରୀ: ଏଏସ୍ଆଇ

### ଯାଞ୍ଚ ଲାଗି ନିର୍ଦ୍ଦେଶ ଦିଅନ୍ତୁ ହାଇକୋର୍ଟ

**କଟକ, ୭।୮ (କାର୍ତ୍ତିକ ସାହୁ)**

ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି ଜରୁରୀ ବୋଲି ସୋମବାର ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଇଛି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ)। ୨୦୧୮ରେ ଶେଷଥର ପାଇଁ ରତ୍ନଭଣ୍ଡାରର ଅନୁଧ୍ୟାନ ହୋଇଥିଲା ବୋଲି ଦାଖଲ ହୋଇଥିବା ସତ୍ୟପାଠରେ ଉଲ୍ଲେଖ ଥିବା ଜଣାଯାଇଛି। ବିଚାରପତି ଶୁଭାଶିଷ ତାଳପତ୍ର ଏବଂ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠରେ ସୋମବାର ଏହି ମାମଲାର ଶୁଣାଣି ହୋଇଥିବାବେଳେ ପରବର୍ତ୍ତୀ ଶୁଣାଣି ନିମନ୍ତେ ଅଗଷ୍ଟ ୨୨ ତାରିଖକୁ ଧାର୍ଯ୍ୟ କରାଯାଇଛି।

ସୂଚନା ଅନୁସାରେ, ୨୦୧୮ ମସିହାରୁ ରତ୍ନଭଣ୍ଡାରରେ ଫାଟ ସୃଷ୍ଟି ହୋଇଥିବା ଯାନ୍ତ୍ରିକ କମିଟିର ଯାଞ୍ଚ ପରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ପୂର୍ବରୁ ରତ୍ନଭଣ୍ଡାରରୁ ପାଣି ଝରୁଥିଲା, ରତ୍ନଭଣ୍ଡାର ଚଟାଣରେ କିଛି ପଥର ପଡ଼ିଥିଲା, କାନ୍ଥ ମଝିରେ ଫାଟ ଥିବାର ଫମ୍ପା ଶବ୍ଦ ଆସିଥିଲା। ବର୍ତ୍ତମାନ ରତ୍ନଭଣ୍ଡାର ସଂରକ୍ଷଣର ନିହାତି ଆବଶ୍ୟକତା ରହିଛି। ପୂର୍ବତନ ପୂର୍ତ୍ତ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ରିପୋର୍ଟକୁ ଆଧାର କରି ବାରମ୍ବାର ଚିଠି ଲେଖିବା ପରେ ବି ରତ୍ନଭଣ୍ଡାର ଖୋଲିବା ନେଇ ରାଜ୍ୟ ସରକାର ଆଗ୍ରହ ଦେଖାଉନାହାନ୍ତି। ରତ୍ନଭଣ୍ଡାର ବିପଦସଙ୍କୁଳ ଅବସ୍ଥାରେ ଅଛି ବୋଲି ୨୦୧୮ ଓ ୨୦୨୨ରେ ଏଏସ୍ଆଇ ମନ୍ଦିର ପ୍ରଶାସନକୁ ☞ପୃଷ୍ଠା-୪

# ବିଦ୍ୟୁତ୍ ବିଲ୍ ଅଧିକ ଆସିବାରୁ ମିଟର ରିଡରଙ୍କୁ ହତ୍ୟା

- ୫୦ ଲକ୍ଷ କ୍ଷତିପୂରଣ ଦାବିରେ ଟାଟା ପାୱାର କାର୍ଯ୍ୟାଳୟ ଘେରାଉ
- ଆକ୍ରମଣକାରୀଙ୍କ ସମେତ ୨ ଗୁରୁତର

**ଭଞ୍ଜନଗର, ୭।୮ (ବାବୁଲା ପ୍ରଧାନ)**

ସରକାରଙ୍କ ଯୋଜନାରେ ଘରକୁ ବିଦ୍ୟୁତ୍ ସଂଯୋଗ ନେଇଛୁ। ଆମେ ଗରିବ ଲୋକ। ଏତେ ଟଙ୍କା ବିଲ୍ କାହିଁକି ଆସୁଛି ବୋଲି କହି ଉତ୍କ୍ଷିପ୍ତ ହେବା ସହ ମିଟର ରିଡିଂ କରିବାକୁ ଯାଇଥିବା ଜଣେ କର୍ମଚାରୀଙ୍କୁ ମାରଣାସ୍ତ୍ରରେ ହତ୍ୟା କରିଦେଲେ। ଏପରି ଏକ ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ କୁପାଟି ଗ୍ରାମରେ। ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣକ ହେଲେ ଟାଟା ପାୱାର ଅଧୀନରେ ଠିକାରେ କାମ କରୁଥିବା ମିଟର ରିଡର ଲକ୍ଷ୍ମୀନାରାୟଣ ତ୍ରିପାଠୀ(୫୨)। ଆକ୍ରମଣକାରୀ ହେଉଛନ୍ତି ଗୋବିନ୍ଦ ସେଠୀ। ଏହି ଘଟଣା ପରେ ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଅଭିଯୁକ୍ତ ଗୋବିନ୍ଦ ସେଠୀ ଗୁରୁତର ହୋଇଛନ୍ତି। ଏପରି କି ଲକ୍ଷ୍ମୀନାରାୟଣଙ୍କ ବନ୍ଧୁ ରିଙ୍କୁ ନାୟକ ମଧ୍ୟ ଆକ୍ରମଣର ଶିକାର ହୋଇଥିବା ଜାଣିବାକୁ ମିଳିଛି। ଉଭୟ ଆହତଙ୍କୁ ପ୍ରଥମେ ଭଞ୍ଜନଗର ହସ୍ପିଟାଲ୍ ଏବଂ ପରେ ବ୍ରହ୍ମପୁର ଏମ୍‌କେସିଜିକୁ ପଠାଯାଇଛି। ତେବେ କିଛି ଟଙ୍କାର ବିଦ୍ୟୁତ୍ ବିଲ୍ ପାଇଁ କି ଅନ୍ୟ କୌଣସି କାରଣରୁ ଗୋବିନ୍ଦ ହତ୍ୟା କରିଛନ୍ତି ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ଅପରପକ୍ଷରେ ମୃତକ ଲକ୍ଷ୍ମୀନାରାୟଣଙ୍କ ☞ପୃଷ୍ଠା-୪






# ପ୍ରକାଶ ପାଇଲା ସପ୍ଲିମେଣ୍ଟାରୀ ପରୀକ୍ଷାଫଳ

### ୪୩୩ କୃତକାର୍ଯ୍ୟ

**କଟକ ଅଫିସ, ୭।୮ (ସୁପ୍ରିୟା ପ୍ରିୟଦର୍ଶିନୀ)**

ଚଳିତବର୍ଷର ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଦେବା ପାଇଁ ହାଇସ୍କୁଲର ୧୩୧୦ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ପରୀକ୍ଷାରେ ୩୬୦ ଜଣ ଅନୁପସ୍ଥିତ ରହିଥିଲେ। ୯୫୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୩୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୮୧୯୫ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୨୫ ଜଣ ପରୀକ୍ଷା ଦେଇ ନ ଥିବାବେଳେ ୬୭୭୮ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ୪୯ ଛାତ୍ରୀଛାତ୍ର ମାଲ୍‌ପ୍ରାକ୍ଟିସ୍ ହୋଇଛନ୍ତି। ଉଭୟ ରେଜଲ୍ଟ ବୋର୍ଡ ୱେବ୍‌ସାଇଟରେ ଉପଲବ୍ଧ ଥିବା ସୂଚନା ଦିଆଯାଇଛି। ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସିଧା ଯୁକ୍ତ୨ରେ ନାମ ଲେଖାଇବାକୁ ସୁଯୋଗ ମିଳିବ।

ସୂଚନାଥାଉ କି, ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ୩ରୁ ଆରମ୍ଭ ହୋଇ ୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ୮୦ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୧ଟାରେ ସରିଥିଲା। ଦ୍ୱିତୀୟ ସିଟିଂରେ ଷ୍ଟେଟ୍ ଓପନ୍ ସ୍କୁଲ ପରୀକ୍ଷା କରାଯାଇଥିଲା।


**ଆଜିର ସମ୍ପାଦକୀୟ**
**ଏବେବି ଜଳୁଛି**





## ସଂକ୍ଷେପରେ

### ନୁହ ଉଚ୍ଛେଦ ଅଭିଯାନରେ ରୋକ ଲଗାଇଲେ ହାଇକୋର୍ଟ

**ମାଜାରରେ ନିଆଁ ଲଗାଇଲେ ଦୁର୍ବୃତ୍ତ**

**ଗୁରୁଗ୍ରାମ/ଚଣ୍ଡିଗଡ଼,୭।୮(ପି.ଟି.):** ହରିୟାଣାର ନୁହ ଜିଲାରେ ପ୍ରଶାସନ ପକ୍ଷରୁ ଚାଲିଥିବା ବେଆଇନ ନିର୍ମାଣ ଉଚ୍ଛେଦ ଅଭିଯାନ ଉପରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ସୋମବାର ରୋକ ଲଗାଇଛନ୍ତି। ନୁହ ଜିଲାରେ ପ୍ରଶାସନର ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜି.ଏସ୍. ସନ୍ଧୱାଲିଆ ନିଜଆଡୁ ମାମଲା ବିଚାର ପାଇଁ ଗ୍ରହଣ କରିଥିଲେ। ଉଚ୍ଛେଦ କାର୍ଯ୍ୟକୁ ବନ୍ଦ ରଖିବା ପାଇଁ ସେ ହରିୟାଣା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୩୧ରେ ବିଶ୍ୱ ହିନ୍ଦୁ ପରିଷଦର ଧର୍ମୀୟ ଶୋଭାଯାତ୍ରା ବେଳେ ଉକ୍ତ ବେଆଇନ ବିଲ୍ଡିଂ ଉପରୁ କେତେଜଣ ଟେକାମାଡ଼ କରିଥିଲେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି, ଯାହା ସାମ୍ପ୍ରଦାୟିକ ହିଂସାର ରୂପ ନେଇ ଗୁରୁଗ୍ରାମକୁ ବ୍ୟାପିଯାଇଥିଲା। ଏହି ହିଂସାରେ ଜଣେ ଇମାମ୍, ୨ ହୋମ୍‌ଗାର୍ଡଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଗୁରୁଗ୍ରାମର ଖଣ୍ଡସା ଗ୍ରାମରେ କେତେଜଣ ଦୁର୍ବୃତ୍ତ ରବିବାର ବିଳମ୍ବିତ ରାତିରେ ଏକ ମାଜାରରେ ନିଆଁ ଲଗାଇଦେଇଛନ୍ତି। ଏନେଇ ମାଜାରର ତତ୍ତ୍ୱାବଧାରକ ଗସିତେ ରାମ୍ ସେକ୍ଟର ୩୭ ଥାନାରେ ଏତଲା ଦେଇଛନ୍ତି।

### ସୁରକ୍ଷାକର୍ମୀଙ୍କ ଗୁଳିରେ ହିଜ୍‌ବୁଲ କମାଣ୍ଡର ନିହତ

**ଶ୍ରୀନଗର, ୭।୮:** ଜାମ୍ମୁ କାଶ୍ମୀରର ପୁଞ୍ଜ ସେକ୍ଟରରେ ସୋମବାର ସକାଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ହିଜ୍‌ବୁଲ ମୁଜାହିଦ୍ଦିନ ସଂଗଠନର ଜଣେ କମାଣ୍ଡରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ପୁଞ୍ଜ୍ ଜିଲା ଅନ୍ତର୍ଗତ ବାଗଲାଦ୍ରାର ମୁନୀର ହୁସେନ। ସେ ୧୯୯୩ରେ ପିଓକେ ଯାଇ ଅସ୍ତ୍ରଚାଳନା ତାଲିମ ନେବା ସହ ୧୯୯୮ରେ ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିଲା। ହୁସେନ ଜାମ୍ମୁ କାଶ୍ମୀରରେ ବିଭିନ୍ନ ସମୟରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ଘଟଣାର ମାଷ୍ଟରମାଇଣ୍ଡ ଏବଂ ହିଜ୍‌ବୁଲ ମୁଜାହିଦ୍ଦିନ ସଂଗଠନ ପ୍ରତିଷ୍ଠାତା ସଇଦ ସାଲାଉଦ୍ଦିନର ମୁଖ୍ୟ ସହଯୋଗୀ ଥିଲେ। କିଛି ଦିନତଳେ ହିଜ୍‌ବୁଲ ଗ୍ରୁପର ଏକ ଉଚ୍ଚସ୍ତରୀୟ ବୈଠକ ଇସଲାମବାଦ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହୁସେନ ଯୋଗଦେଇଥିଲେ। ଜାମ୍ମୁ କାଶ୍ମୀରର ରଜୌରୀ ଓ ପୁଞ୍ଜ୍ ସେକ୍ଟରରେ ଆତଙ୍କବାଦ ଘଟଣା ଘଟାଇବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

**ଟ୍ରେନ୍‌ରେ ଗୁଳିକାଣ୍ଡ ଘଟଣା**

### ଅଭିଯୁକ୍ତଙ୍କ ବିରୋଧରେ ସାମ୍ପ୍ରଦାୟିକ ଶତ୍ରୁତା ଧାରା ଲାଗିଲା

**ମୁମ୍ବାଇ, ୭।୮:** ଜୟପୁର-ମୁମ୍ବାଇ ସୁପରଫାଷ୍ଟ ଏକ୍ସପ୍ରେସରେ ଗତମାସ ୩୧ରେ ଆରପିଏଫ କନଷ୍ଟେବଲ ଚେତନ ସିଂ ତାଙ୍କ ସିନିୟର ଅଫିସର ଏଏସଆଇ ଟିକାରାମ ମୀନାଙ୍କ ସମେତ ଚାରିଜଣଙ୍କୁ ଗୁଳିମାରି ହତ୍ୟା କରିଥିଲେ। ତାଙ୍କ ବିରୋଧରେ ଏବେ ସାମ୍ପ୍ରଦାୟିକ ଶତ୍ରୁତା ଉସୁକାଇବା ଭଳି ଧାରା ଲାଗିଥିବା ରେଳବାଇ ପୋଲିସ ମୁମ୍ବାଇର ବୋରିୱଲି କୋର୍ଟକୁ ଜଣାଇଛି। ଘଟଣାଦିନର ଭାଇରାଲ ଭିଡିଓ ଅନୁସାରେ ଧାରା ୧୫୩ଏ ତାଙ୍କ ବିରୋଧରେ ଲାଗିଛି। ଘଟଣାବେଳେ ଜଣେ ଯାତ୍ରୀ ଏହି ଭିଡିଓ ଉତ୍ତୋଳନ କରିଥିଲେ, ଯେଉଁଥିରେ ଚେତନ ଆପତ୍ତିଜନକ ମନ୍ତବ୍ୟ ଦେଉଥିବାର ପ୍ରଦର୍ଶନ ହୋଇଥିଲା।

# କମିଟିରେ ୩ ଅବସରପ୍ରାପ୍ତ ମହିଳା ବିଚାରପତି

**ସୁପ୍ରିମକୋର୍ଟରେ ମଣିପୁର ହିଂସା ମାମଲା**



■ସହାୟତା ଓ ଥଇଥାନ ସମ୍ପର୍କରେ କମିଟି ଦେବ ରିପୋର୍ଟ

■ତଦନ୍ତର ତଦାରଖ କରିବେ ମହାରାଷ୍ଟ୍ରର ପୂର୍ବତନ ପୋଲିସ ଡିଜି

**ନୂଆଦିଲ୍ଲୀ,୭।୮(ପି.ଟି.)**

ମଣିପୁରରେ ୩ ମାସରୁ ଊର୍ଦ୍ଧ୍ୱ ଜାତିଆଣ ହିଂସା ଲାଗିରହିଥିବାବେଳେ ଏଥିରେ କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ କ୍ଷତିପୂରଣ ଏବଂ ସହାୟତା ସମ୍ପର୍କରେ ଅନୁଧ୍ୟାନ କରିବା ଲାଗି ସୁପ୍ରିମକୋର୍ଟ ସୋମବାର ଏକ ୩ ଜଣିଆ କମିଟି ଗଠନ କରିଛନ୍ତି। କମିଟିରେ ହାଇକୋର୍ଟର ୩ ପୂର୍ବତନ ମହିଳା ବିଚାରପତି ରହିଛନ୍ତି। ସେହିପରି ଆପରାଧିକ ମାମଲାଗୁଡ଼ିକର ତଦନ୍ତକୁ ତଦାରଖ କରିବା ପାଇଁ ମହାରାଷ୍ଟ୍ରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଦତ୍ତାତ୍ରେୟ ପଡ୍‌ଶାଲଗିକରଙ୍କୁ ସର୍ବୋଚ୍ଚ ଅଦାଲତ ଦାୟିତ୍ୱ ଦେଇଛନ୍ତି। ହିଂସାଗ୍ରସ୍ତ ରାଜ୍ୟରେ ଆଇନର ଶାସନ ପ୍ରତି ଲୋକଙ୍କ ଆସ୍ଥା ଫେରାଇଆଣିବା ଲାଗି ଅଦାଲତ ଉଦ୍ୟମ କରିଛନ୍ତି। ସମୁଦାୟ ସ୍ଥିତି ଅନୁଧ୍ୟାନ ଲାଗି ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ନେଇଛନ୍ତି। ୩ ଜଣିଆ କମିଟି ସିଧାସଳଖ ସୁପ୍ରିମକୋର୍ଟଙ୍କୁ ତାଙ୍କ ରିପୋର୍ଟ ଦେବେ।

ଜମ୍ମୁ-କଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗୀତା ମିତ୍ତଲ କମିଟିର ନେତୃତ୍ୱ ନେବାକୁ ଥିବାବେଳେ ବମ୍ବେ ହାଇକୋର୍ଟର ପୂର୍ବତନ ବିଚାରପତି ଶାଲିନୀ ପି ଜୋଷୀ ଏବଂ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଆଶା ମେନନ ଏହାର ସଦସ୍ୟ ଅଛନ୍ତି। ସୀମାନ୍ତ ରାଜ୍ୟ ମଣିପୁରରେ ହିଂସାଜନିତ ଆତଙ୍କ ବଢ଼ିବାରେ ଲାଗିଛି। ଅଧିକରୁ ଅଧିକ ଲୋକଙ୍କ ଜୀବନ ଯିବା ସହ ପୋଡ଼ାଜଳା ଓ ଅଶାନ୍ତି ଲାଗିରହିଥିବା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ହିଂସାକାଣ୍ଡ ବେଳେ ଦୁଇଜଣ ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଇବାର ଭିଡିଓ ଅତ୍ୟନ୍ତ ବ୍ୟଥିତ କରିଛି। ସେଥିପାଇଁ ହିଂସା ପ୍ରଭାବିତ ଲୋକମାନଙ୍କୁ ସହାୟତା ଓ ଥଇଥାନର ଅନୁଧ୍ୟାନ ନିମନ୍ତେ ପୂର୍ବତନ ମହିଳା ବିଚାରପତିମାନଙ୍କୁ ନେଇ ଗଠିତ କମିଟିକୁ ଦାୟିତ୍ୱ ଦିଆଯାଇଥିବା ଖଣ୍ଡପୀଠ କହିଥିଲେ। ଉକ୍ତ କମିଟି ରିଲିଫ କ୍ୟାମ୍ପଗୁଡ଼ିକୁ ଯାଇ ସେଠାର ସ୍ଥିତି ଅନୁଧ୍ୟାନ କରିବ। ସେମାନଙ୍କ ସହାୟତା ପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ, ପୁନର୍ବାସନ, କ୍ଷତିପୂରଣ ଏବଂ ଗୃହ ଓ ଉପାସନା ସ୍ଥଳଗୁଡ଼ିକର ପୁନଃନିର୍ମାଣ ସମ୍ପର୍କରେ କମିଟି ସର୍ବୋଚ୍ଚ ଅଦାଲତଙ୍କୁ ପ୍ରସ୍ତାବ ଦେବ।

ହିଂସାକାଣ୍ଡର ତଦନ୍ତ ସମ୍ପର୍କରେ ଖଣ୍ଡପୀଠ କହିଥିଲେ, ୧୧ଟି ଏତଲା ସିବିଆଇକୁ ହସ୍ତାନ୍ତର କରାଯାଇଛି। ରାଜ୍ୟ ସରକାରଙ୍କର ତଦନ୍ତକାରୀ ସଂସ୍ଥା ରହିଥିବାରୁ ଆମେ ସିବିଆଇକୁ ଅଧିକ ମାମଲା ଦେବାକୁ ଚାହୁଁନାହୁଁ। ଆସ୍ଥା ବଢ଼ାଇବା ପାଇଁ ବିଭିନ୍ନ ରାଜ୍ୟରୁ ୫ ଜଣ ଡିଏସ୍‌ପି କ୍ୟାଡରର ଅଫିସରଙ୍କୁ ତଦନ୍ତରେ ସହାୟତା ପାଇଁ ସିବିଆଇକୁ ଡେପୁଟେଶନରେ ପଠାଇବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଫିସରମାନେ ସିବିଆଇ ପ୍ରଶାସନ ଅଧୀନରେ କାର୍ଯ୍ୟ କରିବେ ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଜଣେ ଯୁଗ୍ମ ନିର୍ଦ୍ଦେଶକ ପାହ୍ୟାର ଅଫିସର ସେମାନଙ୍କୁ ତଦାରଖ କରିପାରିବେ ବୋଲି କୋର୍ଟ କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହି ସିବିଆଇକୁ ଦିଆଯାଇ ନ ଥିବା ମାମଲାଗୁଡ଼ିକର ତଦନ୍ତ ପାଇଁ ୪୨ଟି ଏସ୍‌ଆଇଟି ଗଠନ କରାଯାଇଥିବା ଅଦାଲତଙ୍କୁ ଅବଗତ କରାଇଥିଲେ। ମଣିପୁର ପୋଲିସକୁ ସହାୟତା ନିମନ୍ତେ ପ୍ରତି ଏସ୍‌ଆଇଟି ପାଇଁ ଅନ୍ୟ ରାଜ୍ୟରୁ ଜଣେ ଲେଖାଏ ଇନ୍ସପେକ୍ଟର ଡେପୁଟେଶନରେ ଆଣିବାକୁ ଖଣ୍ଡପୀଠ ପରାମର୍ଶ ଦେଇଥିଲେ। ଏସ୍‌ଆଇଟିଗୁଡ଼ିକର ତଦନ୍ତର ତଦାରଖ ବାହାର ରାଜ୍ୟର ୬ ଜଣ ଡିଆଇଜି ପାହ୍ୟାର ଅଫିସରଙ୍କ ଦ୍ୱାରା କରାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ। ଶୁଣାଣି ସମୟରେ ମଣିପୁର ମୁଖ୍ୟ ଶାସନ ସଚିବ ବିନୀତ ଜୋଷୀ ଏବଂ ପୋଲିସ ଡିଜି ରାଜୀବ ସିଂ ଉପସ୍ଥିତ ଥିଲେ।

## ମଣିପୁରର କଂଗ୍ରେସ ନେତାଙ୍କୁ ଭେଟିଲେ ସୋନିଆ, ରାହୁଲ

ମଣିପୁରରୁ ଆସିଥିବା କଂଗ୍ରେସ ନେତାମାନଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଏମ୍‌ପି ରାହୁଲ ଗାନ୍ଧୀ ସୋମବାର ଭେଟି ରାଜ୍ୟ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ମଣିପୁରର କଂଗ୍ରେସ ନେତାମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ. ଇବୋବି ସିଂ, ଦଳର ରାଜ୍ୟ ସଭାପତି କେ. ମେଘଚନ୍ଦ୍ର ସିଂ ପ୍ରମୁଖ ଥିଲେ। ପାର୍ଲାମେଣ୍ଟର କଂଗ୍ରେସ ସଂସଦୀୟ ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ କଂଗ୍ରେସ ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ବେଣୁଗୋପାଳ ମଧ୍ୟ ଉପସ୍ଥିତ ଥିଲେ। ମଣିପୁରରେ ମେ' ୩ରୁ ଜାତିଆଣ ହିଂସା ଲାଗିରହିଥିବାବେଳେ ଏଥିରେ ୨୦୦ ଲୋକଙ୍କ ମୃତ୍ୟୁ ହେବା ସହ ୬୦ ହଜାର ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ରାଜ୍ୟରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇଆଣିବା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ବିବୃତି ରଖନ୍ତୁ ବୋଲି କଂଗ୍ରେସ ଦାବି କରିଆସୁଛି।

ଅନ୍ୟପକ୍ଷରେ ମଣିପୁରର ଆଦିବାସୀ ସଂଗଠନ ଆଇଟିଏଲ୍‌ଏଫ୍‌ର ପ୍ରତିନିଧି ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିନିଧି ଦଳ କୁକି-ଜୋ ସମ୍ପ୍ରଦାୟଙ୍କ ପାଇଁ ଅଲଗା ରାଜନୈତିକ ପ୍ରଶାସନ, ହିଂସାରେ ପ୍ରାଣ ହରାଇଥିବା କୁକି-ଜୋ ସଦସ୍ୟମାନଙ୍କ ନିମନ୍ତେ ଚୁରାଚାନ୍ଦପୁର ଜିଲାରେ ଏକ ଗଣସମାଧିସ୍ଥଳ ନିର୍ମାଣ ସମେତ ୫ଟି ଦାବି ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି।



## ପିଏମ୍‌ଏଲ୍-ଏନ୍ ଜିତିଲେ ନୱାଜ ଶରିଫ ପ୍ରଧାନମନ୍ତ୍ରୀ ହେବେ



**ଲାହୋର,୭।୮(ପି.ଟି.)**

ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ପାକିସ୍ତାନର ସାଧାରଣ ନିର୍ବାଚନରେ ଯଦି ଶାସକ ପିଏମ୍‌ଏଲ୍-ଏନ୍ କ୍ଷମତାକୁ ଫେରେ ତେବେ ନୱାଜ ଶରିଫ୍ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ବୋଲି ତାଙ୍କ ଭାଇ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ କହିଛନ୍ତି। ଲାହୋରଠାରୁ ୫୦ କିମି ଦୂର କସୁରରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ ଶେହବାଜ ଏହା କହିଥିଲେ। ୨୦୧୯ ନଭେମ୍ବରରୁ ୭୩ ବର୍ଷୀୟ ନୱାଜ ବ୍ରିଟେନରେ ଆତ୍ମନିର୍ବାସନରେ ରହିଛନ୍ତି। ଅଲ୍-ଅଜିଜିଆ ମିଲ୍ସ ଓ ଆଭେନଫିଲ୍ଡ ଦୁର୍ନୀତି ମାମଲାରେ ସେ ୨୦୧୮ରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଚିକିତ୍ସା ପାଇଁ ଲଣ୍ଡନ ଯିବା ପୂର୍ବରୁ ସେ ଅଲ୍ ଅଜିଜିଆ ଦୁର୍ନୀତି ମାମଲାରେ ଲାହୋରର କୋଟ୍ ଲଖପତ ଜେଲ୍‌ରେ ଥିଲେ।

## ପାକିସ୍ତାନୀ ମହିଳାଙ୍କୁ ଗୁପ୍ତ ତଥ୍ୟ ଦେଉଥିଲେ ସିଆଇଏସ୍‌ଏଫ୍ କନ୍‌ଷ୍ଟେବଲ

**ବିଶାଖାପାଟଣା,୭।୮**

ପାକିସ୍ତାନ ପାଇଁ ଗୋଇନ୍ଦାଗିରି କରୁଥିବା ଜଣେ ମହିଳାଙ୍କୁ ଗୁପ୍ତ ତଥ୍ୟ ଯୋଗାଇବା ଅଭିଯୋଗରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍)ର ଜଣେ କନଷ୍ଟେବଲ ଧାରାପଡ଼ିଛନ୍ତି। ବିଶାଖାପାଟଣା ଷ୍ଟିଲ୍ ପ୍ଲାଣ୍ଟରେ ଗତବର୍ଷ ଅଗଷ୍ଟରୁ କାମ କରୁଥିବା ସିଆଇଏସ୍‌ଏଫ୍ କନ୍‌ଷ୍ଟବଲ କପିଲ କୁମାର ଜଗଦୀଶ ଭାଇ ଦେବୁମୁରାରୀ ପାକିସ୍ତାନୀ ମହିଳା ଗୋଇନ୍ଦା ଅପରେଟିଭ୍ (ପିଆଇଓ)ଙ୍କ ସହ ଯୋଗାଯୋଗରେ ଥିବା ସୂଚନା ମିଳିବା ପରେ ତାଙ୍କୁ ଜେରା ପାଇଁ ଡକାଯାଇଥିଲା। ତାଙ୍କ ମୋବାଇଲ ଫୋନ୍ ଯାଞ୍ଚ ହେବାରୁ ତମିଶା ନାମରେ ଉକ୍ତ ପିଆଇଓଙ୍କ ଫୋନ୍ ନମ୍ବର ସେଥିରେ ସେଭ୍ ହୋଇଥିବା ଦେଖାଯାଇଥିଲା। ସେ ଷ୍ଟିଲ୍ ପ୍ଲାଣ୍ଟର ସୁରକ୍ଷା ସମ୍ପର୍କିତ ଗୁପ୍ତ ତଥ୍ୟ ପାକିସ୍ତାନୀ ମହିଳାଙ୍କୁ ଯୋଗାଉଥିବା ସନ୍ଦେହ କରାଯାଉଛି। ଉକ୍ତ ନମ୍ବରକୁ ଫୋନ୍‌ରୁ ଡିଲିଟ କରିଦିଆଯାଇଥିବା ସିଆଇଏସ୍‌ଏଫ୍ ଇନ୍ସପେକ୍ଟର କହିଛନ୍ତି। ଅଧିକ ତଦନ୍ତ ପାଇଁ ଉକ୍ତ ମୋବାଇଲ ଫୋନ୍‌କୁ ସାଇବର ଫୋରେନ୍‌ସିକ ଲାବ୍‌କୁ ପଠାଯିବ।



ବ୍ରାଜିଲର ବେଲେମସ୍ଥିତ ହାଙ୍ଗର ସମ୍ମିଳନୀ କେନ୍ଦ୍ରରେ ଆମାଜନ ଡାଇଲଗ ବୈଠକ ଅବସରରେ ଟେମ୍ବେ ଆଦିବାସୀ ମହିଳାମାନଙ୍କ ସହ ବିଭାଗୀୟ ମନ୍ତ୍ରୀ ସୋନିଆ ଗ୍ୱାଜାଜରା (ମଝି) ନୃତ୍ୟ କରୁଛନ୍ତି।

## ଡେଟା ସୁରକ୍ଷା ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ,୭।୮(ପି.ଟି.)**

ମଣିପୁର ପ୍ରସଙ୍ଗରେ ବିରୋଧୀ ସଦସ୍ୟମାନଙ୍କ ସ୍ଲୋଗାନବାଜି ମଧ୍ୟରେ ସୋମବାର ଲୋକ ସଭାରେ ଡିଜିଟାଲ ବ୍ୟକ୍ତିଗତ ଡେଟା ସୁରକ୍ଷା ବିଲ୍ ଗୃହୀତ ହୋଇଛି। ବିରୋଧୀ ସଦସ୍ୟ ଏଥିରେ କେତେକ ସଂଶୋଧନ ଦାବି ଲାଗି ପ୍ରସ୍ତାବ ଦେଇଥିଲେ ହେଁ ତାହା ଧ୍ୱନି ମତରେ ଖାରଜ ହୋଇଯାଇଥିଲା। ଭାରତୀୟ ନାଗରିକଙ୍କ ଗୋପନୀୟତାର ସୁରକ୍ଷା କରିବା ଏହି ବିଲ୍‌ର ଉଦ୍ଦେଶ୍ୟ। ଲୋକଙ୍କ ଡିଜିଟାଲ ଡେଟାର ଅପବ୍ୟବହାର କଲେ କିମ୍ବା ଏହାର ସୁରକ୍ଷାରେ ବିଫଳ ହେଲେ ସମ୍ପୃକ୍ତ ସଂସ୍ଥା ଉପରେ ୨୫୦ କୋଟି ଟଙ୍କା ଅର୍ଥଦଣ୍ଡ ଲଗାଇବା ପାଇଁ ବିଲ୍‌ରେ ପ୍ରସ୍ତାବ ରହିଛି। ସୁପ୍ରିମକୋର୍ଟ ଗୋପନୀୟତା ଅଧିକାରକୁ ମୌଳିକ ଅଧିକାର ଭାବେ ଘୋଷଣା କରିବାର ୬ ବର୍ଷ ପରେ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ବ୍ୟକ୍ତିଗତ ତଥ୍ୟ ଅପବ୍ୟବହାରକୁ ରୋକିବା ଲାଗି ଏହି ବିଲ୍ ଅଣାଯାଇଛି। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଲ୍ ଆଗତ କରି କହିଥିଲେ, ବିରୋଧୀ ସଦସ୍ୟମାନେ ଏହା ଉପରେ ଆଲୋଚନା କରିଥିଲେ ଭଲ ହୋଇଥାନ୍ତା। ହେଲେ ବିରୋଧୀ ଦଳର କୌଣସି ନେତା କିମ୍ବା ସଦସ୍ୟ ନାଗରିକଙ୍କ ଅଧିକାର ପ୍ରତି ଚିନ୍ତିତ ନ ଥିବା ସେ କହିଥିଲେ। ସଂକ୍ଷିପ୍ତ ଆଲୋଚନା ପରେ ବିଲ୍ ଗୃହୀତ ହୋଇଥିଲା।

## ସିକିମ୍‌ର ନାମ୍‌ଚି ସହରରେ ରାଲିବେଳେ ହିଂସା

**୧୪୪ ଧାରା ଜାରି**

**ଗାଙ୍ଗଟକ୍,୭।୮**

ସିକିମ୍‌ରେ ୨୧ ବର୍ଷୀୟ ଯୁବନେତାଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ ତୁରନ୍ତ ନ୍ୟାୟ ଦାବି କରି ସୋମବାର ନାମ୍‌ଚି ସହରରେ ବିକ୍ଷୋଭ ରାଲି କରାଯାଉଥିବାବେଳେ ଏହା ହିଂସାକାଣ୍ଡର ରୂପ ନେଇଥିଲା। ବିକ୍ଷୋଭକାରୀଙ୍କ ଟେକାମାଡ଼ରେ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ହିଂସାରେ ସମ୍ପୃକ୍ତ କେତେଜଣଙ୍କୁ ଗିରଫ କରାଯାଇଥିବା ନାମ୍‌ଚି ଏସ୍‌ଡିଏମ୍ କହିଛନ୍ତି। ନାମ୍‌ଚିରେ ୧୪୪ ଧାରା ଜାରି ସହ ପାଟ୍ରୋଲିଂକୁ ଜୋର୍‌ଦାର କରାଯାଇଛି। ଅଲ୍ ସିକିମ୍ ଗୁରୁଙ୍ଗ୍ ପକ୍ଷରୁ ରାଲିରେ ଆୟୋଜନ କରାଯାଇଥିବାବେଳେ ଏଥିରେ ବିଭିନ୍ନ ସଂଗଠନ ଓ ସମାଜର ବିଭିନ୍ନ ବର୍ଗ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ନାମ୍‌ଚି ଗଭର୍ନମେଣ୍ଟ କଲେଜ ଛାତ୍ର ପରିଷଦର ସଭାପତି ତଥା ଯୁବନେତା ପଦମ ଗୁରୁଙ୍ଗଙ୍କ ମୃତଦେହ ଗତ ଜୁନ୍ ୨୮ରେ କାଜିତାର ଅଞ୍ଚଳର ଏକ ଡ୍ରେନ୍‌ରୁ ମିଳିଥିଲା। ନ୍ୟାୟରେ ବିଳମ୍ବ ନ୍ୟାୟ ନ ମିଳିବା ସହ ସମାନ। ତେଣୁ ଆମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଚାହୁଁ ବୋଲି ମୃତ ଛାତ୍ରନେତାଙ୍କ ଭାଇ ପ୍ରେମ୍ ଗୁରୁଙ୍ଗ କହିଛନ୍ତି।

## ଦେଶରେ ବାଘସଂଖ୍ୟା ୩,୬୮୨କୁ ବୃଦ୍ଧି

**ନୂଆଦିଲ୍ଲୀ,୭।୮(ପି.ଟି.)**

୨୦୦୬ରେ ଭାରତରେ ୧,୪୧୧ ବାଘ ଥିବାବେଳେ ୨୦୨୨ରେ ଏହା ୩,୬୮୨କୁ ବୃଦ୍ଧି ପାଇଛି। ଲୋକ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷନ ରେଡ୍ଡୀ ଉପରୋକ୍ତ ଉତ୍ତର ରଖିଥିଲେ। ଜନସାଧାରଣଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଦେଶର କେତେକ ପକ୍ଷୀ, ଫୁଲ ଓ ପ୍ରାଣୀଙ୍କୁ ଜାତୀୟ ପକ୍ଷୀ, ଜାତୀୟ ଫୁଲ ଓ ଜାତୀୟ ପ୍ରାଣୀ ଘୋଷଣା କରାଯାଇ ସେମାନଙ୍କୁ ସୁରକ୍ଷା ସମେତ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯିବ କି ବୋଲି ରେଡ୍ଡୀଙ୍କୁ ପ୍ରଶ୍ନ କରାଯାଇଥିଲା। ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଭାରତ ସରକାରଙ୍କ ପକ୍ଷରୁ ବାଘକୁ ଜାତୀୟ ପ୍ରାଣୀ ଏବଂ ମୟୂରକୁ ଜାତୀୟ ପକ୍ଷୀ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ମନ୍ତ୍ରୀ କହିଥିଲେ। ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ର ଅନୁଚ୍ଛେଦ-୧ରେ ବାଘ ଓ ମୟୂରଙ୍କୁ ସାମିଲ କରାଯାଇ ସେମାନଙ୍କୁ ସର୍ବାଧିକ ସୁରକ୍ଷା ଦିଆଯାଇଥିବା ରେଡ୍ଡୀ କହିଥିଲେ।

## ୧୦୦ କି.ମି.ରୁ ତଳକୁ ଖସିବା ଚନ୍ଦ୍ରୟାନ-୩ ପାଇଁ କଠିନ ହେବ

**ବେଙ୍ଗାଲୁରୁ,୭।୮**

ଚନ୍ଦ୍ରୟାନ-୩ ବର୍ତ୍ତମାନ ପର୍ଯ୍ୟନ୍ତ ଠିକ୍‌ଠାକ୍ ଚାଲିଛି। ଲୁନାର କକ୍ଷସ୍ଥଳ ଶହେ କି.ମିରୁ ତଳକୁ ଖସାଇବା କଠିନ ହେବ ବୋଲି ଇସ୍ରୋ ମୁଖ୍ୟ ଏସ୍ ସୋମନାଥ କହିଛନ୍ତି। ଚନ୍ଦ୍ରଯାନ ତା'ର ନିମ୍ନ କକ୍ଷ ପଥରେ ୧୭ ତାରିଖରେ ପହଞ୍ଚିବ। ଚଳିତ ଥର ଏହା ଯେଉଁଭଳି ଭଲ ଭାବେ ଅବତରଣ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯାଇଛି ବୋଲି ଇସ୍ରୋ ଅଧ୍ୟକ୍ଷ କହିଛନ୍ତି।

## ଦିଲ୍ଲୀ ଏମ୍ସ ଏଣ୍ଡୋସ୍କୋପି ପ୍ରକୋଷ୍ଠରେ ନିଆଁ

**ନୂଆଦିଲ୍ଲୀ,୭।୮(ପି.ଟି.)**

ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ)ର ଓପିଡି ବିଲ୍ଡିଂ ଦ୍ୱିତୀୟ ମହଲାରେ ଥିବା ଏଣ୍ଡୋସ୍କୋପି ପ୍ରକୋଷ୍ଠରେ ସୋମବାର ନିଆଁ ଲାଗିଯାଇଥିଲା। ସେଠାରେ ଥିବା ସମସ୍ତ ରୋଗୀଙ୍କୁ ନିରାପଦରେ ସହିତ ଉଦ୍ଧାର କରାଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ଅଗ୍ନିକାଣ୍ଡ ଯୋଗୁ ପୁରୁଣା ଓପିଡି ବିଲ୍ଡିଂରେ ଏଣ୍ଡୋସ୍କୋପି, ଜରୁରୀ ସେବା ଏବଂ ନିଦାନ ସେବା ବନ୍ଦ ରହିଥିଲା। ବିଲ୍ଡିଂର ଝରକା ଦେଇ କଳାଧୂଆଁ ଉଠୁଥିବାର ଭିଡିଓରୁ ଦେଖିବାକୁ ମିଳିଛି। ପୂର୍ବାହ୍ନ ୧୧ଟା ୩୫ରେ ନିଆଁ ଲାଗିବା ପରେ ସୁରକ୍ଷା ସଂସ୍ଥା ତୁରନ୍ତ ଅଗ୍ନି ନିର୍ବାପନ କକ୍ଷକୁ ସୂଚନା ଦିଆଯାଇଥିଲା। ଦିଲ୍ଲୀ ଅଗ୍ନିଶମ ସେବା ପହଞ୍ଚିବା ପୂର୍ବରୁ ଏମ୍ସର ଫାୟାର ସର୍ଭିସ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲା।



ଏମ୍ସର ପୁରୁଣା ଓପିଡି ବିଲ୍ଡିଂର ଦ୍ୱିତୀୟ ମହଲାରେ ଥିବା ଏଣ୍ଡୋସ୍କୋପି ପ୍ରକୋଷ୍ଠରେ ନିଆଁ ଲାଗିଛି।

## ଦିଲ୍ଲୀ ସେବା ବିଲ୍ ପାର୍ଲାମେଣ୍ଟରେ ଗୃହୀତ

**ନୂଆଦିଲ୍ଲୀ,୭।୮(ପି.ଟି.)**

ଦିଲ୍ଲୀ ସେବା ବିଲ୍ ସୋମବାର ପାର୍ଲାମେଣ୍ଟରେ ଗୃହୀତ ହୋଇଯାଇଛି। ଲୋକ ସଭାରେ ଏହି ବିଲ୍ ପୂର୍ବ ସପ୍ତାହରେ ଗୃହୀତ ହୋଇଥିବାବେଳେ ସୋମବାର ଉଚ୍ଚ ସଦନରେ ବିରୋଧୀ ସଦସ୍ୟମାନଙ୍କ ପ୍ରବଳ ବିରୋଧ ମଧ୍ୟରେ ବିଲ୍ ଅନୁମୋଦନ ଲାଭ କରିଛି। ବିଲ୍ ସପକ୍ଷରେ ୧୩୧ ଭୋଟ ଯାଇଥିବାବେଳେ ବିରୋଧୀରେ ୧୦୨ ଭୋଟ ପଡ଼ିଥିଲା। ଓଡ଼ିଶାର ବିଜୁ ଜନତା ଦଳ ଏବଂ ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର୍ କଂଗ୍ରେସ ବିଲ୍‌କୁ ସମର୍ଥନ କରିଥିଲେ।

ଦିଲ୍ଲୀ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ନିଯୁକ୍ତି ଓ ବଦଳିକୁ ନିୟନ୍ତ୍ରଣ କରିବା ପାଇଁ ଅଣାଯାଇଥିବା ଅଧ୍ୟାଦେଶ ସ୍ଥାନରେ ଦିଲ୍ଲୀ ସେବା ବିଲ୍ ସୋମବାର ରାଜ୍ୟ ସଭାରେ ଆଗତ ହୋଇଥିଲା।



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ(ସଂଶୋଧନ) ବିଲ୍, ୨୦୨୩ ଉପସ୍ଥାପନ କରି ଏହା ଉପରେ ଉଚ୍ଚ ସଦନ ବିଚାର କରିବାକୁ କହିଥିଲେ। ସୁପ୍ରିମକୋର୍ଟ ଦିଲ୍ଲୀର ସେବା ପ୍ରଶାସନର ନିୟନ୍ତ୍ରଣ ଦାୟିତ୍ୱ ଦିଲ୍ଲୀ ସରକାରଙ୍କୁ ଦେବା ପରେ ଏହାକୁ ଅକାମୀ କରିବା ପାଇଁ ଗତ ମେ' ୧୯ରେ କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିଥିଲେ। ଜାତୀୟ ରାଜଧାନୀର ନିର୍ବାଚିତ ସରକାରଙ୍କ କ୍ଷମତା ନେଇଯିବା ଲକ୍ଷ୍ୟରେ ଅଣାଯାଇଥିବା ଦିଲ୍ଲୀ ସେବା ବିଲ୍ ଏକ ରାଜନୈତିକ ଜାଲିଆତି ଏବଂ ସାମ୍ବିଧାନିକ ପାପ ବୋଲି ରାଜ୍ୟ ସଭାରେ ଏଏପି ସଦସ୍ୟ ରାଘବ ଚଡ୍ଢା କହିଛନ୍ତି।

**ରାଜନୈତିକ ଜାଲିଆତି କହିଲେ ଏଏପି ଏମ୍‌ପି**

ବିଲ୍ ଆଲୋଚନାରେ ଭାଗ ନେଇ ସେ କହିଥିଲେ, ଏହା ସମ୍ପୂର୍ଣ୍ଣ ସମ୍ବିଧାନ ବିରୋଧୀ, ବେଆଇନ ଓ ଅଗଣତାନ୍ତ୍ରିକ ବିଧେୟକ। ତାଙ୍କ ଦଳ ଗୃହରେ ନ୍ୟାୟ ଚାହୁଁଛି ବୋଲି ଚଡ୍ଢା କହିଥିଲେ। ସେହିପରି ରାଜ୍ୟ ସଭାରେ ବରିଷ୍ଠ କଂଗ୍ରେସ ନେତା ପି. ଚଦାମ୍ବରମ ଦିଲ୍ଲୀ ସେବା ବିଲ୍‌କୁ ଅସାମ୍ବିଧାନିକ ବୋଲି କହି ସମାଲୋଚନା କରିଥିଲେ।

ଅନ୍ୟପକ୍ଷରେ ବିଲ୍ ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଂଘନ କରୁ ନାହିଁ। ଜାତୀୟ ରାଜଧାନୀରେ ଏକ ସକାରାତ୍ମକ ଦୁର୍ନୀତି ମୁକ୍ତ ପ୍ରଶାସନ ବିଲ୍‌ର ଲକ୍ଷ୍ୟ ବୋଲି ଶାହା କହିଥିଲେ।

**୧୦ରୁ ଦିଆଯିବ କୃମିନାଶକ ଔଷଧ**

ଭୁବନେଶ୍ୱର: ଜାତୀୟ କୃମିନାଶକ ଦିବସ ଅବସରରେ ରାଜ୍ୟରେ ୧କୋଟି ୭ଲକ୍ଷ ପିଲା ଓ ଗର୍ଭବତୀଙ୍କୁ କୃମିନାଶକ ଆଲ୍‌ବେଣ୍ଡାଜୋଲ୍ ଔଷଧ ଦିଆଯିବ। ଆସନ୍ତା ୧୦ ତାରିଖ ସାମୂହିକ ଔଷଧ ସେବନ ଦିବସରୁ ଏହି କୃମିନାଶକ ଔଷଧ ଦିଆଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ରାଜ୍ୟରେ ୧୯ ଜିଲାରେ ୧ରୁ ୧୯ ବର୍ଷ ବୟସର ପିଲାଙ୍କୁ କୃମିନାଶକ ଔଷଧ ଦିଆଯିବ। ତେବେ ଅନୁଗୋଳ, ସମ୍ବଲପୁର, ବରଗଡ, ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ ଓ ସୋନପୁର ଆଦି ଜିଲାରେ ୧ରୁ ୨ ବର୍ଷ ବୟସର ପିଲାମାନଙ୍କୁ ଏହା ଦିଆଯିବ। ସେହିପରି ୨୦ରୁ ୨୪ ବର୍ଷ ବୟସର ଗର୍ଭବତୀ ମହିଳାଙ୍କୁ ଆଲବେଣ୍ଡାଜୋଲ ମେଡିସିନ ଖାଇବାକୁ ଦିଆଯିବ ବୋଲି ଡା. ପାଣିଗ୍ରାହୀ କହିଛନ୍ତି।




# ଯୁବ ଭୋଟରଙ୍କ ସଂଖ୍ୟା ବଢ଼ାଇବାକୁ ନିର୍ଦ୍ଦେଶ

**ଉଚ୍ଚଶିକ୍ଷାନୁଷ୍ଠାନରେ ଆରମ୍ଭ ହେବ ସ୍ପେଶାଲ ଡ୍ରାଇଭ୍**

- ଚିଠି ଲେଖିଲେ ରାଜ୍ୟ ନିର୍ବାଚନ ଅଧିକାରୀ
- ପଦକ୍ଷେପ ପାଇଁ ବିଶ୍ୱବିଦ୍ୟାଳୟ, କଲେଜ କର୍ତ୍ତୃପକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)

ରାଜ୍ୟରେ ଯୁବ ଭୋଟର କମ୍ ରହିଛନ୍ତି। ଏମାନଙ୍କ ସଂଖ୍ୟା ବଢ଼ାଇବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଆରମ୍ଭ ହେବ ସ୍ପେଶାଲ ଡ୍ରାଇଭ୍। ଏ ଦିଗରେ ପଦକ୍ଷେପ ନେବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ) ନିକୁଞ୍ଜ ବିହାରୀ ଧଳ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଯୁବ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଁ କଲେଜସ୍ତରରେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀ ଲେଖିଥିବା ଚିଠିରେ ଉଲ୍ଲେଖ ରହିଛି ଯେ, ଯୁବ ଭୋଟର ହେଉଛନ୍ତି ଗଣତନ୍ତ୍ରର ଭବିଷ୍ୟତ। କିନ୍ତୁ ଅନ୍ୟ ବର୍ଗର ଭୋଟରଙ୍କ ତୁଳନାରେ ରାଜ୍ୟରେ ଯୁବବର୍ଗ ଭୋଟରଙ୍କ ସଂଖ୍ୟା କମ୍ ରହିଛି। ଯୁବ ଭୋଟରଙ୍କ ଅନ୍ତର୍ଭୁକ୍ତି କେବଳ ନିର୍ବାଚନ ପ୍ରକ୍ରିୟା ପାଇଁ ନୁହେଁ, ବରଂ ଭୋଟ ଦେବାର ସେମାନଙ୍କ ସାମ୍ବିଧାନିକ ଅଧିକାର ବୋଲି ଜାଣିବା ଆବଶ୍ୟକ। ତେଣୁ ଏହି ବର୍ଗର ଭୋଟରଙ୍କ ସଂଖ୍ୟା ବୃଦ୍ଧି କରାଯିବା ଉଚିତ। ଯୁବ ଭୋଟରଙ୍କ ସଂଖ୍ୟା ବଢ଼ାଇବା ପାଇଁ ସଚେତନତା ଲୋଡ଼ା ରହିଛି। ଯୋଗ୍ୟ ଭୋଟରଙ୍କୁ ତାଲିକାଭୁକ୍ତ କରିବା ପାଇଁ ସ୍ପେଶାଲ ଡ୍ରାଇଭ୍ କରାଯିବା ସହିତ ନାମଲେଖା ଫର୍ମ ସହ ଭୋଟର ନାମ ସଂଯୋଗ ଫର୍ମ ମଧ ଯୋଗାଯାଉ। ଫର୍ମ ପୂରଣ ହେବା ନେଇ କଲେଜ କର୍ତ୍ତୃପକ୍ଷଙ୍କ ସୂଚନା ପରେ ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ ଅଫିସରମାନେ (ଇଆରଓ) ତାହାକୁ ସଂଗ୍ରହ କରିବେ। ଭୋଟର ହେଲ୍ପଲାଇନ ଆପ୍ ମାଧମରେ ସଚେତନ କରିବା ପାଇଁ ମଧ କୁହାଯାଇଛି। ସିଇଓଙ୍କ ଏହି ଚିଠି ପରେ ଉଚ୍ଚ ଶିକ୍ଷା ବିଭାଗ ସୋମବାର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର, ସମସ୍ତ ସରକାରୀ, ବେସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ସ୍ପେଶାଲ ଡ୍ରାଇଭ୍ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛି। ଶିକ୍ଷାନୁଷ୍ଠାନଗୁଡ଼ିକର ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର, ୱାଇଆର୍‌ସି କାଉନ୍‌ସେଲର, ଏନ୍‌ସିସି ଅଫିସରମାନେ ଯେତେ ସମ୍ଭବ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ କରନ୍ତୁ ବୋଲି ବିଭାଗ ପରାମର୍ଶ ଦେଇଛି।

# ଜୀବନସାଥୀ ଖୋଜିଦେବାକୁ ଜିଲାପାଳଙ୍କୁ ଆବେଦନ



ଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି ଭିନ୍ନକ୍ଷମ ସଞ୍ଜୟ।

**ଜନ ଅଭିଯୋଗ ଶୁଣାଣି ଶିବିରରେ ଦରଖାସ୍ତ ଦେଲେ ଭିନ୍ନକ୍ଷମ**

ଛେଣ୍ଡିପଦା,୭।୮ (ଅଜିତ ଧଳ)

ପରିଣତ ବୟସରେ ପହଞ୍ଚିଲେଣି ମାତାପିତା। ପରିବାରଠାରୁ ଅଲଗା ରହୁଛନ୍ତି ବଡ଼ଭାଇ। ତେଣୁ ବୃଦ୍ଧା ମା' ଓ ବୃଦ୍ଧ ବାପାଙ୍କ ଦେଖାଶୁଣା କରିବା ପାଇଁ ତାଙ୍କ ବ୍ୟତୀତ ଘରେ ଆଉ କେହି ନାହାନ୍ତି। ହେଲେ ସେ ନିଜେ ଭିନ୍ନକ୍ଷମ ହୋଇଥିବାରୁ ପରିବାରର ଆବଶ୍ୟକ ଯତ୍ନ ନେଇପାରୁନାହାନ୍ତି। ଏପରି କି ବିବାହ ପାଇଁ ଝିଅ ଦେବାକୁ କେହି ରାଜି ହେଉନାହାନ୍ତି। ତେଣୁ ଜୀବନସାଥୀଟିଏ ଖୋଜି ଦେବାକୁ ସୋମବାର ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଏପରି ଆବେଦନ କରିଛନ୍ତି ନୂଆଁପଡା ଗାଁର ମୁରଲୀଧର ମହାପାତ୍ରଙ୍କ ସାନ ପୁଅ ସଞ୍ଜୀବ ମହାପାତ୍ର (୩୭)।

ପ୍ରକାଶ ଯେ, ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ଠାରେ ଥିବା ସଭାଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଚାଲିଥିଲା। ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଲୋକଙ୍କ ସମସ୍ୟାଗୁଡ଼ିକର ଶୁଣାଣି କରୁଥିବା ବେଳେ ନୂଆଁପଡା ଗାଁର ଭିନ୍ନକ୍ଷମ ସଞ୍ଜୀବ ଏକ ଦରଖାସ୍ତ ନେଇ ଜିଲାପାଳଙ୍କୁ ଦେଇଥିଲେ। ସେଥିରେ ସେ ଉଲ୍ଲେଖ କରିଥିଲେ, ଭିନ୍ନକ୍ଷମ ହୋଇଥିବାରୁ ମା' ଓ ବାପାଙ୍କ ସେବା ସହ ପରିବାରର ଅନ୍ୟାନ୍ୟ କାମ କରିପାରୁ ନାହାନ୍ତି। ବୟସର ଅପରାହ୍ନରେ ପହଞ୍ଚିଥିବା ମା' ଓ ବାପା ମଧ ତାଙ୍କ ପାଇଁ ଝିଅଟିଏ ଖୋଜିଦେବାରେ ଅକ୍ଷମ। ଭିନ୍ନକ୍ଷମ ହୋଇଥିବାରୁ ଉପଯୁକ୍ତ କନ୍ୟାପାତ୍ର ତାଙ୍କୁ ମିଳୁନାହିଁ। ତେଣୁ ତାଙ୍କ ପାଇଁ ଜୀବନସାଥୀ ଯୋଗାଡ଼ କରିଦେଲେ ପରିବାର ଚଳାଇବାରେ ଆଉ ଅସୁବିଧା ହେବ ନାହିଁ ବୋଲି ସଞ୍ଜୀବ ଜିଲାପାଳଙ୍କୁ ନିବେଦନ କରିଥିଲେ।

# ଭାରତ, ଓଡ଼ିଶା ମୁଖ୍ୟଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

**ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ**

- ଓଡ଼ିଶାରୁ ୧୦ ହଜାର, ଦେଶବ୍ୟାପୀ ଫସିଛନ୍ତି ୨ ଲକ୍ଷ ନିବେଶକାରୀ
- ଦିନକୁ ୨୦ରୁ ୩ ହଜାର ଡଲାର ରୋଜଗାରର ସ୍ୱପ୍ନ ଦେଖାଉଥିଲେ
- ସଦସ୍ୟମାନେ ପରସ୍ପରକୁ 'ଜୟ ଏସ୍‌ଟିଏ' ସମ୍ବୋଧନ କରୁଥିଲେ

ଭୁବନେଶ୍ୱର,୭।୮ (ସତ୍ୟଜିତ୍ ରାଉତ)

ଅତି କମ୍ ସମୟ ମଧ୍ୟରେ ବହୁଗୁଣ ଅର୍ଥ ଲାଭର ପ୍ରଲୋଭନ ଦେଖାଇ ଦେଶବ୍ୟାପୀ ୧ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ରିପ୍ଟୋ ପୋଞ୍ଜି ସ୍କାମ୍ ହୋଇଛି। 'ଏସ୍‌ଟିଏ କ୍ରିପ୍ଟୋ ଟୋକନ୍' ନାଁରେ ଲୋକଙ୍କୁ ଭୁଆଁ ବୁଲାଯାଇ ଏହି ବଡ଼ ଠକେଇ କରାଯାଇଛି। ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) 'ଏସ୍‌ଟିଏ' ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ ଏବଂ ଓଡ଼ିଶା ମୁଖ୍ୟ ଭଦ୍ରକର ନୀରୋଦ ଦାସଙ୍କୁ ଗିରଫ କରିବା ସହ ସ୍କାମ୍‌ର ରହସ୍ୟ ଉନ୍ମୋଚନ କରିଛି। ପଞ୍ଜାବ ଫରିଦାକୋଟ୍‌ରେ ଗୁର୍‌ତେଜ୍‌ଙ୍କ ଘର। ଶୁକ୍ରବାର ରାଜସ୍ଥାନ ଶ୍ରୀଗଙ୍ଗାନଗରରୁ ତାଙ୍କୁ ଗିରଫ କରାଯିବା ପରେ ସ୍ଥାନୀୟ କୋର୍ଟରେ ହଜାର କରାଯାଇଥିଲା। ସେଠାରୁ ଗୁର୍‌ତେଜ୍‌ଙ୍କୁ ୭ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ସୋମବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସେହିଭଳି ଓଡ଼ିଶା ମୁଖ୍ୟ ନିରୋଦଙ୍କୁ ରବିବାର କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣି ଅଧିକ ଖୋଳତାଡ଼ କରିବାକୁ ଇଓଡବ୍ଲ୍ୟୁ ଯୋଜନା କରୁଛି। ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ଏହି ସ୍କାମ୍‌ରେ ଓଡ଼ିଶା ସମେତ ପଞ୍ଜାବ, ରାଜସ୍ଥାନ, ବିହାର, ଝାଡ଼ଖଣ୍ଡ, ହରିୟାଣା, ଦିଲ୍ଲୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଆସାମର ୨ ଲକ୍ଷ ଲୋକ ଫସି ୧ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନିବେଶ କରିଛନ୍ତି। ଏପରିକି ଓଡ଼ିଶାର ଭଦ୍ରକ, ବାଲେଶ୍ୱର, ଭୁବନେଶ୍ୱର, ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା ଆଦି ଜିଲାର ୧୦ ହଜାର ଲୋକ ନିବେଶ କରି ଠକେଇର ଶିକାର ହୋଇଛନ୍ତି।

ଏସ୍‌ଟିଏ (ସୋଲାର୍ ଟେକ୍‌ନୋ ଆଲିଆନ୍‌ସ)କୁ ୨୦୨୧ରେ ଅଭିଯୁକ୍ତମାନେ ଲଞ୍ଚ୍ କରିଥିଲେ। ୟୁରୋପ୍‌ର ଡେଭିଡ୍ ଗେଜ୍ ଏହାର ଗ୍ଲୋବାଲ୍ ମୁଖ୍ୟ ଥିବାବେଳେ ଗୁର୍‌ତେଜ୍ ଭାରତ ମୁଖ୍ୟ ଅଛନ୍ତି। ସେମାନେ ଆର୍‌ବିଆଇ ଅନୁମତି ବିନା ଲୋକଙ୍କଠାରୁ ଅର୍ଥ ଯୋଗାଡ଼ କରୁଥିଲେ। ଗୁର୍‌ତେଜ୍ ଏସ୍‌ଟିଏ ୱେବ୍‌ସାଇଟ୍ ଓ ସୋସିଆଲ୍ ମିଡିଆ ଆକାଉଣ୍ଟକୁ ବ୍ୟବହାର କରି ଲୋକଙ୍କୁ ଫସାଉଥିଲେ। ଏପରିକି ବିଭିନ୍ନ ୟୁଟ୍ୟୁବ୍ ଚ୍ୟାନେଲ୍ ଜରିଆରେ ଏହି ଏସ୍‌ଟିଏ ଟୋକନ୍‌ର ପ୍ରଚାର ପ୍ରସାର କରୁଥିଲେ। ଗୁର୍‌ତେଜ୍ ନିଜକୁ ଏମ୍ଏଲ୍ଏମ୍ ଗୁରୁ, ଲାଇଫ୍ କୋଚ୍, ମୋଟିଭେଶନାଲ୍ ସ୍ପିକର୍ ବୋଲି କହୁଥିଲେ। ଡେଭିଡ୍ ଓ ଗୁର୍‌ତେଜ୍ ଓଡ଼ିଶା ସମେତ ଭାରତର ବିଭିନ୍ନ ସ୍ଥାନକୁ ଯାଇ କାର୍ଯ୍ୟକ୍ରମ କରି ସଦସ୍ୟ ଯୋଗାଡ଼ କରିଥିଲେ। ଏହି ସ୍କିମ୍‌ରେ ସଦସ୍ୟ ହୋଇ ଟଙ୍କା ନିବେଶ କରିବା ପରେ ଦିନକୁ ୨୦ରୁ ୩ ହଜାର ଡଲାର ରୋଜଗାର କରିପାରିବେ ବୋଲି ଲୋଭ ଦେଖାଯାଉଥିଲା। ଏପରିକି ବୋନସ୍ ଓ ରେଫରାଲ ପାଇଁ ଲିଡରଶିପ୍ ନାଁ ମଧ ଦିଆଯାଉଥିଲା। ପୂର୍ବରୁ ଗୁର୍‌ତେଜ୍ ଭଦ୍ରକର ନୀରୋଦଙ୍କୁ ଓଡ଼ିଶା ମୁଖ୍ୟ କରି ଏକାଧିକ ସଦସ୍ୟ ଯୋଗାଡ଼ କରିଥିଲେ। ଓଡ଼ିଶାର ରୀନା ବେହେରା ନାମ୍ନୀ ମହିଳାଙ୍କ ଅଭିଯୋଗକ୍ରମେ ଗତମାସରେ ଇଓଡବ୍ଲ୍ୟୁ ଏକ ମାମଲା (ନଂ.୨୨/୨୦୨୩) ରୁଜୁ କରି ତଦନ୍ତ କରୁଛି। ଏହାର ସଦସ୍ୟମାନେ ପରସ୍ପରକୁ 'ଜୟ ଏସ୍‌ଟିଏ' କହି ସମ୍ବୋଧାନ କରୁଥିଲେ ବୋଲି ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି।




ଏସ୍‌ଟିଏ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ବିଜ୍ଞାପନ।



ଗିରଫ 'ଏସ୍‌ଟିଏ' ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ

**ଗୋଆରେ ବଲିଉଡ୍ ଷ୍ଟାର୍ ଗୋବିନ୍ଦା କରିଥିଲେ ବ୍ଲକ୍‌ଚେନ୍ ଲଞ୍ଚ୍**

ଗୁର୍‌ତେଜ୍ ଗତ ଜୁଲାଇ ୨୫ରୁ ୩୧ ମଧ୍ୟରେ ଗୋଆର ଏକ ଆଲିସାନ୍ ହୋଟେଲ୍‌ରେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ବଲିଉଡ୍ ଷ୍ଟାର୍ ଗୋବିନ୍ଦାଙ୍କୁ ଏଠାକୁ ନିମନ୍ତ୍ରଣ କରାଯାଇଥିଲା। ୧ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ସେଠାକୁ ଯାଇ ବିଭିନ୍ନ ହୋଟେଲରେ ରହିଥିଲେ। ଏଥିରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇ ୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋବିନ୍ଦା ଏସ୍‌ଟିଏର 'ବ୍ଲକ୍ ଚେନ୍' ଲଞ୍ଚ୍ କରିଥିଲେ। ଏହା ଲଞ୍ଚ ପରେ ଏସ୍‌ଟିଏ ଟୋକନ୍ କଏନ୍‌ରେ ପରିବର୍ତ୍ତନ ହୋଇଯିବ ବୋଲି କୁହାଯାଇଥିଲା।

**ପୋଲିସ୍‌କୁ ଚକ୍‌ମା, ୪ଦିନରେ ୪ ସ୍ଥାନ ବଦଳାଇଥିଲେ ଗୁର୍‌ତେଜ**

ଗୁର୍‌ତେଜ୍ ପୋଲିସକୁ ଚକ୍‌ମା ଦେଇ ୪ ଦିନରେ ୪ ସ୍ଥାନ ବଦଳାଇଥିଲେ। ଗୋଆରେ କାର୍ଯ୍ୟକ୍ରମ ସମୟରେ ଗୁର୍‌ତେଜ୍‌ଙ୍କୁ ଓଡ଼ିଶା ଇଓଡବ୍ଲ୍ୟୁ ଖୋଜୁଥିବା ସେ ଜାଣିବାକୁ ପାଇଥିଲେ। କାର୍ଯ୍ୟକ୍ରମ ସାରିବା ପରେ ଗୁରତେଜ୍ ପ୍ରଥମେ ମୁମ୍ବାଇ, ପରେ ଦିଲ୍ଲୀ ପଳାଇଥିଲେ। ପୋଲିସ ଟିମ୍ ଭାବିଥିଲା ସେ ତାଙ୍କ ଘରକୁ ଯିବେ। ତେଣୁ ଏଠାରୁ ଡିଏସ୍‌ପି ସସ୍ମିତା ସାହୁଙ୍କ ଏକ ଟିମ୍ ତାଙ୍କୁ ଧରିବାକୁ ପଞ୍ଜାବ ଅମ୍ରିତ୍‌ସରରେ ପହଞ୍ଚିଥିଲା। ହେଲେ ଗୁରତେଜ୍ ଏହା ଜାଣିପାରି ସେ ଲକ୍ଷ୍ୟସ୍ଥଳ ବଦଳାଇ ରାଜସ୍ଥାନର ହନୁମାନଗଡ଼ ଚାଲିଯାଇଥିଲେ। ହେଲେ ପୋଲିସ ସେଠାରେ ପହଞ୍ଚିବାରୁ ସେ ଗଙ୍ଗାନଗରକୁ ପଳାଇଥିଲେ। ମହାରାଜା ହୋଟେଲ୍‌ରେ ଲୁଚିଥିବାବେଳେ ଇଓଡବ୍ଲ୍ୟୁ ଟିମ୍ ତାଙ୍କୁ କାବୁ କରିଥିଲା।

# ୪,୬୮୪ ଅଣଶିକ୍ଷକ ପଦବୀ ଖାଲି

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)

ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ୪୮ ବର୍ଗର ୪,୬୮୪ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ଉଚ୍ଚଶିକ୍ଷା ବିଭାଗର ସୂଚନାନୁସାରେ, ୪,୬୮୪ ପଦବୀ ମଧ୍ୟରୁ ପିଅନରେ ସର୍ବାଧିକ ୧,୨୮୮ଟି ପଦବୀ ଖାଲି ରହିଥିବାବେଳେ ଜୁନିୟର କ୍ଲର୍କ ୬୮୫, ଡେମନଷ୍ଟ୍ରେଟର ୪୭୭, ପିଇଟି ୧୫୫, ଗ୍ରେଡ୍ ଲାଇବ୍ରେରିଆନ ୯୪, ଆସିଷ୍ଟାଣ୍ଟ ଲାଇବ୍ରେରିଆନ ୧୬୨, ଜୁନିୟର ଲାଇବ୍ରେରିଆନ ୧୦୧, ଷ୍ଟୋର୍ କିପର ୧୦୫, ଇନ୍‌ଷ୍ଟ୍ରକ୍ଟର ୭୦, ଲାବ୍ ଆଟେଣ୍ଡାଣ୍ଟ ୫୦୧ ପଦବୀ ଖାଲି ରହିଛି। ଏହିଭଳି ମୋଟ ୨୫ଟି ବର୍ଗରେ ଖାଲି ପଦବୀ ସଂଖ୍ୟା ୪,୬୮୪ ରହିଛି।

# ଭବାନୀପାଟଣାରୁ ଭୁବନେଶ୍ୱରକୁ ଉଡ଼ିବ ବିମାନ

**ଉତ୍କେଳା ବିମାନବନ୍ଦରକୁ ମିଳିଲା ଡିଜିସିଏ ଅନୁମତି**




ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)

ଖୁବ୍‌ଶୀଘ୍ର କଳାହାଣ୍ଡି ଜିଲାକୁ ବିମାନ ଉଡ଼ିବ। ଭବାନୀପାଟଣାସ୍ଥିତ ଉତ୍କେଳା ବିମାନବନ୍ଦରକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ଅନୁମତି ଦେବା ସହ ବିମାନ ଚଳାଚଳ ନେଇ ସୋମବାର ଲାଇସେନ୍ସ ପ୍ରଦାନ କରାଯାଇଛି। ଡିଜିସିଏର ଏହି ଅନୁମତି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଖୁସିବ୍ୟକ୍ତ କରିଛନ୍ତି। ଭବାନୀପାଟଣାରୁ ଭୁବନେଶ୍ୱରକୁ ଖୁବ୍‌ଶୀଘ୍ର ଉଡ଼ିବ ବିମାନ। ଏହା ଫଳରେ ଯୋଗାଯୋଗ, ବାଣିଜ୍ୟ ଓ ପର୍ଯ୍ୟଟନ କ୍ଷେତ୍ର ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଗତମାସରେ ଡିଜିସିଏ ଟିମ୍ କଳାହାଣ୍ଡି ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ପୂର୍ବରୁ ଝାରସୁଗୁଡ଼ା, ବ୍ରହ୍ମପୁର ରଙ୍ଗେଇଲୁଣ୍ଡା ଓ ଜୟପୁରକୁ ବିମାନ ଯୋଗାଯୋଗ ବ୍ୟବସ୍ଥା ହୋଇଥିବାବେଳେ ଏବେ ଏହି ପର୍ଯ୍ୟାୟରେ ଭବନୀପାଟଣା ଯୋଡ଼ିହୋଇଛି। ମାଲକାନଗିରିରେ ମଧ ଏକ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦରର କାମ ଜାରି ରହିଛି, ଯାହା ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି।

# ମହିଳାଙ୍କ ହାତରେ ଓଡ଼ିଶା ପ୍ରଗତିର ଭବିଷ୍ୟତ

**ଦୁଇଦିନିଆ ବଲାଙ୍ଗୀର ଜିଲା ଗସ୍ତ ସାରି ଫେରିଲେ ୫-ଟି ସଚିବ**

- ସମଲେଶ୍ୱରୀ ମନ୍ଦିର, କୋଶଳ କଳାମଣ୍ଡଳ ବୁଲି ଦେଖିଲେ
- -ମିଶନ ଶକ୍ତି ସଦସ୍ୟାଙ୍କୁ ଭେଟି ଉତ୍ସାହିତ କଲେ
- -ଲୋୟର ସୁକ୍‌ତେଲ ପ୍ରକଳ୍ପ ସ୍ଥଳ ଯାଇ ସ୍ଥିତି ପରଖିଲେ
- -କଂଗ୍ରେସ ପକ୍ଷରୁ ୫-ଟି ସଚିବଙ୍କୁ ବିରୋଧ



୫–ଟି ସଚିବ ଭିକେ ପାଣ୍ଡିଆନ୍ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଡ଼ିଆରେ କୃତୀ ଆଶା, ଅଙ୍ଗନୱାଡି କର୍ମୀ, କୃଷକ ଓ ମେଡିକାଲ ଛାତ୍ରଙ୍କୁ ଭେଟୁଛନ୍ତି।

ବଲାଙ୍ଗୀର, ୭।୮ (ବୀରେନ୍ଦ୍ର କୁମାର ଝାଙ୍କର)

୫–ଟି ସଚିବ ଭି.କେ.ପାଣ୍ଡିଆନଙ୍କ ଦୁଇଦିନିଆ ବଲାଙ୍ଗୀର ଜିଲା ଗସ୍ତ କାର୍ଯ୍ୟକ୍ରମ ସୋମବାର ଶେଷ ହୋଇଛି। ସକାଳେ ବଲାଙ୍ଗୀର ସହରର ସମଲେଶ୍ୱରୀ ମନ୍ଦିର, କୋଶଳ କଳାମଣ୍ଡଳ, ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପରିଦର୍ଶନ ସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଡିଆରେ ମିଶନ ଶକ୍ତି କର୍ମକର୍ତ୍ତାଙ୍କ ସହ ସେ ଆଲୋଚନା କରିଥିଲେ। ଏହା ସହିତ ଜନସାଧାରଣଙ୍କ ସହ ସାକ୍ଷାତ୍, ଲୋଇସିଂହା ବ୍ଲକର ଯୋଗୀସର୍ଡାଠାରେ ୫–ଟି ସ୍କୁଲ, ଶିବମନ୍ଦିର ପରିଦର୍ଶନ, ଲୋଇସିଂହା କଲେଜ ପଡିଆ ଓ ମୁରିବାହାଲ ବ୍ଲକ ଗୁରୁଣ୍ଡାଠାରେ ଜନ ଅଭିଯୋଗ ଶୁଣାଣି କରିଥିଲେ ପାଣ୍ଡିଆନ।

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଖେଳପଡିଆରେ ମିଶନ ଶକ୍ତି କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇ ୫–ଟି ସଚିବ କହିଥିଲେ ଯେ, ଓଡିଶା ପ୍ରଗତିର ଭବିଷ୍ୟତ ମହିଳାମାନଙ୍କ ହାତରେ ରହିଛି। ୨୦୦୦ ମସିହାରେ ନବୀନ ପଟ୍ଟନାୟକ ଯେତେବେଳେ ଓଡିଶାର ମୁଖ୍ୟମନ୍ତ୍ରୀ ହେଲେ ସେତେବେଳେ ଓଡିଶାର ମହିଳାମାନେ ଘରୁ ନ ବାହାରିଲେ ଓଡିଶାର ବିକାଶ ସମ୍ଭବ ନୁହେଁ ବୋଲି ହୃଦୟଙ୍ଗମ କରିଥିଲେ। ୨୦୦୧ ମସିହାରେ ମିଶନ ଶକ୍ତି ଗଠନ ବେଳେ ଯେଉଁ ମହିଳାମାନେ ସାମିଲ ହେଲେ ସେମାନେ ୧୦ ଟଙ୍କା ଲେଖାଏ ସଞ୍ଚୟ କରି ଏବଂ ହାତମୁଠା ଚାଉଳ ସଂଗ୍ରହ କରି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଗଠନ କରିଥିଲେ। ଆଜି ରାଜ୍ୟରେ ୩ ଲକ୍ଷ ୫୦ ହଜାର ଏସ୍ଏଚ୍‌ଜି ରହିଛି। ଦିନେ ହାତମୁଠାରେ ଚାଉଳ ସଂଗ୍ରହ କରୁଥିବା ମହିଳାମାନେ ରାଜ୍ୟର ଗୋଟିଏ ବର୍ଷରେ ୧୧ ହଜାର କୋଟି ଋଣ ନେଉଛନ୍ତି। ଏହି ମହିଳାମାନେ ବିକଶିତ ଓଡ଼ିଶା କରିବାରେ ସହାୟକ ହେଉଛନ୍ତି। ବଲାଙ୍ଗୀରରେ ମିଶନ ଶକ୍ତିର ମହିଳାମାନେ ମିଶନ ଶକ୍ତି ହୋଟେଲ, ପାନ୍ଥନିବାସ, ସ୍କୁଲ, ହଷ୍ଟେଲ, ବସ୍ ଚଳାଉଛନ୍ତି। ମାତ୍ର ରାଜ୍ୟର ହାରାହାରି ଏସ୍ଏଚ୍‌ଜି ଋଣକୁ ଦେଖିଲେ ପଛରେ ପଡିଛନ୍ତି। ଏପରିସ୍ଥଳେ ବଲାଙ୍ଗୀରର ଏସ୍ଏଚ୍‌ଜି ସଦସ୍ୟାଙ୍କୁ ଆହୁରି ଦୌଡିବାକୁ ପଡିବ ବୋଲି କହିଥିଲେ। ଆଗକୁ ଏସ୍ଏଚ୍‌ଜିରୁ ଏସ୍ଏମ୍‌ସି ଅଭିଯାନ ଲକ୍ଷ୍ୟ ରଖାଯାଇଛି। ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ସ୍ୱପ୍ନର ପ୍ରକଳ୍ପ। ଏ ଦିଗରେ ସମସ୍ତେ ଆଗ୍ରହ ଦେଖାଇ କାର୍ଯ୍ୟ କଲେ ଓଡିଶା ଏକ ବିକଶିତ ରାଜ୍ୟ ହୋଇପାରିବ ବୋଲି ପାଣ୍ଡିଆନ୍ କହିଥିଲେ। ଆଶା, ଅଙ୍ଗନୱାଡି କର୍ମୀଙ୍କ ଦରମା ବାବଦରେ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଖୁସି ଖବର ଶୁଣାଇବେ ବୋଲି କହିଥିଲେ। ସେଠାରେ ସେ କିଛି କୃତୀ ଛାତ୍ର, କୃଷକ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ଭେଟି ପ୍ରଶଂସା କରିଥିଲେ।

ସକାଳ ସାଢ଼େ ୭ଟାରେ ୫–ଟି ସଚିବ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ପରିଦର୍ଶନରେ ଯାଇଥିଲେ। ପାଟଣା ହୋଟେଲ ଛକଠାରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ୫–ଟି ସଚିବଙ୍କୁ ବିରୋଧ କରିବାକୁ ରୁଣ୍ଡ ହୋଇଥିଲେ। ଏହି ସୂଚନା ପାଇବା ପରେ ରୁଟ୍ ପରିବର୍ତ୍ତନ କରାଯାଇ ତାଙ୍କୁ ଅନ୍ୟ ରାସ୍ତାରେ ସମଲେଶ୍ୱରୀ ମନ୍ଦିର ନିଆଯାଇଥିଲା। ସେଠାରୁ ଫେରି କୋଶଳ କଳାମଣ୍ଡଳ ପଡିଆରେ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ସେଠାରୁ ସେ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପରିଦର୍ଶନରେ ଯାଇଥିଲେ।

# ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ ହେଲେ ୪.୧୩ ଲକ୍ଷ ଆବେଦନକାରୀ

- ଆସନ୍ତା ୧୫ରେ ଏହି ଆବେଦନକାରୀଙ୍କୁ ମିଳିବ ପ୍ରଥମ ପେନସନ୍
- ହିତାଧିକାରୀଙ୍କ ସଂଖ୍ୟା ୨୮.୬୧ ଲକ୍ଷରୁ ୩୨.୭୫ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର, ୭।୮ (ସୁନିତ୍ ମିଶ୍ର)

ମଧୁବାବୁ ପେନ୍‌ସନ୍ ଯୋଜନାରେ ଅଧିକ ୪ ଲକ୍ଷ ୧୩ ହଜାର ଆବେଦନକାରୀଙ୍କୁ ରାଜ୍ୟ ସରକାର ସାମିଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆବେଦନଗୁଡ଼ିକୁ ସୋମବାର ମଞ୍ଜୁର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ଜିଲା ଗସ୍ତ ସମୟରେ ଆସିଥିବା ଅଭିଯୋଗ ଏବଂ ମୋ ସରକାରରୁ ଗ୍ରହଣ କରାଯାଇଥିବା ମତାମତକୁ ବିଚାର କରି ମୁଖ୍ୟମନ୍ତ୍ରୀ ଉକ୍ତ ଯୋଜନାରେ ଅଧିକ ବ୍ୟକ୍ତିଙ୍କୁ ସାମିଲ କରିବା ପାଇଁ ଏହି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–ଟି) ଭି.କେ. ପାଣ୍ଡିଆନ୍ ଏବଂ ସିଏମ୍‌ଓର ଅନ୍ୟ ବରିଷ୍ଠ ଅଧିକାରୀ ବିଭିନ୍ନ ଜିଲା ଗସ୍ତ କରି ତୃଣମୂଳସ୍ତରରେ ବିକାଶ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସହ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ସିଏମ୍‌ଓର ଏହି ପଦକ୍ଷେପ ସମସ୍ୟାର ତ୍ୱରିତ ସମାଧାନ ଦିଗରେ କାର୍ଯ୍ୟ କରୁଛି। ନୂଆ ଆବେଦନଗୁଡ଼ିକର ମଞ୍ଜୁରୀ ପରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୩୨.୭୫ ଲକ୍ଷକୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ଯୋଜନାରେ ୨୮.୬୧ ଲକ୍ଷ ହିତାଧିକାରୀ ଉପକୃତ ହୋଇଛନ୍ତି। ଆସନ୍ତା ୧୫ ତାରିଖ ଜନସେବା ଦିବସରେ ପଞ୍ଚାୟତ ମୁଖ୍ୟାଳୟ ଏବଂ ୱାର୍ଡ କାର୍ଯ୍ୟାଳୟରେ ନିର୍ବାଚିତ ଜନପ୍ରତିନିଧିଙ୍କ ଉପସ୍ଥିତିରେ ନୂତନ ହିତାଧିକାରୀମାନେ ସେମାନଙ୍କ ପ୍ରଥମ ପେନସନ୍ ପାଇବେ। ସବୁଠାରେ ଶିବିର ଆୟୋଜନ କରି ହିତାଧିକାରୀଙ୍କ ପେନସନ୍ ବିତରଣକୁ ସୁଗମ କରିବା ପାଇଁ ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ମଧୁବାବୁ ପେନ୍‌ସନ୍ ଯୋଜନାରେ ବୟସ୍କ ବ୍ୟକ୍ତି, ବିଧବା, ଭିନ୍ନକ୍ଷମ ବ୍ୟକ୍ତି, ଅବିବାହିତ ମହିଳା, ଆରୋଗ୍ୟ ଲାଭ କରିଥିବା କୁଷ୍ଠରୋଗୀ, ଏଡ୍‌ସ ରୋଗୀ, ଛାଡ଼ପତ୍ରଧାରୀ, କିନ୍ନର, କୋଭିଡ୍‌ରେ ଅନାଥ ହୋଇଥିବା ପିଲା ଏବଂ ଅନ୍ୟ ସମ୍ବେଦନଶୀଳ ଲୋକ ଅନ୍ତର୍ଭୁକ୍ତ ଅଛନ୍ତି। ରାଜ୍ୟ ସରକାର ଏହି ଯୋଜନାରେ ୨୮ ଲକ୍ଷ ୬୧ ହଜାର ୧୯୫ ହିତାଧିକାରୀଙ୍କୁ ମାସିକ ୫୦୦, ୭୦୦ ଏବଂ ୯୦୦ ଟଙ୍କା ସାମାଜିକ ସୁରକ୍ଷା ଭତ୍ତା ଆକାରରେ ପ୍ରଦାନ କରୁଛନ୍ତି। ଏହି ଯୋଜନାରେ ୦–୭୯ ବର୍ଷ ମଧ୍ୟରେ ବିଭିନ୍ନ ବର୍ଗର ହିତାଧିକାରୀ ମାସିକ ୫୦୦ ଟଙ୍କା ପାଉଥିବାବେଳେ ୮୦ ବର୍ଷ ଏବଂ ତଦୂର୍ଦ୍ଧ୍ୱ ହିତାଧିକାରୀଙ୍କୁ ମାସକୁ ୭୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ଏଥିସହ ୪୦ରୁ ୫୯% ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମାସିକ ୫୦୦ ଟଙ୍କା ଏବଂ ୬୦% ଓ ତାହାଠୁ ଅଧିକ ଭିନ୍ନକ୍ଷମଙ୍କୁ ୭୦୦ ଟଙ୍କା ଦିଆଯାଉଛି। ୬୦% ଏବଂ ଏହାଠୁ ଅଧିକ ଭିନ୍ନକ୍ଷମ ଥିବା ୮୦ ବର୍ଷ ଓ ତାହାଠୁ ଅଧିକ ବୟସର ବ୍ୟକ୍ତିଙ୍କୁ ମାସିକ ୯୦୦ ଟଙ୍କା ଦିଆଯାଉଛି। ଏହି ଯୋଜନାରେ ୪ ଲକ୍ଷ ୧୩ ହଜାର ନୂଆ ହିତାଧିକାରୀଙ୍କ ସାମିଲ ରାଜ୍ୟର ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଡ଼ ମୁଦି ଅଗୁଆଳି;**
**କଥାଏ ଦି'କଥା କହିଦିଅନ୍ତି,**
**ସାଙ୍ଗେ ସାଙ୍ଗେ ଜଗୁଆଳି।**

ସାଧାରଣତଃ ସମୟ ସୁବିଧା ଦେଖି ବ୍ୟକ୍ତି ନିଜ ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିଥାନ୍ତି। ତେବେ ପାଖରେ ଯଦି କେହି ନିଜ ଲୋକ ବା ଆତ୍ମୀୟ ଉପସ୍ଥିତ ରହିଥାଏ ତା'ହେଲେ ମନର କଥା ଖୋଲି କହିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ପାଖରେ ଆତ୍ମୀୟ ଲୋକ ଥିଲେ ଗୋପନ କଥା ପ୍ରକାଶ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ଚଢ଼ାଠାରୁ ସମ୍ପତ୍ତି ନାହିଁ,**
**ଘର ପୋଡ଼ିଠାରୁ ବିପତ୍ତି ନାହିଁ।**

ଘୋଡ଼ା ଚଢ଼ିବା ଅଗ୍ରଗତିର ପ୍ରତୀକ ବା ଧନୀର ଲକ୍ଷଣ ଅଟେ। ସେହିପରି ଘର ପୋଡ଼ିଯିବା ବିପର୍ଯ୍ୟୟର ଲକ୍ଷଣ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମୌସୁମୀ ନିଷ୍କ୍ରିୟ, କମିଲା ବର୍ଷା

## ଆଜି ୧୦ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୭।୮(ଅନୁରାଧା ମହାରଣା)

ରାଜ୍ୟରେ ବର୍ତ୍ତମାନ ମୌସୁମୀ ନିଷ୍କ୍ରିୟ ରହିଛି। ଏହା ପ୍ରଭାବରେ ତାପମାତ୍ରା ଅଧିକ ରହିବା ସହ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରିବା ଦ୍ୱାରା ବିଜୁଳି ଘଡ଼ଘଡ଼ି ସହ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କନ୍ଧମାଳ, ବରଗଡ଼, ଅନୁଗୋଳ, ଝାରସୁଗୁଡ଼ା ଏବଂ ସମ୍ବଲପୁର ଜିଲାର କେତେକ ସ୍ଥାନରେ ବଜ୍ରପାତ ସହ ହାଲୁକା ବର୍ଷା ହୋଇଛି। ଅନ୍ୟପକ୍ଷରେ ଆଭ୍ୟନ୍ତରୀଣ ଓଡ଼ିଶା ସହ ଅନ୍ୟ କେତେକ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିଥିଲା। ମଙ୍ଗଳବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ କଟକ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସମ୍ପୃକ୍ତ ୧୦ ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୯ ତାରିଖରେ ରାଜ୍ୟରେ ବର୍ଷା ପରିମାଣ ଅପେକ୍ଷାକୃତ କମ୍ ରହିବ। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ୧୦ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲାରେ ବର୍ଷା ହେବା ନେଇ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ରହିଛି। ୧୧ ଓ ୧୨ ତାରିଖରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ରହିଥିଲେ ମଧ୍ୟ କୌଣସି ଜିଲାକୁ ୱାର୍ନିଂ ଜାରି ହୋଇନାହିଁ।

## ଲୋକ ସଭାକୁ...

ପ୍ରଥମ ପୃଷ୍ଠାରୁ...

ଉପଯୋଗ କରିବା ଉଚିତ। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତାଙ୍କ ଭାଇ ରହୁଲଙ୍କ ଲୋକ ସଭା ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ଲୋକମାନେ ବାସ୍ତବ ପ୍ରସଙ୍ଗକୁ ନେଇ ଉଠାଉଥିବା ସ୍ୱରକୁ ରାହୁଲ ପୁଣି ଥରେ ପାର୍ଲାମେଣ୍ଟରେ ଠିକ୍ ଭାବେ ପ୍ରତିଫଳିତ କରିବେ। ସେହିପରି ଏଆଇସିସି ସାଧାରଣ ସମ୍ପାଦକ (ସଙ୍ଗଠନ) କେ. ସି. ଭେଣୁଗୋପାଳ କହିଛନ୍ତି, ରାହୁଲଙ୍କ ଲୋକ ସଭା ଫେରିବା ଦ୍ୱାରା ଗଣତନ୍ତ୍ରର ବିଜୟ ଘଟିଛି ଏବଂ ଭାରତ ଜିତିଛି। ସେ ବିନା ଦ୍ୱିଧାରେ ସଂସଦୀୟ ଯାତ୍ରାରେ ସତ୍ୟ କହିଚାଲିବେ। ସେ ହେଉଛନ୍ତି ଭାରତର ସ୍ୱର ଓ ତାହା କଦାପି ନୀରବି ଯିବ ନାହିଁ। ଅନୁରୂପ ଭାବେ ଭାରତୀୟ ଜାତୀୟ ବିକାଶ ସମାବେଶୀ ମେଣ୍ଟ (ଇଣ୍ଡିଆ)ର ବହୁ ନେତା ସଂସଦକୁ ରହୁଲଙ୍କ ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସମାଜବାଦୀ ପାର୍ଟି ଏମ୍‌ପି ଅଖିଳେଶ ଯାଦବ ଆଶା ବ୍ୟକ୍ତ କରି କହିଛନ୍ତି, ତାଙ୍କ ଦଳୀୟ ନେତା ମହମ୍ମଦ ଆଜମ ଖାନ୍ ଓ ତାଙ୍କ ପୁଅ ଅବଦୁଲ୍ଲା ଆଜାମଙ୍କ ଉତ୍ତର ପ୍ରଦେଶ ବିଧାନସଭା ଆସନ ସଦସ୍ୟତା ପଦ ମଧ୍ୟ ପୁନଃ ଅବସ୍ଥାପିତ ହେବ। ସେହିପରି ସଂସଦକୁ ରାହୁଲଙ୍କ ଫେରିବାକୁ ନେଇ ଜମ୍ମୁ ଓ କଶ୍ମୀର ନ୍ୟାଶନାଲ କନ୍‌ଫରେନ୍ସ ମୁଖ୍ୟ ଫାରୁକ୍ ଅବଦୁଲ୍ଲା କହିଛନ୍ତି, ଏହା ନିଶ୍ଚିତ ଭାବେ ଏକ ଭଲ କଥା। ସେ ଆହୁରି କହିଛନ୍ତି, ରାହୁଲ 'ଇଣ୍ଡିଆ'କୁ ଆହୁରି ସୁଦୃଢ଼ କରିବେ ଓ ଦେଶ ସମ୍ମୁଖୀନ ହେଉଥିବା ସମସ୍ୟାକୁ ହଟାଇବାରେ ସହାୟକ ହେବେ।

କଂଗ୍ରେସ ପକ୍ଷରୁ କୁହାଯାଇଛି, ଅନାସ୍ଥା ପ୍ରସ୍ତାବ ଉପରେ ହେବାକୁ ଥିବା ବିତର୍କରେ ରାହୁଲ ମୁଖ୍ୟ ବକ୍ତା ହେବେ। ତାଙ୍କ ଲୋକ ସଭା ସଦସ୍ୟ ପଦ ପୁନଃ ଅବସ୍ଥାପିତ ହେବା ପରେ ସେ ଟୁଇଟରରେ ରହିଥିବା ନିଜସ୍ୱ ପରିଚୟ ବିବରଣୀରେ ମଧ୍ୟ ପରିବର୍ତ୍ତନ ଆଣିଛନ୍ତି। 'ଡିସ୍‌କ୍ୱାଲିଫାଏଡ୍ ଏମ୍‌ପି' ସ୍ଥାନରେ ସେ 'ମେମ୍ବର ଅଫ୍ ପର୍ଲାମେଣ୍ଟ' ଲେଖିଛନ୍ତି।

ସୂଚନାଯୋଗ୍ୟ, ଗୁଜରାଟର ଏକ କୋର୍ଟ ଗତ ମାର୍ଚ୍ଚରେ ମାନହାନି ମାମଲାରେ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରି ଦୁଇବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ପରେ ତାଙ୍କ ଲୋକ ସଭା ସଦସ୍ୟ ପଦ ଆପେ ରଦ୍ଦ ହୋଇଥିଲା। ସୁପ୍ରିମକୋର୍ଟ ଗତ ଶୁକ୍ରବାର ଉକ୍ତ ଦଣ୍ଡାଦେଶ ଉପରେ ରହିତାଦେଶ ଦେବା ପରେ ସେ ତାଙ୍କ ସଦସ୍ୟ ପଦ ଫେରିପାଇଥିଲେ। ଫଳରେ ସେ ୨୦୨୪ ସାଧାରଣ ନିର୍ବାଚନ ଲଢ଼ିବା ପଥ ସୁଗମ ହୋଇଛି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ୨୦୧୯ ସାଧାରଣ ନିର୍ବାଚନ ସମୟରେ ଏକ ଜନସଭାକୁ ସମ୍ବୋଧନ କରିବା ବେଳେ ରାହୁଲ କହିଥିଲେ- 'କାହିଁକି ଏମିତି ହୁଏ ଯେ ସବୁ ଚୋର ମୋଦି ସାଙ୍ଗିଆଧାରୀ'। କଂଗ୍ରେସ ନେତାଙ୍କ ଏଭଳି ମନ୍ତବ୍ୟ ପରେ ଗୁଜରାଟର ସୁରଟ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦୁଇ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହି ରାୟର ୨୪ ଘଣ୍ଟା ମଧ୍ୟରେ ତାଙ୍କ ସଦସ୍ୟ ପଦ ରଦ୍ଦ ହୋଇଯାଇଥିଲା। ସେ ଏହା ବିରୋଧରେ ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସେହି ଦଣ୍ଡକୁ ବଳବତ୍ତର ରଖିବାରୁ ରାହୁଲ ସୁପ୍ରିମକୋର୍ଟ ଯାଇଥିଲେ।

## ବିଦ୍ୟୁତ୍ ବିଲ୍ ଅଧିକ...

ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ପରିବାରର ଜଣଙ୍କୁ ଚାକିରି ଦାବିରେ ମିଟର ରିଡିଂ କର୍ମଚାରୀମାନେ ଭଞ୍ଜନଗର ଟାଟା ପାୱାର କାର୍ଯ୍ୟାଳୟ ଘେରାଉ କରିଛନ୍ତି। ପ୍ରକାଶ ଯେ, ଲକ୍ଷ୍ମୀନାରାୟଣ ୨୨ବର୍ଷ ହେବ ଗାଲେରୀ ଅଞ୍ଚଳରେ ମିଟର ରିଡିଂ କାମ କରୁଥିଲେ। ସୋମବାର ସେ କୁପାଟି ଗ୍ରାମକୁ ରିଡିଂ ନେବାକୁ ଯାଇଥିଲେ। ଗ୍ରାମର କିଛି ବ୍ୟକ୍ତିଙ୍କ ରିଡିଂ ନେବା ପରେ ଗୋବିନ୍ଦଙ୍କ ଘରକୁ ରିଡିଂ ନେବାକୁ ଯାଇଥିଲେ। ଗୋବିନ୍ଦ ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କୁ ସରକାରଙ୍କ ଯୋଜନା ଅନୁଯାୟୀ ବିଦ୍ୟୁତ ସଂଯୋଗ ଦିଆଯାଇଛି। ହେଲେ ଗତ ଜାନୁୟାରୀ ମାସରେ ତାଙ୍କର ୨୫ଟଙ୍କା ୯୨ପଇସା ବିଲ୍ ଆସିଥିବାବେଳେ ଫେବୃୟାରୀରେ ୨୬ଟଙ୍କା ୭୬ପଇସା, ମାର୍ଚ୍ଚରେ ୮୨ଟଙ୍କା ୭୬ପଇସା, ଏପ୍ରିଲ୍‌ରେ ୨୧୫ଟଙ୍କା ୮ପଇସା, ମେ ମାସରେ ୧୦୭ଟଙ୍କା ୪ ପଇସା ଏବଂ ଜୁନ୍‌ରେ ୧୫୪ଟଙ୍କା ୬୦ ପଇସା ବିଲ୍ ଆସିଥିଲା। ତେଣୁ ବିଲ୍ କାହିଁକି ଅଧିକ ଆସୁଛି ବୋଲି ଗୋବିନ୍ଦ ପଚାରିଥିଲେ। ଏହାର ଉତ୍ତରରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଚାର ବୋଲି ଲକ୍ଷ୍ମୀନାରାୟଣ ଉତ୍ତର ଦେଇଥିଲେ। ଏଥିରେ ଗୋବିନ୍ଦ ଉତ୍ତ୍ୟକ୍ତ ହୋଇ ଏକ କାତିରେ ଲକ୍ଷ୍ମୀଙ୍କ ବେକ ଓ ବାମ ହାତକୁ ବାରମ୍ବାର ଚୋଟ ପକାଇ ଚାଲିଥିଲେ। ଘଟଣାସ୍ଥଳରେ ଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଥିଲା। ଏହା ଦେଖି ଗ୍ରାମର କିଛି ଲୋକ ଭୟରେ ସେଠାରୁ ଚାଲିଯାଇଥିଲେ। କିଛି ସମୟ ପରେ ଗୋବିନ୍ଦ ଘରେ ଏକାକୀ ଥିବାବେଳେ ଗ୍ରାମବାସୀ ପହଞ୍ଚି ତାଙ୍କୁ କାବୁ କରିବାକୁ ଚେଷ୍ଟା କରିବାରୁ ସେମାନଙ୍କୁ ଗୋବିନ୍ଦ ଆକ୍ରମଣ ପାଇଁ ଗୋଡ଼ାଇଥିଲେ। ଏହି ସମୟରେ ରିଙ୍କୁ ନାୟକ ଆହତ ହୋଇଥିଲେ। ପରେ ଲୋକେ ଗୋବିନ୍ଦଙ୍କୁ କାବୁକରି ନିସ୍ତୁକ ମାଡ଼ ଦେଇଥିଲେ। ପୋଲିସ ପହଞ୍ଚି ଗୋବିନ୍ଦ ଏବଂ ରିଙ୍କୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲକୁ ପଠାଇଥିଲା।


ଲକ୍ଷ୍ମୀନାରାୟଣ ତ୍ରିପାଠୀ (ଫାଇଲ ଫଟୋ)

ଏହି ଘଟଣା ପରେ ମିଟର ରିଡିଂ ସଂଘ ପକ୍ଷରୁ ଲକ୍ଷ୍ମୀନାରାୟଣଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ପରିବାରର ଜଣଙ୍କୁ ଚାକିରି ସହ କର୍ମଚାରୀମାନଙ୍କ ସୁରକ୍ଷା ଦାବି କରି ଘଟଣାସ୍ଥଳରୁ ମୃତଦେହ ଛାଡ଼ି ନ ଥିଲେ। ଅପରାହ୍ନ ୫ଟାରେ ଭଞ୍ଜନଗର ଏସ୍‌ଡିପିଓ ବିଶ୍ୱମିତ୍ର ହରପଲ୍ ପହଞ୍ଚି ଉତ୍ତକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଛାଡ଼ିଥିଲେ। ପରେ ମିଟର ରିଡିଂ କର୍ମଚାରୀମାନେ ଭଞ୍ଜନଗର ଟାଟା ପାୱାର କାର୍ଯ୍ୟାଳୟ ଘେରାଉ କରିଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ଅଛି। ଟାଟା ପାୱାର ଅଧିକାରୀମାନେ ଘଟଣାସ୍ଥଳକୁ ନ ଯିବାକୁ ନେଇ ମିଟର ରିଡର ସଂଘ କର୍ମଚାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଟାଟା ପାୱାର ବିଦ୍ୟୁତ ମରାମତି, ମିଟର ରିଡିଂ, ବକେୟା ଆଦାୟ ପ୍ରମୁଖ କାର୍ଯ୍ୟ ଲାଗି ବିଭିନ୍ନ ଠିକା କମ୍ପାନୀକୁ ଦାୟିତ୍ୱ ଦେଇଛି। ତେଣୁ ଉକ୍ତ ଠିକା କମ୍ପାନୀଗୁଡ଼ିକ କର୍ମଚାରୀ ରଖି କାର୍ଯ୍ୟ କରୁଛନ୍ତି।


ଭୁବନେଶ୍ୱରସ୍ଥିତ ଖାରବେଳ ଭବନ ପରିସରରେ ସ୍କିଲ୍ ଇନ୍ ଓଡ଼ିଶା ପ୍ରଦର୍ଶନୀକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଉଦ୍‌ଘାଟନ କରୁଛନ୍ତି।

# ସ୍କିଲ୍ ଇନ୍ ଓଡ଼ିଶା ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୭।୮(ଅସମାପିକା ସାହୁ)

ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ଖାରବେଳ ଭବନ ପରିସରରେ ସ୍କିଲ୍ ଇନ୍ ଓଡ଼ିଶା ପ୍ରଦର୍ଶନୀ 'ବର୍ଜ୍ୟବସ୍ତୁରୁ ସମ୍ପଦ' ଆରମ୍ଭ ହୋଇଛି। ସୋମବାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନ ସହ ବିକ୍ରୟ ବ୍ୟବସ୍ଥା ରହିଛି। ଏହି ଅବସରରେ ଅସିତ ତ୍ରିପାଠୀ କହିଲେ, ଆଇଟିଆଇ ତାଲିମପ୍ରାପ୍ତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱୀକୃତି ଏବଂ ଆୟ ସୃଷ୍ଟିର ସୁଯୋଗ ପ୍ରଦାନ କରିବା ପାଇଁ ଏପରି କାର୍ଯ୍ୟକ୍ରମକୁ ସାରା ରାଜ୍ୟରେ ବ୍ୟାପକ କରିବାକୁ ଯୋଜନା କରାଯାଉଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଲୋକଙ୍କ ମଧ୍ୟରେ ସ୍କିଲ୍-ଇନ୍-ଓଡ଼ିଶା ବ୍ରାଣ୍ଡକୁ ଲୋକପ୍ରିୟ କରିବା ଓ ପ୍ରଯୁକ୍ତି ବିଦ୍ୟା ଯୋଗାଇବା। ଏହି ସ୍ୱୀକୃତିପ୍ରାପ୍ତ ବ୍ରାଣ୍ଡର ସ୍ଥିତିକୁ ମଜଭୁତ କରିବା ପାଇଁ ଆଉଟ୍‌ଲେଟ୍‌ଗୁଡ଼ିକୁ ବୃଦ୍ଧି କରାଯାଉ ବୋଲି ସେ କହିଥିଲେ। ସ୍କିଲ୍-ଇନ୍-ଓଡ଼ିଶା ହେଉଛି ଏକ ପରିବର୍ତ୍ତନଶୀଳ ଯାତ୍ରା, ଯାହା ରାଜ୍ୟରେ ଯୁବ ସାମର୍ଥ୍ୟକୁ ବ୍ୟବହାର କରୁଛି ବୋଲି ପ୍ରମୁଖ ଶାସନ ସଚିବ ପାଢ଼ୀ କହିଥିଲେ। ଏହି ପ୍ରଦର୍ଶନୀରେ ବର୍ଜ୍ୟବସ୍ତୁ ଯଥା ଗାଡ଼ି, ମୋଟର ସାଇକେଲ ଓ ସାଇକେଲ ଯନ୍ତ୍ରାଂଶ ବଲ୍, ବିୟରିଙ୍ଗ, ଚେନ୍ କ୍ରାଙ୍କ, ନଟ୍‌ବୋଲ୍ଟ, କମ୍ପ୍ୟୁଟର କି ବୋର୍ଡ ଆଦିରୁ ତିଆରି ଗାନ୍ଧିଜୀ, ସୁଭାଷ ଚନ୍ଦ୍ର ବୋଷଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି, ଘୋଡ଼ା, ପେଙ୍ଗୁଇନ୍ ଓ ମାଛ ଭଳି ବିଭିନ୍ନ ପ୍ରକାରର ସାମଗ୍ରୀ ପ୍ରଦର୍ଶିତ କରାଯାଇଛି। ଆଇଟିଆ ଛାତ୍ରୀଛାତ୍ରମାନେ ସୁନ୍ଦର, ନିଖୁଣ ଓ ଆକର୍ଷଣୀୟ କାଠ ଓ ହସ୍ତତନ୍ତ ଉତ୍ପାଦ, ଘର ସାଜସଜ୍ଜା, ଅଫିସ୍ ଷ୍ଟେସନାରୀ, ଚିତ୍ରକଳା ଏବଂ ବେକେରି ଭଳି ବିଭିନ୍ନ ସାମଗ୍ରୀ ତିଆରି କରି ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଏହା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ।

# ପଞ୍ଚଲିଙ୍ଗେଶ୍ୱର ମନ୍ଦିରର ରୂପାନ୍ତରଣ ଲାଗି ୧୫.୫୮ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୭।୮(ସୁନିତ୍ ମିଶ୍ର)

ବାଲେଶ୍ୱରର ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱର ମନ୍ଦିରର ଉନ୍ନତୀକରଣ, ପାରିପାର୍ଶ୍ୱିକ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବ। ୫-ଟି ଉପକ୍ରମରେ ସମଗ୍ର ପୀଠର ରୂପାନ୍ତରଣ ହେବ। ଏଥିଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୧୫ କୋଟି ୫୮ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଜୁନ୍ ୨୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବାଲେଶ୍ୱର ଗସ୍ତ କରି ପଞ୍ଚଲିଙ୍ଗେଶ୍ୱର ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିରର ସେବାୟତ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା ପରେ ଏହାର ରୂପାନ୍ତରଣ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମନ୍ଦିରର ରୂପାନ୍ତରଣ ପାଇଁ ହୋଇଥିବା ମାଷ୍ଟରପ୍ଲାନ ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରକଳ୍ପକୁ ୪ଟି ଜୋନ୍‌ରେ ବିଭକ୍ତ କରାଯାଇ ବିକଶିତ କରାଯିବ। ଏହି ଜୋନ୍‌ଗୁଡ଼ିକ ହେଲା-ବଡମ୍ବା ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ମନ୍ଦିର ଓ ଜଳପ୍ରପାତ ଅଞ୍ଚଳ, ସପିଂ କମ୍ପ୍ଲେକ୍ସ ଓ ପାର୍କ ଏବଂ ପାନ୍ଥଶାଳା ଅଞ୍ଚଳ। ଜୋନ୍-୧ ବଡମ୍ବା ମନ୍ଦିରରେ ଭକ୍ତମାନଙ୍କ ପାଇଁ ଅଧିକ ସୁବିଧା କରାଯାଇ ପଥର ପାହାଚ, ବେଞ୍ଚ, ୱାଚ ଟାୱାର, ବସିବା ସ୍ଥାନ, ଗ୍ରାନାଇଟର ଚଲାପଥ ଆଦି ବିକଶିତ କରାଯିବ। ଜୋନ୍-୨ରେ ପଞ୍ଚଲିଙ୍ଗେଶ୍ୱର ମନ୍ଦିର ଓ ଜଳପ୍ରପାତ ଅଞ୍ଚଳ ବିକଶିତ କରାଯିବ। ମନ୍ଦିରର ବେସ୍ ଏରିଆର ପୁନର୍ବିକାଶ ସହିତ ଗୁମ୍ଫା ଓ ଯଜ୍ଞ ମଣ୍ଡପକୁ ପ୍ରବେଶ ପଥ ନିର୍ମାଣ କରାଯିବ। ପୂଜାର୍ଚ୍ଚନା ସ୍ଥାନର ପରିବର୍ଦ୍ଧନ କରାଯାଇ ସୌନ୍ଦର୍ଯ୍ୟକରଣ କାମ କରାଯିବ। ଏହାଛଡା ଅତିରିକ୍ତ ଶୌଚାଳୟ ଓ ଚେଞ୍ଜିଂ ରୁମ୍ ମଧ୍ୟ ନିର୍ମାଣ କରାଯିବ। ଜୋନ୍-୩ ରେ ସପିଂ କମ୍ପ୍ଲେକ୍ସ ନିର୍ମାଣ କରାଯିବ ଏବଂ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ପାର୍କ ସହ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ। ଜୋନ୍-୪ରେ ପାନ୍ଥଶାଳା ଅଞ୍ଚଳରେ ଗାଡିମୋଟର ପାର୍କିଂ ତଥା ପିକ୍‌ନିକ୍ ପାଇଁ ପିଣ୍ଡିର ବ୍ୟବସ୍ଥା ମଧ୍ୟ ହେବ। ଏଠାରେ ଫୁଡକୋର୍ଟ, ଜଳକ୍ରୀଡ଼ା ଓ ପିଲାମାନଙ୍କ ଖେଳ ପାଇଁ ସୁବିଧା ରହିବ। ପଞ୍ଚଲିଙ୍ଗେଶ୍ୱର ମନ୍ଦିର ରାଜ୍ୟର ଏକ ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନସ୍ଥଳୀ। ଜଙ୍ଗଲ, ପାହାଡ, ଜଳପ୍ରପାତ ଆଦିର ମନୋରମ ପରିବେଶ ମନ୍ଦିର ପରିସରକୁ ଅଧିକ ଆକର୍ଷଣୀୟ କରି ଗଢିତୋଳିଛି। ପ୍ରତିଦିନ ବିଭିନ୍ନ ସ୍ଥାନରୁ ଶତାଧିକ ପର୍ଯ୍ୟଟକ ଏ ପୀଠକୁ ଆସି ଆଧାତ୍ମିକ ତଥା ମାନସିକ ଶାନ୍ତି ଲାଭ କରିଥାନ୍ତି। ଏ ପୀଠର ବିକାଶ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ଅବସର ନେଲେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର

କଟକ,୭।୮(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ପଦରୁ ଡ. ଏସ୍. ମୁରଲୀଧର ସୋମବାର ଅବସର ଗ୍ରହଣ କରିଛନ୍ତି। ଓଡ଼ିଶା ତଥା ଦେଶର ନ୍ୟାୟିକ ବ୍ୟବସ୍ଥାରେ ସେ ଏକ ଆନ୍ଦୋଳନ ସୃଷ୍ଟି କରିଥିବାବେଳେ ତାଙ୍କ କାର୍ଯ୍ୟକାଳ ସମୟରେ ଓଡ଼ିଶା ହାଇକୋର୍ଟ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିପାରିଛି। ପ୍ରଥମଥର ପାଇଁ ହାଇକୋର୍ଟ ସମେତ ଜିଲା କୋର୍ଟଗୁଡ଼ିକରେ ପେପରଲେସ୍ କୋର୍ଟ ପ୍ରଚଳନ କରିବା ତାଙ୍କ ଦୂରଦର୍ଶିତାର ଏକ ପ୍ରମୁଖ ଦିଗ। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୋର୍ଟ ପ୍ରଥମ ପେପରଲେସ୍ କୋର୍ଟ ହେବାପରେ ଅନ୍ୟ କେତେକ ଖଣ୍ଡପୀଠକୁ ମଧ୍ୟ ପେପରଲେସ୍ କରାଯାଇଛି। ଭର୍ଚୁଆଲ କୋର୍ଟ ପ୍ରତିଷ୍ଠା ତାଙ୍କର ଅନ୍ୟତମ ପ୍ରଚେଷ୍ଟା। ତାଙ୍କ ଉଦ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ଟି ଭର୍ଚୁଆଲ ହାଇକୋର୍ଟ ପ୍ରତିଷ୍ଠା ହୋଇଛି। ଓଡ଼ିଶାର ନ୍ୟାୟିକ ଇତିହାସ ଓ ଐତିହ୍ୟକୁ ସଂରକ୍ଷଣ କରିବାରେ ମ୍ୟୁଜିୟମ ଅଫ୍ ଜଷ୍ଟିସ୍ ପ୍ରତିଷ୍ଠା ଭଳି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ପ୍ରଶଂସାର ପାତ୍ର ହୋଇଛନ୍ତି। ହାଇକୋର୍ଟ ପକ୍ଷରୁ ରେକର୍ଡ ସଂରକ୍ଷଣ ପାଇଁ ରେକର୍ଡ ଡିଜିଟାଇଜେସନ ସେଣ୍ଟର ସ୍ଥାପନ କରାଯାଇଛି। ୨୦୨୧ ଏପ୍ରିଲ ୫ରେ ଇ-ଫାଇଲିଂ ୱେବ ପୋର୍ଟାଲ ଆରମ୍ଭ କରାଯାଇଥିଲା।


ଜଷ୍ଟିସ୍ ଏସ୍. ମୁରଲୀଧର

ଏପରିକି ନ୍ୟାୟିକ ବ୍ୟବସ୍ଥାକୁ ସହଜ କରିବା ଉଦ୍ଦେଶ୍ୟରେ ଡ. ମୁରଲୀଧର ଅବସର ନେବା ଦିନରେ ସୋମବାର ୱାରେଣ୍ଟ ପରିଚାଳନା ବ୍ୟବସ୍ଥା ଏବଂ ପିଆଇଏଲ ପୋର୍ଟାଲ ନୂତନ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି। ୨୦୨୧ ଜାନୁଆରୀ ୪ରେ ସେ ଓଡ଼ିଶା ହାଇକୋର୍ଟର ୩୨ତମ ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ଏଥିସହ ମୁଖ୍ୟ ବିଚାରପତିଙ୍କ କୋର୍ଟରେ ହେଉଥିବା ମାମଲା ଶୁଣାଣିର ସିଧା ପ୍ରସାରଣ ହାଇକୋର୍ଟଙ୍କ ଅଫିସିଆଲ ୟୁଟ୍ୟୁବ ଚାନେଲରେ ୨୦୨୧ ଅଗଷ୍ଟ ୨ରୁ ଆରମ୍ଭ ହୋଇଥିଲା। ୧୯୮୪ରେ ସେ ଚେନ୍ନାଇରେ ଓକିଲାତି ଆରମ୍ଭ କରିଥିଲେ। ପରେ ୧୯୮୭ରେ ସେ ସୁପ୍ରିମକୋର୍ଟ ଓ ଦିଲ୍ଲୀ ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟାରମ୍ଭ କରିଥିଲେ।

## ରତ୍ନଭଣ୍ଡାର ତୁରନ୍ତ...

ଲିଖିତ ଭାବେ ଜଣାଇଥିଲା। ତଥାପି ଭିତର ରତ୍ନଭଣ୍ଡାର ମରାମତି ଲାଗି ତତ୍ପରତା ପ୍ରକାଶ ପାଉନାହିଁ। ଶ୍ରୀମନ୍ଦିରର ସୁରକ୍ଷା, ନିରାପତ୍ତା ଏବଂ ସ୍ଥାପତ୍ୟ ସଂରକ୍ଷଣ ଦୃଷ୍ଟିରୁ ଅବିଳମ୍ବେ ରତ୍ନଭଣ୍ଡାର ଖୋଲି ଯାଞ୍ଚ କରିବାକୁ ଅନୁମତି ଦିଆଯାଉ ବୋଲି ଏସ୍‌ଆଇ ପକ୍ଷରୁ ସତ୍ୟପାଠରେ ଦର୍ଶାଯାଇଛି। ରାଜ୍ୟ ଭାଜପାର ପୂର୍ବତନ ସଭାପତି ସମୀର ମହାନ୍ତିଙ୍କ ପକ୍ଷରୁ ହାଇକୋର୍ଟରେ ଦାଏର ରିଟ୍ ପିଟିଶନର ଶୁଣାଣି ବେଳେ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଏଏସ୍‌ଆଇର ଯାନ୍ତ୍ରିକ କମିଟି ଓ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟି ଏବଂ ତତ୍କାଳୀନ ରାଜ୍ୟପାଳ ଭଗବତ ଦୟାଳ ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ ୯ଜଣିଆ କମିଟିର ରିପୋର୍ଟକୁ ଆଧାର କରି ଯୁକ୍ତି ବାଢ଼ିଥିଲେ। ୪୫ ବର୍ଷ ଧରି ରତ୍ନଭଣ୍ଡାରର ଅଳଙ୍କାର ଗଣତି କରାଯାଇ ନାହିଁ। ରତ୍ନଭଣ୍ଡାର ସୁରକ୍ଷିତ କି ନୁହେଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଅଳଙ୍କାର ଗଣତି କରାଯିବା ସହ ବିପଦସଙ୍କୁଳ ଅବସ୍ଥାରେ ଥିବା ରତ୍ନଭଣ୍ଡାର ତୁରନ୍ତ ଖୋଲି ମରାମତି କରାଯିବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ପ୍ରତିପକ୍ଷ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜା, ଏଏସ୍‌ଆଇ ଡିଜି ଏବଂ ଅଧୀକ୍ଷକଙ୍କୁ ଜବାବ ଦାଖଲ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଟେନ୍‌ସନ କମିଯିବା ସକାଶେ ଚେଷ୍ଟା କରିବେ। ଗୃହସଜ୍ଜା ଉପକରଣ କ୍ରୟ କରିପାରନ୍ତି। ମନ ବିଚଳିତ ରହିବ।

**ବୃଷ** ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିବାଦୀୟ ବ୍ୟକ୍ତି ସାହାଯ୍ୟ କରିବେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅତୀତ ଘଟଣା ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ।

**ମିଥୁନ** ଆଜି ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ। ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନ୍ୟର କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରିବେ। ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତିତ ରହିବେ।

**କର୍କଟ** ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମନ ଭଲ ରହିବ ନାହିଁ। କୌଣସି ବ୍ୟକ୍ତି ଈର୍ଷାପରାୟଣ ମନୋଭାବ ପୋଷଣ କରି ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବା ସମ୍ଭାବନା ରହିଛି ।

**ସିଂହ** ଆକସ୍ମିକ ଭାବରେ ଧନ ଓ ସମ୍ମାନ ପାଇବେ। ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଲକ୍ଷ୍ୟହୀନ ଯାତ୍ରାରୁ ନିବୃତ୍ତ ରହିଲେ ଭଲ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା** ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଅନିଦ୍ରା ହେତୁକ ଜ୍ୱର ଓ ବାନ୍ତି ଦେଖାଦେଇପାରେ। ଅଯଥା ପାରିବାରିକ ଖର୍ଚ୍ଚାନ୍ତରୁ ବିଚଳିତ ବୋଧ କରିବେ।

**ତୁଳା** ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। କଚେରି ମାମଲା ମନ୍ଥର ହୋଇପାରେ। କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। କାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ।

**ବିଛା** ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ , ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଯାନବାହନ ଚଳାଚଳରେ ସତର୍କତା ଅବଲମ୍ବନ କରନ୍ତୁ। ପୁରୁଣା ରୋଗପୀଡ଼ା ବଢ଼ିଯାଇପାରେ।

**ଧନୁ** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଅଭାବ ନ ଥିଲେ କ'ଣ ହେଲା ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ବନ୍ଧୁଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମକର** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ପାଖପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**କୁମ୍ଭ** ବ୍ୟସ୍ତ ହୁଅନ୍ତୁ ନାହିଁ, ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ମାଲିମକଦ୍ଦମା, ବ୍ୟବସାୟ, କ୍ରୀଡ଼ା ଓ ସାହିତ୍ୟ କ୍ଷେତ୍ରରେ ସଫଳତା ପାଇବେ।

**ମୀନ** ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଧୈର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କଲେ ଅବଶ୍ୟ ସୁଫଳ ପାଇବେ। ସ୍ୱାସ୍ଥ୍ୟ କିଛି ମାତ୍ରାରେ ବିଗିଡ଼ିପାରେ।

ଆଜି ଶ୍ରାବଣ(ମଳ) କୃଷ୍ଣପକ୍ଷ ଅଷ୍ଟମୀ ମଙ୍ଗଳବାର, ଅଗଷ୍ଟ ୮ ତାରିଖ। ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଅଷ୍ଟମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୮।୪୦ ଗତେ, ଘ.୧୦।୪୫ ମଧ୍ୟେ, ଦିବା ଘ.୦୧।୦୯ ଗତେ, ଘ.୦୧।୨୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୦୪ ଗତେ, ଘ. ୦୪।୪୦ ମଧ୍ୟେ ରାହୁକାଳ।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**

ସ୍ୱାମୀ ଅରୂପାନନ୍ଦ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜି, କୁର୍ତ୍ତାଙ୍ଗ, ରଘୁନାଥପୁର

# ଯୁବପିଢ଼ି ବିବେକାନୁମୋଦିତ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ






ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜିରେ ସୋମବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର ମୁଖ୍ୟ ଅତିଥି ତଥା କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି(ବାମ)। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଜଗତସିଂହପୁର, ୭।୮
(ପ୍ରମୋଦ କୁମାର ନାୟକ)

ଗଣମାଧ୍ୟମଠାରୁ ସାମ୍ବାଦିକତାର ମହତ୍ତ୍ୱ ଶିଖିବାର ଅଛି, ଯାହା ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀଙ୍କ ନିର୍ଭୀକତା ଓ ସ୍ୱଷ୍ଟବାଦିତାରୁ ସ୍ୱଷ୍ଟ ଅନୁମେୟ। ତାଙ୍କ ସମ୍ପାଦକୀୟ ଅନେକ ସମୟରେ ଓଡ଼ିଶାରେ ହଟଚମଟ ସୃଷ୍ଟି କରିଥାଏ। ସ୍ୱଷ୍ଟ କଥା ଉଲ୍ଲେଖ କରିବାରେ ସେ ଆଦୌ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ। ତେଣୁ ତାଙ୍କୁ ଅନୁକରଣ କରିବା ଉଚିତ। ଯୁବଗୋଷ୍ଠୀ ହେଉଛନ୍ତି ଗଣତନ୍ତ୍ରର ପ୍ରମୁଖ ଅଂଶ। ଗଣତନ୍ତ୍ରକୁ କେବଳ ବଞ୍ଚାଇବା ନୁହେଁ, ସୁଦୃଢ଼ କରିବାକୁ ହେଲେ ଯୁବଗୋଷ୍ଠୀ ଇନ୍ଦ୍ରିୟ ଅନୁମୋଦିତ ନ ହୋଇ ବିବେକାନୁମୋଦିତ ହେବା ଜରୁରୀ। ଅର୍ଥାତ୍ ବିବେକ ଅନୁସାରେ କାର୍ଯ୍ୟ କଲେ ସମାଜରେ ସତ୍ୟ, ଧର୍ମ ଓ ନ୍ୟାୟ ପ୍ରତିଷ୍ଠା ହୋଇପାରିବ, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜିର ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ସୋମବାର ଏହା କହିଛନ୍ତି। ଏହି ଶିକ୍ଷାନୁଷ୍ଠାନ ପରିସରରେ ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ଆୟୋଜିତ 'ଗଣମାଧ୍ୟମ,ଗଣତନ୍ତ୍ର ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷ ମହାନ୍ତି କହିଛନ୍ତି, ଆମେ ପ୍ରତ୍ୟେକ ଯାହା ଉଚିତ ତାହା କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। କୌଣସି ଚାପ ଯଥା ଏକଚ୍ଛତ୍ର ଶାସକ, ତ୍ରୁଟିପୂର୍ଣ୍ଣ ଶାସନ ବ୍ୟବସ୍ଥା କିମ୍ବା ପ୍ରଭାବଶାଳୀ କଳଙ୍କିତ ବ୍ୟକ୍ତିଙ୍କ ପାଖରେ ମୁଣ୍ଡ ନୁଆଁଇଦେଲେ ଗଣତନ୍ତ୍ର ତିଷ୍ଠିପାରିବ ନାହିଁ। ଏହାକୁ ସଶକ୍ତ କରିବାକୁ ହେଲେ ପ୍ରତ୍ୟେକ ବିଶେଷକରି ଯୁବପିଢ଼ି ଓ ଗଣମାଧ୍ୟମ ସକ୍ରିୟ ହେବାକୁ ପଡ଼ିବ। ଦୀର୍ଘ ବର୍ଷର ପରାଧୀନତା ପରେ ଯେଉଁ କଷ୍ଟଲବ୍ଧ ସ୍ୱାଧୀନତା ପାଇଛେ ତାକୁ କୌଣସି ପରିସ୍ଥିତିରେ ଦୁର୍ବଳ କରିବାକୁ ଦେବାନାହିଁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ବିଚାରକ ଭାବେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ସର୍ବେଶ୍ୱର ବିଶ୍ୱାଳ ସମ୍ପ୍ରତି ଦେଖା ଦେଇଥିବା ଲାଞ୍ଚରୂପକ ବ୍ୟାଧିକୁ ନେଇ ଚିନ୍ତା ପ୍ରକଟ କରି କହିଛନ୍ତି, ଅନେକେ କିଛି ଟଙ୍କା ପାଇଁ ନିଜ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ ଦେଉଛନ୍ତି। ଏଭଳି ମାନସିକତା ଗଣତନ୍ତ୍ର ପାଇଁ ଅଶୁଭ। ଯୁବଗୋଷ୍ଠୀ ଦେଶର ଭବିଷ୍ୟତ। ସେମାନେ ସେମାନଙ୍କ ଭବିଷ୍ୟତ ପାଇଁ ଚିନ୍ତା କରିବାର ବେଳ ଆସିଛି। ଦୁର୍ନୀତିରୂପୀ ରାକ୍ଷସକୁ ଦମନ କରି ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ବ୍ରତୀ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଅନ୍ୟତମ ବିଚାରକ ତଥା ବର୍ତ୍ତାସ୍ଥିତ ହରେକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମନୀଷା ମିଶ୍ର ଗଣମାଧ୍ୟମ, ଯୁବପିଢ଼ି ଓ ଗଣତନ୍ତ୍ରକୁ ଏକ ତ୍ରିଭୁଜ ସହ ତୁଳନା କରିଛନ୍ତି। କିନ୍ତୁ ଗଣମାଧ୍ୟମର ସ୍ୱତନ୍ତ୍ରତା ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପ୍ରସଙ୍ଗର ଗମ୍ଭୀରତା ବୁଝିବାକୁ ପରାମର୍ଶ ଦେବାକୁ ଯାଇ ସେ କହିଛନ୍ତି, ଏହାର ବିଭିନ୍ନ ଦିଗକୁ ସ୍ପର୍ଶ କରିବାକୁ ହେବ। ବିଶେଷକରି ବୈଜ୍ଞାନିକ, ସାମାଜିକ, ଦାର୍ଶନିକ ଓ ଧାର୍ମିକ ଦୃଷ୍ଟିକୋଣକୁ ବୁଝି ବକ୍ତବ୍ୟ ରଖିଲେ ତାହା ସାରଗର୍ଭକ ଏବଂ ପ୍ରଭାବ ପକାଇବ ବୋଲି ସେ କହିଛନ୍ତି।

ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ଅନେକ ଉପାଦେୟ କଥା କହିଛନ୍ତି। ବାସ୍ତବିକ ଆମ ଦେଶରେ ଗଣତନ୍ତ୍ରକୁ ବ୍ୟକ୍ତିତନ୍ତ୍ରରେ ପରିଣତ ପାଇଁ ଅହରହ ପ୍ରଚେଷ୍ଟା ଚାଲିଛି। ନାଗରିକମାନେ ପ୍ରତି ମୁହୂର୍ତ୍ତରେ ନିଷ୍ପେଷିତ, ଅବହେଳିତ ଓ ଦୁର୍ନୀତିର ଶିକାର ହେଉଛନ୍ତି, ଯାହା ଆଗାମୀ ପିଢ଼ି ପାଇଁ ଶୁଭଙ୍କର ନୁହେଁ। ଗଣତନ୍ତ୍ରକୁ ଠିକ ବାଟରେ ନେବା ପାଇଁ ଗଣମାଧ୍ୟମର ଭୂମିକା କିଛି କମ୍ ନୁହେଁ। ଗଣତନ୍ତ୍ର ଯେତେବେଳେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବିପଦଗାମୀ ହୁଏ ସେତେବେଳେ ଗଣମାଧ୍ୟମ ମାର୍ଗଦର୍ଶନ ଦିଏ। କିନ୍ତୁ ବେଳେବେଳେ ଗଣମାଧ୍ୟମ ପଥଚ୍ୟୁତ ହୋଇଯାଉଛି, ଯାହା କେବଳ ଯୁବ ସମାଜ ନୁହେଁ ସମାଜ ଉପରେ ପଡୁଛି। ଗଣମାଧ୍ୟମ ଏ ଦିଗରେ ଦାୟିତ୍ୱବାନ୍ ହେବା ଉଚିତ। ଅନ୍ୟପଟେ ଯୁବ ସମାଜ ଭଲ ମଣିଷ ହେବା ଜରୁରୀ। ସମାଜରେ ଦେଖା ଦେଉଥିବା ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ଉଚିତ। ଯେଉଁମାନେ ଗଣତନ୍ତ୍ର କିମ୍ବା ଗଣମାଧ୍ୟମକୁ ପରିଚାଳନା କରୁଛନ୍ତି ସେମାନେ ସତ୍ୟବାଦୀ, ସତ୍ ଚରିତ୍ର ନ ହେଲେ ଦିନକୁ ଦିନ ପରିସ୍ଥିତି ବିଗିଡ଼ି ଚାଲିବ। କିନ୍ତୁ ଧରିତ୍ରୀ ତା'ର ନିରପେକ୍ଷତା ବଜାୟ ରଖିପାରିଥିବା ପ୍ରତିଯୋଗୀମାନେ ବକ୍ତବ୍ୟ ଦେଇଛନ୍ତି। ପ୍ରତିଯୋଗିତାରେ ମୋଟ ୨୧ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଯୁକ୍ତ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ଦିବ୍ୟଶିଖା ବେହେରା ପ୍ରଥମ, ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ବିଶ୍ୱମିତ୍ରା ଭରଦ୍ୱାଜ ଦ୍ୱିତୀୟ ଏବଂ ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ଦୀପ୍ତି ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ଧରିତ୍ରୀ ଜଗତ୍‌ସିଂହପୁର ଜିଲା ପ୍ରତିନିଧି ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ଉଦ୍‌ବୋଧନ ଓ ମଞ୍ଚ ପରିଚାଳନା କରିଥିଲେ ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ। ଧନ୍ୟବାଦ ଦେଇଥିଲେ ରଘୁନାଥପୁର ପ୍ରତିନିଧି ରାଜେନ୍ଦ୍ର ନାରାୟଣ ସିଂ। ଅନ୍ୟମାନଙ୍କ ମଧ୍ୟରେ ଧରିତ୍ରୀର ବରିଷ୍ଠ ସହ ସମ୍ପାଦକ ଅରୁଣ ପ୍ରସାଦ କାନୁନ୍‌ଗୋ, ସହ ସମ୍ପାଦକ ଅରବିନ୍ଦ ମହାନ୍ତି, ପ୍ରସାରଣ ବିଭାଗର ବିଜୟ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପିକା କୁମୁଦିନୀ ଦ୍ୱିବେଦୀ, ଅଧ୍ୟାପକ କମଳଲୋଚନ ଆଚାର୍ଯ୍ୟ, ରମେଶ ଚନ୍ଦ୍ର ସାହୁ ଓ ଅଜିତ କୁମାର ଭୂୟାଁଙ୍କ ସମେତ ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିଜେତାଙ୍କ ମୁଖରୁ...

### ଗଣମାଧ୍ୟମ ଦ୍ୱାରା ସଚେତନ ହେଉଛୁ



ଆମ ସମ୍ବିଧାନରେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ସମସ୍ତ ପୁରୁଷ ଓ ନାରୀଙ୍କୁ ସମାନତା, ସ୍ୱତନ୍ତ୍ରତା, ନ୍ୟାୟ ଦିଆଯିବା ବ୍ୟବସ୍ଥା ଅଛି। କିନ୍ତୁ ଗଣତନ୍ତ୍ରର ଦ୍ୱାହି ଦେଇ ଅନେକ ପୁରୁଷାନୁମୋଦିତ କାର୍ଯ୍ୟ କରୁଛନ୍ତି, ଯାହା ହେବା ଅନୁଚିତ। ଅନ୍ୟପଟେ ଗଣମାଧ୍ୟମ ଜରିଆରେ ଦେଶବିଦେଶର ଖବର ସହଜରେ ଜାଣିପାରୁଛେ। ଏହାଦ୍ୱାରା ଆମେ ସଚେତନ ରହିବା ସହ ନିଜର ଦାୟିତ୍ୱ ସମ୍ପାଦନ ପାଇଁ ପ୍ରେରଣା ପାଉଛେ। ଯୁବପିଢ଼ି ଗଣତନ୍ତ୍ରର ସୁରକ୍ଷା ପାଇଁ ଆଗେଇ ଆସିବା ଉଚିତ୍। ମହାପୁରୁଷମାନଙ୍କ ବାଣୀକୁ ପାଳନ କଲେ ଦେଶ ବଦଳିଯିବ।

- ଦିବ୍ୟଶିଖା ବେହେରା, ଯୁକ୍ତ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ

### କର୍ତ୍ତବ୍ୟନିଷ୍ଠ ହେଲେ ପରିବର୍ତ୍ତନ ଆସିପାରିବ



ସମାଜରେ ଭଲ ମଣିଷଟିଏ ମିଳିବା କଷ୍ଟକର ହେଲାଣି। ତେଣୁ ଯୁବପିଢ଼ି ଏବେଠାରୁ ସଚେତନ ହୋଇ ନିଜକୁ ପ୍ରସ୍ତୁତ କରି ଭଲ ମଣିଷ ହେବାକୁ ଚେଷ୍ଟା କରିବା ଉଚିତ। ଗଣମାଧ୍ୟମ, ଗଣତନ୍ତ୍ର କେବଳ ଗୋଟିଏ ଗୋଟିଏ ନାମକୁ ମାତ୍ର ଶବ୍ଦ। ଏହାକୁ ପରିଚାଳନା କରୁଥିବା ବ୍ୟକ୍ତି ଭଲ ହେବା ଉଚିତ। ମୂଲ୍ୟବାନ ସମୟ ନଷ୍ଟ ନ କରି କର୍ତ୍ତବ୍ୟନିଷ୍ଠ ହେଲେ ସମାଜରେ ପରିବର୍ତ୍ତନ ଆସିପାରିବ।

- ବିଶ୍ୱମିତ୍ରା ଭରଦ୍ୱାଜ, ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ

### ଧରିତ୍ରୀର ପଦକ୍ଷେପ ସ୍ୱାଗତଯୋଗ୍ୟ



ଧରିତ୍ରୀ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଏଭଳି ପ୍ରତିଯୋଗିତା ଦ୍ୱାରା ଯୁବପିଢ଼ି ସମାଜ ଗଠନରେ ସହାୟକ ହୋଇପାରିବେ। ସେମାନେ ନିଜର ଦାୟିତ୍ୱ ବିଷୟରେ ସଚେତନ ରହିବା ସହ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ସଂଗ୍ରାମ କରିବାକୁ ଆଗେଇ ଆସିବେ।

- ଦୀପ୍ତି ମହାନ୍ତି, ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ଆଫିଆ କମର


ଅମ୍ବର ମୁନାଜା


ଅମ୍ରିନ୍ ଅଲ୍ଲୀ


ଜୟଶ୍ରୀ ସାହୁ


ମାରିୟା ଖାତୁନ୍


ମିଲିପ୍ରଭା ବେହେରା


ମୋନାଲି ମଧୁସ୍ମିତା ଖୁଣ୍ଟିଆ


ପ୍ରଭାତି ସିଂ


ପୂର୍ଣ୍ଣିମା ବାରିକ


ରୋଜାଲିନ ମଲ୍ଲିକ


ଶୈଖ ଶାହିନା ନାଜ୍


ସ୍ନିଗ୍ଧାରାଣୀ ଦାସ


ସୋନି ଦାସ


ଶୁଭଶ୍ରୀ ମହାନ୍ତି


ସୁଭସ୍ମିତା ସାହୁ


ସୁଧାଂଶୁବାଳା ସାହୁ


ସ୍ୱର୍ଣ୍ଣଲତା ନାୟକ


ତେଜସ୍ୱିନୀ ମଲ୍ଲିକ

# ଓଡ଼ିଆ ଭାଷାର ସମ୍ପାଦନା, ବନାନଶୁଦ୍ଧି ଓ ପ୍ରୁଫ୍ ସଂଶୋଧନ ହେବ

**ଆରମ୍ଭ ହେଲା ପ୍ରଶିକ୍ଷଣ ଶିବିର**

ଭୁବନେଶ୍ୱର, ୭।୮(ବନ୍ଦନା ସେଠୀ)




ଶିବିରରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଓ ଅନ୍ୟମାନେ।

ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଆ ଭାଷାର ସମ୍ପାଦନା, ବନାନ ଶୁଦ୍ଧି ଓ ପ୍ରୁଫ୍ ସଂଶୋଧନକୁ ଗୁରୁତ୍ୱ ଦିଆଯାଉଛି। ଏଥିନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୫ଦିନିଆ ପ୍ରଶିକ୍ଷଣ ଶିବିର ସୋମବାରଠାରୁ ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଉଦ୍‌ଘାଟନ କରି କହିଲେ, ଆମ ମାତୃଭାଷା ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଆ ଭାଷାକୁ ଦେଶ ବିଦେଶରେ ପ୍ରଚାରିତ କରିବା, ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ ଓଡ଼ିଆ ଭାଷା ପ୍ରତି ଆକର୍ଷିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। 'ଓଡ଼ିଶା ପରିବାର' ମଧ୍ୟ ଏହି ଲକ୍ଷ୍ୟରେ ଗଠନ କରାଯାଇଛି। ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ମାତୃଭାଷାରେ ଶିକ୍ଷାଦେବା କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ତେଣୁ ଓଡ଼ିଆ ଭାଷାର ବିକାଶ ସାଧନରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଥିବା ନିର୍ଦ୍ଦେଶକ କହିଥିଲେ।

ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ଜିଲାରୁ ପ୍ରାୟ ୯୦ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ପ୍ରଥମଦିନ ପ୍ରଶିକ୍ଷକ ଭାବେ ଡ. ଗୌରାଙ୍ଗ ଚରଣ ଦାଶ, ଡ. ପ୍ରଦୀପ୍ତ କୁମାର ପଣ୍ଡା ଯୋଗଦେଇ ପ୍ରାଚୀନ ଓ ମଧ୍ୟଯୁଗୀୟ ଗ୍ରନ୍ଥ ସମ୍ପାଦନା ସମ୍ପର୍କରେ ମତ ରଖିଥିଲେ। ଅଗଷ୍ଟ ୧୧ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଗଷ୍ଟ ୧୪ରୁ ୧୯ ପର୍ଯ୍ୟନ୍ତ ହେବ। ଏଥିରେ ପ୍ରଶିକ୍ଷକଭାବେ ଡ. ସନ୍ତୋଷ କୁମାର ରଥ, ପ୍ରଫେସର ବାଉରୀବନ୍ଧୁ ସାହୁ, ପ୍ରଫେସର ଯତୀନ ନାୟକ, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ବୈଷ୍ଣବ ଚରଣ ମହାନ୍ତି, ଡ. ସଂଗ୍ରାମ ଜେନା, ଡ. ରୁଦ୍ରନାରାୟଣ ମହାପାତ୍ର, ଡ. ହୃଷୀକେଶ ମଲ୍ଲିକ, ଡ. ବସନ୍ତ କୁମାର ପଣ୍ଡା, ଦାଶ ବେନହୁର, ଡ. ନାରାୟଣ ସାହୁ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ସମସ୍ତ ଅଧିକାରୀ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ, ଡ. କ୍ଷେତ୍ରବାସୀ ମାନସେଠ୍ ଏବଂ ଗୋବିନ୍ଦ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


**Government of Odisha**
**Higher Education Department**

**Revised Timeline for e-Admission into U.G. Courses under SAMS in the Higher Education Institutions for the Academic Session 2023-24**

**No.N-51:** Revised timeline for e-Admission in all (+3) Degree Colleges including Self Financing (Degree) Colleges/ Sanskrit (Shastri) of the State under Student Academic Management System (SAMS) is given below. Any changes in the timeline will be published in the newspapers as well as in the website www.samsodisha.gov.in. Kindly refer the Common Prospectus (CP) for the below mentioned activities.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats **(for Third Round Selection)** | **12-Aug-2023 (02:00 PM)** |
| 2 | Selection of **Slide/ Freeze/ Float Option** and **Online payment** of admission fees by the selected students through SAMS **[Student's Account]** portal | **12-Aug-2023 (7:00 PM) to 16-Aug-2023 (11-.45PM)** |
| 3 | Reporting of applicants at allotted institutions for taking admission **(for Third Round Selection)** | **14-Aug-2023 (9:00 AM) to 17-Aug-2023 (5:00 PM) (Except Holiday)** |
| 4 | Data updation of admitted students in the e-space by the respective Institutions **(for Third Round Admission)** | **14-Aug-2023 (9:00 AM) to 1 7-Aug-2023 (7:00 PM) (Except Holiday)** |
| 5 | Publication of Provisional Allotment of Seats **(for Fourth Round Selection)** | **24-Aug-2023 (02:00 PM)** |
| 6 | Selection of **Freeze Option** and **Online payment** of admission fees by the selected students through SAMS **[Student's Account]** portal | **24-Aug-2023 (7:00PM) to 27-Aug-2023 (11:45PM)** |
| 7 | Reporting of applicants at allotted institutions for taking admission **(for Fourth Round Selection)** | **25-Aug-2023 (9:00 AM) to 28-Aug-2023 (5:00 PM) (Except Holiday)** |
| 8 | Data updation of admitted students in the e-space by the respective Institutions **(for Fourth Round Admission)** | **25-Aug-2023 (9:00 AM) to 28-Aug-2023 (7:00PM) (Except Holiday)** |
| 9 | Commencement of 1st year U.G. Classes **(for freshly admitted students)** | **21-Aug-2023** |

**Important Notice**

- 4th Round of Selection will be treated as the last round of selection process for Phase-I admission. No Slide/Float option will be provided in the last (4th) round of selection.
- Applicants, who have chosen the Slide & Float option will be automatically freezed in the 4th round. Such applicants are advised to click on the "Freeze" option and report at their selected HEIs after downloading the Intimation Letter otherwise they will be out of the Phase-I admission process.

**For More details Please Contact:e-Admission Helpline (Toll Free) Number 155335/1800-345-6770**

**Sd./- Deputy Director, PTC Section**

**Government of Odisha**
**Higher Education Department**

**Revised Timeline for e-admission into P.G. Courses under SAMS in the State Public Universities and Colleges for the Academic Session 2023-24**

The revised timeline for e-Admission into P.G. Courses for the session 2023-24 in the State Public Universities and Colleges with P.G. Courses under project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for admission into P.G. Courses is available in the said website. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats **(for Second Round Selection)** | 09-Aug-2023 (06:00 PM) |
| 2 | Selection of **Slide-up/ Freeze/ Float Option** and **Online payment** of admission fees by students through SAMS **[Student's Account]** portal | 10-Aug-2023(10:00AM) to 14-Aug-2023(11:45PM) |
| 3 | Reporting of applicants at allotted institutions for taking admission **(for Second Round Selection)** | 11 -Aug-2023 (09:00 AM) to 16-Aug-2023 (05:00 PM) (Except Holiday) |
| 4 | Data updation of admitted students in the e-space **(for Second Round Admission)** by the respective Institutions | 11 -Aug-2023 (09:00 AM) to 16-Aug-2023 (07:00 PM) (Except Holiday) |
| 5 | Publication of Provisional Allotment of Seats **(for Third Round Selection)** | 22-Aug-2023 (02:00 PM) |
| 6 | Selection of **Slide-up/ Freeze/ Float Option** and **Online payment** of admission fees by students through SAMS **[Student's Account]** portal | 22-Aug-2023 (07:00 PM) to 24-Aug-2023(11:45PM) |
| 7 | Reporting of applicants at allotted institutions for taking admission **(for Third Round Selection)** | 23-Aug-2023 (09:00 AM) to 25-Aug-2023 (05:00 PM) |
| 8 | Data updation of admitted students in the e-space **(for Third Round Admission)** by the respective Institutions | 23-Aug-2023 (09:00 AM) to 25-Aug-2023 (07:00 PM) |
| 9 | Publication of Provisional Allotment of Seats **(for Fourth Round Selection)** | 31 -Aug-2023 (02:00 PM) |
| 10 | Selection of **Slide-up/ Freeze/ Float Option** and **Online payment** of admission fees by students through SAMS **[Student's Account]** portal | 31 -Aug-2023 (07:00 PM) to 03-Sept-2023(11:45PM) |
| 11 | Reporting of applicants at allotted institutions for taking admission (for Fourth Round Selection) | 01-Sep-2023(09:00 AM) to 04-Sep-2023 (05:00 PM) (Except Holiday) |
| 12 | Data updation of admitted students in the e-space (for Fourth Round Admission) by the respective Institutions | 01-Sep-2023(09:00 AM) to 04-Sep-2023 (07:00 PM) (Except Holiday) |
| 13 | Commencement of 1st year P.G. Classes (for freshly admitted students) | 21-Aug-2023 |

**For more details please contact: e-Admission Helpline (Toll Free) Number 155335/1800-345-6770**

**Important Notice**

- The candidates, who have chosen the **"Freeze"** option are only required to visit the selected HEIs to complete the admission process.
- The candidates, who have chosen the **Slide/Float** option are not required to visit the selected HEIs as they will not get the **Intimation letter**. **Once the applicant has chosen the Slide/Float option, it will be continued for the further round of selections**. In each round the **"Slide/Float"** option will not be shown to such applicants.
- **4th Round of Selection** will be treated as the last round of admission process for Phase-I admission process. No Slide/Float option will be provided in the last(4th) round of selection.
- Applicants, **who have chosen the Slide & Float option** will be **automatically freezed** in the 4th round. Such applicants are advised to click on the " Freeze" option and report at their selected HEIs after downloading the Intimation Letter **otherwise they will be out of the Phase-I Admission process.**

OIPR-11001/11/0016/2324

**Sd./- Deputy Director, PTC Section**

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। **–ଶ୍ରୀଅରବିନ୍ଦ**

# ଏବେବି ଜଳୁଛି

ମଣିପୁର ଉଚ୍ଚ ନ୍ୟାୟାଳୟ ମେଇତି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବା ଲାଗି ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ଏପ୍ରିଲ ତୃତୀୟ ସପ୍ତାହରୁ ସାମ୍ପ୍ରଦାୟିକ ହିଂସା ଆରମ୍ଭ ହୋଇଥିଲା। ୩ ମାସରୁ ଊର୍ଦ୍ଧ୍ୱ ହେବ ମେଇତି ଓ କୁକି ଆଦିବାସୀଙ୍କ ମଧ୍ୟରେ ଲାଗି ରହିଥିବା ଏହି ଜାତିଆଣ ହିଂସାରେ ବହୁ ଧନଜୀବନ କ୍ଷତି ହେଲାଣି। ଆଦିବାସୀ ମାନ୍ୟତା ଦେଇ ସଂଖ୍ୟାବହୁଳ ହିନ୍ଦୁ ଥିବା ମେଇତି ସମ୍ପ୍ରଦାୟର ଭୋଟ ହାତେଇବା ଲାଗି ଭାଜପାର ପ୍ରୟାସରୁ ଏହି ହିଂସାର ସୂତ୍ରପାତ ଘଟିଛି ବୋଲି କୁହାଯାଉଛି। କିନ୍ତୁ ତା'ସହିତ ଆହୁରି ଅନେକ ବିଷୟ ପଦାକୁ ଆସିଲାଣି। ଉଦାହରଣ ସ୍ୱରୂପ, ପାହାଡ଼ ଅଞ୍ଚଳରେ ଜମି ମିଳାକାନା ଉପରେ ଅଧିକ ଚାପ ରହୁଛି। ଯାହା ହାତରେ ଜମି ରହିଲା ସେହି ଗୋଷ୍ଠୀ, ବିଶେଷକରି ଏକ ସୀମାନ୍ତ ରାଜ୍ୟରେ ଅତ୍ୟନ୍ତ ଧନୀ ଓ ପ୍ରଭାବଶାଳୀ ହୋଇପାରିବ। କୁହାଯାଉଛି ଯେ, ସୀମା ଆରପାରିରେ ଥିବା ବର୍ମା ଅଞ୍ଚଳରେ ନିଶା ଦ୍ରବ୍ୟର ବିରାଟକାୟ ବ୍ୟବସାୟ ଚାଇନା ସାହାଯ୍ୟରେ ଚାଲିଛି। ସେଥିପାଇଁ ମଣିପୁରରେ ମଧ୍ୟ ନିଶାଦ୍ରବ୍ୟ ବ୍ୟବସାୟରେ ସମ୍ପୃକ୍ତ ଲୋକଙ୍କର ପ୍ରଭାବ ଏବଂ ଧନ ଉଭୟ ବୃଦ୍ଧି ପାଉଛି। ସେଭଳି ଧନର ଆକର୍ଷଣକୁ ଦେଖି ଶାସକ ଦଳର ଲୋକମାନେ ଏଭଳି ବିପୁଳ ବ୍ୟବସାୟରୁ କୌଣସି ଲାଭ ପାଇ ପାରୁ ନ ଥିବା ହେତୁ ବ୍ୟସ୍ତହୋଇ ପଡିଛନ୍ତି।

ହିଂସା ମଧ୍ୟରେ କୁକି ମିଲିଟାଣ୍ଟ ଗୋଷ୍ଠୀର ଉଗ୍ରବାଦୀମାନେ ସକ୍ରିୟ ହୋଇଉଠିବା ଖବର ମଧ୍ୟ ସାମ୍ନାକୁ ଆସିଛି। ରାଜନୈତିକ ଫାଇଦା ପାଇଁ ମଣିପୁର ହିଂସା ଭିଆଇବା ଏବେ ଭାଜପା ଲାଗି ସମସ୍ୟା ହୋଇଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଣିପୁର ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ ବି ସେଠାକାର ଭାଜପା ନେତୃତ୍ୱାଧୀନ ଏନ୍.ବୀରେନ ସିଂ ସରକାର ହିଂସାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ଅନିଚ୍ଛୁକ। କେନ୍ଦ୍ର ସରକାର ପୂରା ନିଷ୍କ୍ରିୟ ହୋଇ ବସିପଡ଼ିଛି। ତାହାର ଉଦାହରଣ ଅତି ସ୍ପଷ୍ଟ ଭାବରେ ଦେଖିବାକୁ ମିଳୁଛି, ଯେତେବେଳେ କେନ୍ଦ୍ର ପଠାଇଥିବା ଆସାମ ରାଇଫଲ୍ସ ସଶସ୍ତ୍ର ବାହିନୀର ଅଫିସରଙ୍କ ସହିତ ମଣିପୁର ପୋଲିସ ଅଧିକାରୀମାନଙ୍କର ଜୋର୍‌ଦାର ଯୁକ୍ତିତର୍କର ବିଭିନ୍ନ ଭିଡିଓ ବାରମ୍ବାର ପଦାକୁ ଆସୁଛି। ଏଥିରୁ ବୁଝାପଡୁଛି ଯେ, ସ୍ଥାନୀୟ ପୋଲିସ ସମ୍ପୂର୍ଣ୍ଣ ଭାବେ ଏକତରଫା କାର୍ଯ୍ୟ କରୁଛି, କାରଣ ସେଠାରେ ନିଯୁକ୍ତି ପାଇଥିବା ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ବାହ୍ୟ ହସ୍ତକ୍ଷେପ ପସନ୍ଦ କରୁନାହାନ୍ତି। ତେଣୁ ରାଜ୍ୟ ପୋଲିସର ସାହାଯ୍ୟ ଓ ସହଯୋଗ ହାସଲ କରିପାରୁ ନ ଥିବା କେନ୍ଦ୍ରୀୟ ବାହିନୀ ମଣିପୁରରେ ସମ୍ପୂର୍ଣ୍ଣ ଭାବେ ପଙ୍ଗୁ ହୋଇ ବସିପଡ଼ିଥିବେ ବୋଲି ବୁଝାପଡୁଛି।

ତେବେ ଘଟଣାଚକ୍ରରେ ମଣିପୁରରେ ଦୁଇ ମହିଳାଙ୍କୁ ନିର୍ଯାତନା ଦେଇ ରାସ୍ତାରେ ଉଲଗ୍ନକରି ଚଲାଇବାର ୨ ମାସ ପୂର୍ବର ଏକ ଭିଡିଓ ପ୍ରକାଶ ପାଇଲା ପରେ ପ୍ରଧାନମନ୍ତ୍ରୀ ମୁହଁ ଖୋଲିଥିଲେ। ତା' ପରେ ଭାଜପାର ନେତାମାନେ ପଶ୍ଚିମବଙ୍ଗ ଓ ଅନ୍ୟ କେତେକ ଅଣ ଭାଜପା ଶାସିତ ରାଜ୍ୟରେ ଘଟିଥିବା ମହିଳାଙ୍କ ପ୍ରତି ହିଂସାକୁ ଦର୍ଶାଇବା ପାଇଁ ବିଶେଷ ଭାବେ ଚିତ୍କାର କରିଥିଲେ। ତତ୍‌ସହିତ ମଣିପୁର ହିଂସା ଘଟଣାକୁ ଘୋଡାଇ ଦେବା ପାଇଁ ଏପାଖ ସେପାଖ କରାଇବାର ପ୍ରଚେଷ୍ଟା ପଛରେ ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ବୁଝାପଡୁଛି। ତେବେ ଭାରତର ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟ ପରେ ପୋଲିସ ଏହି ନିର୍ଯାତନା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରିବା ଆରମ୍ଭ କରିଥିଲା। ଆଶ୍ଚର୍ଯ୍ୟର ବିଷୟ ହେଉଛି, ସେହି ମୂଳ ଭିଡିଓକୁ ଉଠାଇ ସାମାଜିକ ଗଣମାଧ୍ୟମରେ ଛାଡିଥିବା ଲୋକକୁ ମଧ୍ୟ ପୋଲିସ ଗିରଫ କରିଛି। ବାସ୍ତବରେ ମଣିପୁର ଘଟଣାକୁ ଅଣଦେଖା କରିବା ଦ୍ୱାରା ପ୍ରକୃତ ମୃତ୍ୟୁସଂଖ୍ୟା ଓ ମହିଳା ନିର୍ଯାତନାର ସ୍ପଷ୍ଟ ଛବି ଏବେ ପ୍ରଶ୍ନ ଘେରରେ। ଅନ୍ୟପକ୍ଷରେ ହିଂସା ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ବୀରେନ ସିଂ ଇସ୍ତଫା ନାଟକ କରି ପରେ ଚୁପ ବସିଯିବା ସରକାରଙ୍କ ରାଜନୈତିକ ଫାଇଦାବାଦୀ ଉଦ୍ଦେଶ୍ୟର ଏକ ସଙ୍କେତ କହିଲେ ଅତ୍ୟୁକ୍ତି ହେବନାହିଁ। ଅଗଷ୍ଟ ୫ରେ ପୁନର୍ବାର ହିଂସା ଘଟି ୫ ଜଣଙ୍କ ମୃତ୍ୟୁ ଓ ୧୬ ଜଣ ଆହତ ହେବା ପରଦିନ ଅର୍ଥାତ୍ ଅଗଷ୍ଟ ୬ରେ ତାଙ୍କ ସରକାରକୁ ବାହ୍ୟ ସମର୍ଥନ ଦେଇଥିବା କୁକି ପିପୁଲ୍‌ସ ଆଲିଆନ୍ସ(କେପିଏ) ତା'ସମର୍ଥନ ପ୍ରତ୍ୟାହାର କରିନେଇଛି। ଉଲ୍ଲେଖନୀୟ ଯେ, ମାର୍ଚ୍ଚ ୨୦୨୨ ନିର୍ବାଚନରେ ମୋଟ ୬୦ଟି ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ଏକାକୀ ୩୨ଟି ବିଧାୟକ ଜିଣିଥିଲା। ସେହି ୩୨ଜଣଙ୍କ ମଧ୍ୟରୁ ଏବେ ୮ ଜଣ ବିଧାୟକ ଏବଂ ଭାଜପାର ସହଯୋଗୀ କେପିଏର ୨ ଜଣ ବିଧାୟକ ବିଦ୍ରୋହ କରି ଘୋଷଣା କରିଛନ୍ତି ଯେ, କୁକି ଏବଂ ଅନ୍ୟ ଆଦିବାସୀ ବସବାସ କରୁଥିବା ଅଞ୍ଚଳ ପାଇଁ ଏକ ଭିନ୍ନ ପ୍ରଶାସନିକ ବ୍ୟବସ୍ଥା ସୃଷ୍ଟି କରାଯାଉ। ଏହି ବିଧାୟକମାନଙ୍କର ଦାବି ସ୍ପଷ୍ଟ ଦର୍ଶାଉଛି ଯେ, ଭାଜପା ଏବଂ ତାହାର ସହଯୋଗୀଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଆରମ୍ଭ ହୋଇଗଲାଣି। କେପିଏ ଏବେ ତାହାର ସମର୍ଥନ ପ୍ରତ୍ୟାହାର କରି ନେଇଥିବାରୁ ଏହି ଅନ୍ତର୍ଦ୍ୱନ୍ଦ୍ୱ ସ୍ପଷ୍ଟ ହୋଇଛି। କେବଳ ଏତିକି ନୁହେଁ, ଜାତିଗତ ହିଂସା ସମ୍ପର୍କିତ ମାମଲାଗୁଡ଼ିକର ଯାଞ୍ଚ କରିବା ଲାଗି ଅଗଷ୍ଟ ୭ରେ ସୁପ୍ରିମ କୋର୍ଟ ମହାରାଷ୍ଟ୍ରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଦତ୍ତାତ୍ରେୟ ପଡସାଲଗିକରଙ୍କୁ ନିଯୁକ୍ତ କରିବା ପୋଲିସର କାର୍ଯ୍ୟକଳାପର ସନ୍ଦେହାତ୍ମକ ଦିଗକୁ ସୂଚିତ କରୁଛି। ଏଥିସହିତ ସୁପ୍ରିମକୋର୍ଟ ସୋମବାର ହାଇକୋର୍ଟର ୩ ଜଣ ପୂର୍ବତନ ମହିଳା ବିଚାରପତିଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି, ଯାହାକି ମଣିପୁର ଯାଇ ପରିସ୍ଥିତି ଅନୁଧ୍ୟାନ କରିବେ। କୋର୍ଟ କହିଛନ୍ତି ଆଇନର ଶାସନ ଉପରେ ବିଶ୍ୱାସ ଓ ଭରସା ଫେରାଇ ଆଣିବାରେ ଏହା ଏକ ପଦକ୍ଷେପ। ମଣିପୁରରେ ଶାନ୍ତି ଫେରାଇ ଆଣିବା ଲାଗି ସୁପ୍ରିମକୋର୍ଟ ଯେତିକି ବ୍ୟଗ୍ର ତାହା ସରକାରଙ୍କଠାରେ ଦେଖିବାକୁ ମିଳୁନାହିଁ। ତେବେ ଏନ୍‌ଡିଏ ମେଣ୍ଟରେ ଥିବା କେପିଏର ସମର୍ଥନ ପ୍ରତ୍ୟାହାର ସେଠାକାର ରାଜନୈତିକ ପାଣିପାଗ ପରିବର୍ତ୍ତନର ପ୍ରାରମ୍ଭିକ ସୂଚନା ବୋଲି କୁହାଯାଇପାରେ। ମଣିପୁର କ୍ଷେତ୍ରରେ ଜାତିଗତ ହିଂସା ଲାଗି ରହିଲେ ତାହା କେବଳ ସେହି ରାଜ୍ୟରେ ନୁହେଁ, ବରଂ ସମ୍ପୂର୍ଣ୍ଣ ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ବିଚ୍ଛିନ୍ନତାବାଦୀଙ୍କୁ ପୁଣି ସକ୍ରିୟ ହେବା ଲାଗି ସୁଯୋଗ ଦେବ।

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | 6 | | | | | | 2 |
| | 3 | | 8 | | 2 | | 5 | |
| 5 | | | | 6 | | | | |
| | | | | 4 | 7 | | 8 | |
| | 2 | 5 | 3 | | | 1 | | |
| | | 4 | | | | | | |
| 6 | | | | | | | 3 | 5 |
| | | | | 9 | | | | |
| | | 1 | | 2 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 6 | 9 | 8 | 7 | 5 | 3 | 2 |
| 2 | 5 | 3 | 1 | 6 | 4 | 8 | 7 | 9 |
| 8 | 7 | 9 | 2 | 3 | 5 | 1 | 6 | 4 |
| 7 | 6 | 2 | 3 | 5 | 9 | 4 | 1 | 8 |
| 9 | 8 | 1 | 7 | 4 | 6 | 3 | 2 | 5 |
| 5 | 3 | 4 | 8 | 2 | 1 | 7 | 9 | 6 |
| 6 | 2 | 8 | 5 | 1 | 3 | 9 | 4 | 7 |
| 3 | 9 | 5 | 4 | 7 | 2 | 6 | 8 | 1 |
| 4 | 1 | 7 | 6 | 9 | 8 | 2 | 5 | 3 |

ଗତକାଲିର ଉତ୍ତର

# ଅଗଷ୍ଟ ବିପ୍ଳବ ଓ ତ୍ୟାଗଭୂମି ଭଦ୍ରକ



ଡ. ପ୍ରଫୁଲ୍ଲ କୁମାର ସାହୁ

ଅଗଷ୍ଟ ବିପ୍ଳବ ଆମ ମୁକ୍ତି ଆନ୍ଦୋଳନ ଇତିହାସର ଏକ ଯୁଗାନ୍ତକାରୀ ଅଧ୍ୟାୟ। ୧୯୪୨ ମସିହା ଅଗଷ୍ଟ ୮ ବମ୍ବେର ଗ୍ୱାଲିୟର ଟ୍ୟାଙ୍କ(ଅଗଷ୍ଟ କ୍ରାନ୍ତି) ମଇଦାନରେ ଅନୁଷ୍ଠିତ କଂଗ୍ରେସର ଖୋଲା ଅଧିବେଶନରେ ଭାରତ ଛାଡ଼ ଆନ୍ଦୋଳନ ଡାକରା ଦେଲେ ଗାନ୍ଧିଜୀ। ସ୍ୱାଧୀନତା ସଂଗ୍ରାମର ଅନ୍ତିମ ଲଢ଼େଇ ଲଢ଼ିବା ପାଇଁ ସତ୍ୟାଗ୍ରହୀମାନଙ୍କୁ ଶୁଣେଇଲେ 'କର ବା ମର' ମନ୍ତ୍ର। ସେ ମନ୍ତ୍ର ପ୍ରତିଧ୍ୱନିତ ହେଲା ଆକୁମାରୀ ହିମାଚଳ। ଚାରିଆଡ଼େ ଖେଳିଗଲା ଦେଶପ୍ରେମର ଏକ ଅଦ୍ଭୁତ ଆଲୋଡ଼ନ। ଏଥିରେ ଭୟଭୀତ ହୋଇ ଦମନଲୀଳା ଆରମ୍ଭ କରିଦେଲା ବ୍ରିଟିଶ୍ ସରକାର। ଆନ୍ଦୋଳନକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ତତ୍କାଳ ଆରମ୍ଭ ହେଲା ବ୍ୟାପକ ଗିରଫଦାରି। ଅଗଷ୍ଟ ୯ ତାରିଖ ସକାଳ ହେବା ଆଗରୁ ଗିରଫ ହୋଇସାରିଥିଲେ ଗାନ୍ଧିଜୀ ଓ କଂଗ୍ରେସ କାର୍ଯ୍ୟକାରୀ କମିଟିର ଅଧିକାଂଶ ସଦସ୍ୟ। କଂଗ୍ରେସକୁ ବେଆଇନ ଘୋଷଣା କରିବା ସହ ଅନେକ କଂଗ୍ରେସ ଅଫିସ୍‌ରେ ଝୁଲାଇ ଦିଆଗଲା ତାଲା। ତଡ଼ିତ ବେଗରେ ବ୍ୟାପିଗଲା ଗାନ୍ଧିଜୀ ଏବଂ କଂଗ୍ରେସର ଅନ୍ୟ ତୁଙ୍ଗନେତାମାନେ ଗିରଫ ହେବା ଖବର। ସମସ୍ତଙ୍କୁ ଉଦ୍‌ବେଳିତ କଲା ଗାନ୍ଧିଜୀଙ୍କର 'କର ବା ମର' ମନ୍ତ୍ର। ସେ ପଞ୍ଚାକ୍ଷରୀ ମନ୍ତ୍ରରେ କି ଅଦ୍ଭୁତ ଶକ୍ତି ଥିଲା କେଜାଣି ଦେଶର ପୁରପଲ୍ଲୀରେ ତେଜିଉଠିଲା ବ୍ରିଟିଶ୍ ବିରୋଧୀ ଗଣ ଆନ୍ଦୋଳନ। ପୋଲିସ ଗୁଳିକୁ ଖାତିର ନ କରି ରାଜରାସ୍ତାକୁ ଓହ୍ଲାଇ ଆସିଲେ ଲକ୍ଷ ଲକ୍ଷ ଲୋକ। ବିଭିନ୍ନ ସ୍ଥାନରେ ପୋଲିସ ଓ ଜନତାଙ୍କ ଭିତରେ ଉପୁଜିଲା ମୁହାଁମୁହିଁ ପରିସ୍ଥିତି। ଗାନ୍ଧିଜୀଙ୍କ ଡାକରା ଥିଲା ଶାନ୍ତିପୂର୍ଣ୍ଣ ଉପାୟରେ ସଂଗ୍ରାମକରି ସ୍ୱାଧୀନତା ହାସଲ କର ନତୁବା ଆତ୍ମବଳୀ ଦିଅ ଦେଶ ପାଇଁ। କିନ୍ତୁ ଗାନ୍ଧିଜୀଙ୍କର ଆନ୍ଦୋଳନ ଖସଡ଼ାକୁ ବଦଳେଇଦେଲା ବ୍ରିଟିଶ ସରକାରର ଦମନମୂଳକ ନୀତି। ଜନ ଆନ୍ଦୋଳନକୁ ଦବେଇ ଦେବା ପାଇଁ ସରକାରଙ୍କ ପଦକ୍ଷେପ ଥିଲା ସତ୍ୟାଗ୍ରହୀଙ୍କ ଉପରେ ନିର୍ମମ ଲାଠି ପ୍ରହାର ଓ ଗୁଳିବର୍ଷଣ। ମହିଳାମାନଙ୍କ ପ୍ରତି ସେମାନଙ୍କ ଭାଷା ଓ ବ୍ୟବହାର ଥିଲା ଅତ୍ୟନ୍ତ ଅଶାଳୀନ ଓ ଅଭଦ୍ରୋଚିତ। କେତେ ଆଉ ସହିଥା'ନ୍ତେ ଦେଶବାସୀ। ତେଣୁ କେତେକ ସ୍ଥାନରେ ଲୋକେ ଅହିଂସା ମନ୍ତ୍ର ଭୁଲି ଆପଣେଇ ନେଲେ ହିଂସାର ରାସ୍ତା। ଫଳରେ ଉଗ୍ରରୂପ ଧାରଣକଲା ଭାରତ ଛାଡ଼ ଆନ୍ଦୋଳନ। କେଉଁଠି ଥାନା ପୋଡ଼ି ହେଲା ତ କେଉଁଠି ଖଜଣା ଖାନା ଆକ୍ରମଣ କଲେ ଉତ୍ତ୍ୟକ୍ତ ଲୋକେ। ଆଇନ ଅମାନ୍ୟକରି ପୋଲିସ ଗୁଳିରେ ଶହୀଦ ହେଲେ ଅନେକ ନିରୀହ ମଣିଷ।

ଏହି ମୁକ୍ତି ଆନ୍ଦୋଳନର ଇତିହାସରେ ଓଡ଼ିଶା ଯୋଡ଼ିଲା ବଳିଦାନର ଏକ ସ୍ୱତନ୍ତ୍ର ଅଧ୍ୟାୟ। ଓଡ଼ିଶାର ପୁରପଲ୍ଲୀରେ ଏପରି କି ବଣପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବି ତେଜି ଉଠିଥିଲା ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧୀ ଗଣ ଆନ୍ଦୋଳନ। ଏହି ଆନ୍ଦୋଳନରେ ଭଦ୍ରକ (ନବଗଠିତ) ଜିଲା ଥିଲା ସବା ଆଗରେ। ଭଦ୍ରକ ଅଞ୍ଚଳର ସତ୍ୟାଗ୍ରହୀମାନେ ହିଁ ପ୍ରଥମେ ଥାନା ପୋଡ଼ିଲେ, ପୋଲ ଭାଙ୍ଗିଲେ, ପୋଷ୍ଟ ଅଫିସ ଦଖଲକଲେ, ପୋଲିସ ଉପରେ ଆକ୍ରମଣ କଲେ ଏବଂ ଏମିତି ବିଭିନ୍ନ ଭାବରେ ଆଇନ ଭାଙ୍ଗିଲେ ଗୁଳିଗୋଳାକୁ ଖାତିର ନ କରି। ଇତିହାସ କହେ ୧୯୪୨ ମସିହା ଅଗଷ୍ଟ ୧୭ରେ ଭଦ୍ରକଠାରୁ ୧୬ କି.ମି. ଦୂରରେ ଅବସ୍ଥିତ ଭଣ୍ଡାରିପୋଖରୀ ଥାନାପୋଡ଼ି ଘଟଣା ଥିଲା ବ୍ରିଟିଶ କୁଶାସନ ବିରୋଧରେ ଓଡ଼ିଶାର ସର୍ବପ୍ରଥମ ହିଂସାତ୍ମକ ଆନ୍ଦୋଳନ। ଘଟଣା ଦିନ ଯୁବସଂଗ୍ରାମୀ ବୈଷ୍ଣବ ଚରଣ ନାୟକଙ୍କ ନେତୃତ୍ୱରେ ପାଖାପାଖି ୫ହଜାର ସତ୍ୟାଗ୍ରହୀ ମଶାଲ ଶୋଭାଯାତ୍ରାରେ ଆସି ନିଆଁ ଲଗାଇ ଦେଇଥିଲେ ଭଣ୍ଡାରିପୋଖରୀ ଥାନାରେ। ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ବୈଷ୍ଣବ ଚରଣ ନାୟକ, କୁଶଧ୍ୱଜ ପଣ୍ଡା ଓ କୃପାସିନ୍ଧୁ ସାହୁ ପ୍ରମୁଖ କେତେଜଣ ସତ୍ୟାଗ୍ରହୀଙ୍କୁ ଗିରଫ କରିନେଇଥିଲା ପୋଲିସ। ପିଠୁଣି ଟିକସ(ଜରିମାନା) ବାବଦକୁ ପାର୍ଶ୍ୱବର୍ତ୍ତୀ ୧୨ଟି ଗ୍ରାମର ଲୋକଙ୍କଠାରୁ ଆଦାୟ କରାଯାଇଥିଲା ୬ ହଜାର ଟଙ୍କା। ବ୍ରିଟିଶ ପ୍ରଶାସନର ଏଭଳି ଦମନମୂଳକ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଭଦ୍ରକ ଅଞ୍ଚଳର ବିଭିନ୍ନ ସ୍ଥାନରେ ତେଜିଉଠିଥିଲା ଆନ୍ଦୋଳନ।



୧୯୪୨ ସେପ୍ଟେମ୍ବର ୫ରେ ଭଦ୍ରକଠାରୁ ୨୦ କି.ମି. ଦୂର ଧାମନଗର ଥାନା ଅନ୍ତର୍ଗତ ଧୂଷୁରୀଠାରେ ସତ୍ୟାଗ୍ରହୀମାନେ ଏକତ୍ରିତ ହୋଇ ଧାମନଗର ଅଞ୍ଚଳକୁ ସ୍ୱାଧୀନ ଘୋଷଣାକଲେ ସର୍ଦ୍ଦାର ମୁରଲୀଧର ପଣ୍ଡା ଓ ମୁରଲୀଧର ଜେନା ପ୍ରମୁଖ ସତ୍ୟାଗ୍ରହୀଙ୍କ ନେତୃତ୍ୱରେ। ଏଥିରେ ଉତ୍କ୍ଷିପ୍ତ ହୋଇ (ସେପ୍ଟେମ୍ବର ୨୨) ଲୁଣିଆ କଟସାହି ଗାଁରେ ପହଞ୍ଚି ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ଘର ଘେରାଉକଲା ପୋଲିସ। ଶଙ୍ଖଧ୍ୱନି ମାଧ୍ୟମରେ ସାରା ଅଞ୍ଚଳରେ ଖେଳିଗଲା ଖବର। ହାତରେ ବାଡ଼ିଠେଙ୍ଗା ଧରି ମାଡ଼ିଆସିଲେ ହଜାର ହଜାର ଲୋକ। ଆରମ୍ଭହେଲା ପୋଲିସ ଓ ଜନତାଙ୍କ ମଧ୍ୟରେ ଛକାପଞ୍ଝା। ମାତ୍ର ରକ୍ତମୁଖା ପୋଲିସର ଆଖିବୁଜା ଗୁଳିଚାଳନା ଫଳରେ ଶହୀଦ ହେଲେ ୯ଜଣ ସତ୍ୟାଗ୍ରହୀ। ବଳିଦାନର ଏହି ମାଟି ଏବେ ଶହୀଦନଗର ନାମରେ ଖ୍ୟାତ।

ଲୁଣିଆ ଗୁଳିକାଣ୍ଡର ଠିକ୍ ୬ ଦିନ ପରେ (୧୯୪୨ ସେପ୍ଟେମ୍ବର ୨୮) ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜନ୍ମମାଟି ଇରମ(ଭଦ୍ରକ) ଲେଖିଲା ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ କବିତା। ଭଦ୍ରକ ଜିଲାର ବାସୁଦେବପୁରଠାରୁ ୧୬ କି.ମି. ଦୂରରେ ଅବସ୍ଥିତ ରକ୍ତତୀର୍ଥ ଇରମ ଥିଲା ମୁକ୍ତି ଆନ୍ଦୋଳନର ଏକ ପ୍ରୟୋଗଶାଳା। ଗାଁର ଗୋଟିଏ ପାର୍ଶ୍ୱରେ ବଙ୍ଗୋପସାଗର ଓ ଅନ୍ୟ ୩ ପାର୍ଶ୍ୱକୁ ବେଢ଼ି ବହିଯାଇଛି ଗମେଇ ଓ କାଂଶବାଂଶ ନଦୀର ଜଳଧାରା। ସେଥିପାଇଁ ଇରମ ଗାଁକୁ ସହସା ପ୍ରବେଶ କରିପାରୁ ନ ଥିଲା ପୋଲିସ ଫୌଜ। ସଂଗ୍ରାମୀମାନଙ୍କ ସଭାସମିତି ନିମନ୍ତେ ଗାଁରେ ଥିଲା ଏକ ବିରାଟ ମେଳଣ ପଡ଼ିଆ। ଭାରତ ଛାଡ଼ ଆନ୍ଦୋଳନ ବେଳକୁ କବିବାଞ୍ଛାନିଧି ମହାନ୍ତି ନ ଥିଲେ ସତ, କିନ୍ତୁ ତାଙ୍କ କବିତ୍ୱ ଓ ସାଙ୍ଗଠନିକ ଦକ୍ଷତା ଯୋଗୁ ଏକ ସଂଗ୍ରାମୀ ତିଆରି କାରଖାନାରେ ପରିଣତ ହୋଇସାରିଥିଲା ଇରମ ମାଟି। ଭାରତ ଛାଡ଼ ଆନ୍ଦୋଳନର ୨୧ବର୍ଷ ପୂର୍ବରୁ (୧୪.୬.୧୯୨୧) ଉତ୍କଳମଣି ଗୋପବନ୍ଧୁଙ୍କୁ ମୁଗ୍ଧ କରିଥିଲା ଇରମବାସୀଙ୍କ ଦେଶପ୍ରେମ। ତେଣୁ ଇରମ ସଭାରେ ସେ ଗାଇଥିଲେ – 'ଦେଶାତ୍ମବୋଧର ଚାରୁ ଗନ୍ତାଘର, ଇରମ ସୁରମ୍ୟ ଜାତୀୟ ନଗର'। ଭାରତ ଛାଡ଼ ଆନ୍ଦୋଳନ ବେଳେ ସେହି ଜାତୀୟନଗର ଇରମ ରଚିଲା ବଳିଦାନର ଏକ ବିରଳ ଇତିହାସ।

ଘଟଣା ଦିନ ଅସ୍ତଗାମୀ ସୂର୍ଯ୍ୟଙ୍କ ସ୍ୱର୍ଣ୍ଣିମ ଆଭାରେ ରକ୍ତାକ୍ତ ହୋଇ ଉଠିଥିଲା ଇରମ ମେଳନ ପଡ଼ିଆ। ସେଠାରେ ଅନୁଷ୍ଠିତ ସଭାରେ ସମ୍ମିଳିତ ହୋଇଥିଲେ ପ୍ରାୟ ୬ହଜାର ସତ୍ୟାଗ୍ରହୀ। ସଭାକାର୍ଯ୍ୟ ଖୁବ୍ ଗମ୍ଭୀର ହୋଇ ଉଠିଥିବା ବେଳେ ହଠାତ୍ ଜମିଦାର ଉଆସ ଆଡୁ ମାଡ଼ି ଆସିଲା ପୋଲିସ ବାହିନୀ। ପୋଲିସର ଉପସ୍ଥିତି ଦେଖି ଉତ୍ତେଜନାମୟ ହୋଇ ଉଠିଲା ବାତାବରଣ। ସଭାସ୍ଥଳ ଛାଡ଼ି ଚାଲିଯିବା ପାଇଁ ଲୋକଙ୍କୁ ନିର୍ଦ୍ଦେଶ ଦେଲେ ଡିଏସ୍‌ପି କୁଞ୍ଜବିହାରୀ ମହାନ୍ତି। ମାତ୍ର ସତ୍ୟାଗ୍ରହୀମାନେ ସ୍ଥାନ ଛାଡ଼ିବା ପରିବର୍ତ୍ତେ ଆରମ୍ଭ କରିଦେଲେ ନାରାବାଜି। 'ଗୁଳି ଗୋଳାସେ ନେହିଁ ଡରେଙ୍ଗେ, ଲାଠି ମାଡ଼ରେ ନେହି ଡରଙ୍ଗେ, ଭାରତ ମାତାକୀ ଜୟ, ମହାତ୍ମା ଗାନ୍ଧିକୀ ଜୟ' ଆଦି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଲା ମେଳନ ପଡ଼ିଆ। ଲୋକଙ୍କୁ ଘଉଡ଼ାଇବା ପାଇଁ ଡିଏସ୍‌ପିଙ୍କ ନିର୍ଦ୍ଦେଶରେ ଗର୍ଜି ଉଠିଲା ପୋଲିସର ରକ୍ତମୁଖା ବନ୍ଧୁକ। ଘଟଣାସ୍ଥଳରେ ୨୮ଜଣ ଟଳି ପଡ଼ିବା ସହିତ ଗୁରୁତର ଭାବେ ଆହତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିଲେ ପ୍ରାୟ ୫୬ ଜଣରୁ ଅଧିକ ନିରସ୍ତ୍ର ମଣିଷ। ନିହତ ମାନଙ୍କ ମଧ୍ୟରେ ଥିଲେ ବିଜୁଳି ଦାସ ନାମକ ଜଣେ ୧୫ ବର୍ଷର ବାଳକ ଏବଂ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାର ଏକମାତ୍ର ମହିଳା ଶହୀଦ ପରୀ ବେୱା। ମୃତ ଓ ଆହତ ମାନଙ୍କ ରକ୍ତରେ ଲାଲ ହୋଇଗଲା ଇରମ ମେଳନ ପଡ଼ିଆ। ସନ୍ଧ୍ୟାର ଆଚ୍ଛନ୍ନ ଅନ୍ଧକାର ଭିତରେ ଛାତିକୁ ବିଦାରି ପକାଉଥିଲା ଆହତମାନଙ୍କ ଆର୍ତ୍ତଚିତ୍କାର। ପବନ ବେଗରେ ଚାରିଆଡ଼କୁ ବ୍ୟାପିଗଲା ଏ ପୈଶାଚିକ ନରସଂହାର ବାର୍ତ୍ତା। ଅତ୍ୟନ୍ତ ହୃଦୟ ବିଦାରକ ଥିଲା ଲୁହ ଲହୁର ଏ ଅଭାବନୀୟ ଦୃଶ୍ୟ। ପଞ୍ଜାବର ଜାଲିଆନାୱାଲାବାଗ୍ ପରେ ଇଏ ହେଉଛି ବଳିଦାନର ଦ୍ୱିତୀୟ ସ୍ଥଳ, ଯେଉଁଠି ପରାଧୀନତାର ଶୃଙ୍ଖଳରୁ ଦେଶକୁ ମୁକ୍ତ କରିବା ପାଇଁ ଗୋଟିଏ ଦିନରେ ପୋଲିସ ଗୁଳିରେ ଆତ୍ମବଳି ଦେଇଛନ୍ତି ୨୯ଜଣ ଦେଶପ୍ରେମୀ। ଆଜି ବି ସେ ସ୍ମୃତିପୀଠରେ ପାଦଦେଲେ ହୃଦୟର ନିଭୃତତମ ପ୍ରଦେଶରୁ ବାହାରିଆସେ ନୀରବ ଶ୍ରଦ୍ଧାଞ୍ଜଳିର।

**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ସେନ୍‌ସେକ୍ସ ବୃଦ୍ଧି ଓ ନିବେଶକ



ସୌରଜିତ ପ୍ରଧାନୀ

ଗତ ସପ୍ତାହରେ ଦେଶର ପ୍ରମୁଖ ବେଞ୍ଚମାର୍କ ଇଣ୍ଡେକ୍ସ ସେନ୍‌ସେକ୍ସ ୬୭୦୦୦ ପଏଣ୍ଟ୍‌ସ ଟପିଥିଲା। ସେନସେକ୍ସ ଇତିହାସରେ ଏହା ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା, ଯାହା ୧୯୮୬ରେ ଆରମ୍ଭ ହେବା ପରଠାରୁ (୧୯୭୯କୁ ଆଧାର ଭାବେ ଗ୍ରହଣ କରାଯିବା ସହିତ) ଅନେକ ବାଟ ଅତିକ୍ରମ କରିଛି। ତେଣୁ ୪୪ ବର୍ଷ ମଧ୍ୟରେ (୧୯୭୯ରେ ତଥ୍ୟ ସାର୍ବଜନୀନ ହେବା ପରଠାରୁ) ସେନସେକ୍ସ ୫୦୦ ଗୁଣରୁ ଅଧିକ ବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି, ଯଦି କୌଣସି ନିବେଶକ ୧୯୭୯ରେ ୧୦୦ ଟଙ୍କା ନିବେଶ କରିଥାନ୍ତେ, ତେବେ ଆଜି ଏହାର ମୂଲ୍ୟ ୫୦ ହଜାର ଟଙ୍କା ହୋଇଥାନ୍ତା। ଯଦି ମିଶ୍ରିତ ସୁଧ (କମ୍ପାଉଣ୍ଡ ଇଣ୍ଟରେଷ୍ଟ) ହିସାବରେ ରିଟର୍ନର ହିସାବ କରାଯାଏ, ତେବେ ଏହା ବାର୍ଷିକ ୧୫% ପାଖାପାଖି ହେବ। କୌଣସି ବ୍ୟକ୍ତି ଯେକୌଣସି ସମ୍ପତ୍ତିରେ ଟଙ୍କା ବିନିଯୋଗ କଲେ, ମୁଦ୍ରାସ୍ଫୀତିକୁ ମାତ ଦେଉଥିବା ରିଟର୍ନ ପାଇବାକୁ ଚାହାନ୍ତି। ଭାରତ ପରିପ୍ରେକ୍ଷୀରେ ବାର୍ଷିକ ହାରାହାରି ମୁଦ୍ରାସ୍ଫୀତି ହାରକୁ ୫-୬% ବୋଲି ବିବେଚନା କରାଯାଏ। ଯଦି କୌଣସି ନିବେଶ ତା'ଠାରୁ କମ୍ ରିଟର୍ନ ଦେଉଛି, ତେବେ ପ୍ରକୃତରେ ନିବେଶର ମୂଲ୍ୟ ହ୍ରାସ ପାଉଛି।

ନିବେଶର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ନିୟମ ହେଉଛି ଯେ ପୋର୍ଟଫୋଲିଓ 'ମୁଦ୍ରାସ୍ଫୀତି + ପ୍ରକୃତ ଜିଡିପି ଅଭିବୃଦ୍ଧି' ସହିତ ସମକକ୍ଷ ରିଟର୍ନ ହାର ପ୍ରଦାନ କରିବା ଉଚିତ। ବାର୍ଷିକ ହାରାହାରି ମୁଦ୍ରାସ୍ଫୀତି ହାର ୫-୬% ବୋଲି ଧରାଯାଉଥିବା ବେଳେ ଭାରତ ଭଳି ଦେଶ ପାଇଁ ବାର୍ଷିକ ପ୍ରକୃତ 'ଜିଡିପି' ଅଭିବୃଦ୍ଧି ହାର ୬-୭% ବୋଲି ଧରାଯାଏ। ତେଣୁ ଭାରତୀୟ 'ଇକ୍ୱିଟି' ବଜାରରେ ଯେକୌଣସି ନିବେଶକର ହାରାହାରି ଆଶା ୧୨-୧୩% ମଧ୍ୟରେ ରହିଛି। ସେହି ଦୃଷ୍ଟିକୋଣରୁ ସେନସେକ୍ସ ଜଣେ ସାଧାରଣ ନିବେଶକଙ୍କ ଆଶାକୁ ପଛରେ ପକାଇ ଦେଇଛି। କିନ୍ତୁ ଗତ ୪୪ ବର୍ଷ ମଧ୍ୟରେ କେତେଜଣ ନିବେଶକ ପ୍ରକୃତରେ ୧୫%ରୁ ଅଧିକ ସିଏଜିଆର୍ (କମ୍ପାଉଣ୍ଡ ବାର୍ଷିକ ଅଭିବୃଦ୍ଧି ହାର) ଅର୍ଜନ କରିଛନ୍ତି? ଏହି ତଥ୍ୟକୁ ବିଶ୍ଳେଷଣ କରିବା ପାଇଁ କେତେକ ମାନଦଣ୍ଡକୁ ବିଚାରକୁ ନେବା ଆବଶ୍ୟକ।

ପ୍ରଥମତଃ ଯେତେବେଳେ ଆମେ ବଜାରରେ କୌଣସି 'ରାଲି' କିମ୍ବା 'କରେକ୍ସନ' ଦେଖିଥାଉ, ତାହା ସବୁବେଳେ ୫-୭ ଷ୍ଟକ୍ ଦ୍ୱାରା ପରିଚାଳିତ ହୋଇଥାଏ, ସାମଗ୍ରିକ ସୂଚକାଙ୍କ ଦ୍ୱାରା ନୁହେଁ। ତେଣୁ ଯେତେବେଳେ ନିବେଶକମାନଙ୍କ ପୋର୍ଟଫୋଲିଓ ରିଟର୍ନ ବେଞ୍ଚମାର୍କ ସହିତ ମେଳ କରେ ନାହିଁ, ତାହା ଏହି କାରଣରୁ ହୋଇଥାଏ। ଦ୍ୱିତୀୟତଃ ଏକ ନିର୍ଦ୍ଦିଷ୍ଟ ବେଞ୍ଚମାର୍କର ଷ୍ଟକ୍ ଏକାଧିକ ଥର ବଦଳି ଯାଇଥାଏ। ତେଣୁ ନିବେଶକଙ୍କ ପୋର୍ଟଫୋଲିଓ ଇଣ୍ଡେକ୍ସରେ କରାଯାଇଥିବା ପରିବର୍ତ୍ତନ ସହିତ ସାମଞ୍ଜସ୍ୟ ରହିବା ଆବଶ୍ୟକ, ଯାହା ହୁଏତ ଏପରି ହୋଇ ନ ପାରେ। ତୃତୀୟତଃ ଯେତେବେଳେ କୌଣସି ନିବେଶକ ବେଞ୍ଚମାର୍କକୁ ନକଲ କରିବା ପାଇଁ ପୋର୍ଟଫୋଲିଓରେ ପରିବର୍ତ୍ତନ କରୁଛନ୍ତି, ସେତେବେଳେ 'ଏକ୍ସିଟ ଲୋଡ', କ୍ୟାପିଟାଲ ଗେନ ଟ୍ୟାକ୍ସ ଆଦି ପରିବର୍ତ୍ତନ କାର୍ଯ୍ୟକାରୀ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ଥାଏ। ଶେଷରେ, ଗୋଟିଏ କ୍ଲିକ୍‌ରେ ଷ୍ଟକ୍ କିଣିବା ଏବଂ ବିକ୍ରି କରିବା ଅତି ନିକଟରେ ସମ୍ଭବ ହୋଇପାରିଛି। ପୂର୍ବରୁ ଏହା ସମ୍ଭବ ନ ଥିଲା।





ସେନସେକ୍ସର ଯାତ୍ରା ଏକ ଚମତ୍କାର ଯାତ୍ରା। ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ରିଟର୍ନ ପ୍ରଦାନ କରାଯାଇଛି। ୧୯୭୯-୧୯୯୪ ପର୍ଯ୍ୟାୟରେ ସେନସେକ୍ସ ୨୬%ର ସିଏଜିଆର୍ ପ୍ରଦାନ କରିଥିଲା। ୧୯୯୪ ପରେ, ରିଟର୍ନ ଯଥେଷ୍ଟ କମ୍ ହୋଇଛି। କିନ୍ତୁ ପ୍ରକୃତରେ ସାଧାରଣ ନିବେଶକମାନେ ଏଥିରୁ ଲାଭବାନ ହୋଇଛନ୍ତି କି? ଏହି ପ୍ରଶ୍ନର ଉତ୍ତର କିଛି ଡାଟା ପଏଣ୍ଟକୁ ବିଶ୍ଳେଷଣ କଲେ ମିଳିପାରିବ। ବର୍ତ୍ତମାନ ଭାରତରେ ଖୋଲାଯାଇଥିବା ଡିମାଟ ଆକାଉଣ୍ଟ ସଂଖ୍ୟା ପାଖାପାଖି ୧୧୮ ମିଲିୟନ। ଷ୍ଟକ୍ ରଖିବା ପାଇଁ ଡିମାଟ ଆକାଉଣ୍ଟ ବ୍ୟବହାର କରାଯାଉଥିବା ବେଳେ ଷ୍ଟକ୍ କିଣିବା ଓ ବିକ୍ରି କରିବା ପାଇଁ ଟ୍ରେଡିଂ ଆକାଉଣ୍ଟ ବ୍ୟବହାର କରାଯାଇଥାଏ। ଅଧିକାଂଶ ଆକାଉଣ୍ଟ ୨୦୨୦-୨୦୨୨ (କୋଭିଡ୍) ପର୍ଯ୍ୟାୟରେ ଖୋଲାଯାଇଥିଲା, ଯେଉଁଥିରେ ବଳକା ଆୟରେ ନିୟୋଜନର ସୀମିତ ବିକଳ୍ପ ଥିଲା। ଅଧିକାଂଶ ନୂଆ ନିବେଶକ 'ମିଲେନିଆଲ' ଥିଲେ, ଯେଉଁମାନେ ଟେକ୍ନୋଲୋଜିର ଭରପୂର ଉପଯୋଗ କରିଥିଲେ।

ସେହିପରି ଘରୋଇ ଇକ୍ୱିଟି ବଜାର ଗତ କିଛି ବର୍ଷରୁ 'ଉଚ୍ଚ ମୂଲ୍ୟାୟନର' ରହିଛି। ଉଚ୍ଚ ମୂଲ୍ୟାୟନର ଅର୍ଥ ହେଉଛି ଉଚ୍ଚ 'PE RATIO' (ମୂଲ୍ୟରୁ ଆୟ) ଅନୁପାତ। ବିଶେଷଜ୍ଞଙ୍କ ମତରେ ଭାରତରେ PE ଅନୁପାତ ଅଧିକ ରହିଆସିଛି। ଏହାର ଅର୍ଥ ହେଉଛି ଅଧିକାଂଶ ନିବେଶକ ସେମାନଙ୍କର ମୂଲ୍ୟ ଅଧିକ ଥିବା ସମୟରେ ଷ୍ଟକ୍ କିଣିଛନ୍ତି। ଫଳରେ ଅଧିକ ରିଟର୍ନ ପାଇବାର ସମ୍ଭାବନା କମିଯାଏ। ଶେଷରେ, ଷ୍ଟକ୍ ଏବଂ ଲଗାତର ମ୍ୟୁଚୁଆଲ ଫଣ୍ଡର ବିକ୍ରି କରିବା ଦର୍ଶାଉଛି ଯେ ନିବେଶକମାନେ ଅଧିକ ସମୟ ପର୍ଯ୍ୟନ୍ତ ନିବେଶ କରି ନ ଥିଲେ।

ଜଣେ ସାଧାରଣ ମଧ୍ୟବିତ୍ତ ଭାରତୀୟ ଇକ୍ୱିଟି ବଜାରରୁ ଦୂରେଇ ରହିବାକୁ ପସନ୍ଦ କରନ୍ତି। ଏହାର କାରଣ ଏକାଧିକ ହୋଇପାରେ– ପରିବାରରେ ଥିବା ଆଦର୍ଶ ଓ ମୂଲ୍ୟବୋଧ ବ୍ୟବସ୍ଥା, ଖରାପ ଅନୁଭୂତି, ଇକ୍ୱିଟି ବଜାରକୁ ନେଇ ଥିବା କୁସଂସ୍କାର, ବଜାରର ପ୍ରକୃତ ବୁଝିବା କ୍ଷେତ୍ରରେ ଅଜ୍ଞତା ଇତ୍ୟାଦି। ସେମାନଙ୍କ ପାଇଁ ନିବେଶ ଅର୍ଥ ହେଉଛି 'ଫିକ୍ସଡ ଡିପୋଜିଟ'।

ଭଲ ପୁଞ୍ଜି ଥିବା ଲୋକ ରିୟଲ ଇଷ୍ଟେଟରେ ନିବେଶ କରିବାକୁ ପସନ୍ଦ କରୁଥିବା ବେଳେ ଅଧିକାଂଶ ମହିଳାଙ୍କର ନିବେଶ ସୁନାରେ ରହିଛି। ଜ୍ଞାନ ଓ ବୁଝାମଣାର ଅଭାବ ଯୋଗୁ ଅଧିକାଂଶ ଲୋକ ଶେୟାର ବଜାରରୁ ଦୂରେଇ ରୁହନ୍ତି। ତେଣୁ ଆର୍ଥିକ ଶିକ୍ଷା ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ହୋଇପାରିବ, ଯାହା ଫଳରେ ଆର୍ଥିକ ସଶକ୍ତୀକରଣ ସମ୍ଭବ ହେବ।

**ମୋ-୯୯୬୭୧୦୨୨୬୪**

## ଏଇ ଭାରତରେ

ଆହତ ପ୍ରାଣୀଙ୍କ ପାଇଁ ଦେବଦୂତ ସାଜିଛନ୍ତି ଅଦିତି ନାୟର। ସେ ମାଇଁପଲ୍ କ୍ଲବ୍ ଏନଜିଓ ଗଠନ କରି ରାସ୍ତାରେ ଆହତ ହେଉଥିବା ପ୍ରାଣୀମାନଙ୍କ ଚିକିତ୍ସା କରୁଛନ୍ତି। ଆହତ ବିଲେଇ, କୁକୁର, ପକ୍ଷୀ, ଗଧ ଓ ଗାଈମାନଙ୍କୁ ଚିକିତ୍ସା ଦେଇ ସୁସ୍ଥ କରିବା ପରେ ସେମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବାର ବ୍ୟବସ୍ଥା ବି କରିଛନ୍ତି। ଲୋକେ ଏଭଳି ୩୦୦୦ ପ୍ରାଣୀଙ୍କୁ ନେଇ ଘରେ ପାଳିଛନ୍ତି। ୨୦୧୦ରେ ଏମବିଏ ଡିଗ୍ରୀ କରୁଥିବା ସମୟରେ ଅଦିତି ଠାଣେର କିଛି ଲୋକଙ୍କୁ ନେଇ ପ୍ରଥମେ ପ୍ରାଣୀ ସେବା ଆରମ୍ଭ କରିଥିଲେ। ପରେ ୨୦୧୪ରେ ସେ ମାଇଁପଲ କ୍ଲବ ଗଠନ କରିଥିଲେ। ୨୦୧୭ରେ ସେ ଏକ ମୋବାଇଲ ମେଡିକାଲ ୟୁନିଟ ଆରମ୍ଭ କରିଥିଲେ। ଏଥିରେ ଆମ୍ବୁଲାନ୍ସରେ ଭେଣ୍ଟିଲେଟର ଓ ଚିକିତ୍ସା ଉପକରଣ ରଖାଯାଇଛି। ଟିମରେ ପାରା ଭେଟେରିନାରି କର୍ମୀ, ଡ୍ରାଇଭର ରହୁଛନ୍ତି। ତିନୋଟି ଆମ୍ବୁଲାନ୍ସରେ ୧୭ ଜଣ ରହନ୍ତି। ଦିନକୁ ୪୫ରୁ ୫୦ ପ୍ରାଣୀଙ୍କ ହିସାବରେ ମାସକୁ ପ୍ରାୟ ୧୦୦୦ ପ୍ରାଣୀଙ୍କ ଚିକିତ୍ସା କରୁଛନ୍ତି। ଏବେ ସୁଦ୍ଧା ଅଦିତି ଓ ତାଙ୍କ ଟିମ୍ ୪୦,୦୦୦ ପ୍ରାଣୀଙ୍କ ଚିକିତ୍ସା କରିସାରିଲେଣି। ତାଙ୍କ ଟିମରେ ୧୭ ଜଣ ଅଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଅଗଷ୍ଟ ୧୯୯୮

- କାବେରୀ ଜଳବଣ୍ଟନ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଦେଇଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶକୁ କାର୍ଯ୍ୟକାରୀ କରିବାକୁ ୪ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସହମତ ହୋଇଛନ୍ତି।
- ବାଂଲାଦେଶରେ କ୍ରମାଗତ ବର୍ଷା ଓ ବନ୍ୟା ଯୋଗୁ ୨୮୦ ଜଣଙ୍କ ପ୍ରାଣହାନୀ।
- କଲମ୍ବିଆର ଆମାଜନ ଜଙ୍ଗଲରେ ବାମପନ୍ଥୀ ଗେରିଲା ଏବଂ ସେନାଙ୍କ ମଧ୍ୟରେ ଘମାଘୋଟ ସଂଘର୍ଷ ଘଟି ୨୪୮ ନିହତ।

## ଚିରନ୍ତନୀ

ଦମ୍ଭ ତା'ର ଯାଏ ତୁଟି, କଣ୍ଠେ ତା'ର ଶୁଖିଯାଏ ଗାନ
ସୃଜନ ବ୍ୟଥାରେ ତା'ର ଅନ୍ତର ଲଭଇ ମ୍ରିୟମାଣ।
ସକଳ କଳା-ଶିଳିପୀ ପାରେ ଅନୁଭବି
ଚିତ୍ରେ ଯେହ୍ନେ ତୁଳିକାରେ ଛବି।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜଙ୍ଗଲ ଧ୍ୱଂସ ରୋକାଯାଉ

ମହାଶୟ,

ହିମାଳୟ ପର୍ବତ ଉପରୁ ପାଇନ୍ ଗଛ ଧ୍ୱଂସ ପାଉଛି। ଏଣୁ ଶୀଘ୍ର ବରଫ ତରଳି ଯାଉଥିବାରୁ ଗଙ୍ଗାନଦୀ ଜଳ ପ୍ରବାହ ହ୍ରାସ ପାଇଛି। ଏହା ବ୍ୟତୀତ ଆମ ରାଜ୍ୟ ସମେତ ଅନ୍ୟାନ୍ୟ ରାଜ୍ୟରେ ଜଙ୍ଗଲ ଧ୍ୱଂସ କାରଣରୁ ଓ ଉଚ୍ଚ ଅଟ୍ଟାଳିକା ଦ୍ୱାରା ଭୂତଳ ଜଳ ବ୍ୟବହାର ବୃଦ୍ଧି ତଥା ପୋଖରୀ ପୋତାଯାଇ ଘର ନିର୍ମାଣ ଯୋଗୁ ଭୂତଳ ଜଳ ସ୍ତର ହ୍ରାସ ପାଉଛି। ଓଡ଼ିଶାରେ ଗଭୀର ନଳକୂପ ଦ୍ୱାରା ଉଠାଜଳସେଚନ ଯୋଗୁ ଭୂତଳ ଜଳସ୍ତର ସାଂଘାତିକ ଭାବେ ତଳକୁ ଚାଲିଗଲାଣି। ଏଥିପାଇଁ ଉପକୂଳ ଜିଲାଗୁଡ଼ିକରେ ଲୁଣିଜଳ ଉପରକୁ ଉଠିଆସିଛି। ଏହାର କାରଣ ହେଉଛି ଜଙ୍ଗଲ ଧ୍ୱଂସ। କାଠ ବ୍ୟବହାର କମାଇବାଠାରୁ ଆରମ୍ଭକରି ନିୟମ ଭଙ୍ଗକାରୀଙ୍କୁ କଠୋର ଅର୍ଥଦଣ୍ଡ ଦିଆଯିବା ଦରକାର। ସେହିଭଳି ପର୍ବତ ଉପରେ ସଫଳ ବୃକ୍ଷରୋପଣ ନିମନ୍ତେ ଜାପାନ ପଦ୍ଧତିରେ ଉଡ଼ାଜାହାଜ ଜରିଆରେ ମଞ୍ଜି ନିକ୍ଷେପଣ, ସ୍କୁଲ କଲେଜ ଶିକ୍ଷାରେ ବୃକ୍ଷରୋପଣ ଓ ପରିବେଶ ବିଷୟରେ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ଆବଶ୍ୟକ। ଏହା ବ୍ୟତୀତ କୂଳରେ ଏମ୍‌ଜିଏନ୍‌ଆର୍‌ଜିଏସ୍ ଅର୍ଥ ରିଚାର୍ଜ କୂପ ଖନନ, ଗ୍ରାମ ସହରରେ ଥିବା ସମସ୍ତ ପୋଖରୀ ଓ ଜଳାଶୟର ପୁନରୁଦ୍ଧାର କରାଯିବା ଏବଂ ଜଳଭଣ୍ଡାରରୁ ଶିଳ୍ପ ଜଳ ନେବା ନେଇ ନୀତି କରାଯିବା ଜରୁରୀ। ସବୁଜ ପରିବେଶ ପାଇଁ ଅଙ୍ଗୀକାରବଦ୍ଧ ହୋଇ ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ।

**–ଆଶୁତୋଷ ଦାଶ,**
**ସିଦ୍ଧଳ, କାଦୁଆପଡ଼ା, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିବରାଜ ଚାହିଁଲେ କଂଗ୍ରେସରେ ଯୋଗଦେଇ ପାରିବେ: କମଲ ନାଥ


କମଲ ନାଥ

**ଭୋପାଳ,୭।୮ :** ଗତ କିଛି ଦିନ ହେବ ଭାଜପା ନେତାଙ୍କ କଂଗ୍ରେସରେ ଯୋଗଦେବା ପ୍ରକ୍ରିୟା ଚାଲିଛି। ଦୀପକ ଯୋଶୀଙ୍କ ଭଳି ବଡ ନାମ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ତେବେ ଦାତିଆର ବରିଷ୍ଠ ଭାଜପା ନେତା ଅଭଦେଶ ନାୟକ ଏବଂ ସାଗରର ଭାଜପା ନେତା ରାଜକୁମାର ଧନୋରା ମଧ୍ୟପ୍ରଦେଶ କଂଗ୍ରେସ ମୁଖ୍ୟ କମଲ ନାଥ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗ ଦେଇଛନ୍ତି। ଉଭୟ ଭାଜପା ନେତା କଂଗ୍ରେସରେ ଯୋଗଦେବା ପୂର୍ବରୁ ଗଣମାଧ୍ୟମ ସହ ଆଲୋଚନା ବେଳେ କମଲ ନାଥ ବହୁତ ଖୁସି ମନେ ହେଉଥିଲେ। କଂଗ୍ରେସରେ ଯୋଗଦେବା ଲାଗି ଭାଜପାର ବଡ଼ ବଡ଼ ନେତାଙ୍କ ନାମ କମଲ ନାଥଙ୍କୁ ପଚରାଯାଇଥିଲା ବେଳେ ସେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ କଂଗ୍ରେସରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ। ସେ କହିଛନ୍ତି ଯଦି ଶିବରାଜ ଚାହାଁନ୍ତି, ତେବେ ସେ ମଧ୍ୟ କଂଗ୍ରେସରେ ସାମିଲ ହୋଇ ପାରିବେ। କିନ୍ତୁ ଆମର ସ୍ଥାନୀୟ ସଂଗଠନର ଅନୁମୋଦନ ସେଠାରେ ରହିବା ଜରୁରୀ। କମଲ ନାଥ ଏହା ଅନେକ ଥର କହିଛନ୍ତି ଆମେ କାହାକୁ କଂଗ୍ରେସରେ ଯୋଗଦେବାକୁ ଘୃଣା କରୁନାହୁଁ, କିନ୍ତୁ ପ୍ରଥମ ଅଧିକାର ଆମର ସ୍ଥାନୀୟ କଂଗ୍ରେସ ନେତା ଓ କର୍ମୀଙ୍କର। ସେମାନଙ୍କ ସମ୍ମତି ପାଇବା ପରେ ଆମେ କାହାକୁ କଂଗ୍ରେସରେ ଯୋଗଦେବାକୁ ସୁଯୋଗ ଦେବୁ।


ନୂଆଦିଲ୍ଲୀଠାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଉପସ୍ଥିତିରେ ସୋମବାର ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟିର କେତେକ ନେତା କଂଗ୍ରେସରେ ଯୋଗଦେଉଛନ୍ତି।

**ବିଜେବି କଲେଜ ଛାତ୍ରୀଙ୍କୁ ର୍‍ୟାଗିଂ ଘଟଣା ଓ ହିଂସା ବନ୍ଦ ଦାବିରେ**

# ଛାତ୍ର କଂଗ୍ରେସର ବିକ୍ଷୋଭ



ବିଜେବି ଜୁନିୟର କଲେଜ ସମ୍ମୁଖରେ ସୋମବାର ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ଭୁବନେଶ୍ୱର, ୭।୮ (ସୁନିତ୍ ମିଶ୍ର)**
ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜଙ୍କ ଆହ୍ୱାନକ୍ରମେ ର୍‍ୟାଗିଂ ଓ ହିଂସା ବନ୍ଦ ଦାବିରେ ବିଜେବି ଜୁନିୟର କଲେଜ ସମ୍ମୁଖରେ ସୋମବାର ବିକ୍ଷୋଭ କରାଯାଇଛି । ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି, ବିଜେବି କଲେଜରେ ର୍‍ୟାଗିଂ ଓ ହିଂସାତ୍ମକ କାର୍ଯ୍ୟ ବାରମ୍ବାର ଘଟୁଥିଲେ ମଧ୍ୟ ପ୍ରଶାସନ ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ଜଣେ ଯୁକ୍ତ୨ ଛାତ୍ରୀଙ୍କୁ କିଛିଦିନ ତଳେ ର୍‍ୟାଗିଂ କରାଯାଇଥିଲା। ଏହାକୁ ପ୍ରତିବାଦ କରିବାରୁ ଛାତ୍ରୀଙ୍କୁ ଏସିଡ ଫିଙ୍ଗିବା ପାଇଁ ଧମକ ଦେବା ଘଟଣା ଭୁବନେଶ୍ୱର ତଥା ରାଜ୍ୟର ସମସ୍ତ ଅଭିଭାବକଙ୍କୁ ଆତଙ୍କିତ କରିଛି। ଯେଉଁମାନେ ଏହି ର୍‍ୟାଗିଂକୁ ବିରୋଧ କରୁଛନ୍ତି ସେମାନଙ୍କୁ ସେହି କଲେଜର ଏକ ନିର୍ଦ୍ଦିଷ୍ଟ ଛାତ୍ର ଗୋଷ୍ଠୀ ସଂଘବଦ୍ଧ ହୋଇ ବାରମ୍ବାର ଆକ୍ରମଣ କରୁଛନ୍ତି। ଏପରିକି କଲେଜ ପରିସରରୁ ୨ ଜଣ ଛାତ୍ରଙ୍କୁ ଉଠାଇନେଇ ହଷ୍ଟେଲ ଭିତରେ ଅମାନବୀୟ ଅତ୍ୟାଚାର କରିଛନ୍ତି। ଏଭଳି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ବିଫଳ ହୋଇଥିବା ଛାତ୍ର କଂଗ୍ରେସ ଅଭିଯୋଗ କରିଛି। ବିଜେବି କଲେଜରେ ର୍‍ୟାଗିଂର ଶିକାର ହୋଇ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଏବଂ ଏହି ଘଟଣାକୁ ଚପାଇବାରେ ପ୍ରଶାସନର କାରସାଦି କରିବା କଥା ରାଜ୍ୟର ସମସ୍ତେ ଜାଣିଛନ୍ତି। ଭୁବନେଶ୍ୱର ଜିଲା ଛାତ୍ର କଂଗ୍ରେସ ଏବଂ ଏହି କଲେଜର ଛାତ୍ରୀଛାତ୍ରମାନେ କଲେଜ ଫାଟକ ବାହାରେ ବିକ୍ଷୋଭ କରୁଥିବାବେଳେ ବିଜେଡି କର୍ମକର୍ତ୍ତାମାନେ କଲେଜ ଭିତରେ ପ୍ରବେଶ କରିଥିଲେ। ସେଠାରେ ପୋଲିସ ଏବଂ ପ୍ରିନ୍ସିପାଲ ଉପସ୍ଥିତ ଥାଇ ମଧ୍ୟ ବିଜେଡିର ସଭ୍ୟ ତଥା ଅଣଛାତ୍ରମାନେ କଲେଜ ଭିତରେ ପଶିଲେ। ସେଠାରେ ହିଂସା ଘଟାଉଥିବା ଛାତ୍ରମାନଙ୍କ ସପକ୍ଷରେ ବିଜେଡି ସଭ୍ୟମାନେ ବାହାରିଥିଲେ। ପ୍ରକୃତପକ୍ଷେ ଆମର ବିକ୍ଷୋଭ ଉପରେ ଆକ୍ରମଣ କରିବା ସେମାନଙ୍କ ଉଦ୍ଦେଶ୍ୟ ଥିଲା ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଛି।

**୨୦୨୪ ଲୋକ ସଭା ନିର୍ବାଚନ**

# ଗୁଜରାଟରେ ଏଏପି ଓ କଂଗ୍ରେସ ଏକାଠି ଲଢ଼ିବେ

**ନୂଆଦିଲ୍ଲୀ:**
ସଂସଦରେ ଦିଲ୍ଲୀ ସର୍ଭିସ ବିଲ୍‌କୁ କଂଗ୍ରେସ ବିରୋଧ କରିଛି। ତେଣୁ ଆଗାମୀ ଲୋକ ସଭା ନିର୍ବାଚନରେ ଗୁଜରାଟରେ କଂଗ୍ରେସ ସହ ମିଶି ନିର୍ବାଚନ ଲଢ଼ିବ ବୋଲି ଆମ ଆଦମୀ ପାର୍ଟି (ଏଏପି) ପକ୍ଷରୁ ଘୋଷଣା କରାଯାଇଛି। ଏଏପିର ଗୁଜରାଟ ଶାଖା ମୁଖ୍ୟ ଇସୁଦାନ ଗାଧବୀ କହିଛନ୍ତି, ଉଭୟ ଦଳ ନୂଆକରି ଗଠିତ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ଅଂଶ ଅଟନ୍ତି। ତେଣୁ ଦଳ ଏଠାରେ ଆସନ ଆବଣ୍ଟନ ଧାରାରେ ନିର୍ବାଚନ ଲଢ଼ିବ। ଅପରପକ୍ଷେ ଗୁଜରାଟ କଂଗ୍ରେସର ଜଣେ ନେତା କହିଛନ୍ତି, ଏଏପିର ଘୋଷଣା ବିଷୟରେ ତାଙ୍କ ଦଳର ସର୍ବୋଚ୍ଚ ନେତୃବୃନ୍ଦ ନିଷ୍ପତ୍ତି ନେବେ। ଗାଧବୀଙ୍କ କହିବା ହେଲା, ଯଦି ସବୁକିଛି ଠିକଠାକ ରହେ ତେବେ ଆସନ୍ତା ନିର୍ବାଚନରେ ଏହି ମେଣ୍ଟ ଗୁଜରାଟର ସମସ୍ତ ଆସନରେ ବିଜୟୀ ହେବ।

# କଂଗ୍ରେସରେ ଆଜାଦଙ୍କ ଦଳର ୨୧ ନେତା

**ନୂଆଦିଲ୍ଲୀ,୭।୮(ପି.ଟି.)**
ଗୁଲାମ ନବୀ ଆଜାଦଙ୍କ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟିର ୨୧ ଜଣ ନେତା ସୋମବାର ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗଦେଇଛନ୍ତି। ଏହି ଅବସରରେ ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ବେଣୁଗୋପାଳ, ଜମ୍ମୁ-କଶ୍ମୀର ଦାୟିତ୍ୱରେ ଥିବା ରଜନୀ ପାଟିଲ ଏବଂ ଜମ୍ମୁ-କଶ୍ମୀର କଂଗ୍ରେସ ସଭାପତି ରସୁଲ ୱାନି ମଧ୍ୟ ଉପସ୍ଥିତ ଥିଲେ। କଂଗ୍ରେସ ନେତା ଜୟରାମ ରମେଶ ଆଜାଦଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଯେଉଁମାନେ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବିରୋଧ କରୁଛନ୍ତି, ସେମାନେ ଜମ୍ମୁ-କଶ୍ମୀରର ବାସ୍ତବ ସ୍ଥିତି ଜାଣନ୍ତି ନାହିଁ ବୋଲି ଆଜାଦ କହିଥିଲେ। ସେ ଏଭଳି କହି ନିଜ ଡିଏନ୍‌ଏ ମ୍ୟୁଟେଶନର ନୂଆ ପ୍ରମାଣ ଦେଇଛନ୍ତି ବୋଲି କଂଗ୍ରେସ କହିଛି। କଂଗ୍ରେସରେ ଯୋଗଦେଇଥିବା ଜମ୍ମୁ-କଶ୍ମୀର ନେତାଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ପାନ୍ଥର୍ସ ପାର୍ଟିର ଦୁଇଥରର ବିଧାୟକ ଯଶପାଲ କୁଣ୍ଡଲ,ଏଏପିର ଏସ୍‌ସି/ଏସ୍‌ଟି ବିଭାଗ ମୁଖ୍ୟ ରହିଛନ୍ତି। ଆଜାଦଙ୍କ ପାର୍ଟିରେ ଯୋଗଦେଇଥିବା ଜମ୍ମୁ-କଶ୍ମୀରର ପୂର୍ବତନ ପିସିସି ଉପସଭାପତି ହାଜି ଅବଦୁଲ ରଶିଦ ଦର୍ ମଧ୍ୟ କଂଗ୍ରେସକୁ ଫେରିଛନ୍ତି। କଂଗ୍ରେସ ଛାଡ଼ି ଆଜାଦଙ୍କ ଦଳରେ ଯୋଗଦେଇଥିବା ଅଧିକାଂଶ ନେତା ଇତିମଧ୍ୟରେ ପୁରୁଣା ଦଳକୁ ଫେରିଲେଣି।

# ଭୋଟରଙ୍କୁ ଟଙ୍କା ବାଣ୍ଟି ପ୍ରଭାବିତ କରୁଛନ୍ତି ସିଆର୍‌ପି, ଏମ୍‌ବିକେ: ଭାଜପା

**ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରତିନିଧି ଦଳର ଅଭିଯୋଗ**

**ଭୁବନେଶ୍ୱର, ୭।୮(ସୁନିତ୍ ମିଶ୍ର):** ବିଜେଡି ନିର୍ବାଚନ ବୈତରଣୀ ପାର ହେବା ପାଇଁ ଏସ୍‌ଏଚ୍‌ଜି ମହିଳାଙ୍କୁ ଅସ୍ତ୍ର କରିଛି। ସିଆରପିମାନେ ମିଶନଶକ୍ତି ମହିଳାଙ୍କୁ ଏକଜୁଟ୍ କରି ବିଜେଡି ସପକ୍ଷରେ ଭୋଟ ଦେବା ପାଇଁ ପ୍ରବର୍ତ୍ତାଉଛନ୍ତି, ଯାହା ଗଣତନ୍ତ୍ର ବିରୋଧୀ ବୋଲି ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛି।

ଏହି ପ୍ରତିନିଧି ଦଳ ଅଭିଯୋଗ କରିଛି, ବିଜେଡି ସର୍ବଦା ନିର୍ବାଚନ ହେଉ କି ଉପନିର୍ବାଚନ ସବୁବେଳେ ସରକାରୀ କର୍ମଚାରୀଙ୍କୁ ନିଜ ଦଳର ପ୍ରଚାର କାର୍ଯ୍ୟରେ ବ୍ୟବହାର କରୁଛି, ଯାହାର ଉଦାହରଣ ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଦେଖିବାକୁ ମିଳିଛି। ଧର୍ମଶାଳା ବ୍ଲକର କୋଟପୁର ଗାଁରେ ଜଣେ ସିଆରପି ମିଶନଶକ୍ତିର ମହିଳାଙ୍କୁ ନେଇ କୋଟପୁର ଗାଁର ସରସ୍ୱତୀ ଶିଶୁ ମନ୍ଦିରରେ ବୈଠକ କରିଥିଲେ। ବୈଠକରେ ଶାସକ ଦଳ କିଭଳି ଜିତିବ ସେ ନେଇ ରଣନୀତି ପ୍ରସ୍ତୁତ କରିବା ସହ ସେମାନଙ୍କୁ ଖାଦ୍ୟପୁଡିଆ ଓ ୫ ଶହ ଟଙ୍କା ବାଣ୍ଟିଥିଲେ। ସେହିପରି ଧର୍ମଶାଳା ନିର୍ବାଚନମଣ୍ଡଳୀର ୧୫ ନମ୍ବର ଜୋନ୍ ଲାଗି ଆସନ୍ତା ୯ରେ ଜିଲା ପରିଷଦ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ଭୋଟକୁ ଶାସକ ଦଳ ନିଜ ସପକ୍ଷରେ ନେବା ପାଇଁ ଦଳୀୟ ବିଧାୟକ, ବ୍ଲକ ଚେୟାରମ୍ୟାନ, କର୍ମୀ, ସରପଞ୍ଚଙ୍କ ସହ କିଛି ସରକାରୀ କଳ ଅନୈତିକ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମିଶନଶକ୍ତି ମା'ମାନଙ୍କର ବୈଠକ କରି ସେମାନଙ୍କୁ ଖାଦ୍ୟପୁଡିଆ ଓ ୫ ଶହ ଟଙ୍କା ଦେଉଛନ୍ତି। ଏନେଇ ଭାଜପା ପକ୍ଷରୁ ଧର୍ମଶାଳା ବିଡିଓ ଓ ବ୍ଲକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ ବୋଲି ସେମାନେ ଅଭିଯୋଗ କରିବା ସହିତ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

**ସମ୍ବଲପୁର ଏମ୍‌ପିଙ୍କ ସ୍ତ୍ରୀ ଆଣିଲେ ଅଭିଯୋଗ**

# ଉନ୍ନୟନ କାର୍ଯ୍ୟରେ ବାଧା ଦେଉଛନ୍ତି କେନ୍ଦ୍ରମନ୍ତ୍ରୀ, ବିଧାୟକ

**ସୋସିଆଲ ମିଡିଆରେ ପୋଷ୍ଟକୁ ନେଇ ଚର୍ଚ୍ଚା**

**ସମ୍ବଲପୁର,୭।୮(ଶୁଭାଶିଷ ପାଢ଼ୀ)**
ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ସ୍ତ୍ରୀ ଅରୁନ୍ଧତୀ ଦେବୀଙ୍କ ବିସ୍ଫୋରକ ବୟାନକୁ ନେଇ ଚର୍ଚ୍ଚା ଜୋର ଧରିଛି। ବାହାର ରାଜ୍ୟରୁ ରାଜ୍ୟ ସଭା ଯାଇଥିବା ଜଣେ କେନ୍ଦ୍ରମନ୍ତ୍ରୀ ଓ ବିଧାୟକ ଏମ୍‌ପିଙ୍କୁ ଅପମାନିତ କରିଥିବା ନେଇ ସେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ବଲପୁର ଗସ୍ତର ଦିନକ ପରେ ଅରୁନ୍ଧତୀଙ୍କ ଏଭଳି ବୟାନ ବିରୋଧୀଙ୍କୁ ସମାଲୋଚନା ପାଇଁ ଖୋରାକ ଯୋଗାଇଛି।

ଅରୁନ୍ଧତୀ ଉଲ୍ଲେଖ କରିଛନ୍ତି, କେତେ ଅପମାନ କଲେ ଜଣେ କୁଚକ୍ରୀ ମନ୍ତ୍ରୀଙ୍କୁ ଶାନ୍ତି ମିଳିବ? ରାଜା ସାହେବ (ଏମ୍‌ପି) ଜଣେ ଶାନ୍ତ ସରଳ ସ୍ୱଭାବର ବ୍ୟକ୍ତି, ତାଙ୍କୁ ଅତି କମ୍‌ରେ ଲୋକଙ୍କ ପାଇଁ କାମ କରିବାକୁ ଦିଆଯାଉ। ଜଣେ ବିଧାୟକ ଓ କେନ୍ଦ୍ରମନ୍ତ୍ରୀ ବାରମ୍ବାର ଉନ୍ନୟନ କାମରେ ମୁଣ୍ଡ ପୂରାଉଛନ୍ତି। ରାଜା ସାହେବଙ୍କ ସରଳତାର ଫାଇଦା ଆଉ କେତେଦିନ ଉଠାଇବ? ଏହି ପୋଷ୍ଟ ମାଧ୍ୟମରେ ଚେତାଇ ଦେଉଛି ଯେ, ନିଜ ବ୍ୟବହାରରେ ସୁଧାର ନ ହେଲେ ବହୁତ ମହଙ୍ଗା ପଡ଼ିବ। ମୁଁ ଆହ୍ୱାନ ଦେଉଛି ଯଦି ଦମ୍ ଅଛି ତା'ହେଲେ ଅନ୍ୟ ରାଜ୍ୟରୁ ବାରମ୍ବାର ରାଜ୍ୟ ସଭାକୁ ନ ଯାଇ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢ଼ନ୍ତୁ। କିନ୍ତୁ ଏମ୍‌ପିଙ୍କୁ ବଦ୍‌ନାମ କରି ତାଙ୍କ ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢ଼ିବା ତୁମର ଲକ୍ଷ୍ୟ ବୋଲି ଆମେ ଜାଣିଛୁ। ସାମ୍ନାରୁ ଲଢ଼େଇ କର, କାପୁରୁଷ ପରି ପଛରୁ ନୁହେଁ। ରାଜା ସାହେବଙ୍କୁ ଯଦି କହିଥାନ୍ତ ମୁଁ ସମ୍ବଲପୁର କ୍ଷେତ୍ରରୁ ନିର୍ବାଚନ ଲଢ଼ିବାକୁ ଚାହୁଁଛି। ସେ ଖୁସିରେ ସିଟ୍ ଛାଡି ଦେଇଥାନ୍ତେ। ଏବେ ତ ବିଲ୍‌କୁଲ ଛାଡିବାର ପ୍ରଶ୍ନ ଉଠୁନାହିଁ। ରବିବାର ରେଳ ବିଭାଗ କାର୍ଯ୍ୟକ୍ରମରେ ଏମ୍‌ପିଙ୍କୁ ଡକାଯାଇଥିଲା। କିନ୍ତୁ ସ୍ଥାନୀୟ ସାଂସଦ ଥିବା ସତ୍ତ୍ୱେ ଆଇଆଇଏମ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମକୁ ଉପେକ୍ଷା କରାଯାଇଥିଲା। କେବଳ ମାନସମ୍ମାନ ନୁହେଁ, ବିଭିନ୍ନ ଉନ୍ନୟନମୂଳକ କାମରେ ବାଧା ସୃଷ୍ଟି କରାଯାଉଛି। ଜଣେ ଜନପ୍ରତିନିଧିଙ୍କୁ ଅପମାନ ଦଳ ପାଇଁ ଶୁଭଙ୍କର ନୁହେଁ। ଦଳ ଉପରୁ ଭରସା ତୁଟିଯାଉଛି ବୋଲି ଅରୁନ୍ଧତୀ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଏ ସମ୍ପର୍କରେ ଏମ୍‌ପି ନୀତେଶଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅପରପକ୍ଷେ ଏହାକୁ ନେଇ ଅରୁନ୍ଧତୀ ଦେବୀଙ୍କୁ ଟାର୍ଗେଟ କରିଛନ୍ତି ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ। ସେ କହିଛନ୍ତି, ଏମ୍‌ପିଙ୍କୁ ଆମେ ନୁହେଁ, ଖୋଦ ଅରୁନ୍ଧତୀ ଦେବୀ ଅପମାନିତ କରିଆସୁଛନ୍ତି। ସମସ୍ତ କାମରେ ବାଧା ଦେଉଛନ୍ତି। ରାଜନୀତିରୁ ଦୂରେଇଯିବା ଲାଗି ସେ ପାରିବାରିକ ବିବାଦ ସୃଷ୍ଟି କରୁଛନ୍ତି। ଏପରି କି ସେ ଶାସକ ଦଳ ବିଜେଡି ସହ ଭିତିରିଆ ସମ୍ପର୍କ ରଖି ଆଗାମୀ ନିର୍ବାଚନରେ ଦେବଗଡରୁ ବିଧାୟିକା ହେବାକୁ ମେଣ୍ଟ କରୁଛନ୍ତି।

**ପୂର୍ବ ତଟ ରେଳପଥ**
**ସାମଗ୍ରୀଗୁଡ଼ିକର ଯୋଗାଣ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr. Sr. DMM/SBP/Stores/ Tender Publication/08/2023, ତା.01.08.2023ରିଖ
**ଟେଣ୍ଡର ନଂ. 40235510 :**
ସାମଗ୍ରୀ ଗୁଡ଼ିକର ବିବରଣୀ : ସମସ୍ତ ଆବଶ୍ୟକ ଉପକରଣଗୁଡ଼ିକ ଦ୍ୱାରା ଏବଂ 10 KW ରେଟିଙ୍ଗ୍ ନିମନ୍ତେ ACDB & DCDB ସହିତ ଡିଜିଟାଲ ସିଙ୍ଗିଲ୍ ପ୍ରୋସେସିଂ ଟେକ୍ନୋଲୋଜିରେ ଇନ୍‌ବିଲ୍ଟ (Inbuilt) ଚାର୍ଜ କଣ୍ଟ୍ରୋଲର ଦ୍ୱାରା ସୋଲାର 10 KWp ,3 ଫେଜ୍ ଅନ୍-ଗ୍ରୀଡ୍ ଟାଇ ଇନ୍‌ଭର୍ଟର / ସୋଲାର ପାୱାର କଣ୍ଟ୍ରୋଲ ୟୁନିଟ୍‌ର ଯୋଗାଣ, ସଂସ୍ଥାପନ, ୱାୟରିଙ୍ଗ୍, ପରୀକ୍ଷଣ ଏବଂ ପ୍ରଚଳନ । ସଂଲଗ୍ନ-A ଅନୁଯାୟୀ ବିସ୍ତୃତ ବିନିର୍ଦ୍ଦେଶ । ମେକ୍ : ଲୁମିନସ୍ କିମ୍ବା ପାୱାର ୱାନ କିମ୍ବା UTL କିମ୍ବା ଅନୁରୂପ ।ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳରେ 30 ରେଳ ଷ୍ଟେସନଗୁଡ଼ିକ ଠାରେ ପ୍ରଚଳନ କରାଯିବ (ନକଲ ସଂଲଗ୍ନ) ।
**ଟେଣ୍ଡର ମୂଲ୍ୟ (₹):** 26,55,000/-, EMD @ 2% (₹) : 53,100/- ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.08.2023ରିଖ 1500 ଘଟିକାରେ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ସମ୍ବଲପୁର
PR-423/O/23-24

**ସାର୍ବଜନୀନ ବିଜ୍ଞପ୍ତି**
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।
**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**
1) ମଡେଲ ନଂ. ସିବି_ଆଇଚର୍_ପ୍ରୋ_2059ଏକ୍ସପି
ଗାଡ଼ି ନଂ.- OD02BX0745
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 1072000.00
2) ମଡେଲ ନଂ. ସିବି_ଆଇଚର୍_ପ୍ରୋ_2059ଏକ୍ସପି
ଗାଡ଼ି ନଂ.- OD02BX0762
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 1072000.00
3) ମଡେଲ ନଂ. ସିବି_ଆଇଚର୍_ପ୍ରୋ_2059ଏକ୍ସପି
ଗାଡ଼ି ନଂ.- OD02BX0738
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 1075000.00
4) ମଡେଲ ନଂ. ସିବି_ଆଇଚର୍_ପ୍ରୋ_2059ଏକ୍ସପି
ଗାଡ଼ି ନଂ.- OD02BX0753
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 1075000.00
ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ ''ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ'' ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍
**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**
ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 9234106336

**ପରିବର୍ତ୍ତନ**
**ଜିଲ୍ଲା ପରିଷଦ, ମୟୂରଭଞ୍ଜ**
ସଂଖ୍ୟା: ୮୪୫୯ ତା: ୦୫।୦୮।୨୦୨୩
No. CAD-1583: ଏତଦ୍ୱାରା ସମସ୍ତ ଜନସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଜିଲ୍ଲା ପରିଷଦ, ମୟୂରଭଞ୍ଜର ପତ୍ର ସଂଖ୍ୟା – ୭୬୫୬, ତା: ୨୦।୦୭।୨୦୨୩ରିଖ ଅନୁଯାୟୀ କପ୍ତିପଦା, ବେତନଟୀ, ଶ୍ୟାମାଖୁଣ୍ଟା, ବହଳଦା, ରାଇରଙ୍ଗପୁର ଏବଂ କୁଳିଅଣା ପଞ୍ଚାୟତ ସମିତିରେ ତା୧୦।୦୮।୨୦୨୩ ଏବଂ ୧୧।୦୮।୨୦୨୩ରିଖରେ ହେବାକୁ ଥିବା ଜନଶୁଣାଣି କାର୍ଯ୍ୟକ୍ରମକୁ ପରିବର୍ତ୍ତିତ କରାଯାଇ ତା୨୨।୦୮।୨୦୨୩ରିଖକୁ ସ୍ଥିର କରାଗଲା ।
ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ମୟୂରଭଞ୍ଜ
OIPR-19232/11/0007/2324

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, KEONJHAR**
At/Po-Keonjhar, Near Park Line, Dist.-Keonjhar (Odisha) 758001, (Email ID-eemikjr@yahoo.co.in) Ph- 06766-255453
**Letter No. 2487 /Dt. 05.08.2023**
**NOTICE**
No. A-412:- Smt. Suchismita Mahalik, C/O- Smt. Sachala Behera (Rtd. Head Mistress), At-Basudev Nagar (Mundideuli U.G. Primary School front), Po- Kamakhya Nagar, Dist.-Dhenkanal, Pin-759018 Posted as J.E. (Estimator), M.I.Division, Keonjhar has remained absent unauthorizedly Since dt.19.02.2020. She has failed to resume in duty inspite of repeated instruction issued vide this office letter No.1236 dt.26.03.2020, letter No.3232 dt.19.11.2020, letter No.1656 dt.17.06.2021 & letter No. (Special Messenger) 1255 dt. 11.05.2022 respectively.
Her absence from duty is unauthorized & attracts disciplinary action under relevant rules.
She is once again directed to resume duty within 7 days from the date of publication of this notice, failing which action as deemed fit shall be initiated against her.
**Sd./- (Er. Sudhansu Sekhar Sahoo)**
**Superintending Engineer, M.I. Division, Keonjhar**
OIPR-32123/11/0003/2324

**OFFICE OF THE DISTRICT & SESSIONS JUDGE, ANGUL**
**RECRUITMENT YEAR 2023-24**
**Advertisement No. 01, Dated-31.07.2023**
**(For the post of Jr. Clerk-cum-Copyist, Jr. Typist, Stenographer Grade-III & Salaried Amin.)**
No. W-37:- Applications in the prescribed format are invited from the eligible candidates for filling up the posts of Jr. Clerk-cum-Copyist, in the scale of pay (Level 4 Rs.19,900/- 63,200/ -), Jr. Typist in the scale of pay (Level 4 Rs.19,900/- 63,200/-), Stenographer Grade-III in the scale of pay (Level 7 Rs. 25,500/- 81,100/-) and Salaried Amin in the scale of pay (Level-5 Rs.21,700/- 69,100/-) with usual D.A and other allowances, as admissible to the Government employees from time to time as per the ORSP Rules, 2017 on regular basis subject to the result of W.P© No. 1273 of 2014 of the Hon'ble Court. **The last date of receipt of application is fixed to 01.09.2023 by 5.00 P.M.**
For details of advertisement as regards applications form, eligibility criteria, scheme of examination along with details of syllabus etc, please visit our District Court website ***https://districts.ecourts.gov.in/angul, https://angul.nic.in/*** or ***https://angul.dcourts.gov.in***.
**Sd./- Chairman-cum-District Judge, Recruitment Committee, Angul**
OIPR-18012/11/0001/2324

No. B-610
ଓଡ଼ିଶା ସରକାର
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER SUNDARGARH (R&B) DIVISION, SUNDARGARH**
E-mail ID: pwd_sng@yahoo.co.in
**"e"- Procurement Notice**
**Bid Identification No. SE-R&B-SNG-19 OF 2023-24**
Letter No. 4665 / Date: 1.8.2023

| | | | |
|---|---|---|---|
| 1. | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of **Road works** as detailed in DTCN. | | |
| 2. | Nature of Work | :- | **Road Works** |
| 3. | No. of work | :- | **04 (Four) Nos.** |
| 4. | Tender Cost | :- | **Rs. 6,000/-** |
| 5. | Class of Contractor | :- | **D, C & B** |
| 6. | Availability of Bid Document in the website | :- | **From 10.00 A.M. Date:- 09.08.2023 to 05.00 P.M. Date- 21.08.2023** |
| 7. | Date of opening of Bid | :- | **11.00 A.M. On Dt. 22.08.2023** |
| 8. | The bidders have to participate in ONLINE bidding only. Further details can be seen from the website (**https://tendersodisha.gov.in**). Any addendum/ corrigendum/cancellation of tender can also be seen in the said website only. | | |

**Sd./- Superintending Engineer, Sundargarh (R&B) Division**
OIPR-34043/11/0009/2324

**OFFICE OF THE PANCHAYAT SAMITI BALIAPAL, BALASORE**
Tel: 06781-253331, email: ori-baliapal@nic.in
**NATIONAL COMPETITIVE BIDDING THROUGH e-Tendering Identification No. 01/ 2023-24 Dt. 05.08.2023**
**No.i-291:**The Block Development Officer, Baliapal, Balasore on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade / Class registered with Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.
1. Nos. of Work : 2 (two) nos. Repair & Renovation of Colleges and 1 (one) Construction of Multipurpose Godown Gobindpur under Baliapal Block of Balasore district.
2. Estimated Cost : Rs. 51.76 lakhs, Rs. 38.80 lakhs and Rs. 21.85 lakhs
3. Period of completion :120 days
4. Availability of bid document in Portal: Dt. 10.08.2023 at 10.00 hours to 25.08.2023 up to 17.00 hours through online.
5. Seeking of Clarification: Dt.14.08.2023 at 10.00 hours to Dt. 18.08.2023 upto 15.00 hours
6. Date of opening of Bid : Dt. 28.08.2023 at 11.00 hours in the O/O BDO, Baliapal, Balasore.
7. Name and address of the Officer Inviting Tender :BDO, Baliapal, Balasore Bid Cost will be receipt through electronic payment by NEFT / RTGS.

Further details can be seen from the e-Procurement Portal: **http://tendersodisha.gov.in.**
Sd./-Block Development Officer Baliapal, Balasore
OIPR-19141/11/0003/2324

**OFFICE OF THE EXECUTIVE ENGINEER (AGRIL.), AGRIL ENGG. DIVISION, NAYAGARH**
E-mail ID: eeagril.nayagarh@gmail.com
**INVITATIONS FOR BIDS THROUGH e-Procurement**
**Bid Identification No./e-Procurement Notice No. 817//Agril. Date; 05.08.2023**
**E.E. (AGRIL.), NAYAGARH DIVISION - 02/2023-24**
No. L-66: The Executive Engineer (Agril.), Nayagarh Division, Nayagarh on behalf of Governor of Odisha invites **Percentage** Rate Bids in **Single Cover** System for the works as detailed in table below:

| Sl. No. | Name of the Work | Approximate Estimated Cost put to Tender (Exlcuing GST) (Rs.) | Cost of Bid Document (In Rs.) | EMD (In Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Extension of FIAC at Bhubaneswar, Dist.: Khordha | 18,29,634.00 | 6,000.00 | 18296.00 | C & D with electrical LT/MV/HT Licence | 06 (Six Calendar Months) |
| 2 | Extension of FIAC at Khordha, Dist.: Khordha | 18,29,221.00 | 6,000.00 | 18292.00 | C & D with electrical LT/MV/HT Licence | 06 (Six Calendar Months) |

The bidders have to participate in ONLINE bidding only. The website for "ONLINE BIDDING" is **http://tendersodisha.gov.in**. Bid documents will be available in above website from **Dt.09.08.2023 at 11.00 A.M. to Dt.19.08.2023 upto 5.00 P.M.** for "ONLINE BIDDING". **Date of original bid documents submission from Dt.10.08.2023 at 11.00 A.M. to 21.08.2023 upto 5.00 P.M.** Bids shall be opened at 11.00 A.M. on **dt.22.08.2023**.
The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e-Procurement website: **www.tendersodisha.gov.in**.
**N.B.:** Subsequent corrigendum/addendum if required shall be available in the website as indicated above.
**OIPR-01449/11/0003/2324** **Executive Engineer (Agril.), Nayagarh Division, Nayagarh**

**PANCHAYAT SAMITI, KHAIRPUT**
At/PO-Khairput, Dist-Malkangiri, PIN-764046 (Odisha)
Tel/Fax No.06854-263465, E-mail:ori-khairput@gramsat.nic.in
Letter No.2596/2023 (Dev.) Dated 07.08.2023
**CORRIGENDUM**
In Partial modification of this office Tender Call Notice No.03/2023-23 is issued vide this office letter No. 2536, dated 03.08.2023 published in daily news paper Dharitri & The Sambad on 05.08.2023 as well as in the Notice Board of this Office. Now the following material are hereby corrected.

| Point No. | Before Correction | After Correction |
|---|---|---|
| 14 | Construction of from Bandiguda to Baunsapada. | Construction of **Road** from Bandiguda to Baunsapada. |
| 15 | Construction of Addl. Class Room (01 No.) at Govt. Higher Secondary School, Govindpalli | Construction of Addl. Class Room **(02 Nos.)** at Govt. Higher Secondary School, Govindpalli |
| Class of Contractor | B & C | **C & D** |

All other Terms & Conditions of the said Tender Call Notice will remain unchaged.
**Sd./- Block Development Officer, Khairput**

## ସଂକ୍ଷେପରେ

### ୧୫ କେଜିର କଇଁଛ ଉଦ୍ଧାର

ଧର୍ମଗଡ଼,୭।୮(ହିମାଂଶୁ ଶେଖର ପଣ୍ଡା)

କଳାହାଣ୍ଡି ଜିଲା ଧର୍ମଗଡ଼ ବସଷ୍ଟାଣ୍ଡ ନିକଟରୁ ଏକ ବିରଳ କଇଁଛ ଉଦ୍ଧାର ହୋଇଛି। କଇଁଛର ବୟସ ପାଖାପାଖି



୬ ବର୍ଷ ହୋଇଥିବାବେଳେ ଏହାର ଉଚ୍ଚତା ୨ ଫୁଟ ଓ ଓଜନ ପାୟ ୧୫ କିଗ୍ରା ବୋଲି ଜଣାପଡିଛି। କଇଁଛ ରାସ୍ତା ଉପରେ ଯାଉଥିବା ବେଳେ ଲୋକେ ଦେଖିଥିଲେ। ପରେ ଶିକ୍ଷକ ବିନୋଦ ବାଗ ଓ ନବୀନ ବାଗ ବନ ବିଭାଗକୁ ଖବର ଦେଇଥିଲେ। ଧର୍ମଗଡ ରେଞ୍ଜର ଭବାନୀ ଶଙ୍କର କହଁର ଘଟଣା ସ୍ଥଳରେ ପହଞ୍ଚି କଇଁଛ ଉଦ୍ଧାର କରି ଜୁନାଗଡ଼ ବ୍ଲକ ଛୋରିଆ ଗଡଠାରେ ଥିବା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ (ସାଗର)ରେ ଛାଡ଼ି ଥିଲେ।

### ହସ୍ତତନ୍ତ ଦିବସ ପାଳିତ

ଖଡ଼ିଆଳ,୭।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭୁଲିଆସିକୁଆଁ ପ୍ରେମ ସାଇ ତନ୍ତୁବାୟୀ ସହଯୋଗ ସମିତି ପକ୍ଷରୁ ହସ୍ତତନ୍ତ ଦିବସ ସୋମବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଉପସହକାରୀ ନିବନ୍ଧକ ସମବାୟ ସମିତି ରଘୁନାଥ ପୂଝାରି ଓ ବୈଷୟିକ ସହାୟକ ନିତ୍ୟାନନ୍ଦ ଅଧିକାରୀ ମୁଖ୍ୟଅତିଥି ତଥା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରେମସାଇ ତନ୍ତୁବାୟୀ ସହାୟତା ସମିତି ସମ୍ପାଦକ କୁଞ୍ଜଲାଲ ମେହେର ବୁଣାକାରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ତାରି ସମାଧାନ ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ସଂଘ ସଭାପତି ହଟଉ ମେହେର, ବେଣୁଧର ମେହେର, ଗୋବର୍ଦ୍ଧନ ମେହେର, ଶେଖର ମେହେର, ମହେଶ୍ୱର ମେହେର, ତୁଲାରାମ ମେହେର, ନିରଞ୍ଜନ ମେହେରଙ୍କ ସହ ଶତାଧିକ ବୁଣାକାର ଭାଉଣୀଭାଇମାନେ ଯୋଗଦେଇଥିଲେ।

### ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଆନ୍ଦୋଳନ

ଖଡ଼ିଆଳ,୭।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳଠାରେ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଆଦିବାସୀଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ଓ ସେମାନଙ୍କ ବିରୋଧରେ ସଂସଦରେ ପ୍ରଣୟନ କରାଯାଇଥିବା ଆଇନ ପ୍ରତିବାଦରେ ସୋମବାର ଭାରତ ବନ୍ଦ କରାଯାଇଛି। ବନ୍ଦକୁ ଖଡ଼ିଆଳ ସଙ୍ଗଠନ, ଭାରତ ମୁକ୍ତି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ସମର୍ଥନ କରି ସାମିଲ ହୋଇଥିଲା। ବନ୍ଦ ଅବସରରେ ଖଡ଼ିଆଳ ଥାନା ଛକଠାରେ ଦୁଇ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଖଡ଼ିଆଳ ଥାନାଧିକାରୀଙ୍କୁ ପ୍ରଦାନ କରିଥିଲେ। ବନ୍ଦରେ ଆଦିବାଦୀ ଏକତା ପରିଷଦ ସଭାପତି ଆର୍ତ୍ତତ୍ରାଣ ତ୍ୟାଗି, ଭାରତ ମୁକ୍ତି ମୋର୍ଚ୍ଚା ସୁବ୍ରତ ବଘେଲ, ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚ ନିଉ ନାୟକ, ଯୁଗେଶ୍ୱର ଶବର, ହୃଦାନନ୍ଦ ସୁନାନୀ ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ।

# ଅବହେଳିତ ଅବସ୍ଥାରେ ଯୋଗ ସାଧନାର ପୀଠ ଯୋଗିମଠ

ନୂଆପଡ଼ା,୭।୮(ମକାରୁ ବେମାଲ)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅଧୀନ ଗୋଡାଲ ଗ୍ରାମପଞ୍ଚାୟତ କୋଟାମାଲ ଗ୍ରାମର ଅନତି ଦୂରରେ ଥିବା ଯୋଗ ସାଧନାର ପୀଠ ଯୋଗୀ ମଠ ଅବହେଳିତ ଅବସ୍ଥାରେ ପଡ଼ିଛି।। ଏହାର ବିକାଶ କରିବା ସହ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ସାଧାରଣରେ ଦାବି ହେଉଛି। ଏହି ସ୍ଥାନ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ମନଲୋଭା ହୋଇଥିବା ବେଳେ ଘଞ୍ଚ ସବୁଜ ବନାନୀରେ ଭରପୁର ହୋଇ ରହିଛି। ଯାହା ପର୍ଯ୍ୟଟକମାନଙ୍କୁ ବେଶ ଆକର୍ଷିତ କରିଥାଏ। ଏଠାରେ ଅନେକ ଔଷଧୀୟ ଗୁଳ୍ମଲତା ସାଙ୍ଗକୁ ବିଭିନ୍ନ ପ୍ରକାରର ଚେରୀମୂଳି ଔଷଧ ରହିଥିଲା। କିନ୍ତୁ ଜଙ୍ଗଲ ମାଫିଆମାନଙ୍କ ଦ୍ୱାରା କାଳକ୍ରମେ ଧ୍ୱଂସ ପାଇବାକୁ ଲାଗିଲା। ଏହାକୁ ବଞ୍ଚାଇବାକୁ ଯାଇ ଯୋଗିମଠ ଜଙ୍ଗଲ ଅଧିକାର କମିଟି ପୁଣି ସୁରକ୍ଷା ଦେବା ପରେ ଏବେ ଜଙ୍ଗଲ ହସିଉଠିଛି। ଏଠାରେ ବର୍ତ୍ତମାନ ଯୋଗୀମଠ ମନ୍ଦିର ପୂଜକ ଓ ଜଙ୍ଗଲ ଅଧିକାର କମିଟି ତତ୍ତ୍ୱାବଧାନରେ ଶାଳ, ପିଆଶାଳ, ସାଗୁଆନ ସମେତ ଅନେକ କିସମର ଭଳିକି ଭଳି ଗଛ ସୁଉଚ୍ଚ ମନମୋହୁଛି। ଏଠାରେ ପ୍ରଭୁ ମହାଦେବ ଲିଙ୍ଗ ରୂପରେ ପୂଜା ପାଉଥିବା ବେଳେ ସାଙ୍ଗରେ ମା' ଚଣ୍ଡୀ ମଧ୍ୟ ପୂଜା ପାଉଛନ୍ତି।



ସିନାପାଲି ବ୍ଲକ ଅଧୀନ ଗୋଡାଲ ଗ୍ରାମପଞ୍ଚାୟତ କୋଟାମାଲ ଗ୍ରାମର ଅନତି ଦୂରରେ ଥିବା ଅବହେଳିତ ଯୋଗ ସାଧନାର ପୀଠ ଯୋଗୀ ମଠ।

କିମ୍ବଦନ୍ତୀରୁ ଜଣାଯାଏ ଯେ, ମହାଭାରତ ସମୟରେ ପଞ୍ଚୁ ପାଣ୍ଡବ ଅଜ୍ଞାତ ବନବାସ ସମୟରେ ଏଠାରେ କିଛିଦିନ ଅବସ୍ଥାନ କରିଥିଲେ। ଯାହା ଏଠାରେ ଥିବା ଭୀମଙ୍କ ପାଦ ଚିହ୍ନରୁ ଜଣାପଡେ ବୋଲି ସ୍ଥାନୀୟ ଲୋକମାନେ ପ୍ରକାଶ କରନ୍ତି। ଶୁଣାଯାଏ ଯେ, ପାଣ୍ଡବମାନେ ମାଲକାନଗିରି ଅଞ୍ଚଳରୁ ଛତିଶଗଡ଼ ଦେଇ ଏହି ମଠରେ ପହଞ୍ଚି କିଛି ଦିନ ଅବସ୍ଥାନ କରିଥିଲେ। ପରେ ହାତୀବନ୍ଧା ନିକଟସ୍ଥ ଚଉଁରା ପାହାଡ ଦେଇ କଳାହାଣ୍ଡିର ଗଦଲାଝରନ ପୀଠ ଦେଇ ବଲାଙ୍ଗୀର ହରିଶଙ୍କର ପୀଠର ଅନେକ ସ୍ଥାନ ଭ୍ରମଣ କରିଥିବା ଲୋକମୁଖରୁ ଶୁଣିବାକୁ ମିଳେ। ଆହୁରି ଶୁଣାଯାଏ ଯେ, କେତେକ ତପସ୍ୱୀ ଏଠାରେ ତପସ୍ୟା କରିଥିଲେ। ଦୀର୍ଘବର୍ଷ ଧରି ତପସ୍ୟା ପରେ ଶିବଙ୍କୁ ପାଇଥିଲେ ଏବଂ ଏଠାରେ ଗଙ୍ଗାର ଉତ୍ପତ୍ତି କରିଥିଲେ। ଯାହା ୩ ଫୁଟ ଗଭୀରର ପାଣିକୁଣ୍ଡ ରହିଛି। ଏହି କୁଣ୍ଡର ପାଣି ପ୍ରବଳ ଗ୍ରୀଷ୍ମ ସମୟରେ ମଧ ଅନବରତ ଭାବେ ହୋଇଥାଏ। ଏବେ ମଧ ଯୋଗୀମାନେ ଏଠାକୁ କେବେ କେବେ ଆସି କିଛି ଦିନ ରହିବା ପରେ ଫେରିଯାଆନ୍ତି ବୋଲି ପୂଜକ ଚକ୍ରଧର ଧାକଡ ପ୍ରକାଶ କରିଛନ୍ତି। ଏଠାରେ ଭୀମଦାସ ବାବା ତପସ୍ୟା କରି ଏଠାରେ ରହି କୋଶଳୀ ଭାଷାରେ ୧୮ ଖଣ୍ଡ ରାମାୟଣ ରଚନା କରିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏଠାରେ ପ୍ରତିବର୍ଷ ନାମଯଜ୍ଞ ସମେତ ବୈଶାଖ ମେଳା, ଶିବରାତ୍ରି ଅମାବାସ୍ୟା ମେଳା, ମାଘ ପୂର୍ଣ୍ଣିମା, ବୁଦ୍ଧପୂର୍ଣ୍ଣିମା, ଦଶହରା, ସମେତ ଅନେକ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ଯାହା ଅଞ୍ଚଳର ଜନସାଧାରଣ ତଥା ଭକ୍ତ ମାନଙ୍କ ପ୍ରବଳ ଜନସମାଗମ ହୋଇଥାଏ। ଶ୍ରାବଣ ମାସରେ ବୋଲବମ ଭକ୍ତମାନଙ୍କ ପ୍ରବଳ ଭିଡ଼ ଲାଗିଥାଏ। ଏଠାକୁ ଶୀତଋତୁରେ ବିଭିନ୍ନ ଅଞ୍ଚଳରୁ ଲୋକେ ବଣଭୋଜି କରିବା ସହ ସୁଷମାମୟୀ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଆସିଥାନ୍ତି। ଏପରି ଏକ ଯୋଗ ସାଧନାର ପୀଠ ପ୍ରତି ପ୍ରସାଶନିକ ଅଧିକାରୀଙ୍କ ଅବହେଳା ଯୋଗୁ ଆଜି ପର୍ଯ୍ୟନ୍ତ ବିକାଶ ଦିଗରେ ପଦକ୍ଷେପ ନେଇ ନ ଥିବା ବେଳେ ତତ୍କାଳୀନ ବିଜେଡି ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେରଙ୍କ ଉଦ୍ୟମରେ କିଛି କାର୍ଯ୍ୟ ଆରମ୍ଭ ହେଇଥିଲା। ହେଲେ ଆଜି ପର୍ଯ୍ୟନ୍ତ କୌଣସି ବିକାଶ ଦିଗରେ ଦୃଷ୍ଟି ଦିଆଯାଇ ନାହିଁ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏଠାକୁ ଯିବା ରାସ୍ତା କଲଭର୍ଟ ଅଧାପନ୍ତରିଆ ହୋଇପଡ଼ିରହିଥିବା ବେଳେ ଏହାର ସମ୍ପୂର୍ଣ୍ଣକରଣ କରିବା, ଗୋଷ୍ଠିଗୃହ ନିର୍ମାଣ, ମୁଖ୍ୟ ଫାଟକ ସାଙ୍ଗକୁ ତୋରଣ ନିର୍ମାଣ, ଗଙ୍ଗା ଉତ୍ପତ୍ତିସ୍ଥଳର ବିକାଶ, ପର୍ଯ୍ୟଟକ ଆକର୍ଷଣ ପାଇଁ ପାର୍କ ନିର୍ମାଣ, ବିଶ୍ରାମ ଗୃହ, ଶୌଚାଳୟ ନିର୍ମାଣ କରିବା ସହ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ଭିତ୍ତିଭୂମିର ବିକାଶ କରାଗଲେ ପୁରାଣ ଓ କିମ୍ବଦନ୍ତୀ ଭରା ଯୋଗିମଠ ପୀଠ ଓଡ଼ିଶା ମାନଚିତ୍ରରେ ସତନ୍ତ୍ର ସ୍ଥାନ ବହନ କରିବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

# ବିପୁଳ ପରିମାଣର କଫ୍ ସିରପ୍ ଜବତ, ଜଣେ ଗିରଫ

ନୂଆପଡ଼ା,୭।୮(ମକାରୁ ବେମାଲ)

ନୂଆପଡ଼ା ଜିଲା ଅବକାରୀ ବିଭାଗ ଚଢ଼ାଉ କରି ବିପୁଳ ପରିମାଣର କଫ ସିରପ୍ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଖଡ଼ିଆଳ ଥାନା ଭାଲୁଡଙ୍ଗରି ଗାଁର ନୀଳମଣି ଶଗଡ଼ିଆ (୪୪)। ପ୍ରାପ୍ତ ସୂଚନାମତେ ଜିଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ରାମଚନ୍ଦ୍ର ଜାନିଙ୍କ ନେତୃତ୍ୱରେ ରବିବାର ସନ୍ଧ୍ୟାରେ ନୂଆପଡା ରେଲୱେ ପାଖରେ ପାଟ୍ରୋଲିଂ କରୁଥିଲେ। ନୀଳମଣି ଏକ ନମ୍ବର ବିହୀନ ବାଇକ୍‌ରେ କଫ ସିରପ୍ ଧରି ଆସୁଥିଲେ। ନୂଆପଡା ରେଳ ଷ୍ଟେଶନ ନିକଟରେ ଅବକାରୀ କର୍ମଚାରୀମାନେ ସନ୍ଦେହରେ ନୀଳମଣିଙ୍କୁ ଅଟକାଇ ଜାଞ୍ଚ କରିବାରୁ ୧୪୦ ବୋତଲ (୧୪) ଲିଟର କଫ୍ ଶିରପ୍ ବାହାରି ଥିଲା। ଏକ ନମ୍ବର ବିହୀନ ଏକ ବାଇକ ଓ କଫ୍ ସିରପ୍ ଜବତ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଚଢ଼ାଉ ବେଳେ ନୂଆପଡ଼ା ସଦର୍ ମୋବାଇଲ ୟୁନିଟ ଏସଆଇ ସଜୀ କୁମାର ବେହେରା, ପୁରୋହିତ ବାନଛୋର, ବିରନ୍ଦ୍ର କଟା, ଦୀପାଞ୍ଜଳି ତିୱାରୀ, ମୋହନ ପତି, ଅବକାରୀ ବିଭାଗ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ପ୍ରତିବାଦ

- ଗେଟ୍‌ରେ ତାଲା ପକାଇଲେ ଛାତ୍ରୀଛାତ୍ର, ଗ୍ରାମବାସୀ
- ଶିକ୍ଷା ବିଭାଗର ହସ୍ତକ୍ଷେପ ପରେ ବଦଳିଲେ ପ୍ରଧାନ ଶିକ୍ଷୟିତ୍ରୀ

ଜୁନାଗଡ଼,୭।୮(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କୁରୁଗୁଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି ନେଇ ସୋମବାର ସ୍କୁଲ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ସ୍କୁଲ ମୁଖ୍ୟ ଗେଟରେ ତାଲା ପକାଇ ପ୍ରତିବାଦ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଜୁନାଗଡ଼ ବିଇଓ ତପନ ମାଝି,ଏବିଇଓ କୁଳମଣି ମାଝି, କ୍ଷୀରୋଦ ଭୋଇ ଆସି ଆନ୍ଦୋଳନରତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପରେ ଜିଲା ଶିକ୍ଷା ଅଧିକାରୀଙ୍କ ପରାମର୍ଶକ୍ରମେ ବିଇଓ କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାଣିକାପଦରକୁ ସ୍କୁଲକୁ ବଦଳି କରିଥିବା ଓ ତାଙ୍କ ସ୍ଥାନରେ ଭଇଁରିଗୁଡା ସ୍କୁଲରୁ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଯେ, କୁରୁଗୁଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟରେ ଅବହେଳା କରୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ।



ସ୍କୁଲ ଆଗରେ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ପ୍ରତିବାଦ କରୁଛନ୍ତି।

ସେମାନେ ତାଙ୍କ ବଦଳି ପାଇଁ ଦାବି କରି ପୂର୍ବରୁ ଗ୍ରାମବାସୀ ଜିଲାପାଳ, ବିଇଓ, ଡିଇଓଙ୍କୁ ଅନେକ ଥର ଲିଖିତ ଅଭିଯୋଗ କରିଥିଲେ ମଧ କେହି କର୍ଣ୍ଣପାତ କରି ନ ଥିଲେ। ଫଳରେ ସୋମବାର ବାଧହୋଇ ଛାତ୍ରୀଛାତ୍ରଙ୍କ ସହ ଗ୍ରାମବାସୀ ସ୍କୁଲ ସମ୍ମୁଖରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଖଡ଼ିଆଳ,୭।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଡୁଆଝର କ୍ଲଷ୍ଟର ଶିକ୍ଷକ ପବିତ୍ର ସୁଆର ଚାକିରୀରୁ ଅସର ଗ୍ରହଣ କରିଛନ୍ତି। ଦୁଆଝର କ୍ଲଷ୍ଟରସ୍ତର ପକ୍ଷରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଡୁଆଝର ହାଇସ୍କୁଲ ସଭା ଗୃହରେ ଭାଲୁଡଙ୍ଗରି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ସଲମାଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମୋତିଲାଲ ବେହେରା, ମୁଖ୍ୟବକ୍ତା ଭାବେ ଶିଖ୍ୟାବିତ ତାରାପ୍ରସାଦ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଜଗଦୀଶ ପ୍ରସାଦ ଖମାରୀ, ସତୀଶ ପଟ୍ଟନାୟକ, ଗୋବିନ୍ଦ ସିଂ ଠାକୁର, ସନାତନ ମହାଉତି, ପ୍ରମୋଦ ନାଥ ପତି, ସତେନ୍ଦ୍ର ମୁଣ୍ଡ, ମହେନ୍ଦ୍ର ପତି, ସରପଞ୍ଚ ଜିତୁ କୁମାର, ତନବିର ମହମ୍ମଦ, ହୃଷିକେଶ ମେହେର ପ୍ରମୁଖ ଯୋଗଦାନ କରି ସୁଆରଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସୁଆରଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଜଗବନ୍ଧୁ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସୁଆରଙ୍କୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କ ବାସଭବନ ପର୍ଯ୍ୟନ୍ତ ଏକ ଆଡ଼ମ୍ବର ସହକାରେ ଛାଡ଼ିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ପଦୋନ୍ନତି, ଦରମା ବୃଦ୍ଧି ନେଇ ପିଇଓଙ୍କ କଳାବ୍ୟାଜ୍ ପରିଧାନ



କେସିଙ୍ଗା ବ୍ଲକ ସମ୍ମୁଖରେ ନିର୍ବାହୀ ଅଧିକାରୀଙ୍କ କଳାବ୍ୟାଜ୍ ପିନ୍ଧି ଧାରଣା।

କେସିଙ୍ଗା,୭।୮(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସମ୍ମୁଖରେ ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ)ମାନେ କଳାବ୍ୟାଜ୍ ପିନ୍ଧି ସୋମବାର ଧାରଣା ଦେଇଥିଲେ। ଆସନ୍ତା ୧୬ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୧୭ ତାରିଖରୁ ସାମୂହିକ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ସଂଘ ପଦୋନ୍ନତି ଓ ଦରମା ବୃଦ୍ଧି ଦାବି କରିଛନ୍ତି। ନିଯୁକ୍ତିରେ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ୩ ବାଧତାମୂଳକ କରିବାକୁ ଦାବି କରିବା ସହ ଦରମା ହାର ୨୧ ହଜାର ୭୦୦ରୁ ୩୫ ହଜାର ୪୦୦କୁ ବୃଦ୍ଧି କରିବା ପାଇଁ ଦାବି କରିଛନ୍ତି। ୧୦ବର୍ଷ ଚାକିରୀ ପୁରଣ କରିଥିବା ନିର୍ବାହୀ ଅଧିକାରୀଙ୍କୁ ସ୍ୱତନ୍ତ୍ର ପଦବିକୁ ପ୍ରମୋସନ ଦେବା ସହ ଦରମା ହାର ବୃଦ୍ଧି କରିବା ଏବଂ ଜିପିଡିଓ ପଦୀକୁ ଶତପ୍ରତିଶତ ପଦୋନ୍ନତି ସୁବ୍ୟବସ୍ଥା କରିବା ଓପିଆରଏସ କ୍ୟାଡ଼ରରେ ନିର୍ବାହୀ ଅଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରିଛନ୍ତି। ଏ ନେଇ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ନିର୍ଦ୍ଦେଶକ୍ରମେ ଜିଲା ପିଇଓ ସଂଘ ପକ୍ଷରୁ କେସିଙ୍ଗା ବିଡିଓ ଓ ଜିଲାପାଳଙ୍କ ନିକଟରେ ଗତ ଶନିବାର ୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସୋମବାର କେସିଙ୍ଗା ବ୍ଲକ ସମ୍ମୁଖରେ କଳାବ୍ୟାଜ୍ ପିନ୍ଧି ନିଜ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ୧୭ରୁ ସାମୁହିକ ଛୁଟିରେ ରହିବା ପାଇଁ ସଂଘ ନିଷ୍ପତି ନେଇଛନ୍ତି।

# ନିମ୍ନମାନର ପେଟ୍ରୋଲ, ଡିଜେଲ ବିକ୍ରି ଅଭିଯୋଗ

ନୂଆପଡ଼ା,୭।୮(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଠିକପାଲି ପଞ୍ଚାୟତ କେନ୍ଦୁଭଟା ଗାଁଠାରେ ଉଦ୍ୟାନବନ୍ଧ-ବଲାଙ୍ଗୀର ରାସ୍ତା କଡରେ ଥିବା ଏକ ପେଟ୍ରୋଲ ପମ୍ପରେ ଅପମିଶ୍ରଣ ପେଟ୍ରୋଲ, ଡିଜେଲ ମିଳୁଥିବା ଅଭିଯୋଗ ହୋଇଛି। ୨୦୨୩ ଜୁନ ୧୨ରେ ଉଦଘାଟନ ହୋଇ ମାସେ ନ ପୂରୁଣୁ ପେଟ୍ରୋଲ ପମ୍ପ ଅପମିଶ୍ରଣ କରି ଅତି ନିମ୍ନମାନର ପେଟ୍ରୋଲ, ଡିଜେଲ ବିକ୍ରୟ କରାଯାଉଛି। ନିମ୍ନମାନର ତେଲ ଦେଉଥିବାରୁ ଗାଡଗୁଡ଼ିକରେ ମାଇଲେଜ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ନିୟମ ମୁତାବକ ପେଟ୍ରୋଲର ଡେନସିଟି ୭୩୦ରୁ ୮୦୦ କେଜି/ଏମ ଓ ଡିଜେଲ ୮୩୦ ରୁ ୯୦୦ କେଜି/ଏମ ରହିବା କଥା। ହେଲେ ଡିଜେଲ ଓ ପେଟ୍ରୋଲରେ ଡେନସିଟି ୭୦୦ ରହିଥିବାରୁ ଗାଡି ଚାଲକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ପେଟ୍ରୋଲ ଟାଙ୍କି ମାଲିକ ଭିକ୍କି କାଳିଆଙ୍କୁ ପଚାରିବାରୁ ଆମ ପେଟ୍ରୋଲ ଟାଙ୍କି ତେଲ ଭଲ ଅଛି। ଅଞ୍ଚଳର କିଛି ଲୋକ ଉଧାରେ ମାଗିଲେ ନ ଦେବାରୁ ଏଭଳି ଅଭିଯୋଗ କରିଛନ୍ତି। ଡେନସିଟି ମଧ୍ୟ ଠିକ ରହିଛି। ଟେକ୍ନିସିଏନ ନ ଆସିବାରୁ ଡେନସିଟି ବଦଳା ଯାଇନାହିଁ। ଟେକ୍ନିସିଏନ ଆସିଲେ ବଦଳାଇବୁ ବୋଲି କହିଥିଲେ।

# ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ

ଖଡ଼ିଆଳ,୭।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ବିଶ୍ୱସ୍ତନ୍ୟପାନ ସପ୍ତାହ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସମସ୍ତ ବିଭାଗୀୟ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ, ସ୍ୱେଚ୍ଛାସେବୀମାନେ ବିଭିନ୍ନ ଫ୍ଲାଗକାର୍ଡ ଓ ସ୍ଲୋଗାନ ଦେଇ ସହର ପରିକ୍ରମା କରି ସ୍ତନ୍ୟପାନ ଉପରେ ସଚେତନତା ସୃଷ୍ଟି କରିଥିଲେ। ନବଜାତ ଶିଶୁକୁ ଜନ୍ମର ଏକ ଘଣ୍ଟା ପରେ ମା' କ୍ଷୀର ଦେବା ସହିତ ୬ ମାସ ପର୍ଯ୍ୟନ୍ତ ମା' କ୍ଷୀର ବ୍ୟତୀତ ଅଙ୍ଗର ଖାଦ୍ୟ ନ ଖୁଆଇବା, ସ୍ତନ୍ୟପାନ କରାଉ ଥିବା ମା'ମାନଙ୍କୁ ଉତ୍ତମ ଖାଦ୍ୟ ଖୁଆଇବା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ମା' କ୍ଷୀର ଖାଇଲେ ଶିଶୁର ସମସ୍ତ ଶାରୀରିକ ବିକାଶ ହୋଇ ପାରିବ ବୋଲି ବୁଝାଇଥିଲେ। ଏହି ଅବସରରେ ସିଡିପିଓ ମିନା କୁମାରୀ ଅଗ୍ରୱାଲ, ଆୟୁଷ ଡାକ୍ତର ସଂଘମିତ୍ରା ସିଂ ବାବୁ, ଅଙ୍ଗନ ବାଡ଼ି ସୁପର ଭାଇଜର ନର୍ମଦା ବେହେରା, ବୃନ୍ଦାବତୀ ସଗରିଆ, ଦୀପାଞ୍ଜଳି ମେହେର, ମଗଲିକା ଦାସ, ସରସ୍ୱତୀ ବିଶି, ରଶ୍ମିତା ମେହେର, ସୁପ୍ରଭା ଯୋଶୀ, ତୁଲସି ଲତା ରାଉତ, ଶକୁନ୍ତଳା ନାଗ ସମେତ ବ୍ଲକରେ କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ମିଶନ ଶକ୍ତିର ସିଆରପି, ଇସି ମେମ୍ବର, କିଶୋରୀ ବାଳିକା ଓ ମା'ମାନେ ଯୋଗ ଦେଇଥିଲେ।




ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ଆୟୋଜିତ ଶୋଭାଯାତ୍ରା।

# ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଭାରତ ବନ୍ଦ

## ମଣିପୁର ହିଂସାକାଣ୍ଡ ଘଟଣାର ପ୍ରତିବାଦ

ଜୁନାଗଡ଼,୭।୮(ସୁନୀଲ କୁମାର ସିଂହ)

ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ସୋମବାର ୟୁସିସି ଏବଂ ମଣିପୁର ହିଂସାକାଣ୍ଡ ଘଟଣାକୁ ବିରୋଧ କରି ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଆଦିବାସୀ ଏକତା ପରିଷଦ ସଦସ୍ୟ ଭାରତ ବନ୍ଦ ସମର୍ଥନ ଜଣାଇ ଜୁନାଗଡ଼ ବହୁଜନ ସଂଗ୍ରାମ ସମିତି ପକ୍ଷରୁ ମିଳିତ ଭାବେ ବନ୍ଦ ପାଳନ କରାଯାଇଛି। ଆଦିବାସୀ ନେତା ଶ୍ରୀବଚ୍ଛ ଜାନୀ, ହୃଦାନନ୍ଦ ମାଝି ଓ ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ ଜାଲଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ ସକାଳୁ ପିକେଟିଂ କରି ଦୋକାନ ବଜାର ବନ୍ଦ ପାଇଁ ଅନୁରୋଧ କରିଥିଲେ। ଏକ ଶୋଭାଯାତ୍ରାରେ ଆସି ହାତୀନଦୀ ପୋଲ ଜାତୀୟ ରାଜପଥ ଅବରୋଧ କରିଥିଲେ। ରାସ୍ତା ବନ୍ଦ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

**ନର୍ଲା,(ସନ୍ତୋଷ ପାତ୍ର):** ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇ କଳାହାଣ୍ଡି ଜିଲା ନର୍ଲା ସହରସ୍ଥିତ ଚାରିଛକଠାରେ ବ୍ଲକ ଆଦିବାସୀ ସଂଘ ପକ୍ଷରୁ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଶାନ୍ତିଶୃଙ୍ଖଳା ଭାବେ ପାଳନ କରାଯାଇଥିଲା। ନର୍ଲା ଅଞ୍ଚଳର ସମସ୍ତ ଦୋକାନ ବଜାର ସହିତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ଆଦିବାସୀ ସଂଘ ସଭାପତି ହରିଶଙ୍କର ମାଝି, କିଶୋର ଚନ୍ଦ୍ର ମାଝି, ଦୁର୍ଯୋଧନ ମାଝି, ବୀର କିଶୋର ମାଝି, ଦେବରାଜ ମାଝି, ଘନଶ୍ୟାମ ମାଝି, ଗଜପତି ମାଝିଙ୍କ ସହିତ ସମସ୍ତ କର୍ମକର୍ତ୍ତାମାନେ ସ୍ଥାନୀୟ ତହସିଲଦାର ଶଙ୍କର ବାଗଙ୍କୁ ଏକ ଦାବି ପତ୍ର ଦେଇଛନ୍ତି।

**କୋକସରା, (ଦୁଷ୍ମନ୍ତ କୁମାର ପାଟଯୋଶୀ):** କୋକସରା ବ୍ଲକ ସଦର ମହକୁମାଠାରେ କଳାହାଣ୍ଡି ରାଷ୍ଟ୍ରୀୟ ଆଦିବାସୀ ପରିଷଦଙ୍କ ଆହ୍ୱାନକ୍ରମେ ବ୍ଲକ ଆଦିବାସୀ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ରାସ୍ତା ଅବରୋଧ କରାଯାଇଛି। ସକାଳ ୯ଟାରୁ ଜାତୀୟ ରାଜପଥ ୨୬ ଥାନା ସମ୍ମୁଖରେ ଆଦିବାସୀ ସଂଘ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଜାତୀୟ ରାଜପଥ ୨୬ରେ ଗାଡି ଚଳାଚଳ ପ୍ରଭାବିତ ହୋଇଥିଲା। ଘଟଣାସ୍ଥଳରେ କୋକସରା ପୋଲିସ ଥାନା ଅଧିକାରିଣୀ ରନିତା ପ୍ରଧାନ, ଏସଆଇ ହେମନ୍ତ କୁମାର ପାତ୍ର ଓ ପୋଲିସ କର୍ମଚାରୀ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଥିଲେ। ଆନ୍ଦୋଳନରତ ଆଦିବାସୀ କର୍ମକର୍ତ୍ତାଙ୍କ ସହ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ବୁଝାଶୁଝା ପରେ ପୂର୍ବାହ୍ନ ସାଢ଼ ୧୧ଟାରେ ରାସ୍ତା ଅବରୋଧ ହଟିଥିଲା। ପ୍ରତିବାଦ ଓ ବିକ୍ଷୋଭରେ କୋକସରା ଆଦିବାସୀ ସଂଘ ସଭାପତି ହେମନ୍ତ ମାଝି, ସାଧାରଣ ସମ୍ପାଦକ ତ୍ରିନାଥ ଶବର, ଜିଲା ଆଦିବାସୀ ସଂଘ ସମ୍ପାଦକ ଋତୁରାଜ ମାଝି, ଜିଲା ଉପସଭାପତି ନୀଳକଣ୍ଠ ମାଝି, ଉପ ସଭାପତି କ୍ଷୀରସିନ୍ଧୁ ମାଝି, ଯୁବନେତା ମନୋରଞ୍ଜନ ବାଣୁଆ, ରୁଦ୍ର ପ୍ରସାଦ ନାଏକ, ବ୍ରଜ କିଶୋର ନାଏକ, ମନୋଜ କୁମାର ନାଏକ, କ୍ଷୀରସିନ୍ଧୁ ନେଗି, ଧର୍ମାନନ୍ଦ ନେଗି, ବିଦ୍ୟାଧର ଶବର, ଉପେନ୍ଦ୍ର ଶବରଙ୍କ ସମେତ ବ୍ଲକର ଆଦିବାସୀ ସଂଘ ଅନେକ ସଦସ୍ୟ ଉପସ୍ଥିତ ରହିଥିଲେ।




ଜୁନାଗଡ଼ ହାତୀ ନଦୀ ଉପରେ ଜାତୀୟ ରାଜପଥ ବନ୍ଦ କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ଅଗଷ୍ଟ, ୨୦୨୩



## ସଂକ୍ଷେପରେ

### ଯୁଗ୍ମ ଅଭିଯୋଗ ଓ ଜନଶୁଣାଣି ଶିବିର

ପୁରୁଣାକଟକ,୭।୮ (ସୁକାନ୍ତ ପଟ୍ଟନାୟକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ଏସଡିପିଓ ସଂଯୁକ୍ତା ବାର୍ଲା, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ, ତହସିଲଦାର ଶିବାନୀ ଦାସଙ୍କ ସମେତ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବିରରେ ସମୁଦାୟ ୭୯ ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୭୫ଟି, ସାମୁହିକ ଅଭିଯୋଗ ୪ ଗୋଟି ଆସିଥିଲା । ତତ୍କାଳ ୫୩ ଗୋଟି ଅଭିଯୋଗର ସମାଧାନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧୭ ଜଣଙ୍କୁ ୬୮,୦୦୦ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

କନ୍ଧମାଳ,୭।୮(ଆଦିତେଶ୍ୱର ମିଶ୍ର)

ସୋମବାର ଦିନ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଯୁଜିଏମଇ ବିଦ୍ୟାଳୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଣ୍ଟାମାଳର କୁଶ ଭୋଇ । କୁଶ ଗତ ୮ ବର୍ଷ ହେଲା ଉକ୍ତ ଯୁଜିଏମ୍ଇ ବିଦ୍ୟାଳୟରେ ଅସ୍ଥାୟୀ ଭାବେ କାମ କରି ଆସୁଛନ୍ତି । ଅପରାହ୍ନ ୨ଟା ବେଳେ କୌଣସି କାରଣରୁ କୁଶ ବିଦ୍ୟୁତ୍ ଆଘାତ ପାଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ କଣ୍ଟାମାଳ ମେଡିକାଲକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ହରଭଙ୍ଗା ବ୍ଲକ ପିଇଓ ସଂଘର ପ୍ରତିବାଦ

ପୁରୁଣାକଟକ,୭।୮(ସୁକାନ୍ତ ପଟ୍ଟନାୟକ)

ସୋମବାର ଦିନ ହରଭଙ୍ଗା ବ୍ଲକର ପିଇଓ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି । ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପିଇଓ ସଂଘ ପକ୍ଷରୁ ଗତ ୩ ତାରିଖରେ ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ୨ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବି ପୂରଣ ନ ହେଲେ ୭ତାରିଖରୁ କଳାବ୍ୟାଜ୍ ପରିଧାନ କରିବା ସହ ୧୮ ତାରିଖରୁ ସାମୁହିକ ଛୁଟିରେ ରହିବେ ବୋଲି ସଂଘ ନିଷ୍ପତ୍ତି ନେଇଥିଲା । ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇଥିଲେ। ହରଭଙ୍ଗା ବ୍ଲକ ପିଇଓ ସଂଘ ସମ୍ପାଦକ ଜଗଦୀଶ ମଲ୍ଲିକ, ଶ୍ରୀକାନ୍ତ ପ୍ରଧାନ, ସନ୍ତୋଷ ରଣା, ଶେଷଦେବ ଯାନୀ, ଚିତ୍ତରଞ୍ଜନ ବଘାର, ଦିଲୀପ ମଲ୍ଲିକ, ନମିତା ସାହୁ, ସୁଦାମ ପ୍ରଧାନ, ନବଘନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଗମନାଗମନରେ ନାଳ ସାଜିଛି ବାଧକ

## ଫଟାମୁଣ୍ଡା-ଦେଢ଼େଣମାଳ ପୋଲ ନିର୍ମାଣ କେବେ

ଘଣ୍ଟାପଡା,୭।୮(ପ୍ରଭାତ କୁମାର ସାହୁ): ଲୋକଙ୍କ ସୁବିଧା ନିମନ୍ତେ ରାଜ୍ୟ ସରକାର ଗମନାଗମନ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ ପ୍ରଶାସନିକ ବିଧି ବ୍ୟବସ୍ଥାରେ ଯୋଗାଯୋଗ କ୍ଷେତ୍ର ଏକ ପ୍ରକାର ସ୍ଥାଣୁ ପାଲଟିଛି । ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତର ଫଟାମୁଣ୍ଡା ଓ ଆମ୍ବଗାଁ ପଞ୍ଚାୟତର ଦେଢେଣମାଳ ରାସ୍ତା ମଝିରେ ଥିବା ନାଳରେ ପାଣି ପ୍ରବାହିତ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଉକ୍ତ ନାଳରେ ପୋଲ ନିର୍ମାଣ କରିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ । ଦୀର୍ଘ ବର୍ଷ ବିତିଗଲାଣି, କେହି ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି । ଫଳରେ ଅଞ୍ଚଳବାସୀଙ୍କ ମନରେ



ଫଟାମୁଣ୍ଡା ଓ ଦେଢେଣମାଳ ରାସ୍ତା ମଝିରେ ଥିବା ନାଳ ।

ଅସନ୍ତୋଷ ଲାଗି ରହିଛି । ପୋଲ ନ ଥିବାରୁ ପ୍ରତିବର୍ଷ ବର୍ଷାଋତୁରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ପ୍ରାୟ ୮ ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରନ୍ତି । ପୋଲ ନ ଥିବାରୁ ମାତ୍ର ୩ କି.ମି. ରାସ୍ତାକୁ ବର୍ଷା ଦିନରେ ଆମ୍ବଗାଁ ପଞ୍ଚାୟତ କିମ୍ବା ଉମା ପଞ୍ଚାୟତ ମୁଖ୍ୟାଳୟ ଦେଇ ଦୀର୍ଘ ୯ କି.ମି ବୁଲି ଯିବାକୁ ପଡିଥାଏ । କାହାର ଦେହ ଖରାପ ହେଲେ ଖୁଣ୍ଟିଗୋରା ଡାକ୍ତରଖାନା ଯିବା ପାଇଁ ଲୋକେ ବହୁ ହଇରାଣ ହୋଇଥାନ୍ତି ବୋଲି ଦେଢ଼େଣମାଳ ଗ୍ରାମର ଶିବଶଙ୍କର କାଲସେ କହିଛନ୍ତି । ଚଳିତବର୍ଷ ଫେବୃୟାରୀ ୨୦ ତାରିଖ ଦିନ ଉମା ପଞ୍ଚାୟତରେ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ ଅଞ୍ଚଳର ସଚେତନ ନାଗରିକ ଉକ୍ତ ନାଳରେ ପୋଲ ନିର୍ମାଣ ଲାଗି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସର୍ଭେ କାର୍ଯ୍ୟ ମଧ୍ୟ ହୋଇଥିଲା । ଏନେଇ କଣ୍ଟାମାଳ ବିଡ଼ିଓ କଳାକୃଷ୍ଣ ପ୍ରଧାନଙ୍କୁ ପଚାରିବାରେ ପ୍ରସ୍ତାବ ଦେଇଛୁ ବୋଲି କହିଛନ୍ତି । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ବୌଦ୍ଧ ମହାନଦୀରେ କୁମ୍ଭୀର



ମହାନଦୀରେ କୁମ୍ଭୀର

ବୌଦ୍ଧ,୭।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଲଗାଣ ବର୍ଷା ହେବା ଫଳରେ ଗତ ୨ ତାରିଖରେ ଜିଲାରେ ବନ୍ୟା ପରିସ୍ଥିତ ଉପୁଜିଥିଲା । ବର୍ଷା ଯୋଗୁ ଜିଲାର ହରଭଙ୍ଗା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଫସଲ ଉଜୁଡିଯିବା ସହ ବହୁ ଘର ଭାଙ୍ଗିଯାଇଛି । ବର୍ଷା ଯୋଗୁ ହରଭଙ୍ଗା ବ୍ଲକର ମହାନଦୀର କରଡି ଘାଟରେ ଏକ ବଡ କୁମ୍ଭୀର ଦୁଇ ଦିନ ହେଲା ଦେଖିବାକୁ ମିଳିଥିଲା । ଯାହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡିଛନ୍ତି । କୁମ୍ଭୀରଟି ଏବେ ବୌଦ୍ଧ ସହର ନିକଟସ୍ଥ ବଙ୍କାପଡା ପାଖାପାଖି ରହିଥିବା ସନ୍ଦେହ କରାଯାଉଛି । ମହାନଦୀରେ କୁମ୍ଭୀର ଦେଖାଦେବା ପରେ ବନବିଭାଗର ଏକ ଟିମ୍ ସେଠାରେ ରହି କୁମ୍ଭୀରର ଗତିବିଧି ଉପରେ ନଜର ରଖିଛି । କରଡି ସମେତ ଆଖପାଖ ଅଞ୍ଚଳର ଲୋକେ ଆଉ ନଦୀକୁ ଯାଉନାହାନ୍ତି । କୁମ୍ଭୀରଟି ପ୍ରାୟ ୧୨ ଫୁଟରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ମହାନଦୀରେ ପ୍ରତିବର୍ଷ ବନ୍ୟା ଆସିଲେ କୁମ୍ଭୀର ଦେଖା ଦେଇଥାଏ।

# ଲଗାଣ ବର୍ଷାରେ ଧୋଇଗଲା ରାସ୍ତା

ବୌଦ୍ଧ,୭।୮ ( ଅଜିତ କୁମାର ବାରିକ )

ଅଗଷ୍ଟ ୧ ତାରିଖରେ ବୌଦ୍ଧ ଜିଲାରେ ଲଗାଣ ବର୍ଷା ଯୋଗୁ ବୌଦ୍ଧ ସହରରେ ବନ୍ୟା ପରିସ୍ଥିତି ଦେଖାଦେଇଥିଲା । ତଳିଆ ଅଞ୍ଚଳରେ ବର୍ଷା ପାଣି ପ୍ରବେଶ କରି ବନ୍ୟା ପରିସ୍ଥିତି ଦେଖାଦେଇଥିଲା । ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଜଳେଶ୍ୱର ମନ୍ଦିରକୁ ଯାଇଥିବା ରାସ୍ତା ଧୋଇ ହୋଇଯାଇଛି । ବର୍ତ୍ତମାନ ବାଉଁଶ ପୋଲ କରି ଯିବା ଆସିବା କରାଯାଉଛି । ୫୭ ନମ୍ବର ଜାତୀୟ ରାଜପଥର ମତ୍ସ୍ୟବିଭାଗ କାର୍ଯ୍ୟାଳୟ ନିକଟରୁ ମହାନଦୀ କୂଳରେ ଥିବା ଜଳେଶ୍ୱର ମନ୍ଦିରକୁ ଏହି ରାସ୍ତା ଯାଇଛି । ବର୍ତ୍ତମାନ ଶ୍ରାବଣ ମାସ ଚାଲୁଥିବାରୁ ଜଳେଶ୍ୱର ମନ୍ଦିରକୁ ଭକ୍ତଙ୍କ ଭିଡ ଜମୁଛି । ହେଲେ ଭକ୍ତଙ୍କ ଯିବା ଆସିବା କରିବାରେ ସମସ୍ୟା ଦେଖାଦେଇଛି । ସେହିପରି ଏହି ରାସ୍ତାରେ ଏକ ବିଦ୍ୟାଳୟ ପଡୁଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଏହି ରାସ୍ତା ଦେଇ ବିଦ୍ୟାଳୟକୁ ଯାଇଥାନ୍ତି । ହେଲେ ରାସ୍ତା ଧୋଇ ହୋଇଯିବାରୁ ପିଲାମାନଙ୍କ ପଢିବା ପାଇଁ ଯିବା ଆସିବାରେ ସମସ୍ୟା ଦେଖାଦେଇଛି । ଏହି ରାସ୍ତାକଡରେ ଅନେକ ବିଲ ରହିଥିବାରୁ ଚାଷୀମାନେ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯଥାଶୀଘ୍ର ଏହି ରାସ୍ତା ନିର୍ମାଣ କରାଯିବାକୁ ପ୍ରଶାସନ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି ।



ବର୍ଷାରେ ମନ୍ଦିରକୁ ଯାଇଥିବା ରାସ୍ତା ଧୋଇଯାଇଛି ।

# ସୁବର୍ଣ୍ଣପୁରରେ ମିଲେଟ ଶକ୍ତି କାଫେ ଉଦ୍‌ଘାଟିତ

ସୋନପୁର,୭।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ଛକରେ ଏକ ମିଲେଟ ଶକ୍ତି କାଫେ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ମଦର ଟେରେସା ବ୍ଲକ ଲେଭେଲ ଫେଡେରେଶନ ଦ୍ୱାରା ପରିଚାଳିତ ଏହି ମିଲେଟ ଶକ୍ତି କାଫେକୁ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ । ଏହି କାଫେ ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ସହ ଜିଲାକୁ ଆସୁଥିବା ପର୍ଯ୍ୟଟକ ଏବଂ ସ୍ଥାନୀୟ ଗ୍ରାହକଙ୍କୁ ସୁଲଭ ଓ ସୁଆଦିଆ ଖାଦ୍ୟ ପରଷି ଦେବା ଲକ୍ଷ୍ୟ ରହିଛି । ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ବିମଳେନ୍ଦୁ ରାୟ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ସିଡିଓ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ମିଲେଟ ଶକ୍ତି କାଫେର ଉଦଘାଟନୀ କାର୍ଯ୍ୟକ୍ରମ ସୋନପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

# ୫୧୦ ଜଣ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ



ସହାୟତା ବଣ୍ଟନ ଶିବିରରେ ଅତିଥି।

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର

ତରଭା,୭।୮ (ମାନଭଞ୍ଜନ ମିଶ୍ର)

ଶ୍ରମ ବିଭାଗ ଓ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡର ମିଳିତ ଆନୁକୂଲ୍ୟରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ତରଭା ସହର ନିକଟ ଏକ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସୋନପୁର ଜିଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାଖାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସୋନପୁର ଜିଲାପାଳ ବିମଳେନ୍ଦୁ ରାୟ ଓ ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କର୍ଣ୍ଣ ଯୋଗ ଦେଇଥିଲେ । ଏହି ଶିବିରରେ ସୋନପୁର, ଡୁଙ୍ଗୁରିପାଲି ଓ ତରଭା ବ୍ଲକର ମୋଟ ୫୧୦ ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ୨ କୋଟି ୯୬ ଲକ୍ଷ ୩୯ ହଜାର ୨୦୦ ଟଙ୍କା ପ୍ରଦାନ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୪୯ ଜଣଙ୍କୁ ଶିକ୍ଷା ସହାୟତା ବାବଦରେ ୪ ଲକ୍ଷ ୪୯ ହଜାର ୨ ଶହ ଟଙ୍କା, ବିବାହ ସହାୟତା ପାଇଁ ୩୦୦ ଜଣଙ୍କୁ ୧ କୋଟି ୫୦ ଲକ୍ଷ ଟଙ୍କା, ପ୍ରସୂତି ସହାୟତା ବାବଦକୁ ୨୫ ଜଣଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା, ଅନ୍ତ୍ୟେଷ୍ଟି କ୍ରିୟା ନିମନ୍ତେ ୬୮ ଜଣଙ୍କୁ ୩ ଲକ୍ଷ ୪୦ ହଜାର ଟଙ୍କା ଓ ମୃତ୍ୟୁକାଳୀନ ସହାୟତା ବାବଦରେ ୬୮ ଜଣଙ୍କୁ ୧ କୋଟି ୩୬ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଓଏଏସ ପାଇଥିବା ତରଭା ବ୍ଲକ ଅଧୀନ ଜରାଜାରିଙ୍ଗି ଗ୍ରାମ ପଞ୍ଚାୟତ ରଙ୍ଗପୁର ଗ୍ରାମର ସୁଶ୍ରୀ ନିହାରିକା ଝାଙ୍କରଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଜିଲା ଶ୍ରମ ଅଧିକାରୀ ଖାଖା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିବା ବେଳେ ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଏଥିରେ ୩ଗୋଟି ବ୍ଲକର ସମସ୍ତ ପଞ୍ଜୀକୃତ ନିର୍ମାଣ ଶ୍ରମିକ ଯୋଗ ଦେଇଥିଲେ ।

# କଳାବ୍ୟାଜ୍ ପିନ୍ଧି ପିଇଓଙ୍କ ପ୍ରତିବାଦ

ଅମରପାଲି,୭।୮ (ପୀତାମ୍ବର ସାହୁ)

ରାଜ୍ୟ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଆହ୍ୱାନକ୍ରମେ ବୀରମହାରାଜପୁର ବ୍ଲକର ୧୫ ଗୋଟି ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସୋମବାରଠାରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି । ଦାବି ପୂରଣ ନ ହେବାରୁ ସେମାନେ ଏପରି କରିଥିବା ପ୍ରକାଶ କରିଛନ୍ତି ।

ପ୍ରକାଶ ଯେ, ନିକଟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ପଞ୍ଚାୟତ ନିର୍ବାହୀ ଅଧିକାରୀ ହେବା ପାଇଁ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ ବଦଳରେ ଯୁକ୍ତ ତିନି କରାଯିବା, ଦରମା ହାର ସ୍କେଲ୍ ପେ ଲେଭେଲ-୫ରୁ ଲେଭେଲ-୯କୁ ବୃଦ୍ଧି କରାଯିବା, ୧୦ ବର୍ଷ ଚାକିରି କରିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଭାବେ ପଦୋନ୍ନତି ପ୍ରଦାନ ଆଦି ଦାବି କରାଯାଇଥିଲା । ଦାବି ପୂରଣ ନ ହେଲେ ୭ ତାରିଖରୁ କଳାବ୍ୟାଜ୍



ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ କଳାବ୍ୟାଜ୍ ପରିଧାନ କରି ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରୁଛନ୍ତି ।

ପରିଧାନ ପୂର୍ବକ ପ୍ରତିବାଦ କରି କାର୍ଯ୍ୟ କରିବାକୁ ଜଣାଇଥିଲେ । ମାତ୍ର ଦାବି ପୂରଣ ନ ହେବାରୁ ବ୍ଲକର କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ କଳାବ୍ୟାଜ୍ ପରିଧାନ କରି ନିଜ ନିଜ କାର୍ଯ୍ୟ କରୁଛନ୍ତି। ଯଦି ସରକାର ଦାବି ପୂରଣ ନେଇ କୌଣସି ଘୋଷଣା ନ କରନ୍ତି ତେବେ ଆସନ୍ତା ୧୮ ତାରିଖରୁ ସାମୁହିକ ଛୁଟିରେ ରହିବେ ବୋଲି ଚେତାବନୀ ଦିଆଯାଇଛି । ପିଇଓ ଗୌରଚରଣ ସାହୁ, ଗୌରାଙ୍ଗ ମହାପାତ୍ର, ସରୋଜ ନନ୍ଦ, ଅକ୍ଷୟ ଭୋଇ, ଲିଙ୍ଗରାଜ ବାଘ, ମିତାଞ୍ଜଳି ରଥ, ଦୁର୍ଗାପ୍ରସାଦ ମେହେର, ଯଶୋବନ୍ତ ରାୟ, ବିଶ୍ୱାମିତ୍ର ସାହୁ ,ଆଦିତ୍ୟ ମେଣ୍ଡିଲି ପ୍ରମୁଖ କଳାବ୍ୟାଜ୍ ପରିଧାନ କରି ବ୍ଲକ କାର୍ଯ୍ୟାଳୟରେ ପ୍ରତିବାଦ କରିଛନ୍ତି।

# ଶିକ୍ଷକ ସଂଘ ତରଫରୁ ଦାବିପତ୍ର ପ୍ରଦାନ

ବିନିକା,୭।୮(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ଶିକ୍ଷା ଶିକ୍ଷକ ସଂଘ ତରଫରୁ ଶନିବାର ସଭାପତି ଶଶାଙ୍କ ଶେଖର ପଣ୍ଡାଙ୍କ ନେତୃତ୍ୱରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ଭୋଇଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବି ପୂରଣ ନ ହେଲେ ଆସନ୍ତା ୧୬ ତାରିଖଠାରୁ ସାମୁହିକ ଛୁଟିରେ ଯିବାର ଚେତାବନୀ ଦିଆଯାଇଛି । ଦାବିଗୁଡିକ ମଧ୍ୟରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଠିକା ନିଯୁକ୍ତି ଉଚ୍ଛେଦ କରିଥିବାରୁ ପ୍ରାଥମିକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ନିୟମିତ କରିବା ସହିତ ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା, ଏକ୍ସ କ୍ୟାଡର ଶିକ୍ଷକମାନଙ୍କୁ କ୍ୟାଡରଭୁକ୍ତ କରିବା, କଳା ଓ କ୍ରୀଡା ଶିକ୍ଷକଙ୍କୁ ନିୟମିତ କରାଯାଉ ପ୍ରଭୃତି ଦାବି ରହିଛି । ଦାବିପତ୍ର ପ୍ରଦାନ ସମୟରେ ଶିକ୍ଷକ ହିମାଂଶୁ ଶେଖର ପଣ୍ଡା, ବିବେକାନନ୍ଦ ନାଏକ, ଧ୍ରୁବ ଦେବତା, ବିଶ୍ୱରଞ୍ଜନ ସାହୁ, ବିଭୂତି ତ୍ରିପାଠୀ, ବିଜୟ ସାହୁଙ୍କ ସମେତ ଶତାଧିକ ଶିକ୍ଷକ ଅଂଶଗ୍ରହଣ କରିଥିଲେ ।

# ପୋଲିସଙ୍କୁ ମାଡ଼ ଘଟଣା: ଜଣେ ଗିରଫ

ଅମରପାଲି,୭।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ତିଲେଇମାଲ ଗ୍ରାମକୁ ତଦନ୍ତରେ ଯାଇଥିବା ସୁବଳୟା ଥାନାର ଜଣେ ଏଏସଆଇଙ୍କୁ କେତେକ ଗ୍ରାମବାସୀ ନିସ୍ତୁକ ମାଡ ମାରିବା ଘଟଣାରେ ପୋଲିସ ସୋମବାର ଜଣକୁ ଗିରଫ କରିଥିବା ବେଳେ ଅନ୍ୟ ଜଣଙ୍କୁ ଅଟକ ରଖିଛି । ଗିରଫ ହୋଇଥିବା ଅଭିଯୁକ୍ତ ରତ୍ନାକର ପଧାନଙ୍କୁ ମଙ୍ଗଳବାର କୋର୍ଟରେ ହାଜର କରାଯିବ ଓ ଅଟକ ବ୍ୟକ୍ତିଙ୍କୁ ପଚରାଉଚରା ପରେ ବିହତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡିଛି। ତିଲେଇମାଲରେ ପୋଲିସ ମାଡ ଘଟଣାରେ ପୂର୍ବରୁ ଗିରଫ ହୋଇଥିବା କେତେଜଣ ବ୍ୟକ୍ତିଙ୍କୁ ଜାମିନରେ ନେବାକୁ ଆସିଥିବା ଗ୍ରାମର ଦିବ୍ୟାଙ୍ଗ ରତ୍ନାକର ପଧାନ ଓ ତାଙ୍କ ସମ୍ପର୍କୀୟଙ୍କୁ କୋର୍ଟ ସମ୍ମୁଖରୁ ଉଠାଇ ନେଇଥିଲା ସୁବଳୟା ପୋଲିସ । ସୂଚନାଯୋଗ୍ୟ, ଗତ ଜୁନ ମାସ ୫ ତାରିଖ ଦିନ ଗୋଟିଏ ପରିବାରର ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣାର ତଦନ୍ତ ପାଇଁ ସୁବଳୟା ଥାନାର ଏଏସଆଇ ଗୌରହରି ମେହେର ଯାଇଥିଲେ । ମାତ୍ର ପୋଲିସ ତଦନ୍ତରେ ପକ୍ଷପାତିତା କରିବା ଏବଂ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ କେତେକ ଗ୍ରାମବାସୀ ଏଏସଆଇ ମେହେରଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ । ଏ ନେଇ ସୁବଳୟା ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ରାତିଅଧିଆ ପୋଲିସ ଚଢାଉ କରି କେତେଜଣ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ସୋମବାର ହାଜତରେ ଥିବା କେତେଜଣ ବ୍ୟକ୍ତିଙ୍କୁ ଜାମିନରେ ନେବାକୁ ଆସିଥିବା ବେଳେ ଗ୍ରାମର ରତ୍ନାକରଙ୍କୁ ପୋଲିସ ଗିରଫ କରିଥିଲା ।

# ବିକଶିତ ରାଷ୍ଟ୍ର ଗଠନରେ ଯୁବତୀ ଯୁବକଙ୍କ ଭୂମିକା ନେଇ ଆଲୋଚନାଚକ୍ର

ବାଉଁଶୁଣୀ,୭।୮ (ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ କନିଷ୍ଠ ମହାବିଦ୍ୟାଳୟରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ କାଲାମ ଅନୁଷ୍ଠାନ ସହଯୋଗରେ ଯୁବ ସମ୍ବନ୍ଧ ଭାରତ ୨୦୪୭କୁ ନେଇ ଆଗାମୀ ଦିନରେ ଭାରତ ଏକ ବିକଶିତ ରାଷ୍ଟ୍ର ଗଠନରେ ଯୁବତୀ ଯୁବକଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କାଲାମ ଅନୁଷ୍ଠାନର ସଭାପତି ବିଶିକେଶନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ୪ନଂ ଜୋନ ଜିଲା ପରିଷଦ ସଭ୍ୟ ଇଂ ରାକେଶ ତ୍ରିପାଠୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ନବନିତ କୁମାର ଯୋଗଦେଇ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଳ, କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଆଲୋଚକ ଭାବେ ଯୋଗ ଦେଇଥିଲେ । ରାଜୀବ ଲୋଚନ ନାଏକ, ଶରତ କୁମାର ପ୍ରଧାନ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଦେଶ ଗଠନ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ନେହେରୁ ଯୁବକେନ୍ଦ୍ରର କର୍ମକର୍ତ୍ତା ଆସ୍ଥାନ ମହାକୁଳ,ସୀତାକାନ୍ତ ସିଂହ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସ୍ୱେଚ୍ଛାସେବୀ ଚିତ୍ତରଞ୍ଜନ ବେହେରା, ବାମନ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଯୁଗ୍ମ ଅଭିଯୋଗ ଶୁଣାଣି

ସୋନପୁର,୭।୮(ନି.ପ୍ର.)

ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିମଳେନ୍ଦୁ ରାୟ ଓ ଏସ୍‌ପି ଅମରେଶ କୁମାର ପଣ୍ଡା ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ଶୁଣିଥିଲେ । ପଞ୍ଜୀକୃତ ମୋଟ ୧୧ଟି ଅଭିଯୋଗ ଦରଖାସ୍ତ ମଧ୍ୟରୁ ୮ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଥିଲା। ସେଥିମଧ୍ୟରୁ ଜିଲାପାଳଙ୍କ ଦ୍ୱାରା ଗୋଟିଏ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଅନ୍ୟ ୧୦ଟି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଶିବିରରେ ଅଭିଯୋଗ ଦରଖାସ୍ତ ସଂଖ୍ୟା ନଗଣ୍ୟ ଥିଲା । ଜିଲାପାଳ, ଏସ୍‌ପି ଓ ଜିଲାସ୍ତରୀୟ ଅଧିକାରୀଙ୍କୁ ଅଭିଯୋଗ ପାଇଁ ଅପେକ୍ଷା କରିବାକୁ ପଡିଥିଲା । ସୋନପୁରର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟାଂଶୁ ରୁଟ୍, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତି, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା, ତହସିଲଦାର ନବୀନ କିଶୋର ପାଢୀ ଓ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଯୋଗ ଦେଇଥିଲେ।



ଶିବିରରେ ଜିଲାପାଳ ଓ ଏସ୍‌ପି ଜଣେ ବୃଦ୍ଧଙ୍କ ଅଭିଯୋଗ ଶୁଣୁଛନ୍ତି।

# ଜଣେ ଶିକ୍ଷକରେ ଚାଲିଛି ବିଦ୍ୟାଳୟ

ବଘିଆପଡା,୭।୮ (ଶ୍ରୀକାନ୍ତ ସାହୁ)

ରାଜ୍ୟ ସରକାର ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି । ରୂପାନ୍ତରିତ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟଗୁଡିକର ଭିତ୍ତିଭୂମି ସଜାଡିବା ଦେଖିବାକୁ ମିଳୁଛି । କିନ୍ତୁ ଅନେକ ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ପାଠପଢା ବ୍ୟାହତ ହେଉଛି । ବୌଦ୍ଧ ବ୍ଲକ ବଘିଆପଡା ପଞ୍ଚାୟତ ଅନ୍ତର୍ଗତ ଏରେଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏହାର ଏକ ଉଦାହରଣ । ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୪୫ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ମାତ୍ର ୫ଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଶିକ୍ଷାଦାନ କରୁଥିବା ଦେଖିବାକୁ ମିଳୁଛି। ପୂର୍ବରୁ ଏଠାରେ ଦୁଇଜଣ ଶିକ୍ଷକ ଶିକ୍ଷାଦାନ କରୁଥିଲେ । ଗତ ୫ ମାସ ହେଲା ପ୍ରଧାନଶିକ୍ଷକ ଶ୍ରୀନିବାସ ମିଶ୍ର ଅବସର ଗ୍ରହଣ କରିବା ପରେ ବିଦ୍ୟାଳୟରେ ଗୋଟିଏ ଶିକ୍ଷକ ପଦବୀ ଖାଲି ପଡିଛି। ଫଳରେ ଜଣେ ଶିକ୍ଷକଙ୍କୁ ପାଞ୍ଚଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ସହିତ ମଧ୍ୟାହ୍ନ ଭୋଜନ ପରିଚାଳନା ଓ ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟ ତୁଲାଇବାକୁ ପଡୁଛି। ୧୯୫୯ରୁ ଏହି ସରକାରୀ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶ୍ରେଣୀଗୃହର ଅଭାବ ରହିଛି। ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ଅତିରିକ୍ତ ରୋଷେଇ ଘର ନ ଥିବାରୁ ବିଦ୍ୟାଳୟ ବାରଣ୍ଡାରେ ଭୋଜନ ପ୍ରସ୍ତୁତ କରାଯାଉଅଛି। ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ମଧ୍ୟାହ୍ନ ଭୋଜନ ସାମଗ୍ରୀର ଗୋଦାମ ପାଲଟିଛି। ଗୋଟିଏ କୋଠାରେ ଶିକ୍ଷାଦାନ, ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଚାଲୁଥିବାରୁ ଏହା ବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ କରୁଛି । ଏଥିନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରିଛନ୍ତି । ତେବେ ବିଦ୍ୟାଳୟର ସମସ୍ୟା ସୁଧୁରି ପାରିନାହିଁ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିଲୀପ କୁମାର ପ୍ରଧାନ ଏନେଇ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ତୁରନ୍ତ ଶିକ୍ଷକ ନିଯୁକ୍ତି ସହ ଅନ୍ୟ ସମସ୍ୟାର ସମାଧାନ ନ ହେଲେ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।



ଏରେଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ।

## ସଂକ୍ଷେପରେ

### ପ୍ରସନ୍ନ ପଣ୍ଡା ସ୍ମୃତି ସମିତି ବୈଠକ

ବ୍ରଜରାଜନଗର, ୭।୮ (ବିଜୟ ବରାଡ)

ପ୍ରସନ୍ନ ପଣ୍ଡା ସ୍ମୃତି ସମିତିର ବୈଠକ ସ୍ଥାନୀୟ ନୂଆଡ଼ିହିସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଜିଲାସ୍ତରୀୟ ଗୁରୁଦିବସ ରଜତ ଜୟନ୍ତୀ ଉତ୍ସବ ପାଳନ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସମିତିର ନୂତନ କର୍ମକର୍ତ୍ତା ଘୋଷଣା ହୋଇଥିଲା। ସଭାପତି ଭାବେ ଅନିତ ଚକ୍ରବର୍ତ୍ତୀଙ୍କୁ ମନୋନୀତ କରାଯାଇଥିଲା। ଉପନ ସାହୁ, କ୍ଷୀରୋଦ କୁଅଁର, ସାଧନା ସାମନ୍ତରାୟ ଉପସଭାପତି, ସାଧାରଣ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ପାଟଯୋଶୀ, ସମ୍ପାଦକ ଭାବେ ରାଜକିଶୋର ଜେନାଙ୍କୁ ମନୋନୀତ କରାଯାଇଛି। ସହକାରୀ ସମ୍ପାଦକ ସୁମନ୍ତ ପଟେଲ, ସଙ୍ଗଠନ ସମ୍ପାଦକ ପ୍ରଣବ ମିଶ୍ର, ଚନ୍ଦ୍ରରାମ ଭୋଇ, କୃତାର୍ଥ ସେଠ ରହିଛନ୍ତି। କୋଷାଧ୍ୟକ୍ଷ ଡୋଳାମଣୀ ପଟେଲ ରହିଛନ୍ତି। ପ୍ରାରମ୍ଭରେ ଅଧ୍ୟକ୍ଷ ଅନିତ ଚକ୍ରବର୍ତ୍ତୀ କବି କୁମାର ହାସନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରସ୍ତାବ ଆଗତ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୧ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସମ୍ପାଦକ ରାଜକିଶୋର ଜେନା ଧନ୍ୟବାଦ ଦେଇଥିଲେ।

### ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କଳାବ୍ୟାଜ ପରିଧାନ



ରାଜଗାଙ୍ଗପୁର, ୭।୮ (ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଭୁବନେଶ୍ୱରର ଡାକରାକ୍ରମେ ବିଭିନ୍ନ ଦାବି ନେଇ ସୋମବାର କଳା ବ୍ୟାଜ ପରିଧାନ କରିଛନ୍ତି। ଦାବି ମାଧ୍ୟମରେ ସୂଚନା ଦେଇଛନ୍ତି ଯେ, ପଞ୍ଚାୟତ ନିର୍ବାହୀ ଅଧିକାରୀ ୨୪ ଘଣ୍ଟାରୁ ୧୮ ଘଣ୍ଟା କାର୍ଯ୍ୟ ବ୍ୟସ୍ତ ରହୁଛନ୍ତି। ୧୪ ବିଭାଗର ୨୯ ଦାୟିତ୍ୱକୁ ପଞ୍ଚାୟତରେ ନ୍ୟସ୍ତ କରାଯାଇଥିବାରୁ କାର୍ଯ୍ୟଭାର ମଧ୍ୟ ଜୋର ରହିଛି। ହେଲେ ୬୦ ବର୍ଷର ସମସ୍ୟାକୁ ସରକାର କେବେ ବିଚାର କରିନାହାନ୍ତି। ଏହା ଏକ ଦୁର୍ଭାଗ୍ୟର ବିଷୟ। ମୁଖ୍ୟତଃ ସଂଘ ୨ ଟି ଦାବି ଉପସ୍ଥାପନ କରିଛି। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପ୍ରବେଶିକା ପରୀକ୍ଷା ଯୁକ୍ତ୨ ପରିବର୍ତ୍ତେ ଯୁକ୍ତ ୩ କରାଯାଉ, ଏହା ସହ ପେ ଲେଭେଲ ବଢାଯାଉ। ୧୦ବର୍ଷ ଚାକିରି ପୁରଣ କରିଥିବା ପଞ୍ଚାୟତ ଅଧିକାରୀଙ୍କ ସ୍ୱତନ୍ତ୍ର ପଦବୀ ସୃଷ୍ଟି କରି ଉଚ୍ଚତର ପେ ଲେଭେଲରେ ଅବସ୍ଥାପିତ କରାଯାଉ। ଆସନ୍ତା ୧୭ ପର୍ଯ୍ୟନ୍ତ ଏହା ଚାଲିବ। ଦାବି ପୂରଣ ନ ହେଲେ ୧୮ରୁ ସାମୂହ ଛୁଟିରେ ଯିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଶୁଖିଲା ଗଛ କହି ବନ ବିଭାଗ କାଟିଥିଲା ଶାଳଗଛ

ବଡ଼ଗାଁ, ୭।୮ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ପକ୍ଷରୁ ମହାବୀର ପର୍ବତ ତଳି ଅଞ୍ଚଳରେ ଚାରା ରୋପଣ କରାଯାଉଛି। ଚାରା ରୋପଣ ହୋଇଥିବା ସ୍ଥାନରେ ବାଡ ଦେବାପାଇଁ ଫରେଷ୍ଟର କାର୍ଯ୍ୟ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଶୁଖିଲା ଗଛ କାଟିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନିଜେ ସେଠାରେ ଉପସ୍ଥିତ ରହି ନ ଥିଲେ। ନିର୍ଦ୍ଦେଶ ଅନୁଯାୟୀ ଶ୍ରମିକମାନେ ସାଲେପାଲି ଗ୍ରାମବାସୀ ସୁରକ୍ଷା ଦେଇ ଆସୁଥିବା ଶାଳବଣରୁ ବହୁ ସଂଖ୍ୟକ ଶାଳ ଗଛ କାଟି ଦେଇଥିଲେ। ଗଛ ଶୁଖି ନାହିଁ, ଗଛରେ ହାରନା ପୋକ ଲାଗିଥିବାରୁ ପତ୍ର ନାହିଁ, କିଛି ଦିନ ମଧ୍ୟରେ ପତ୍ର କଅଁଳି ଯିବ ବୋଲି ଗ୍ରାମବାସୀ ଫରେଷ୍ଟରଙ୍କୁ କହିବାରୁ ଗଛ କଟା ବନ୍ଦ ହୋଇଥିଲା। ଏ ସମ୍ପର୍କିତ ଖବର ଗତମାସ ୨୮ରେ



କଟା ଯାଇଥିବା ଗଛ କଅଁଳୁଛି

ଧରିତ୍ରୀରେ ପ୍ରକାଶ ପାଇଲା ପରେ ଫରେଷ୍ଟର ତୃପ୍ତା ନାଏକ ଓ ଅତିରିକ୍ତ ରେଞ୍ଜର ପାହାଡ଼ ତଳିକୁ ଯାଇ ଯାଞ୍ଚ କରିଥଲେ। ସେଠାରେ ମଧ୍ୟ ଫରେଷ୍ଟର ନାଏକ ଅଭିଯୋଗକାରୀ ସାଲେପାଲି ଗ୍ରାମର ଦେବେନ୍ଦ୍ର ସାହୁଙ୍କୁ ଶାଳ ଗଛ ଗୁଡ଼ିକ ଶୁଖିଲା ଥିବା କହିଥିଲେ। ଘଟଣାସ୍ଥଳରେ ଅଭିଯୋଗକାରୀ ସାହୁ କିଛି ଦିନ ପରେ ସ୍ପଷ୍ଟ ପ୍ରମାଣ ମିଳିଯିବ ବୋଲି କହିଥିଲେ। ତେବେ ଗଛ କଟାଯିବାର ୧୫ ଦିନ ପରେ ସମସ୍ତ ଗଛରେ ପତ୍ର କଅଁଳିଥିବା ଦେଖାଯାଇଛି। ଏଥିରୁ ଜୀବନ୍ତ ଶାଳ ଗଛ ଗୁଡ଼ିକୁ କଟା ଯାଇଥିବା ପ୍ରମାଣ ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଶାଳବଣର ପ୍ରାୟ ସମସ୍ତ ଗଛରେ ପୋକ ଲାଗିଥିବାରୁ ଗଛ ଗୁଡ଼ିକ ପତ୍ରଶୂନ୍ୟ ହୋଇଯାଇଥିଲା। ଦେଢ଼ ମାସ ପରେ ସମସ୍ତ ଗଛ ସବୁଜିମା ଦେଖାଯାଉଛି। ଶାଳଗଛରେ ବର୍ଷା ଋତୁ ସମୟରେ ପୋକ ଲାଗିବ ଓ କିଛି ମାସ ମଧ୍ୟରେ ଗଛରେ ପତ୍ର କଅଁଳିବା ଗ୍ରାମବାସୀ ପୂର୍ବ ପୁରୁଷରୁ ଦେଖି ଆସୁଛନ୍ତି। ହେଲେ ବନ ବିଭାଗ କର୍ମଚାରୀ ଏହାକୁ ନ ବୁଝି ବହୁ ସଂଖ୍ୟକ ଶାଳ ଗଛ କାଟି ଦେଇଥିଲେ।

# ସନ୍ଧ୍ୟା ହେଲେ ବଢ଼ୁଛି ସୁରକ୍ଷା ଚିନ୍ତା



ନୂଆଗାଁ, ୭।୮ (ବିଜୟ ତ୍ରିପାଠୀ)

**ମିଟକୁନ୍ଦୁରି - ନୂଆଗାଁ ରାସ୍ତା**

ମିଟକୁନ୍ଦୁରି –ନୂଆଗାଁ ରାସ୍ତାରେ ସନ୍ଧ୍ୟା ହେଲେ ବଢ଼ୁଛି ସୁରକ୍ଷା ଚିନ୍ତା। ଏହି ରାସ୍ତାର ଅନେକ ଜାଗାରେ ଷ୍ଟ୍ରିଟ ଲାଇଟ ଜଳୁ ନାହିଁ। ଫଳରେ ଅନ୍ଧାରର ସୁଯୋଗ ନେଇ ମଦୁଆମାନେ ଏଠାରେ ଆଡ୍ଡା ଜମାଉଛନ୍ତି। ସନ୍ଧ୍ୟା ୭ଟା ପରେ ଲୋକେ ଏହି ରାସ୍ତା ଦେଇ ଯା’ ଆସ କରିବାକୁ ନିରାପଦ ମଣୁ ନାହାଁନ୍ତି। କୌଣସି ସମୟରେ ଏଠାରେ ବଡ଼ ଅଘଟଣ ଘଟିବାର ଆଶଙ୍କା ରହିଛି। ଉକ୍ତ ଅଞ୍ଚଳଟି ବିଶ୍ରା ଥାନା ଅଧିନରେ ଯାଉଥିବା ବେଳେ ଥାନାରେ କର୍ମଚାରୀ ଅଭାବରୁ ଏହି ଅଞ୍ଚଳକୁ ସବୁଦିନେ ପେଟ୍ରୋଲଂ କରାଯାଉ ନ ଥିବା କୁହାଯାଉଛି। ସେହିପରି ଝିରିପାଣି ପୋଲିସର ପେଟ୍ରୋଲଂ ଗାଡି ଅଧିକାଂଶ ସମୟରେ କୋଏଲ ସେତୁର ଉଭୟ ପାର୍ଶ୍ୱରେ ଦେଖିବାକୁ ମିଳିଥିଲେ ହେଁ ମିଟକୁନ୍ଦୁରି ଅଞ୍ଚଳକୁ ଯାଉନାହିଁ। କାରଣ ତାହା ସେମାନଙ୍କ ପରିଧି ଭିତରେ ଆସୁନାହିଁ। ତେଣୁ ଉଭୟ ବିଶ୍ରା ଓ ଝିରପାଣି ପୋଲିସ ମିଳିତଭାବେ ପେଟ୍ରୋଲଂ ବ୍ୟବସ୍ଥା କଲେ ଲୋକେ ସୁରକ୍ଷିତ ଭାବେ ଯିବା ଆସିବା କରିପାରିବେ ବୋଲି ଜନସାଧାରଣରେ ମତ ପ୍ରକାଶ ପାଉଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ସୁନ୍ଦରଗଡ, ୭।୮ (ଜୟ ନାରାୟଣ ମେଣ୍ଟୁଲି)

ମିଳିତ ପ୍ରାଥମିକ ମୂଳ ନିଯୁକ୍ତ ବିଏଡ ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ ସୋମବାର ସୁନ୍ଦରଗଡ ଜିଲାର ବିଭିନ୍ନ ବ୍ଲକରେ ମୂଳ ନିଯୁକ୍ତ ବିଏଡ ଶିକ୍ଷୟିତ୍ରୀ ଶିକ୍ଷକମାନେ ୬ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାଥମିକ ଶିକ୍ଷାରେ ବିଏଡ ଯୋଗ୍ୟତା ଭିତ୍ତିରେ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସିଟି ସ୍କେଲ ବଦଳରେ ଟିଜିଟି ସ୍କେଲ ପ୍ରଦାନ, ୫୦ପ୍ରତିଶତ ବିଏଡ ଶିକ୍ଷକଙ୍କୁ ଉଚ୍ଚ ବିଦ୍ୟାଳୟରେ ଅବସ୍ଥାପିତ କରିବା, ୧୯୯୭କ୍ୟାଡର ରୁଲ୍ ତଥା ଏହାର ସଂଶୋଧିତ ୨୦୦୯, ୨୦୧୪ ଓ ୨୦୧୯କୁ ନିଶ୍ଚିତଭାବେ କାର୍ଯ୍ୟକାରୀ କରି ବରିଷ୍ଠତା ପ୍ରଦାନ, ଉକ୍ତ କ୍ୟାଡର ରୁଲରେ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରିବା, ୬ବର୍ଷର ଠିକା ନିଯୁକ୍ତିର କାର୍ଯ୍ୟକାଳକୁ ଉଚ୍ଛେଦ କରି ୬ଟି ଇନକ୍ରିମେଣ୍ଟ ପ୍ରଦାନ ଏବଂ ପୁରୁଣା ପେନସନର ପୁନଃ ପ୍ରଚଳନଆଦି ଦାବିପତ୍ରରେ



ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଉଲ୍ଲେଖ ରହିଛି। ଆଗାମୀ ଦିନରେ ଏହି ଦାବି ଗୁଡିକ ପୂରଣ ନ ହେଲେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସୁନ୍ଦରଗଡ ସଦର ବ୍ଲକର ବିକାଶ ନାଏକ, ଅନୀଲ ପ୍ରଧାନ, ଚନ୍ଦ୍ର ଶେଖର ଶର୍ମା, ଶ୍ରୀକାନ୍ତ ପଟେଲ, ଟାଙ୍ଗରପାଲି ବ୍ଲକର ମିତ୍ରଭାନୁ ନାଏକ, ମିନତୀ ପଟେଲ, ସତ୍ୟପ୍ରିୟା ପଟ୍ଟନାୟକ, ସବ୍‌ଡେଗା ବ୍ଲକରେ ଗୋପବନ୍ଧୁ ସେଠ, ପ୍ରବୀଣା ଦଣ୍ଡସେନା, ହେମଗିର ବ୍ଲକରେ ରାମଲାଲ ପଟେଲ, ଛବିଳ ଗୌଡ, ଉମେଶ ରାୟ, ବଡଗାଁ ବ୍ଲକରେ ହରିଶଙ୍କର ପାଣିଗ୍ରାହୀ, ଜଗଦୀଶ ପଟେଲ, ନମିତା ରାଉତ, ଜ୍ୟୋସ୍ନା ରାଣୀ ପଟେଲ, କୁତ୍ରା ବ୍ଲକର ଶଙ୍କର ନିଖଣ୍ଡିଆ, ଗୁରୁଣ୍ଡିଆ ବ୍ଲକର କିଶୋର ବେହେରା, ଲହୁଣୀପଡା ବ୍ଲକରେ ଅକ୍ଷୟ ପ୍ରଧାନ, ଜୟଦେବ ମହାନ୍ତ, ଭଜମନ ମହାନ୍ତ, ପରମେଶ୍ୱର କିଷାନ, ବଣାଇଁ ବ୍ଲକର ରମେଶ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବି ପତ୍ର ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ।

### ଜାତି ସମାଜ କର୍ମକର୍ତ୍ତାଙ୍କ ନିଷ୍ପତ୍ତି ପାଳନ କଲେ ସାନିଗାଦି କର୍ମକର୍ତ୍ତା

ବଡ଼ଗାଁ, ୭।୮ (ଅଶୋକ ଷଡ଼ଙ୍ଗୀ)

ସାମ୍ପ୍ରତିକ ପରିସ୍ଥିତିରେ ସୁସ୍ଥ ପରିବେଶ ତିଆରି କରିବା ଆବଶ୍ୟକତାର ବାର୍ତ୍ତା ଦେଇ ଜାତି ସମାଜ ସ୍ତରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛନ୍ତି ଭୂୟାଁ ସମାଜ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଜାତି ୫ ଶହ ଘର ଭୂୟାଁ ସମାଜ ସଭାପତି ଅମିୟ କୁମାର ପ୍ରଧାନଙ୍କ ସହିତ ଜିଲା କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପାଣ୍ଡେରପାଲି ସାନିଗାଦି ଅଧୀନ ଧୁମାଗଡା ଗ୍ରାମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ରବିବାର ସଦର ବ୍ଲକ ପୋଡାଜଲଙ୍ଗା ସାନିଗାଦିର ସେବତୀବାହାଲ ଓ ପୋଡାଜଲଙ୍ଗା ଗ୍ରାମର ରାସ୍ତପାର୍ଶ୍ୱରେ ଚାରା ରୋପଣ କରାଯାଇଥିଲା। ଏଥିରେ ସାନିଗାଦି ଓ ଜାତି ୫ ଶହ ଘର ଭୂୟାଁ ସମାଜ ବିକାଶ ସଂଘ, ସୁନ୍ଦରଗଡ କର୍ମକର୍ତ୍ତା ପ୍ରସନ୍ନ ପ୍ରଧାନ, ଶ୍ୟାମ ସୁନ୍ଦର ଭୋଇ, ଡମ୍ବରୁଧର ସା, ସନାତନ ପ୍ରଧାନ, କ୍ଷେତ୍ରମଣୀ ପ୍ରଧାନ, ବିନୋଦ କାଲୋ, ତପନ ପ୍ରଧାନ, ପୂର୍ଣ୍ଣାନନ୍ଦ କାଲୋ, ବିଜୟ ସା, ରତ୍ନାକର ସା ଯୋଗଦେଇ ଗ୍ରାମବାସୀଙ୍କ ସହିତ ଚାରା ରୋପଣ କରିଥିଲେ।

### ମରଣଯନ୍ତା ପାଲଟିଛି ଆଦର୍ଶ ବିଦ୍ୟାଳୟ ରାସ୍ତା

ହେମଗିର, ୭।୮ (ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ କମଲଗାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ଏହି ବିଦ୍ୟାଳୟକୁ ଅନେକ ଛାତ୍ରୀଛାତ୍ର ପାଠ ପଢିବାକୁ ଆସିଥାନ୍ତି। ଏହି ରାସ୍ତାଟି ସମ୍ପୂର୍ଣ୍ଣ ମାଟି ରାସ୍ତା ହୋଇଥିବାରୁ ବର୍ଷା ଦିନେ ପାଣି ଜମି କାଦୁଅ ପଚପଚ ହେଉଛି। ଫଳରେ ଯା’ ଆସରେ ସମସ୍ୟା



ସୃଷ୍ଟି ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ଓସିଏସ୍ ପାଇବା ପରେ ରାଜେଶଙ୍କୁ ସମ୍ବର୍ଦ୍ଧନା



ରାଜେଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୁଆଁରମୁଣ୍ଡା, ୭।୮ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଦଲକି ପଞ୍ଚାୟତ କେନ୍ଦୁଡିହି ଗ୍ରାମର ରାଜେଶ କୁମାର ଟେଟେ ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବା(ଓସିଏସ୍) ପରୀକ୍ଷାରେ ସଫଳତା ଲାଭ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଧରିତ୍ରୀ ପ୍ରତିନିଧି ମହେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ କୁଆଁରମୁଣ୍ଡା ପଞ୍ଚାୟତ ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ସାଂଗଠନିକ ଜିଲା ବିଜେଡି ସାଧାରଣ ସମ୍ପାଦକ ତଥା ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ବ୍ଲକ ବିଜେଡି ସଭାପତି ତଥା କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା, ପୁଟ୍ରିଖମଣ ସରପଞ୍ଚ ନରେଶ ସୁରିନ ପ୍ରମୁଖ ଉପସ୍ଥିତ ରହି ରାଜେଶଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ରାଜେଶ ଏହି ସଫଳତା ପାଇଁ ମା’, ବାପା ଓ ସାଙ୍ଗସାଥୀଙ୍କୁ ଶ୍ରେୟ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜେଶଙ୍କ ବାପା କର୍ଣ୍ଣେଲିୟସ ଟେଟେ, ବେରୋଣିକା ଟେଟେ, ସହପାଠି ତାରସିସିୟୁସ ଏକ୍କା, ରାଜେନ୍ଦ୍ର ଟେଟେ, ରାକେଶ କୁଲୁ, ରଞ୍ଜନ ଡୁଙ୍ଗଡୁଙ୍ଗ ଉପସ୍ଥିତ ଥିଲେ।

# ୯୩ ଅଭିଯୋଗର ତତ୍କ୍ଷଣାତ ସମାଧାନ

ସୁନ୍ଦରଗଡ଼, ୭।୮ (ଜୟ ନାରାୟଣ ମେଣ୍ଟୁଲି)

ସ୍ଥାନୀୟ ସଦ୍‌ଭାବନା ଗୃହରେ ଜିଲାପାଳ ଡ.ପରାଗ ହର୍ଷଦ ଗଭାଲି ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ଦ୍ୱାରା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ମୋଟ ୧୯୨ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୬୫ ବ୍ୟକ୍ତିଗତ ଏବଂ ୨୭ଟିସାମୂହିକ ଅଭିଯୋଗ ରହିଥିଲା। ତନ୍ମଧ୍ୟରୁ ୯୩ ଅଭିଯୋଗ ଗୁଡ଼ିକର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ



ଆର୍ଥିକ ସହାୟତା ନିମନ୍ତେ ୪୪ଟି ଏବଂ ୨ଟି ରେଡ୍ କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ଆବେଦନ ରହିଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଡ୍ରେନେଜ ଜନିତ ସମସ୍ୟା, ରାସ୍ତା ମରାମତି, ଭତ୍ତା, ରାସନ୍ କାର୍ଡ, ବିଦ୍ୟାଳୟ ସମସ୍ୟା, ଋଣ ଆବେଦନ ଆଦି ରହିଥିଲା। ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ(ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ବେହେରା, ସଦର ଉପଜିଲାପାଳ ଦାଶରଥି ଶରାବୁ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ତଥା ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ପବ୍ଲିକ ସ୍କୁଲରେ ୱାନ୍ ଚାଇଲ୍ଡ ୱାନ୍ ପ୍ଲାଣ୍ଟ କାର୍ଯ୍ୟକ୍ରମ

ସୁନ୍ଦରଗଡ, ୭।୮ (ଜୟନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ପବ୍ଲିକ ସ୍କୁଲରେ ଜାତୀୟ ଶିକ୍ଷା ନୀତି( ଏନଇପି)ର ୩ବର୍ଷ ପୂର୍ତ୍ତି ଅବସରରେ ସିବିଏସ୍‌ଇ ଦ୍ୱାରା ଆରମ୍ଭ ହୋଇଥିବା ୱାନ୍ ଚାଇଲ୍ଡ ୱାନ୍ ପ୍ଲାଣ୍ଟ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଡିଏଏଫ ପ୍ରଦୀପ ମିରାସେ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ହରପ୍ରିୟା ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟ ଅତିଥି ମିରାସେ ବୃକ୍ଷ ରୋପଣର ଉପକାରିତା ବିଷୟରେ କହିଥିଲେ। ସବୁଜ ଗଛଲତା ପରିବେଶ ମଧ୍ୟରେ ବିଦ୍ୟାଳୟର ଅବସ୍ଥିତିକୁ ସେ ପ୍ରଂଶସା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରାଜ କିଶୋର ଷଡ଼ଙ୍ଗୀ ମୁଖ୍ୟ ଅତିଥିଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ମୁଖ୍ୟ ଅତିଥି ପ୍ରତ୍ୟେକ ପିଲାଙ୍କୁ ଗୋଟିଏ ଲେଖାଏଁ ଗଛ ଚାରା ପ୍ରଦାନ କରିଥିଲେ। ଇକୋ କ୍ଲବ ଶିକ୍ଷକ ଅଶୋକ କୁମାର ପରିଡା ୨୦୦ପ୍ରକାର ବିଭିନ୍ନ ଫଳ ଓ ନିମ୍ବ ଗଛ ପିଲାଙ୍କୁ ଦେଇ ନିଜ ଘର ଓ ବାଡିରେ ଲଗାଇ କିଭଳି ଯତ୍ନ ନେବ ସେ ନେଇ ବୁଝାଇଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ମୁଖ୍ୟ ଅତିଥି ସ୍କାଉଟ,ଗାଇଡ୍ ଟିମ୍ ପିଲାଙ୍କ ସହ ମିସି ଗଛ ଲଗାଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ତଥା ପରିବେଶବିତ୍ ସୁଂଧାଂଶୁ ଚୌଧୁରୀ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରିୟଙ୍କା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଦେବାଶିଷ ଦାସ, ସନ୍ତୋଷ ମହାନ୍ତ, ଅଶୋକ କୁମାର ପରିଡା, ସସ୍ମିତା ସାହୁ, ମାଇକେଲା ଖାଲକୋ, ପ୍ରୀତି ପ୍ରସାଦ, କାଜଲ ଶର୍ମା, ଗୋପାଳ କୃଷ୍ଣ ପୁରୋହିତ ତଥା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।




ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଉଛି।

# ଓ.ପି ଜିନ୍ଦଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଜିଲା ଭଲେଣ୍ଟାରୀ ଫୋର୍ସ ଚାମ୍ପିୟନ**

ଟେନ୍‌ସା, ୭।୮ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା ଟେନ୍‌ସାସ୍ଥିତ ଜିନ୍ଦଲ ଖଣି ମାଲିକ ସ୍ୱର୍ଗତ ଓମ୍ ପ୍ରକାଶ ଜିନ୍ଦଲଙ୍କ ୯୩ତମ ଜନ୍ମ ବାର୍ଷିକ ଉତ୍ସବରେ ୨ଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ତନ୍ତରା ଗ୍ରାମସ୍ଥିତ ଜିନ୍ଦଲ ଷ୍ଟାଡିୟମଠାରେ ଏହି ଖେଳ ଅନୁଷ୍ଠିତ ହୋଇଥିଲା। ଟେନ୍‌ସା ଟିଆରବି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଅଞ୍ଚଳର ୨୦ ଟିମ୍ ଭାଗ ନେଇଥିଲେ। କୋଇଡା ତହସିଲଦାର ଡିଏସ୍ ଶୁଭଦର୍ଶୀ ଯୋଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଟେନ୍‌ସା ଜିନ୍ଦଲ ଖଣି ୟୁନିଟ ହେଡ କମଳା କାନ୍ତ ନନ୍ଦ ଯୋଗଦେଇ ଖେଳ ଆରମ୍ଭ କରିଥିଲେ। ଫାଇନାଲ ମ୍ୟାଚ ବରସୁଆଁ ଶସ୍ୟକଳା ସହିତ ଜିଲା ଭଲେଣ୍ଟାରୀ ଫୋର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧–୦ ଗୋଲରେ ଜିଲା ଭଲେଣ୍ଟାରୀ ଫୋର୍ସ ଟିମ୍ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ



ଉପସ୍ଥିତ ବିଜେତା ଦଳ ଓ ଅନ୍ୟମାନେ।

ଜିନ୍ଦଲ ଖଣି ୟୁନିଟ ହେଡ କମଳା କାନ୍ତ ନନ୍ଦ, ସମ୍ମାନିତ ଅତିଥିଭାବେ ଟେନ୍‌ସା ବ୍ୟାଙ୍କ ମ୍ୟାନେଜର ଚନ୍ଦ୍ରମୋହନ ମୁର୍ମୁ, ଟେନ୍‌ସା ଫାଣ୍ଡି ଅଧିକାରୀ ସୁଦର୍ଶନ ଦେହୁରୀ, ଶସ୍ୟକଳା ସରପଞ୍ଚ ଏମ ଲେନ ଭୂଇଁଆ, ଯୁବ ସମାଜିକ କର୍ମୀ ଦୁର୍ଯ୍ୟୋଧନ ନାଏକ, ସୁଦର୍ଶନ ପାତ୍ର, ଶସ୍ୟକଳା ସରପଞ୍ଚ ଚନ୍ଦ୍ରମଣୀ ନାୟକ, ରବିନାରାୟଣ ମିଶ୍ର, ପୂର୍ବତନ ସରପଞ୍ଚ ଚକ୍ରଧର ଦେହୁରୀ, ପ୍ରମିଳା ନାୟକ, ଜୀବନ ମୁକୁଟ ତପନୋ ପ୍ରମୁଖ ଯୋଗଦେଇ ଥିଲେ। ବଣ ପାହାଡ଼ଘେରା ଆଦିବାସୀ ଅଧୁଷିତ ଅଞ୍ଚଳରେ ଜିନ୍ଦଲ ଖଣି ଏହି ଭଳି ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରି ଭାଇଚାରା ବଜାଇ ରଖିଥିବାରୁ ଅତିଥିମାନେ ମତ ପ୍ରକାଶ କରିଥିଲେ। ଶେଷରେ ଅତିଥିମାନେ ବିଜୟ ଦଳକୁ ୧୦ ହଜାର ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହା ସହ ବେଷ୍ଟ ଟିମ୍, ପ୍ଲେୟାର, ଗୋଲ କିପିରଙ୍କୁ ପୁରସ୍କୃତ କରାଯାଇଥିଲା। ଜିନ୍ଦଲ ଖଣି ପକ୍ଷରୁ ମ୍ୟାନେଜର ଅଭିମନ୍ୟୁ ସାମଲ, ପ୍ରଶାସନ ବିଭାଗର ମୁଖ୍ୟ ସୁଦାମ ମହାକୁଡ଼, ଏଜିଏମ୍ ଶଶାଙ୍କ ଶେଖର ବିଶ୍ୱାଳ, ଉଦିତ ନାଏକ, ତପନ ପତି, ଏସ୍‌ପି ବିଶ୍ୱାଳ, ପ୍ରଶାନ୍ତ ପରିଜା, ପି .କେ ଧଳ, ଗଗନ ବିହାରୀ ସ୍ୱାଇଁ, ଅଶିତ କୁମାର ବିଷୋୟୀ, କେଶବାନନ୍ଦ ଘଡେଇ, ରଶ୍ମି ରଞ୍ଜନ ନାୟକ, ମହେନ୍ଦ୍ର ପ୍ରତାପ ସିଂହ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। ରେଫରିଭାବେ ଭୀଷ୍ମ ଦେବ ମାହାନ୍ତ, ଅଶୋନୀ ବେରୀହ, ଯୁଧିଷ୍ଠିର ଖୁଲୁସୁରୀ, ନୀଳ ନାଏକ,ଏସ୍.ଏନ୍ ଜେନା, ରାଜ କୁମାର ମଣ୍ଡଳ,ପ୍ରମୋଦ ବିଶ୍ୱାଳ ଯୋଗଦେଇଥିଲେ।

## ସଂକ୍ଷେପରେ

### ଚଉଷଠି ଯୋଗିନୀ ମନ୍ଦିର ଉନ୍ନତୀକରଣ ନେଇ ଆଲୋଚନା

କଣ୍ଟାବାଞ୍ଜି, ୭।୮ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ଗସ୍ତର ଦ୍ୱିତୀୟ ଦିନ ସୋମବାର ୫-ଟି ସଚିବ ଭି.କେ.ପାଣ୍ଡିଆନ ହେଲିକପ୍ଟର ଯୋଗ ଯାଇ ବଙ୍ଗୋମୁଣ୍ଡା ବ୍ଲକ ରାଣିପୁର ଝରିଆଲସ୍ଥିତ ସର୍ବପୁରାତନ ଚଉଷଠି ଯୋଗୀନୀ ମନ୍ଦିର ପଡିଆରେ ଓହ୍ଲାଇଥିଲେ । ସେଠାରେ ମନ୍ଦିର ଉନ୍ନତିକରଣ ଏବଂ ପୁର୍ନବିକାଶ ପାଇଁ ବିଭିନ୍ନ ବିଭାଗୀର ଅଧିକାରୀ ଏବଂ ମନ୍ଦିର ପରିଚାଳନା କମିଟି, ଝରିଆଲ ଗ୍ରାମର ଜନସାଧାରଣ ସହ ଆଲୋଚନା କରିଥିଲେ। ମନ୍ଦିରର ବିକାଶ ପାଇଁ ଜିଲାପାଳ ଏବଂ ଦେବୋତ୍ତର ବିଭାଗ ସହ ଆଲୋଚନା କରି ଆବଶ୍ୟକ ଅନୁଦାନ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରିବେ ବୋଲି କହିଥିଲେ। ଏହା ପରେ ସେ ମୁରିବାହାଲ ବ୍ଲକ ଗୁରୁଣ୍ଡା ଖେଳପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ସମ୍ପର୍କିତ ସ୍ମାରକପତ୍ର ଗ୍ରହଣ କରିଥିଲେ। ସଭାସ୍ଥଳ ମଞ୍ଚରେ କଣ୍ଟାବାଞ୍ଜି ଜିଲା ଦାବି ନେଇ ଜିଲା ସଂଘର୍ଷ ସମିତି ପକ୍ଷରୁ ପାଣ୍ଡିଆନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଭାସ୍ଥଳରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଋଷିକେଶ ଖିଲାରୀ, କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଧୀନ ବଙ୍ଗୋମୁଣ୍ଡା, ମୁରିବାହାଲ, ତୁରେକେଲା ବ୍ଲକର ବିଡିଓ, ତହସିଲଦାର ଏବଂ ଅନ୍ୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

### ଜନ୍ମମାଟିକୁ ଫେରି ପାରିଲାନି ଶ୍ରମିକଙ୍କ ମୃତଦେହ

ସଇଁତଳା, ୭।୮ (ରାଖାଲ ପ୍ରସାଦ ଶତପଥୀ)

ପେଟପାଟଣା ପାଇଁ ଗୁଜୁରାଟର ଅହମ୍ମଦାବାଦକୁ ଶ୍ରମିକଭାବେ କାମ କରିବାକୁ ବର୍ଷକ ତଳେ ଯାଇଥିଲେ ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଶିଶକେଲା ଗ୍ରାମର ଅନୀଲ ରଣା (୩୭)। ଗତ ୪ ତାରିଖ ରାତିରେ ସେଠାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ।



ତାଙ୍କ ସଙ୍ଗରେ ରହୁଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ନିକଟସ୍ଥ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇବାପରେ ପରିବାର ଲୋକେ ଅହମଦାବାଦରୁ ମୃତଦେହ ଆଣିବାକୁ ଚିନ୍ତା କରିଥିଲେ। ହେଲେ ଟଙ୍କା ଅଭାବରୁ ତାହା ସମ୍ଭବ ହୋଇ ନଥିଲା । ଅନୀଲ କାମ କରୁଥିବା ସଂସ୍ଥା ମଧ୍ୟ କୌଣସି ସହଯୋଗ କରି ନ ଥିଲା । ଫଳରେ ଅନୀଲଙ୍କ ସାଥୀମାନେ କୌଣସି ଉପାୟ ନ ପାଇ ସେଠାରେ ସତ୍କାର କରିଦେଇଥିବା ପରିବାର ଲୋକେ କହିଛନ୍ତି। ଏବେ ପ୍ରଶାସନ ଅନୀଲଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ ପ୍ରଦାନ କଲେ ଶୁଦ୍ଧିକ୍ରିୟା କରିପାରନ୍ତେ ବୋଲି ତାଙ୍କ ବାପା ରଘୁନାଥ ରଣା କହିଛନ୍ତି। ରାଜ୍ୟ ସରକାର ତୁରନ୍ତ ବେକାର ଥିବା ଯୁବତୀଯୁବକଙ୍କୁ ନିଯୁକ୍ତି ଯୋଗାଇ ଦେବାକୁ ଶିଶକେଲା ସମିତି ସଭ୍ୟ ଉମାକାନ୍ତ ରଣା ଦାବି କରିଛନ୍ତି।

### 'ଭୋକରେ ସୁଜାତା ମ୍ୟାଡମ୍‌ଙ୍କ କଥା ଭୁଲିଗଲି'

ବଲାଙ୍ଗୀର, ୭।୮ (ବୀରେନ୍ଦ୍ର କୁମାର ଝାଙ୍କର)

ସୋମବାର ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଡିଆରେ ମିଶନ ଶକ୍ତି କାର୍ଯ୍ୟକର୍ତ୍ତାଙ୍କ ସହ ସାକ୍ଷାତ ସମାବେଶ କାର୍ଯ୍ୟକ୍ରମ ରହିଥିଲା। ଏହି କାର୍ଯ୍ୟକ୍ରମ ଦିନ ୧୨ଟା ୪୦ରୁ ଆରମ୍ଭ ହେବାର ଥିଲା। ତେବେ ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ସେ ଆସି ପହଞ୍ଚିଥିଲେ। ମିଶନ ଶକ୍ତି ମହିଳା ସଦସ୍ୟାଙ୍କୁ ଉଦ୍‌ବୋଧନ ଦେବା ବେଳେ ଋଣ ସଂକ୍ରାନ୍ତୀୟ ଏବଂ ଏସ୍‌ଏଚ୍‌ଜିରୁ ଏସ୍‌ଏମ୍‌ଇ ହେବାର ପ୍ରକ୍ରିୟା ବିଷୟରେ ସୂଚନା ଦେଇଥିଲେ। ବିଳମ୍ବ ହୋଇଯାଇଥିବାରୁ ଭୋକ ହେଉଛି ବୋଲି କହିଥିଲେ। ମିଶନ ଶକ୍ତି ମହିଳାଙ୍କୁ ଅନେକ କିଛି କହିବା ପାଇଁ ସୁଜାତା ମ୍ୟାଡମ୍ କହିଥିଲେ। ମାତ୍ର ଭୋକ ହେଉଥିବାରୁ ସେସବୁ କିଛି ଭୁଲି ଯାଇଛନ୍ତି କହିଥିଲେ। ହାଲୁକା ଭାବରେ ବି ହେଉ ସେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ, ସଂକଳ୍ପ କଥା କହିବା ଭିତରେ ସୁଜାତାଙ୍କ ବିଷୟରେ ଉଲ୍ଲେଖ କରିଥିବାରୁ ଏହାବି ଭିନ୍ନ ଆଲୋଚନାର ବିଷୟ ହୋଇଥିବା ଶୁଣାଯାଇଥିଲା।

# ଯୋଗେଶ୍ୱର ପୀଠର ବିକାଶ ପାଇଁ ୪.୨୫କୋଟି

- ଲୋଇସିଂହା ଗସ୍ତରେ ୫-ଟି ସଚିବ
- ୩ଦିନ ଭିତରେ ପାନୀୟ ଜଳ ସମସ୍ୟା ସମାଧାନ ନିର୍ଦ୍ଦେଶ
- ଛାତ୍ରୀଛାତ୍ରଙ୍କ ସହ କଲେ ଭାବ ବିନିମୟ

ଲୋଇସିଂହା, ୭।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଗସ୍ତରେ ଥିବା ୫-ଟି ସଚିବ ଭି.କେ.ପାଣ୍ଡିଆନ ସୋମବାର ଲୋଇସିଂହା ବ୍ଲକ ମାଗୁରବେଡାସ୍ଥିତ ଲୋୟର ସୁକତେଲ ପ୍ରକଳ୍ପ ପରିଦର୍ଶନରେ ଯାଇଥିଲେ। ସେଠାରେ ସ୍ପିଲୱେ ଓ ଭୂତଳ ପାଇପ ଲାଇନ କାମ ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ସହ ସମୀକ୍ଷା କରିଥିଲେ। ସେଠାରୁ ହେଲିକପ୍ଟରରେ ଯାଇ ଯୋଗୀସର୍ଡା କଲେଜ ପଡିଆ ହେଲିପ୍ୟାଡରେ ଓହ୍ଲାଇଥିଲେ। ସେଠାରୁ ୫ଟି ହରିହର ନୋଡାଲ ହାଇସ୍କୁଲ ପରିଦର୍ଶନରେ ଯାଇଥିଲେ। ସ୍କୁଲ ଲାଇବ୍ରେରୀ, ବିଜ୍ଞାନଗାର, ସ୍ମାର୍ଟ ଶ୍ରେଣୀଗୃହକୁ ଯାଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ଏହି ଅବସରରେ ସେ ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀଙ୍କୁ ସ୍କୁଲ ବାର୍ଷିକ ପ୍ରଦର୍ଶନ ଉପରେ ପଚାରି ବୁଝିଥିଲେ। ଅଧିକରୁ ଅଧିକ ଛାତ୍ରୀଛାତ୍ର କିପରି ଏ-୧ ଗ୍ରେଡରେ ପାସ୍ ହେବେ ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସେଠାରୁ ପ୍ରସିଦ୍ଧ ଯୋଗେଶ୍ୱର ପୀଠକୁ ଯାଇ ପୂଜାର୍ଚ୍ଚନା କରିବା ସହ ମନ୍ଦିର ପୂଜକ ଓ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ମନ୍ଦିର ଇତିହାସ ପଚାରି ବୁଝିବା ସହ ବିକାଶ ପାଇଁ ୪କୋଟି ୨୫ଲକ୍ଷ ଅନୁଦାନ ଦିଆଯାଇଥିବା ଗ୍ରାମବାସୀ କହିଛନ୍ତି। ଏହାପରେ ୫-ଟି ସଚିବ ଲୋଇସିଂହା କଲେଜ ପଡିଆରେ ଆୟୋଜିତ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିଲେ। ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକର ଜନସାଧାରଣଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ମିଳିଥିବା ଦାବିପତ୍ରଗୁଡିକ ମଧ୍ୟରେ ମନ୍ଦିର, ମଠ, ଚର୍ଚ୍ଚ, ମସ୍‌ଜିଦ ଓ କମ୍ୟୁନିଟି ସେଣ୍ଟରଗୁଡିକୁ ପ୍ରାଥମିକତା ଦେଇ ସପ୍ତାହକ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଖୁସି ଖବର ପାଇବେ ବୋଲି ସେ କହିଥିଲେ। ଏଥିସହିତ ପାନୀୟ ଜଳ ସମସ୍ୟାର ସମାଧାନ ୩ଦିନ ଭିତରେ ସମାଧାନ କରିବାକୁ ଉପସ୍ଥିତ ଜିଲାପାଳ ଓ ବିଡିଓଙ୍କୁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ। ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ବଲାଙ୍ଗୀର ଜିଲାର ୪୫ ହଜାର ଲୋକେ ଉପକୃତ ହୋଇଥିବା କହିଥିଲେ। ମଶନ ଶକ୍ତି ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଗ୍ରାମାଞ୍ଚଳରେ ଅବ୍ୟବହୃତ ସରକାରୀ କୋଠା ମିଶନଶକ୍ତିକୁ ଦେବାକୁ ରାଜସରକାର ନିଷ୍ପତ୍ତି ନେଇଛନ୍ତି। ମିଶନଶକ୍ତି ପକ୍ଷରୁ ଆବେଦନ କଲେ ମାସକ ଭିତରେ ବିଡିଓଙ୍କ ପାଖରୁ ଏ ନେଇ ଉତ୍ତର ପାଇ ପାରିବେ ବୋଲି ସେ କହିଥିଲେ। ଜିଲାର ଦୁଇଜଣ ଅଙ୍ଗନୱାଡି ଓ ଆଶାକର୍ମୀଙ୍କ ପୁଅଝିଅ ନିଟ୍ ପାଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିବା ସେ ପ୍ରକାଶ କରିଥିଲେ। ଏ ସବୁ କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଋଷିକେଶ ଖିଲାରି ସମ୍ବଲପୁର ଅତିରିକ୍ତ ଏସ୍‌ପି ନାରାୟଣ ନାଏକ ଏବଂ ବହୁ ଜିଲା, ବ୍ଲକ ସ୍ତରୀୟ ଅଧିକାରୀ, ଜନପ୍ରତିନିଧି ଓ ବିଜେଡି ନେତା ଉପସ୍ଥିତ ଥିଲେ।



ଲୋଇସିଂହା କଲେଜ ପଡିଆରେ ଆୟୋଜିତ ଅଭିଯୋଗ ଶୁଣାଣି ଶିବିରରେ ମିଶନଶକ୍ତି ମହିଳା ଓ ଅନ୍ୟମାନେ।

# ଶୋକାକୁଳ ପରିବେଶରେ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

ଦେଓଗାଁ, ୭।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଚଣ୍ଡୀଗଡ ଗଙ୍ଗାନଗର ୧୬ ବାଟାଲିଆନରେ ସିଗନାଲ ରେଜିମେଣ୍ଟ ଭାବେ କାର୍ଯ୍ୟ କରୁଥିଲେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ କଟାପାଲିର ସୁଧିର ତ୍ରିପାଠୀ। ଗତ ୫ତାରିଖ ଅସୁସ୍ଥତା ପରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଯବାନଙ୍କ ମରଶରୀର ଜନ୍ମମାଟିରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ଶ୍ମଶାନକୁ ନିଆଯାଇ ସତ୍କାର କରାଯାଇଥିଲା। ବଡବାପା ପୁଅ ଉଦ୍ଧବ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ। ଓଡିଶା ୧୧ବାଟାଲିଆନ ମେଜର ମହେଶ୍ୱର ଦତ୍ତ, କ୍ୱାର୍ଟର୍ସ ମାଷ୍ଟର ସୁବେଦାର ରାଜ କୁମାର ରାଏ, ସୁଶୀଲ କୁମାର, ଦେଓଗାଁ ଥାନା ଏସଆଇ ମନୋଜ କୁମାର ମୁଣ୍ଡା,ଏଏସଆଇ ସଚିତ୍ର ଛତ୍ରିଆ ପ୍ରମୁଖ ଜାତୀୟ ପତାକା ଦେଇ ସମ୍ମାନ ଜଣାଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଦେଓଗାଁ ପଞ୍ଚାୟତ ଅଧ୍ୟକ୍ଷ ଦୟାନିଧି ଖମାରୀ, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ବିଡିଓ ସୁରେନ୍ଦ୍ର କୁମାର ମେହେର, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ଜିଲା ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ବିଙ୍ଗ ହ୍ୟୁମାନ ସଂଗଠନ ଉପଦେଷ୍ଟା ସୋମନାଥ ମିଶ୍ର, ଯୁବନେତା ବିଶ୍ୱଜିତ ପାତ୍ର, କୁନା ସାହୁ, ବୁଦ୍ଧଦେବ ପରୁଆ, ଏଏପି ଜିଲା ସଭାପତି ଆଶିଷ କୁମାର ପାଣ୍ଡେ, ଅନ୍ତର୍ଯ୍ୟାମୀ ଭୋଇ, ଅସିତ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

#### ଚଣ୍ଡୀଗଡ଼ରେ ଅସୁସ୍ଥ ହେବା ପରେ ମୃତ୍ୟୁ ଘଟିଥିଲା

କଟାପାଲିର ଜଗନ୍ନାଥ ତ୍ରିପାଠୀ ଓ ଯାଜ୍ଞସେନୀ ତ୍ରିପାଠୀଙ୍କ ଏକମାତ୍ର ପୁତ୍ର ସୁଧିର ଗତ ୧୮ ବର୍ଷ ଧରି ସେନାରେ କାର୍ଯ୍ୟ କରି ଆସୁଥିଲେ। ଯବାନଙ୍କ ସ୍ତ୍ରୀ ଆରତୀ ତ୍ରିପାଠୀ, ଆଠବର୍ଷର ଝିଅ ଓ ଚାରିବର୍ଷର ପୁଅ ଅଛନ୍ତି।



ଯବାନଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଉଛି।

# ୫-ଟି ସଚିବଙ୍କ ଗସ୍ତକୁ ଭାଜପାର ବିରୋଧ

ଲୋଇସିଂହା, ୭।୮ (ସୁଶାନ୍ତ ବାରିକ)

ସୋମବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ଲୋଇସିଂହା ଗସ୍ତ କରିଥିଲେ। ଏହାକୁ ପୂର୍ବ ନିଷ୍ପତ୍ତି ଅନୁସାରେ ଲୋଇସିଂହା ନିର୍ବାଚନ ମଣ୍ଡଳି ଭାଜପା ପକ୍ଷରୁ ବିରୋଧ କରାଯାଇଥିଲା। ଲୋଇସିଂହା ବ୍ଲକଛକରେ ପୂର୍ବତନ ମଣ୍ଡଳ ସଭାପତି ଜ୍ୟୋତିର୍ମୟ ରାଉତଙ୍କ ଅଧ୍ୟକ୍ଷତାରେ ଧାରଣା ଦେଇଥିଲେ ଭାଜପା କର୍ମୀ। ଆଗଲପୁର ମଣ୍ଡଳ ସଭାପତି ଉମେଶ ପଟେଲ, ସୁଦୀପ ସା, ଲେକୁ ତ୍ରିପାଠୀ, ପୁଇଁତଳା ବ୍ଲକର ୧୭, ୧୮ ଓ ୧୯ ଜୋନର ମଣ୍ଡଳ ସଭାପତିଙ୍କ ସମେତ ବହୁ କର୍ମୀ ଏଥିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଜିଲା ଭାଜପା ସମ୍ପାଦକ ଭୂତନାଥ ନାଏକ। ପ୍ରତିବାଦସ୍ଥଳରେ କଳା ପୋଷାକ ପରିଧାନ କରି ପ୍ରତିବାଦକାରୀ କଳା ପତାକା, କଳାବେଲୁନ ଉଡାଇ ୫-ଟି ସଚିବଙ୍କ ଗସ୍ତକୁ ସେମାନେ ବିରୋଧ କରିଥିଲେ। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା କୌଣସି ମନ୍ତ୍ରୀ ଆସିଲେ ଯେପରି ଆୟୋଜନ କରାଯାଇଥାଏ ଜଣେ ୫-ଟି ସଚିବଙ୍କ ପାଇଁ ସେପରି ବ୍ୟବସ୍ଥା କ'ଣ ପାଇଁ ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଥିଲା।





ଲୋଇସିଂହା ବ୍ଲକ ଛକରେ ଭାଜପା ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଉଛି।

# ଉପଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

ଟିଟିଲାଗଡ଼, ୭।୮ (ଶରତ ମିଶ୍ର)

#### ମଧ୍ୟାହ୍ନଭୋଜନରେ ପୋକ ବାହାରିବା ପରେ ଉପାସ ରହିଥିଲେ ପିଲା

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ମନିଗାଁ ପଞ୍ଚାୟତ ଅନ୍ତର୍ଗତ ଭୁସଲାଡ ପ୍ରାଥମିକ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୋମବାର ଉପଜିଲାପାଳଙ୍କଠାରେ ଦାବି କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଶନିବାର ମଧ୍ୟାହ୍ନ ଭୋଜନରେ ଛାତ୍ରୀଛାତ୍ରଙ୍କୁ କେବଳ ଭାତ ଓ ଶୁଖିଲା ଆଳୁଭଜା ସହ ତେନ୍ତୁଳି ଝୋଳ ଦିଆଯାଇଥିଲା। ୱାର୍ଡେନଙ୍କୁ ଡାଲି ଦେବାକୁ କହିବାରୁ ୱାର୍ଡେନ ପୋକ ଭାସୁଥିବା ଡାଲି ଆଣି ଭାତ ଉପରେ ଦେଇଥିଲେ। ଏହି ଖାଦ୍ୟ ଧରି ଛାତ୍ରୀଛାତ୍ରମାନେ ପ୍ରଧାନଶିକ୍ଷକ ବିଶାମିତ୍ର ମିଶ୍ରଙ୍କୁ ଦେଖାଇ ଖାଦ୍ୟ ନିମ୍ନ ମାନର ଥିବା ଅଭିଯୋଗ କରିଥିଲେ। ସ୍ଥାନୀୟ ସରପଞ୍ଚ ମାଧୁରୀ ଖର୍ସେଲ ଘଟଣା ସମ୍ପର୍କରେ ଖବର ପାଇ ସ୍କୁଲ କମିଟି ସଭାପତି ଜିତେନ୍ଦ୍ର ବନଛୋର, ସଭ୍ୟ ରୋମାନ ବନଛୋର, ବିଷ୍ଣୁ ବନଛୋର, ଭାମା ବନଛୋର ପ୍ରମୁଖ ସ୍କୁଲରେ ପହଞ୍ଚି ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ଘଟଣାକୁ ହାଲୁକା ଭାବରେ ନେବା ସହ ଏମଡ଼ିଏମ ଚାଉଳ, ଡାଲି ଜଣେ ଠିକାଦାରଙ୍କ ମାଧମରେ ସ୍କୁଲକୁ ଆସୁଥିବା କହିଥିଲେ। ସ୍କୁଲରେ ପନିପରିବା, କାଠ ଓ ଗ୍ୟାସ ଆଦି ସଂଗ୍ରହ କରି ସେ ୱାର୍ଡେନଙ୍କୁ ଯୋଗାଉଥିବା କହିଥିଲେ। ତେବେ ଏଥିଯୋଗୁ ଛାତ୍ରୀଛାତ୍ରମାନେ ସ୍କୁଲ ଛୁଟି ହେବା ପର୍ଯ୍ୟନ୍ତ ଭୋକରେ ରହି ଘରକୁ ଫେରିଥିଲେ।

# ବୁଢିବାହାଲ ବିଦ୍ୟାଳୟରେ ତିନିଦିନ ହେଲା ତାଲା

ଖପ୍ରାଖୋଲ, ୭।୮ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ ଅନ୍ତର୍ଗତ ବୁଢିବାହାଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ପ୍ରତିବାଦ ବିଦ୍ୟାଳୟ ଫାଟକରେ ତାଲା ପକାଇଛନ୍ତି ଅଭିଭାବକ ଓ ଗ୍ରାମବାସୀ। ଚାରି ଦିନ ହେଲା ବିଦ୍ୟାଳୟରେ ତାଲା ପଡ଼ିଥିବାରୁ ଶିକ୍ଷକମାନେ ଗାଁ ପ୍ରହରୀ ମଣ୍ଡପରେ ପିଲାଙ୍କୁ ପାଠ ପଢ଼ାଉଥିବା ଦେଖିବାକୁ ମିଳିଛି। ଅଭିଭାବକଙ୍କ ଅଭିଯୋଗ ଅନୁସାରେ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୨୦୪ ଛାତ୍ରୀଛାତ୍ର ଅଛନ୍ତି। ଜଣେ ପିଇଟି ଶିକ୍ଷକଙ୍କ ସହ ୮ ଜଣ ଶିକ୍ଷକ ଥିବା ବେଳେ ସପ୍ତାହେ ହେଲା ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଛି। ଶିକ୍ଷକ ବଦଳି ପ୍ରତିବାଦରେ ଅଭିଭାବକ ଶିକ୍ଷା ବିଭାଗକୁ ଜଣାଇଥିଲେ ବି କିଛି ପଦକ୍ଷେପ ନ ନେବାରୁ ତାଲା ପକାଇଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ ପଟେଲ ପ୍ରକାଶ କରିଛନ୍ତି। ଏନେଇ ବ୍ଲକ ସହ ଶିକ୍ଷା ଅଧିକାରୀ ମିନିକେତନ ବରିହାଙ୍କୁ ପଚାରିବାରୁ ଜଣେ ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଦିଆଯିବା ପରେ ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଛି ବୋଲି କହିଛନ୍ତି। ଅପରପକ୍ଷରେ ଶିକ୍ଷକ ଯୋଗାଇ ଦିଆ ନ ଯିବା ଯାଏ ଆନ୍ଦୋଳନ ଯାରି ରହିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ୫-ଟି ସଚିବଙ୍କୁ କଂଗ୍ରେସର ବିରୋଧ





ବଲାଙ୍ଗୀର ପାଟଣା ହୋଟେଲ ଛକରେ ପ୍ରତିବାଦ କରୁଥିବା କଂଗ୍ରେସ କର୍ମୀଙ୍କୁ ପୋଲିସ ଅଟକାଉଛି।

ବଲାଙ୍ଗୀର, ୭।୮ (ବୀରେନ୍ଦ୍ର କୁମାର ଝାଙ୍କର)

୫-ଟି ସଚିବ ଭି.କେ.ପାଣ୍ଡିଆନ ସୋମବାର ସକାଳ ପ୍ରାୟ ସାଢ଼େ ୭ଟାରେ ସମଲେଶ୍ୱରୀ ମନ୍ଦିର ପରିଦର୍ଶନରେ ଯାଇଥିଲେ। ଭାଗିରଥି ଛକ, ଜିଲାପାଳ ଅଫିସ, ପାଟଣା ହୋଟେଲ ଛକ ଦେଇ ମୁଖ୍ୟରାସ୍ତାରେ ସେ ଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ସକାଳ ପ୍ରାୟ ୭ଟାରୁ ପ୍ଲାକାର୍ଡ ଧରି ଏବଂ ମୁହଁରେ କଳା କନା ବାନ୍ଧି ପାଟଣା ହୋଟେଲ ଛକରେ ରୁଣ୍ଡ ହୋଇଥିଲେ। ପୁରୁଖା କଂଗ୍ରେସ କର୍ମୀଙ୍କୁ ବହୁ ସଂଖ୍ୟକ ପୋଲିସ ଜଗିଥିଲେ ମଧ୍ୟ ସେଠାରେ ଅପ୍ରୀତିକର ସ୍ଥିତି ଉପୁଜିବା ଆଶଙ୍କା ସୃଷ୍ଟି ହୋଇଥିଲା। କଂଗ୍ରେସ କର୍ମୀମାନେ ସେଠାରେ ପ୍ରଥମେ ମୌନ ପ୍ରତିବାଦରେ ଠିଆ ହୋଇଥିଲେ। ତେବେ ପୋଲିସ ୫-ଟି ସଚିବଙ୍କ ରୁଟ୍ ପରିବର୍ତ୍ତନ କରି ଅନ୍ୟରାସ୍ତାରେ ତାଙ୍କୁ ସମଲେଶ୍ୱରୀ ମନ୍ଦିରକୁ ନେଇଥିଲେ। ଏହା ଜାଣିବା ପରେ କଂଗ୍ରେସ କର୍ମୀମାନେ ସମଲେଶ୍ୱରୀ ମନ୍ଦିର ପଟକୁ ଯିବାକୁ ଉଦ୍ୟମ କରିଥିଲେ। ତେବେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହାପରେ କଂଗ୍ରେସ କର୍ମୀମାନେ ଗଣତନ୍ତ୍ର ବଞ୍ଚାଅ ନାରା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏବଂ ପାଣ୍ଡିଆନ୍‌ଙ୍କ ବିରୋଧରେ ବି ନାରାବାଜି କରିଥିଲେ। ତେବେ କଂଗ୍ରେସ କର୍ମୀମାନେ କିଛି କରିବା ପୂର୍ବରୁ ସଚିବ ପାଣ୍ଡିଆନ୍ ମନ୍ଦିରରୁ କୋଶଳ କଳା ମଣ୍ଡଳ ପଡିଆକୁ ଯାଇସାରିଥିଲେ। ପୋଲିସ ବଳ ପ୍ରୟୋଗ କରି ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି ଜିଲା କଂଗ୍ରେସ ସଭାପତି ବେହେରା ଗଣମାଧ୍ୟମକୁ କହିଥିଲେ।

ସନ୍ଧ୍ୟାରେ ଛାତ୍ର କଂଗ୍ରେସ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଛାତ୍ର କଂଗ୍ରେସ ଜିଲା ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀ କରାଯାଇ ରବିବାର ପାଣ୍ଡିଆନ୍‌ଙ୍କ ଗସ୍ତ ପରିପ୍ରେକ୍ଷୀରେ ୧୦ ଛାତ୍ର ଅଟକ ଘଟଣାକୁ ସମାଲୋଚନା କରାଯାଇଥିଲା। ୫-ଟି ସଚିବ ସରକାରୀ ଅର୍ଥରେ ବିଜେଡି ଦଳର ପ୍ରଚାର କରିବାକୁ ଆସୁଥିବା ସେମାନେ ଅଭିଯୋଗ କରିଥିଲେ। ଏହି ଅବସରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ୧୨୬ ପ୍ରଫେସର ପଦବୀରୁ ମାତ୍ର ୨୦ଟି ପଦବୀରେ ପ୍ରଫେସର ଅଛନ୍ତି ଏବଂ ୧୦୬ଟି ପଦବୀ ଖାଲି ପଡିଛି । ଏଣୁ ଗୁଣାତ୍ମକ ଶିକ୍ଷା ଛାତ୍ରୀଛାତ ପାଇବେ କିପରି ବୋଲି ପ୍ରଶ୍ନ କରାଯାଇଥିଲା। ଯେଉଁ ଛାତ୍ରମାନେ ପ୍ରଶ୍ନ କରୁଛନ୍ତି ତାଙ୍କୁ ଅଟକ ରଖାଯାଉଛି ବୋଲି ସେ କହିଥିଲେ।

# ଖୋଲା ଆକାଶତଳେ ଚାଲିଛି ପ୍ରି-ସ୍କୁଲ

ଦେଓଗାଁ, ୭।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତର ଲୁହୁରେନପାଲି ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ର କୋଠା ଅସୁରକ୍ଷିତ ଅବସ୍ଥାରେ ରହିଛି। ଫଳରେ କୋମଳମତି ଶିଶୁ କୋଠା ବାହାରେ ଖୋଲା ଆକାଶ ତଳେ ଅସୁରକ୍ଷିତ ଭାବେ ପ୍ରିକ୍ଲାସ କରୁଛନ୍ତି। ଅସୁରକ୍ଷିତ ଅଙ୍ଗନୱାଡି କୋଠା ସମ୍ପର୍କରେ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କଠୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଅବଗତ କରିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ବାଧହୋଇ ଶିଶୁଙ୍କ ସୁରକ୍ଷା ଦୃଷ୍ଟିରୁ କୋଠା ବାହାରେ ଖୋଲାଆକାଶ ତଳେ ପ୍ରିକ୍ଲାସ କରିବାସହ ରନ୍ଧାଖାଦ୍ୟ ଦେଉଛନ୍ତି। ଏ ବିଷୟରେ ସିଡିପିଓ ସୁକାନ୍ତୀ ବେହେରାଙ୍କୁ ପଚାରିବାରୁ କୋଠା ନଷ୍ଟ ହୋଇଯାଇଥିବାରୁ ଏବଂ ପାଣି ଗଳୁଥିବାରୁ ଭିତରେ ପିଲାଙ୍କୁ ବସାଇ ହେଉନାହିଁ। ଏ ଦିଗରେ ଜିଲାପାଳ ଦୃଷ୍ଟିଦେଇ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବିଜଣାଇଛନ୍ତି।



ଲୁହୁରେନପାଲିରେ ଶିଶୁମାନେ ବାହାରେ ପ୍ରି-କ୍ଲାସ କରୁଛନ୍ତି।

# ଜମି ନାହିଁ, ଅଟକି ରହିଛି ପ୍ରଧାନମନ୍ତ୍ରୀ ଆବାସ

- ଦୁର୍ଦ୍ଦଶାରେ ୨୩ ଆଦିବାସୀ ଖଇରା ଉପଜାତି ପରିବାର
- ଖୁବ୍‌ଶୀଘ୍ର ଘରଡିହ ଯୋଗାଇ ଦିଆଯିବ: ଆର.ଆଇ.

ଲାଠୋର, ୭।୮ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗାଁ ଲାଠୋର ଖଇରା ପଡ଼ାରେ ବସବାସ କରୁଛନ୍ତି ଆଦିବାସୀ ଖଇରା ଉପଜାତିର ଲୋକେ। ଦରିଦ୍ର ସୀମାରେଖା ତଳେ ବସବାସ କରୁଥିବା ଏହି ସମ୍ପ୍ରଦାୟର କେତେଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଆବଣ୍ଟିତ ହୋଇଛି। ହେଲେ ସେମାନେ ଭୂମିହୀନ ହୋଇଥିବାରୁ କାର୍ଯ୍ୟାଦେଶ ଦିଆଯାଇ ପାରୁ ନାହିଁ, ହୋଲ୍ଡ ହୋଇ ପଡ଼ିରହିଛି। ଫଳରେ ସେମାନେ ନାନା ସମସ୍ୟା ମଧରେ ମାଟି ଖପର ଘରେ ବସବାସ କରୁଛନ୍ତି।

୧୯୫୩ ମସିହାରେ ଲାଠୋର ଗ୍ରାମରେ ବେଙ୍ଗଲ ପେପର ମିଲ ନାମକ ଏକ କମ୍ପାନୀ ଆରମ୍ଭ ହେବାପରେ ଖଇରା ସମ୍ପ୍ରଦାୟର ଲୋକେ ବୌଦ୍ଧ-କନ୍ଧମାଳ ଅଞ୍ଚଳରୁ ଏଠାକୁ ଆସି କମ୍ପାନୀରେ କାମ କରୁଥିଲେ। ୧୯୮୩ ମସିହାରେ କମ୍ପାନୀ ବନ୍ଦ ହେବା ପରେ ପ୍ରାୟ ୭୦ ପରିବାର ଲାଠୋର ଗାଁମୁଣ୍ଡରେ ଥିବା କମ୍ପାନୀ ଜମିରେ ରହିବା ପରେ କରି ତାର ନାମକରଣ ଖଇରାପଡ଼ା କରିଛନ୍ତି। ସମ୍ପତି କିଛି ନଥିବା ହେତୁ ସେମାନେ ଦାଦନ ଖଟିଯିବା, ଜଙ୍ଗଲରୁ ଶାଳ ପତ୍ର ଏବଂ ଶୁଖିଲା କାଠ ସଂଗ୍ରହ କରି ତାକୁ ବିକ୍ରୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ୭୦ ପରିବାର ମଧ୍ୟରୁ ୪ରୁ ୬ ପରିବାର ସରକାରୀ ବସଗୃହ ପାଇ ରହିଛନ୍ତି। ବଳକା ୬୪ ପରିବାର ଆଜି ମଧ ତାଙ୍କ ପରିବାର ବର୍ଗଙ୍କୁ ନେଇ ମାଟି ଖପର ଘରେ ରହୁଛନ୍ତି। ସେଥି ମଧ୍ୟରୁ ପାନ ଭୋଇ, ଭାନୁ ଭୋଇ, ଦଶମତି ଭୋଇ, ତୁଳା ଭୋଇ, ବୁଇ ଭୋଇ, ରଏବାରି ଭୋଇ, ସୁଲୋଚନା ଭୋଇ, ସୁମିତ୍ରା ଭୋଇ ପ୍ରମୁଖ ୨୩ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ହେଲେ ସେମାନଙ୍କ ପାଖରେ ଘର ଡ଼ିହ ପଟ୍ଟ ନଥିବା ଯୋଗୁ ଆବାସ ଗୃହ ହୋଲ୍ଡ ହୋଇ ପଡ଼ିରହିଛି। ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଳଙ୍କୁ ପଚାରବାରୁ ଯେଉଁମାନଙ୍କ ପାଖରେ ଘର ଡ଼ିହ ପଟ୍ଟା ନାହିଁ ତାଙ୍କୁ ସରକାର ପ୍ରଦାନ ପରେ ପ୍ରଥମ କିସ୍ତି ଜମା କରାଯିବ ବୋଲି କହିଛନ୍ତି। ରାଜସ୍ୱ ନିରୀକ୍ଷକ ଇନ୍ଦ୍ରଦ୍ୟୁମ୍ନ ନାଏକ କହୁଛନ୍ତି ଖଇରା ସମ୍ପ୍ରଦାୟର ସମ୍ପୃକ୍ତ ପରିବାର ବର୍ଗଙ୍କଠାରୁ ଆମେ ତଥ୍ୟ ସଂଗ୍ରହ କରି ତହସିଲ କାର୍ଯ୍ୟାଳୟକୁ ପଠାଇ ସାରିଛୁ। ସେମାନଙ୍କୁ ଲାଠୋର ତଥା ଫୁଲଝରରେ ସରକାରୀ ଭାବେ ଘର ଡ଼ିହ ପ୍ରଦାନ କରାଯିବ ବୋଲି କହିଛନ୍ତି।



ଲାଠୋର ଖଇରାପଡ଼ା ଗାଁ।

**ସ୍ୱାଧୀନତା ଦିବସ ପାଇଁ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା**

ବରପାଲି (ଚିତ୍ତରଞ୍ଜନ ସାହୁ): ସ୍ୱାଧୀନତା ଦିବସ ପାଇଁ ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ସୋମବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବାଲକିଶୋର ଖାଡଙ୍ଗା, ଅଧାପକ ଉତ୍ତର କୁମାର ଗଡତିଆ, ଅଧାପକ ଧୀରୋଜ କୁମାର ତ୍ରିପାଠୀ ବିଚାରକ ଭାବେ ଉପସ୍ଥିତ ଥିଲେ। ଅତିରିକ୍ତ ତହସିଲଦାର ଅର୍ଜୁନ ମାଝି, ବିଇଓ ମକୁନ୍ଦ ମାହାର, ଅତିରିକ୍ତ ବିଇଓ ରତ୍ନକୁମାର ଭୋଇ, ଶିକ୍ଷୟିତ୍ରୀ ନିବେଦିତା ସାହୁ, ଶିକ୍ଷକ ସଞ୍ଜୟ ସାହୁ ତଥା ଆୟୋଜନ କମିଟି ମୁଖ୍ୟ ଚିତ୍ତରଞ୍ଜନ ସାହୁ ଓ ଅଧାପକ ଅଲେଖ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗାଁ ପାଖରେ ବୁଲୁଛି ଜଙ୍ଗଲୀ ହାତୀ

ପାଇକମାଲ,୭।୮ (ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ଚେରଙ୍ଗାଖାଞ୍ଜି ଗାଁ ପାଖରେ ସୋମବାର ସକାଳେ ଗୋଟିଏ ଜଙ୍ଗଲୀ ହାତୀ ବୁଲୁଛି। ରବିବାର ରାତିରେ ଜାମସେଠ ଗ୍ରାମର କିଛି ଚାଷୀଙ୍କ ଜମିରେ ହାତୀ ପାଦଚିହ୍ନ ପଡିଥିବା ଦେଖିବାକୁ ମିଳିଛି। ଏଣୁ ହାତୀ ଜାମସେଠରୁ ଯାଇ ଚେରଙ୍ଗାଖାଞ୍ଜି ଗାଁ ପାଖରେ ଛପିଥିବା ନେଇ ବନ ବିଭାଗ କର୍ମଚାରୀ ସନ୍ଦେହ କରୁଛନ୍ତି। ବନ ବିଭାଗ ରେଞ୍ଜର ରାଜେନ୍ଦ୍ର କୁମାର ଭୋଇ ଓ କର୍ମଚାରୀମାନେ ଜଗି ରହିଛନ୍ତି । ହାତୀ ଆସିବା ନେଇ ବନ ବିଭାଗ ଗ୍ରାମବାସୀଙ୍କୁ ସତର୍କ କରାଇଛି ଓ ଘରୁ ନ ବାହାରିବା ପାଇଁ କହିଛି। ହାତୀ ଆସିବାକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇ ପଡିଛନ୍ତି। ହାତୀଟି ସନ୍ଧ୍ୟା ସମୟରେ ବାହାରିପାରେ ବୋଲି ନୃସିଂହନାଥ ରେଞ୍ଜର ରାଜେନ୍ଦ୍ର କୁମାର ଭୋଇ ଜଣାଇବା ସହ ଘଉଡାଇବା ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି।

### ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

ଭେଡେନ,୭।୮ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡେନ ବ୍ଲକ ଖୁଣ୍ଟଲିପାଲି ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମର ୬ଷ୍ଠ ସୋପାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଚାର୍ଯ୍ୟ ଭୋଜରାଜ ଦୁଆନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଝିଲିମିଣ୍ଡା ଶିଶୁ ମନ୍ଦିରର ପ୍ରଧାନଚାର୍ଯ୍ୟ ମୁକୁନ୍ଦ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କାର ଓ ଚରିତ୍ର ନିର୍ମାଣ ବିଷୟରେ ଆଲୋକପାତ କରିଥିଲେ। ଗୁରୁମା ଜ୍ୟୋତ୍ସ୍ନାରାଣୀ ନାୟକ ସୋପାନ ଗୀତ ପରିବେଷଣ କରିଥିବା ବେଳେ ଶିଶୁ ବାଟିକା ପ୍ରମୁଖ ପଦ୍ମିନୀ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

### ଜରି ଗୋଟାଲିଙ୍କୁ ବାନ୍ଧିଲା ପୋଲିସ

ପାଇକମାଲ,୭।୮ (ବଡ ଶତପଥି)

ବରଗଡ ଜିଲା ପାଇକମାଲ ଅଞ୍ଚଳରେ ମୋଟର ପମ୍ପର ଚୋରି ଅଭିଯୋଗରେ ପୋଲିସ ଜଣେ ଜରି ଗୋଟାଲିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପରଦେଶୀ ଘୋଗିଆ (୨୭)। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏନେଇ ପିକମାଳ ଥାନାରେ ଏକ ମାମଲା (ନଂ.୧୮୧/୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ପାଇକମାଳର ହାପିଜ ଅକତରଙ୍କ ଘରୁ ଏକ ପାଣି ମୋଟର ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପାଇକମାଳ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଥିଲା।

### ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ

ଝାରବନ୍ଧ,୭।୮ (ଦେବେନ୍ଦ୍ର ସାହୁ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ଝାରବନ୍ଧ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ସୋମବାର ବ୍ଲକ ଶିକ୍ଷାଧିକାରୀ ଶୁଭମ କୁମାର ପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସରକାର ଶିକ୍ଷକମାନଙ୍କୁ ଅବହେଳିତ କରୁଥିବା ସଂଘ ଅଭିଯୋଗ ଆଣିଛି। ଆସନ୍ତା ୧୬ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସାମୂହିକ ଛୁଟିରେ ଯିବା ପାଇଁ ଦାବିପତ୍ରରେ ଚେତାବନୀ ଦିଆଯାଇଛି। ସଂଘର ବିଷ୍ଣୁ ପ୍ରସାଦ ସାହୁ, କ୍ଷୀରସାଗର ନାଏକ, ଦିବ୍ୟ କିଶୋର ପାଣ୍ଡେ, ଜଗଦୀଶ ସେଠ, ବିରଞ୍ଚି ନାଏକ, ସଚ୍ଚିଦାନନ୍ଦ ଡନସନା, ଅନିରୁଦ୍ଧ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### କଳାବ୍ୟାଜ୍ ପରିଧାନ କଲେ ପଞ୍ଚାୟତ ଇଓ

ଝାରବନ୍ଧ,୭।୮ (ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ କଳାବ୍ୟାଜ୍ ପରିଧାନ କରି ଦୁଇ ଦଫା ଦାବି କରିଛନ୍ତି। ନିଖିଳ ଉତ୍କଳ ପଞ୍ଚାୟତ ଅଧିକାରୀ ଓଡିଶା ସଂଘର ଆହ୍ୱାନ କ୍ରମେ ସୋମବାର ସେମାନେ ବ୍ଲକ ସମ୍ମୁଖରେ ଏହି ଦାବି ଜଣାଇଛନ୍ତି। ଝାରବନ୍ଧ ବ୍ଲକ ସଂଘ ସଭାପତି ଅରୁଣ କୁମାର ଭୋଇ ଏବଂ ସମ୍ପାଦକ ବାସୁଦେବ ପ୍ରଧାନଙ୍କ ନେତୃତ୍ୱରେ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ୨ରୁ ଯୁକ୍ତ ୩ କରିବା ସହ ଦରମା ବୃଦ୍ଧି ଏବଂ ୧୦ ବର୍ଷ କାର୍ଯ୍ୟକାଳ ପୂରଣ କରିଥିବା ଅଧିକାରୀମାନଙ୍କୁ ପଦୋନ୍ନତି ଦେବା ଦାବି କରାଯାଇଛି। ୧୭ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନ ଆଗକୁ ନିଆଯିବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି।




ସୋମବାର ବରଗଡ଼ ଭାରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ ସଂସ୍ଥାନ ପକ୍ଷରୁ ଆୟୋଜିତ ଜାତୀୟ ହସ୍ତତନ୍ତ ଦିବସରେ ଫ୍ୟାଶନ ଶୋ କରାଯାଇଛି ।

# ହସ୍ତତନ୍ତ ଦିବସରେ ଫ୍ୟାଶନ ଶୋ'

ବରଗଡ଼,୭।୮ (ପ୍ରେମାନନ୍ଦ ଖମାରୀ)

ଭାରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ ସଂସ୍ଥାନ, ବରଗଡ଼ରେ ସୋମବାର ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଛି। ସଂସ୍ଥାନର ନିର୍ଦ୍ଦେଶକ ଏମ. ଆନନ୍ଦନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱଦେଶୀ ହସ୍ତତନ୍ତ ଦ୍ୱାରା ନିର୍ମିତ ବସ୍ତ୍ର କୁଟୀର ଶିଳ୍ପର ଏକ ପ୍ରମୁଖ ଅଂଶବିଶେଷ, ଏହାର ସାମୁହିକ ବ୍ୟବହାର ଅଞ୍ଚଳର ଆର୍ଥିକ ଉନ୍ନତି ଓ ବିକାଶର ଏକ ଅପୂର୍ବ ଅବସର ସୃଷ୍ଟି କରେ ବୋଲି ଆନନ୍ଦନ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଫ୍ୟାଶନ ଡିଜାଇନ, ଫ୍ୟାଶନ କଲାଜ୍, ପେଣ୍ଟିଂ, ପାରମ୍ପରିକ ନାଚ, ବସ୍ତ୍ର ଅଲଙ୍କୃତୀକରଣ ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ବସ୍ତ୍ର ପରିଧାନ କରି ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାମ୍ ଶୋ ଅର୍ଥାତ୍ ଫ୍ୟାଶନ ଶୋ ହୋଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ବୁଣାକାର ରାଧେଶ୍ୟାମ ମେହେର, ସୁରେଶ ଗୁଇଁ, ସେବତୀ ଗୁଇଁ, ଛବିଳ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ଦେବେନ୍ଦ୍ର କୁମାର ଯାଦବ, ଅରବିନ୍ଦ କୁମାର, ରାଜେନ୍ଦ୍ର ସିକନ୍ଦର, ଦେଶ ଦୀପକ ଦୁବେ, ବିନୋଦ କୁମାର ଅର୍ଯ୍ୟା, ଦିଲୀପ ମେହେର, ସ୍ନିଗ୍ଧା ମିଶ୍ର, ଦୀପକ ସରାଫ, ପବିତ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଭାସ୍ୱତୀ ଦାଶ, ଅଭିଷେକ ପାତ୍ର, ଅଙ୍କିତ ଥାଇଟ, ଲୋକନାଥ ଭଞ୍ଜ, ପ୍ରତୀକ ପାଉନିକର, ବିଶ୍ୱଜିତ ପାଣିଗ୍ରାହୀ, ବିଶ୍ୱଜିତ ଘଡ଼େଇ, ରୋହନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦିବାସୀ ଏକତା ମଞ୍ଚର ସ୍ମାରକପତ୍ର ପ୍ରଦାନ

ବରଗଡ଼,୭।୮ (ପ୍ରେମାନନ୍ଦ ଖମାରୀ)

ଦେଶରେ ଆଦିବାସୀଙ୍କ ଉପରେ ଅତ୍ୟାଚାର, ନିର୍ଯାତନା ବଢ଼ି ଚାଲିଛି। ଏଭଳି ଅଭିଯୋଗ କରି ସୋମବାର ରାଷ୍ଟ୍ରୀୟ ଆଦିବାସୀ ଏକତା ମଞ୍ଚ, ବରଗଡ଼ ଜିଲାର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅଫିସକୁ ଆସି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଆଦିବାସୀଙ୍କ ହକ୍, ଅଧିକାର ସହିତ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ସେହିପରି ମଣିପୁର ହିଂସାକୁ ନେଇ ଏକତା ମଞ୍ଚ ଉଦ୍‌ବେଗ ପ୍ରକାଶ କରିଛି। ସେଠାରେ ଆଦିବାସୀଙ୍କ ଉପରେ ଅକଥନୀୟ ନିର୍ଯାତନା ଚାଲିଥିବା ସତ୍ତ୍ୱେ ସରକାର ନିର୍ବିକାର ରହିଥିବା ମଞ୍ଚ ଅଭିଯୋଗ କରିଛି। ଏଭଳିସ୍ଥଳେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ନିବେଦନ କରାଯାଇଛି।



ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

ସେହିପରି ସରକାର ଆଣୁଥିବା ୟୁସିସି ବିଲ୍‌ରେ ଆଦିବାସୀଙ୍କ ଅଧିକାର ହନନ ହେଉଥିବା ଏବଂ ଜଙ୍ଗଲ ଜମି ଅଧିକାର ଆଇନକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ କରାଯାଇଛି। ବରଗଡ଼ ଜିଲା ଆଦିବାସୀ ସଂଘ ସଭାପତି ସୁରେଖା ଭୁଏ, ଏସ୍‌ସି, ଏସଟି, ଓବିସି ଏକତା ମଞ୍ଚର ମନୋଜ କଲେତ, ସମ୍ବିଧାନ ସଚେତନତା ମଞ୍ଚର ଶଙ୍କର ସୁନା, ବହୁଜନ ମିଳିତ ମଞ୍ଚର ବାଳକିଶୋର ଛତର, ଆମ୍ବେଦକର ସେବା ସମିତିର ଗଙ୍ଗାଧର ବିଭାର, ଦଳିତ ଉନ୍ନୟନ ସଙ୍ଗଠନର ବିରେନ ମହାନନ୍ଦ, ପ୍ରଦୀପ ଦୀପ, ନୃପରାଜ ଲୁହା, ମନ୍ଦାକିନୀ ମଲ୍ଲିକ, ସୁରେନ୍ଦ୍ର ସୁନା, ରମାକାନ୍ତ ସାଗର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଅସହାୟ ଅବସ୍ଥାରେ ମହିଳା ଉଦ୍ଧାର

ବରଗଡ଼,୭।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ବରାହଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ଇନ୍ଦିରା କଲୋନୀରୁ ଜଣେ ଅସହାୟ ମହିଳାଙ୍କୁ ସୋମବାର ଉଦ୍ଧାର କରାଯାଇଛି। ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ସଙ୍କଟାପନ୍ନ ଅବସ୍ଥାରେ ଉକ୍ତ ମହିଳାଙ୍କୁ ଉଦ୍ଧାର କରିଥିଲେ। ସେ କିଛି ସ୍ପଷ୍ଟ ଭାବେ କହି ପାରୁ ନ ଥିବାବେଳେ ତାଙ୍କ ନାମ ରେଣୁକା ବୋଲି ପ୍ରକାଶ କରିଛନ୍ତି। ଉଦ୍ଧାର ମହିଳାଙ୍କୁ ବରଗଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ବରାହଗୋଡ଼ା ଗ୍ରାମର ଅର୍ଜୁନ ସାହୁ ଅସହାୟ ମହିଳାଙ୍କ ସମ୍ପର୍କରେ ନିଷ୍ଠା ପରିବାରକୁ ସୂଚନା ଦେଇଥିଲେ। ଖବର ପାଇ ଅନୁଷ୍ଠାନର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ଆଶିଷ କର, ଲିଙ୍ଗରାଜ ସାହୁ ପ୍ରମୁଖ ଇନ୍ଦିରା କଲୋନୀକୁ ପହଞ୍ଚି ସେଠାରୁ ମହିଳାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ଆଣିଥିଲେ। ଏ ସମ୍ପର୍କରେ ନିଷ୍ଠା ପରିବାର ପକ୍ଷରୁ ଡାକ୍ତରଖାନା ପରିସରରେ ରହିଥିବା ସାକ୍ଷୀ ସେଣ୍ଟରର ଗାୟତ୍ରୀ ମିଶ୍ରଙ୍କୁ ଅବଗତ କରାଯାଇଥିଲା। ସାକ୍ଷୀ ସେଣ୍ଟରରେ କାର୍ଯ୍ୟରତ ସ୍ୱର୍ଣ୍ଣକାନ୍ତୀ ସିଂ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ଏହାପରେ ପୋଲିସ ଉପସ୍ଥିତିରେ ତାଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା ବୋଲି ନିଷ୍ଠା ପରିବାର ପକ୍ଷରୁ ସୂଚନା ଦିଆଯାଇଛି।



ଉଦ୍ଧାର ମହିଳାଙ୍କୁ ଡାକ୍ତରଖାନା ଅଣାଯାଇଛି ।

# ନର୍ସିଂ କଲେଜରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ



ବିକାଶ ନର୍ସିଂ କଲେଜରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ।

ବରଗଡ଼,୭।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ନର୍ସିଂ କଲେଜରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୋଷ୍ଟର, ରଙ୍ଗୋଲି, କୁଇଜ୍, ନାଟକ ପ୍ରତିଯୋଗିତା କରାଯାଇଥିଲା। ସୋମବାର ନର୍ସିଂ କଲେଜ ଅଧ୍ୟକ୍ଷା ୱାଇ. ଡି. ଷ୍ଟେଲା ଏବଂ ଉପାଧ୍ୟକ୍ଷା ଦୀପାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନରେ ସଚେତନତା ଶୋଭାଯାତ୍ରା ହୋଇଥିଲା। ପଥପ୍ରାନ୍ତ ନାଟକ ମାଧ୍ୟମରେ ଛାତ୍ରୀଛାତ୍ର ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉପରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, କିଶୋରୀ ନର୍ସିଂହୋମ୍‌ର ନିର୍ଦ୍ଦେଶକ ସାଇ ସୁମିରନ ତ୍ରିପାଠୀ, ଡା. ପ୍ୟାରିଲାଲ ତ୍ରିପାଠୀ, ଶିଶୁରୋଗ ବିଶେଷଜ୍ଞ ଡା. ତାପସ ବଇକାର ପ୍ରମୁଖ ଉପସ୍ଥିତ ରହି ସ୍ତନ୍ୟପାନ ସପ୍ତାହ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସେହିପରି ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ ପ୍ରମୁଖଙ୍କ ଉପସ୍ଥିତିରେ ବିକାଶ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ।

### ପୋଖରୀ ପୁନରୁଦ୍ଧାର ଦାବି କଲେ ଗ୍ରାମବାସୀ

ବରଗଡ଼,୭।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ଗ୍ରାମବାସୀ ସୋମବାର ଗାଁ ପୋଖରୀ ପୁନରୁଦ୍ଧାର ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଏହି କ୍ରମରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଗ୍ରାମରେ ଗ୍ରୀଷ୍ମଦିନେ ଜଳକଷ୍ଟ ପରିଲକ୍ଷିତ ହୋଇଥାଏ। ଏପରିକି ଅନ୍ୟଦିନ ମଧ୍ୟ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ ଗ୍ରାମର ପାଣିଟାଙ୍କି କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅନ୍ୟପକ୍ଷେ ଉକ୍ତ ଗ୍ରାମରେ ତଳିବନ୍ଧ ନାମକ ଏକ ପୋଖରୀ ରହିଛି। ଦୀର୍ଘବର୍ଷ ଧରି ତାହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଫଳରେ ପୋଖରୀର ପାଣି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଏହି ପୋଖରୀର ପୁନରୁଦ୍ଧାର ପାଇଁ ବାରମ୍ବାର ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କଠାରେ ଦାବି କରିଆସୁଛନ୍ତି। ଉକ୍ତ ପୋଖରୀର ମରାମତି କରି ଆଦର୍ଶ ପୋଖରୀର ମାନ୍ୟତା ଦେଇ ଆବଶ୍ୟକ ଅନୁଦାନ ମଞ୍ଜୁର କରିବା ପାଇଁ ସରପଞ୍ଚ ଦମୟନ୍ତୀ ନାଏକ, ଦୁଷ୍ମନ୍ତ ମହାପାତ୍ର, ପଦ୍ମଲୋଚନ ସାହୁ, ମନୋହର ପ୍ରଧାନ ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ସ୍ତନ୍ୟପାନ ସପ୍ତାହ ପାଳନରେ ଗାଁ ପରିକ୍ରମା



ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା।

ଭେଡେନ, ୭।୮ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡେନ ବ୍ଲକ ଦେଶଭଟଲି ପଞ୍ଚାୟତ ଉଦେପୁରସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ ସୋମବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। କେନ୍ଦ୍ରର କର୍ମୀ ରୀନା ଦନ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଆଲଫାବେ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡାଳବ ସେକ୍ଟର କ୍ଷେତ୍ର ପରିଦର୍ଶିକା ସେବତୀ ଦାଶ, ରେଶମ ସେକ୍ଟରର ସୁରେଶ୍ୱରୀ ଦାଶ, ଦେଶଭଟଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ସିଏଚ୍‌ଓ ଝିଲିନା ଆଚାର୍ଯ୍ୟ, ୱାର୍ଡସଭ୍ୟା ସୁମତି ସେଟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୱାର୍ଡ ସଭ୍ୟାସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ, ୬ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ, ପ୍ରସୂତି, କିଶୋରୀମାନେ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିଥିଲେ। ବେବି ଶୋ' ପ୍ରତିଯୋଗିତାରେ ଶିବାନୀ ଦେହେରୀ, ସ୍ମୃତି ଭୋଇ, ବିଭୂତି ସେଟ, ତୃପ୍ତିମୟୀ ସେଟ ପୁରସ୍କୃତ ହୋଇଥିଲେ। ସେହିପରି କୁଇଜ୍ ପ୍ରତିଯୋଗିତାରେ ପ୍ରମିଳା କର୍ମୀ, ଅହଲ୍ୟା ବିଷି, ଇଶ୍ୱରୀ ପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦେଶଭଟଲି ଅଙ୍ଗନୱାଡି କର୍ମୀ ଯାଜ୍ଞସେନୀ ନାୟକ, ସାଲଣା କର୍ମୀ ଯଶୋବନ୍ତୀ ସାହୁ, ଉଦେପୁର କର୍ମୀ ଜ୍ୟୋତ୍ସ୍ନାମୟୀ ଛୁରିଆ, ନୀଳିମା ମିଶ୍ର, ବାସନ୍ତି ବେରିହା, ବୃନ୍ଦାବତୀ ପଧାନ ସହଯୋଗ କରିଥିଲେ।

# ଶିବିରରେ ୭୫ ଅଭିଯୋଗ ପଞ୍ଜୀକୃତ

ଅମ୍ବାଭୋନା,୭।୮ (ଛନ୍ଦାଚରଣ ପ୍ରଧାନ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ମୋନିଷା ବାନାର୍ଜୀ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋୟଲ, ଏସ୍‌ପି ପି.ଏସ୍ ମୀନା, ଉପଜିଲାପାଳ ଲଲାଟ କୁମାର ଲୁହା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ୭୫ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଆବାସ ଯୋଜନା, ରାଶନ କାର୍ଡ଼, ରାସ୍ତାଘାଟ ସମସ୍ୟା ଆଦି ନେଇ ଲୋକେ ଅଭିଯୋଗ କରିଥିଲେ। ସେହି ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିହିତ ପଦକ୍ଷେପ ନେବାକୁ ଜିଲାପାଳ ବାନାର୍ଜୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ବିଡ଼ିଓ ପ୍ରଣବ କୁମାର ଚାନ୍ଦ, ଜିଲା ପରିଷଦ ସଭ୍ୟା ନୀଳ କୁମାରୀ ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ବରପାଲି,୭।୮ (ଚିତ୍ତରଞ୍ଜନ ସାହୁ)

ପାଟଣାଗଡ଼ ସହରର ପର୍ଶୁରାମ ଛକରେ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ହଟାଇ ସେଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣାର ପ୍ରତିବାଦ କରି ବରପାଲି ବ୍ଲକ ସନାତନୀ ବ୍ରାହ୍ମଣ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ସନାତନୀ ବ୍ରାହ୍ମଣ ସମାଜ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତା ଓ ସମ୍ପାଦକ ଶରତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ସଭ୍ୟ ବ୍ଲକ ଅଫିସକୁ ଯାଇ ବିଡିଓ ପ୍ରସନ୍ନ କୁମାର ପାଣ୍ଡେଙ୍କୁ ଏହି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ପର୍ଶୁରାମ ୧୦ ଅବତାର ମଧ୍ୟରୁ ଜଣେ ତଥା ସମଗ୍ର ବ୍ରାହ୍ମଣ ସମାଜର ଆରାଧ୍ୟ ଦେବତା। ତାଙ୍କ ପ୍ରତିମୂର୍ତ୍ତି ହଟାଇବା ଘଟଣା ସମଗ୍ର ବ୍ରାହ୍ମଣ ସମାଜକୁ ବ୍ୟଥିତ କରି ଥିବାରୁ ମୁଖ୍ୟମନ୍ତ୍ରୀ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ଉଚିତ ନ୍ୟାୟ ଦେବା ପାଇଁ ସେମାନେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରପାଲି ବ୍ଲକ ସହରାଞ୍ଚଳର ବ୍ରାହ୍ମଣ ସମାଜର ସଭ୍ୟ ତଥା ବରଗଡ଼ ଜିଲା ବ୍ରାହ୍ମଣ ସମାଜର ସମ୍ପାଦକ ଡ. ସରୋଜ କୁମାର ଦାଶ ମଧ୍ୟ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ବ୍ରାହ୍ମଣ ସମାଜର କର୍ମକର୍ତ୍ତାଗଣ।

# କ୍ୟାରମ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ପଦ୍ମପୁର,୭।୮ (ପ୍ରଦୀପ୍ତ ଦାଶ )

ପଦ୍ମପୁର ବଡ଼ପଡ଼ାଠାରେ ନୂଆପଡ଼ା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ବିଜୟ ରଞ୍ଜନ ସିଂ ବରିହା ସ୍ମାରକୀ କ୍ୟାରମ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୪୦ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଝାରସୁଗୁଡ଼ା ଦଳର ସମ୍ପଦ ଚୌହାନ ଓ କିଶୋର ସୁନାନୀ ଏବଂ ରାଉରକେଲା ଦଳର ଇନ୍ଦ୍ରଜିତ ମହାନ୍ତି ଓ ଶମ୍ଭୁ ଚରଣ ନାୟକଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯୁବନେତା ଭୋଜରାଜ ସିଂ ବରିହା ମୁଖ୍ୟ ଅତିଥି, ଏନ୍‌ଏସି ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ, କାଉନସିଲର କବିତା ସେଠ୍, ହ୍ୟୁମାନ ରାଇଟ୍ସ ଜିଲା ସଭାପତି ହରିଶଙ୍କର ଅଗ୍ରୱାଲ, ଶିକ୍ଷକ ଅଜିତ ପାତ୍ର ଓ ଭଜନ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଝାରସୁଗୁଡ଼ା ଓ ଉପବିଜେତା ରାଉରକେଲା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କମଳ ସାହୁ, ନରେଶ ଦାସ, କୁନୁ ସେଠ, ଶ୍ରୀକାନ୍ତ ବାରିକ, ଚୂଡାମଣି ମାଝୀ, ସଞ୍ଜୀବ ସାହୁ, ଅଚ୍ୟୁତା ସେଟ, ଗଜେନ ମହାନ୍ତି ଓ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ମୁଖ୍ୟ ଅତିଥି ବିଜେତା ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।






## ଆଜି କ'ଣ କେଉଁଠି

ରାଉରକେଲା
- ସଂଗୀତ, ନୃତ୍ୟ ଓ ନାଟକ ମହୋତ୍ସବ, ସିଭିକ୍ ସେଣ୍ଟର, ସନ୍ଧ୍ୟା ସାଢେ ୬ଟା।
- ଆଦିବାସୀ ସମାବେଶ ଉଦ୍‌ଯାପନୀ, କୋଏଲ ନଗର କଲ୍ୟାଣ ମଣ୍ଡପ, ସକାଳ ୯ଟା।
- ଜନଜାତି ଦିବସ ପାଳନ, ଜବଦା ସାରଣା ଛକ, ସକାଳ ୧୦ଟା।

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ରାଉରକେଲା,୭।୮ (ବିପ୍ଳବ ରଞ୍ଜନ ଦାଶ)

ଲଗାଣ ବର୍ଷାରେ ରାଉରକେଲା ମହାନଗର ନିଗମ ୱାର୍ଡ ନଂ. ୧ ଅଧୀନ ବିଶ୍ୱକର୍ମା ବିହାର ବସ୍ତି ଅବସ୍ଥା ବେହାଲ ହୋଇପଡିଛି। ବସ୍ତିରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ବସ୍ତି ମଧ୍ୟକୁ ସିଧାସଳଖ ଏନ୍‌ଏଚ୍‌ଆଇ ଓ ରେଲୱେ ଲାଇନ୍ ପାଣି ସିଧାସଳଖ ବସ୍ତି ମଧ୍ୟକୁ ପଶୁଛି। ଏହି ସମସ୍ୟା ଦୀର୍ଘବର୍ଷ ହେଲା ଲାଗିରହିଛି। ବସ୍ତି ସମସ୍ୟାକୁ ନେଇ ଲୋକେ ବାରମ୍ବାର ଆର୍‌ଏମ୍‌ସି ଓ ଲୋକପ୍ରତିନିଧିଙ୍କୁ ଜଣାଉଥିଲେ ସୁଦ୍ଧା ସମାଧାନ ହେଉନାହିଁ। ଫଳରେ ବର୍ଷା ସମୟରେ ବସ୍ତିର ୩ ହଜାର ଲୋକ ନାନା ଅସୁବିଧା ଭୋଗୁଛନ୍ତି। ଗତ କିଛି ଦିନ ହେଲା ଜାରି ରହିଥିବା ଲଗାଣ ବର୍ଷାରେ ରାସ୍ତାରେ ପାଣି ବହୁଥିବା ବେଳେ ଲୋକଙ୍କ ଘରକୁ ଅଳିଆ ପାଣି ପଶୁଛି। ସେହିପରି ଦୀର୍ଘବର୍ଷ ହେଲାଣି ବସ୍ତିରେ ପାନୀୟ ଜଳ ପ୍ରକଳ୍ପ ପାଇଁ ପାଇପ ପୋତା ସମ୍ପୂର୍ଣ୍ଣ ହୋଇ ସାରିଥିଲେ ହେଁ ଘରକୁ ପାନୀୟ ପାଇପ୍ ସଂଯୋଗ ହୋଇନାହିଁ। ଲୋକମାନେ ଦୂଷିତ ଜଳ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ବସ୍ତିକୁ ମଶା ଦମନ ଧୂଆଁଯନ୍ତ୍ର ଆସୁନାହିଁ କି ବସ୍ତିର ଅଳିଆ ଆବର୍ଜନା ଉଠାଇବା ପାଇଁ ଆଳିଆ ଗାଡି ଆସୁ ନ ଥିବା ବସ୍ତି ବାସିନ୍ଦା ଅଭିଯୋଗ କରିଛନ୍ତି। ମଶା ଦମନ ଯନ୍ତ୍ର ଓ ଅଳିଆ ଉଠା ଗାଡ଼ି ନିକଟ ସିଂହଟୋଲା ଏବଂ ବେଦବ୍ୟାସ ଯାଏ ଆସୁଥିବା ବେଳେ ମାତ୍ର ୧କି.ମି ଦୂର ବିଶ୍ୱକର୍ମା ବିହାର ବସ୍ତିକୁ ଆସୁନାହିଁ। ବସ୍ତିରେ ମଶାବଂଶ ବୃଦ୍ଧି ପାଉଥିବା ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ବିଶ୍ୱକର୍ମା ବିହାର ବସ୍ତି ସମସ୍ୟ ସମାଧାନ ନ ହେଲେ ଆଗକୁ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ବସ୍ତି ଉତ୍ପଳ ଭାରତ, ଉଷା ସେଠୀ, ମିନତୀ ବେହେରା, ପ୍ରତିମା ଦାସ, ପୁଷ୍ପା ସା, ପୁଷ୍ପା ଗୁପ୍ତା, ସୁଶୀଳ ସେଠୀ ଓ ପର୍ଶୁରାମ ସେଠୀ ପ୍ରମୁଖ କହିଛନ୍ତି। ଏ ନେଇ ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଏମ୍‌ସିର ଜଣେ ଅଧିକାରୀ ବସ୍ତି ସମସ୍ୟା ଅନୁଧାନ କରିଛନ୍ତି। ଆଗକୁ ବସ୍ତିରୁ କିଭଳି ବର୍ଷାଜଳ ନିଷ୍କାଷିତ ହେବ ଏବଂ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଭୋଇ କହିଥିଲେ।



ବିଶ୍ୱକର୍ମା ବିହାର ବସ୍ତି।



ବସ୍ତି ରାସ୍ତାରେ ପାଣି ଜମିଛି।

# ସୁନା ଚୁଡ଼ି ଠକି ନେଲେ ଦୁର୍ବୃତ୍ତ

ରାଉରକେଲା,୭।୮ (ସଙ୍ଗୀତା ଜେନା)

ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀ ଏମ୍ ବ୍ଲକରେ ସୋମବାର ଦୁଇଜଣ ଦୁର୍ବୃତ୍ତ ଅନ୍ଧବିଶ୍ୱାସ ଜନ୍ମାଇ ଜଣେ ମହିଳାଙ୍କଠାରୁ ସୁନାଚୁଡ଼ି ନେଇ ଫେରାର ହୋଇଯାଇଛନ୍ତି। ଏ ନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୪୭/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ବାସନ୍ତୀ କଲୋନୀର ସୁନୀତା ଅଗ୍ରୱାଲ ସୋମବାର ସକାଳେ ନିକଟସ୍ଥ ମନ୍ଦିରରୁ ପୂଜା କରି ଘରକୁ ଫେରୁଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ସାଧୁବେଶରେ ଆସି ସୁନୀତାଙ୍କୁ କହିଲେ, ତୁମର ସମସ୍ତ ଦୁଃଖକଷ୍ଟ ଦୂର ହେବ। ତେଣୁ ହାତରେ ପିନ୍ଧିଥିବା ସୁନାଚୁଡ଼ି ଖୋଲି ଗଛ ମୂଳରେ ରଖି ୧୦୦ ପାଦ ଚାଲି ଫେରି ଆସିବାକୁ କହିଥିଲେ। ସୁନୀତା ଏହାକୁ ବିଶ୍ୱାସ କରି ୧୦୦ ପାଦ ଚାଲି ଫେରିଲା ବେଳକୁ ଉକ୍ତ ଦୁର୍ବୃତ୍ତ ଚୁଡି ନେଇ ସେଠାରୁ ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ, ମାସେ ତଳେ ଛେଣ୍ଡ ଅଞ୍ଚଳରେ ଏଭଳି ସମାନ ଘଟଣା ଘଟିଥିଲା।

## ସଂକ୍ଷେପରେ

### ଏସ୍‌ପିଙ୍କୁ ଭେଟିଲା ମହିଳା ସଙ୍ଗଠନ

ରାଉରକେଲା,୭।୮ (ସଙ୍ଗୀତା ଜେନା)

ବିଭିନ୍ନ ସମସ୍ୟାକୁ ନେଇ ମହିଳା ସଙ୍ଗଠନ ଆଶ୍ରାର ସଦସ୍ୟାମାନେ ସୋମବାର ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସମ୍ପାଦିକା ମୀନତି ଦେବତାଙ୍କ ନେତୃତ୍ୱରେ ସଦସ୍ୟାମାନେ ବିନା ଲାଇସେନ୍ସରେ ଗାଡ଼ି ଚାଳନା, ରୋଡ ରୋମିଓଙ୍କ ଉତ୍ପାତ, ସ୍କୁଲରେ ଡ୍ରଗ୍‌ସ ସେବନ ଉପରେ ନିୟନ୍ତ୍ରଣ, ବସ୍ତି ଅଞ୍ଚଳରେ ଚୋରା ମଦ ବେପାର, ସଡ଼କରେ ଅବାଧ ଗୋରୁ ବିଚରଣ ଆଦିକୁ ରୋକିବା ବିଷୟକୁ ନେଇ ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ମଞ୍ଜୁଲତା ସାମଲ, ଅର୍ଚ୍ଚନା ସିଂଙ୍କ ସମେତ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ।

### ପିସିସି ପ୍ରଚାର କମିଟି ଅଧ୍ୟକ୍ଷଙ୍କ ରାଉରକେଲା ଗସ୍ତ

ରାଉରକେଲା, ୭।୮ (ସଙ୍ଗୀତା ଜେନା)

ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ତଥା ଓଡ଼ିଶାର ପୂର୍ବତନ ଶାସନ ସଚିବ ବିଜୟ ପଟ୍ଟନାୟକ ସୋମବାର ରାଉରକେଲା ଗସ୍ତରେ ଆସିଥିଲେ। ସେ ରାଉରକେଲା ସର୍କିଟ ହାଉସରେ ଅବସ୍ଥାନ କରୁଥିବା ବେଳେ ତାଙ୍କୁ ରାଉରକେଲା କଂଗ୍ରେସର ନେତୃମଣ୍ଡଳୀ ଭେଟି ସମ୍ବର୍ଦ୍ଧନା ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଯୁବନେତା ଜ୍ଞାନେନ୍ଦ୍ର ଦାସ, ରଶ୍ମି ପାଢ଼ୀ, କୀର୍ତ୍ତନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅମୃତ ଯୁବ କଳୋତ୍ସବ ଉଦ୍‌ଘାଟିତ

ରାଉରକେଲା, ୭।୮ (ସଙ୍ଗୀତା ଜେନା)

ଆର୍‌ଏସ୍‌ପି ଆନୁକୂଲ୍ୟରେ କେନ୍ଦ୍ର ନାଟକ ସଙ୍ଗୀତ ଏକାଡେମୀ ନୂଆଦିଲ୍ଲୀ ପକ୍ଷରୁ ସ୍ଥାନୀୟ ସିଭିକ ସେଣ୍ଟରରେ ସୋମବାର ସନ୍ଧ୍ୟାରେ ଅମୃତ ଯୁବ କଳୋତ୍ସବ ଉଦ୍‌ଘାଟିତ ହୋଇଛି। ଆରଏସପି ଇଡ଼ି ପ୍ରମୋଦ ଶତପଥୀ ଏହାକୁ ଉଦଘାଟନ କରିଥିଲେ। ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର ଡ. ଉମାଶଙ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଏକାଡ଼େମୀର ସଚିବ ରାଜୁ ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏକାଡ଼େମୀ ସାଧାରଣ ପରିଷଦ ସଦସ୍ୟ ସଞ୍ଜୀୟ ଚୌଧୁରୀ ଉତ୍ସବର ସଫଳତା କାମନା କରିଥିଲେ। ସଂଯୋଜକ କୈଳାସ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ପରେ ରାମହରି ଦାସଙ୍କ ନେତୃତ୍ୱରେ ଓଡ଼ିଶୀ ଗୁରୁକୁଳ ପୁରୀର କଳାକାରମାନେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି କଲିକତା କୌଶିକ ଆର୍ଟସ ଏଣ୍ଡ ରିସର୍ଚ୍ଚ ସେଣ୍ଟର କଳାକାର ମୋହିନୀଅଟ୍ଟମ୍, ଗଞ୍ଜାମ ଫୋକ ଆର୍ଟସ ସେଣ୍ଟର କଳାକାର ରଣପା ନୃତ୍ୟ, ଢ଼ୋଲମହୁରୀ କଳା ପରିଷଦର କଳାକାର କରମା ନୃତ୍ୟ ପରିବେଷଣ କରିଥିଲେ। ବିଶିଷ୍ଟ ନାଟ୍ୟବିତ୍ ଏନ୍‌ଏସ୍‌ଡିଆନ୍ ଶେଖ ଖଇରୁଦ୍ଦିନ ରଚିତ ତଥା ବିଶିଷ୍ଟ ନୃତ୍ୟ ଶିଳ୍ପୀ ନିର୍ଦ୍ଦେଶିକା ଅନମ ଶେଖଙ୍କ ନିର୍ଦ୍ଦେଶିତ ନାଟକ 'ସହାଦଦ୍' ମଞ୍ଚସ୍ଥ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ଯୁବ ନାଟ୍ୟକାର ୱାର୍କଶପ୍ କଳାସୃଜନୀ ଉଦ୍‌ଘାଟିତ ହୋଇଥିଲା। ଏହାକୁ ଏକାଡ଼େମୀର ସଚିବ ରାଜୁ ଦାସ ଓ ଅନ୍ୟମାନେ ଆଦର୍ଶ ପାଠାଗାରରେ ଉଦ୍‌ଘାଟନ କରିଥିଲେ।



ଅତିଥିମାନେ ପ୍ରଦୀପ ଜାଳି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ହସ୍ତତନ୍ତ ଦିବସ ଉପଲକ୍ଷେ ପ୍ରଦର୍ଶନୀ

ରାଉରକେଲା,୭।୮ (ବିପ୍ଳବ ରଞ୍ଜନ ଦାଶ)

ଜାତୀୟ ହସ୍ତତନ୍ତ ଦିବସ ଉପଲକ୍ଷେ ରାଉରକେଲା ସେକ୍ଟର-୨ ଦୀପିକା ମହିଳା ଜାଗୃତି ସଂସ୍ଥା ପକ୍ଷରୁ ହସ୍ତତନ୍ତ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦୀପିକା ସଂହତିର ଅଧ୍ୟକ୍ଷା ସୀମା ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ବୁଣାକାରମାନଙ୍କ ସହିତ କେକ୍ କାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଂହତିର ଉପାଧ୍ୟକ୍ଷା ହର୍ଷାଲା ସୂର୍ଯ୍ୟବଂଶୀ, ହିରଣ୍ମୟୀ ଶତପଥି, ସମାପିକା ସାହୁ, ଜୟଶ୍ରୀ ହୋତା ଓ ନମ୍ରତା ବର୍ମା, ସିଏସ୍‌ଆର ବିଭାଗ ଜିଏମ୍ ମୁନମୁନ ମିତ୍ର, ଏଜିଏମ୍ ଟି. ବି. ଟପ୍ପୋ, ସଂହତି ସମ୍ପାଦିକା ନିଧି ସିଂହଲ, ଡିଏମ୍‌ଏସ୍ ପରିଚାଳନା ପରିଷଦ ସଦସ୍ୟା ଏବଂ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ହ୍ୟାଣ୍ଡଲୁମ୍ ସେଣ୍ଟରର ପ୍ରଶିକ୍ଷକ ଏବଂ ପ୍ରଶିକ୍ଷାର୍ଥୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ହ୍ୟାଣ୍ଡଲୁମ ଶାଢି ଓ ତତ୍ ସମ୍ବନ୍ଧୀୟ ରାଜ୍ୟ ଗୁଡିକ ବିଷୟରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। ସେହିପରି ହ୍ୟାଣ୍ଡଲୁମ ସାମଗ୍ରୀ ପ୍ରଦର୍ଶନୀ ଓ ରିହାତି ମୂଲ୍ୟରେ ବିକ୍ରି କରାଯାଇଥିଲା। ସେକ୍ଟର-୫ ସ୍ଥିତ ଦୀପିକା ମହିଳା ସଂହତିର ଶୋରୁମ୍‌ରେ ମଧ୍ୟ ଉତ୍ପାଦଗୁଡିକ ବିକ୍ରି ପାଇଁ ରଖାଯାଇଛି। ନିଧି ସିଂଘଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କଂଗ୍ରେସର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୭।୮ (ସଙ୍ଗୀତା ଜେନା)

ରାଉରକେଲା ଜିଲା ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ ଓ ଜିଲା ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇଜାଜ ଅଖତରଙ୍କ ଅଧ୍ୟକ୍ଷତାରେ ସେକ୍ଟର-୨୧ ସ୍ଥିତ କଂଗ୍ରେସ ଭବନ ପରିସରରେ ସୋମବାର ଏକ ସମ୍ବର୍ଦ୍ଧନା ସମାରୋହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା କଂଗ୍ରେସ ସଭାପତି ଜନାର୍ଦ୍ଦନ ଦେହୁରୀ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଓ ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ର କଂଗ୍ରେସ ସଭାପତି ବାରିକ, ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଅଖତରଙ୍କ ସମେତ ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ପୂର୍ବତନ ଉପସଭାପତି ବାସୁଦେବ ବାନାର୍ଜୀ, ପୂର୍ବତନ ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବ କଂଗ୍ରେସ ନେତା ପ୍ରସନ୍ନ ବଳିୟାରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବନେତା ଶିବୁ ଦୀପଙ୍କ ଆହ୍ୱାନ କ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମାରୋହରେ ରାଉରକେଲା ଜିଲା ଯୁବ କଂଗ୍ରେସ ସଭାପତି ମୋତିଲାଲ ଦୀପ, ନିର୍ବାଚନ ମଣ୍ଡଳୀ ସଭାପତି ଗାନ୍ଧୀ ଦାସ, ରାଜ୍ୟ ସାଧାରଣ ସମ୍ପାଦିକା ରୀନା ରାୟ, ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ଉପସଭାପତି ସଞ୍ଜୟ ଦାସ, ରାଉରକେଲା ଜିଲା ଯୁବ କଂଗ୍ରେସ ଉପସଭାପତି ବାବୁଲି ଢୋଲିଆ, ରାଜ୍ୟ ସଂଖ୍ୟାଲଘୁ ସେଲ୍ ସାଧାରଣ ସମ୍ପାଦକ ସଦ୍ଦାବ ଅହମ୍ମଦ ଓ ସାକିର ହୁସେନ, ରାଜ୍ୟ ସମ୍ପାଦକ ସାଜିଦ ବରୀ (ରିଙ୍କୁ କଲାଲ), ଛାତ୍ର କଂଗ୍ରେସ ରାଉରକେଲା ବିଧାନସଭା କ୍ଷେତ୍ର ସଭାପତି ଅଜୟ କୁର୍ମୀ, ରଘୁନାଥପାଲ୍ଲୀ ଛାତ୍ର କଂଗ୍ରେସ ସଭାପତି ଅନୁରାଗ ବିଶ୍ୱାଳ, ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଅମନ ଅଗ୍ରୱାଲ ପ୍ରମୁଖ ନବନିର୍ବାଚିତ ଓ ଛାତ୍ର କଂଗ୍ରେସ ଏବଂ ସଂଖ୍ୟାଲଘୁ କଂଗ୍ରେସର ମନୋନିତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା କଂଗ୍ରେସର ବନମାଳୀ ବିଶୋୟୀ, ରବି ଭଞ୍ଜ, ଭାସ୍କର ଖ୍ଲାର, ସେକ୍ ଫିରଦୋସ, ସୁଲେମାନ ଖାନ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ କାର୍ଯ୍ୟକର୍ତ୍ତାଗଣ।

### ପରିବେଶ ସୁରକ୍ଷାରେ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କର୍ମଶାଳା



ରାଉରକେଲା,୭।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧକ୍ଷ ଡ. ବିଜୟ କୁମାର ବେହେରାଙ୍କ ଅଧକ୍ଷତାରେ ପରିବେଶ ପ୍ରଦୂଷଣ, ପ୍ରାକୃତିକ ସମ୍ବଳ ଓ ତାର ପ୍ରଭାବ ସମ୍ପର୍କିତ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋ ଗ୍ରୀନ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡ. ଅନୁପ କୁମାର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ ପ୍ରଦୂଷଣ ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୋଇଲା ଖଣି ଜନିତ ପ୍ରଦୂଷଣ, ପ୍ରାକୃତିକ ସମ୍ବଳ ଉପରେ ତାର ପ୍ରଭାବ, ପରିବେଶ ସୁରକ୍ଷା ସମ୍ପର୍କିତ ସରକାରୀ ନିୟମ ଓ ପ୍ରଦୂଷଣର ପ୍ରଭାବକୁ ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ମାଧମରେ ହ୍ରାସ କରିହେବ ସେ ଉପରେ ଆଲୋକପାତ କରିଥିଲେ। ଅଧକ୍ଷ ଡ. ବିଜୟ କୁମାର ବେହେରା, ପରିବେଶ ପ୍ରଦୂଷଣ, ଏହାର ପ୍ରଭାବ ଏବଂ କିଭଳି ସବୁଜମୟ ବଳୟ ତିଆରି କରି ପରିବେଶକୁ ସୁରକ୍ଷା ପ୍ରଦାନ କରାଯାଇପାରିବ ତାହା ଉପରେ ଆଲୋଚନା କରିଥିଲେ। କର୍ମଶାଳାର ସଂଯୋଜିକା ଡ. ଲିଚିତା ପାତ୍ରଙ୍କ ତତ୍ତ୍ୱାବଧାନରେ ସଭା ପରିଚାଳିତ ହୋଇଥିଲା। ଅଧ୍ୟାପିକା ଅନିତା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ଡ. ପ୍ରତାପ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଗ୍ଲାଡ୍‌ସି ବେକ କର୍ମଶାଳା ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପିକା ଲିଲିପ୍ରେମା ମିଞ୍ଜ ସହଯୋଗ କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ ଶପଥପାଠ କରିଥିଲେ।

# ଆଦିବାସୀ ମୂଳ ନିବାସୀର ମହାଜନସଭା

ରାଉରକେଲା,୭।୮ (ସଙ୍ଗୀତା ଜେନା)

ବର୍ତ୍ତମାନ ଆଦିବାସୀମାନଙ୍କ ସ୍ଥିତି, ବିକାଶ, ଜଙ୍ଗଲ ଜମି ଉପରେ ଅଧିକାର, ଶିକ୍ଷା, ସମୃଦ୍ଧି, ସମସ୍ୟାର କାରଣ, ନିରାକରଣ, ସରକାରୀ ଉଦାସୀନତା, ବିଭିନ୍ନ ଜନଜାତିର ବିଲୁପ୍ତ ଭାଷାର ପୁନରୁଦ୍ଧାର ଓ ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖି କୋଏଲନଗର ସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ୩ ଦିବସୀୟ ଜନସଭା ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଆଲୋଚକ ଭାବେ ଗୌହାଟି ସ୍ଥିତ ଟାଟା ଇନଷ୍ଟିଚ୍ୟୁଟ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଭିନିୟସ ଖାଖା, ପରିବେଶବିତ୍ ପ୍ରଫୁଲ ସାମନ୍ତରା, ଆସାମରୁ ଆସିଥିବା ପ୍ରଣବ ଦଲେ, ସ୍ଥାନୀୟ ନେତୃତ୍ୱ ଡେମେ ଓରାମ ପ୍ରମୁଖ ଯୋଗ ଦେଇଥିଲେ। ଆଞ୍ଚଳିକ ସୁରକ୍ଷା କମିଟି ସଭାପତି ଡେମେ ଓରାମ, ଫୋରମ ଫର୍ ଗ୍ରାମସଭା ରାଜଗାଙ୍ଗପୁର, ମାଲକାନାଗିରି ଦିଶାରୀ ସଙ୍ଗଠନ, ମୂଳବାସୀ ଷ୍ଟୁଡେଣ୍ଟ ଆଣ୍ଡ ୟୁଥ ଫୋରମ୍, ବଲାଙ୍ଗୀର ଓ କଳାହାଣ୍ଡି, ପଶ୍ଚିମବଙ୍ଗ ଖଡ଼ଗପୁରର ଜନ ଅଧିକାର ସଙ୍ଗଠନ, ମୁସ୍କାନ୍, ଅନ୍ୱେଷା, ସୌରାସମାଜ, ଜନଶକ୍ତି ରାୟଗଡା, ମୟୁରଭଞ୍ଜ ଜଙ୍ଗଲ ବଞ୍ଚାଓ ମଞ୍ଚ ସମେତ ବିଭିନ୍ନ ଆଦିବାସୀ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଛନ୍ତି। ମଙ୍ଗଳବାର ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଯାପନ ହେବ ବୋଲି ଜଣାପଡିଛି।

# ଅସହାୟ ମହିଳାଙ୍କୁ ସହଯୋଗ କଲେ ବିଧାୟକ

ରାଉରକେଲା, ୭।୮ (ସଙ୍ଗୀତା ଜେନା)

ବିପଦରେ ପଡ଼ିଥିବା ଜଣେ ମହିଳା ଓ ତାଙ୍କ ପିଲାଙ୍କୁ ରବିବାର ବିଳମ୍ବିତ ରାତିରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ସହଯୋଗ କରି ସେମାନଙ୍କୁ ଥଇଥାନ କରିଛନ୍ତି। ସୂଚନା ଅନୁସାରେ, ତାଳଚେର ଅଞ୍ଚଳର ମହିଳା ମୋନାଲିସା ସାହୁ ଘରୋଇ ସମସ୍ୟାକୁ ନେଇ ତାଙ୍କ ୩ସନ୍ତାନଙ୍କୁ ନେଇ ରାଉରକେଲା ଚାଲିଆସିଥିଲେ। ରାଉରକେଲା ଷ୍ଟେଶନରେ ଅସହାୟ ଅବସ୍ଥାରେ ବସିଥିବା ବେଳେ କେହି ତାଙ୍କୁ ବିଧାୟକ ସୁବ୍ରତ ତରାଇଙ୍କ ନିକଟକୁ ଯିବା ଲାଗି ପରାମର୍ଶ ଦେଇଥିଲେ। ବିଧାୟକଙ୍କ ନିକଟରେ ମହିଳା ପହଞ୍ଚିବା ପରେ ବିଧାୟକ ସମସ୍ତ ସମସ୍ୟା ଶୁଣି ସେମାନଙ୍କୁ ଆର୍‌ଜିଏଚ୍‌ରେ ଚିକିତ୍ସା କରାଇବା ପରେ ରାତ୍ରି ଆଶ୍ରୟସ୍ଥଳରେ ରହିବା ବ୍ୟବସ୍ଥା କରାଇଥିଲେ। ଏ ନେଇ ଆର୍‌ଏମ୍‌ସି ଉପାୟୁକ୍ତ ସୁଧାଂଶୁ ଭୋଇଙ୍କ ସହ ଆଲୋଚନା କରି ସୋମବାର ଉକ୍ତ ମହିଳାଙ୍କୁ ତାଳଚେର ଫେରିଯିବାକୁ ଖର୍ଚ୍ଚ ଦେଇଥିଲେ। ସେହିପରି ଉକ୍ତ ଅସହାୟ ମହିଳାଙ୍କୁ ସମାଜସେବୀ ଗଣେଶ ଚୌଧୁରୀ ଓ ବିକାଶ ଚୌଧୁରୀ ସହଯୋଗ କରିଥିଲେ।



ଅସହାୟ ମହିଳା ଓ ତାଙ୍କ ସନ୍ତାନଙ୍କ ସହ ରଘୁନାଥପାଲି ବିଧାୟକ।

# ଶେଡ୍ ନାହିଁ, ଖତ ଖାଉଛି ଗାଡ଼ି

ରାଉରକେଲା,୭।୮ (ସଙ୍ଗୀତା ଜେନା)

ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ରେଳ ମଣ୍ଡଳର ଏକ ପ୍ରମୁଖ ଷ୍ଟେଶନ ହେଉଛି ରାଉରକେଲା। ଏଠାରେ ସବୁକ୍ଷେତ୍ରରେ ହାଇଟେକ୍ ବ୍ୟବସ୍ଥା କରାଯାଉଥିବା ବେଳେ ଗାଡ଼ି ଷ୍ଟାଣ୍ଡ୍ ଅବସ୍ଥା ଶୋଚନୀୟ ହୋଇପଡିଛି। ଷ୍ଟାଣ୍ଡରେ ସେଡ୍ ବ୍ୟବସ୍ଥା ନ ଥିବାରୁ ଶହ ଶହ ଗାଡ଼ି ଖରା ବର୍ଷାରେ ପଡିରହୁଥିବା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ସୁନ୍ଦରଗଡ଼ ସମେତ ଝାଡ଼ଖଣ୍ଡ ଓ ଅନ୍ୟ ଜିଲାର ଲୋକେ ଟ୍ରେନ ଯୋଗେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ଏହି ଷ୍ଟେଶନକୁ ଆସୁଛନ୍ତି। ସେମାନେ ଆଣୁଥିବା ୨, ୩ ଓ ୪ ଚକିଆ ଯାନକୁ ରେଲୱେ ଷ୍ଟାଣ୍ଡରେ ରଖିଥାନ୍ତି। ଏଥିପାଇଁ ସେମାନଙ୍କୁ ଯଥାକ୍ରମେ ୧୨ ଟଙ୍କା, ୧୮ଟଙ୍କା ଓ ୨୪ଟଙ୍କା ଦେବାକୁ ପଡୁଛି। ଏଥିରୁ ଅଧଘଣ୍ଟା ବିଳମ୍ବ ହେଲେ ଷ୍ଟାଣ୍ଡ କର୍ତ୍ତୃପକ୍ଷ ୨ଗୁଣା ଦର ନେଉଥିବା ଅଭିଯୋଗ ଯାତ୍ରୀମାନେ କରିଛନ୍ତି। ସେହିପରି ଯାତ୍ରୀମାନେ ଷ୍ଟାଣ୍ଡରେ ରଖୁଥିବା ଯାନବାହନ ଖରାବର୍ଷା ଓ କାକର ଖାଉଛି। ସେଡ୍ ନ ଥିବାରୁ କୋଟି କୋଟି ଟଙ୍କାର ଗାଡ଼ି ନଷ୍ଟ ହେଉଛି। ଷ୍ଟାଣ୍ଡ ପରିସର ବର୍ଷତମାମ ଗଛଲତାରେ ଭର୍ତ୍ତି ହୋଇ ରହୁଛି। ଫଳରେ ଗାଡ଼ିରେ ସରିସୃପ ପଶିଯିବା ଆଶଙ୍କା ରହୁଛି। ଅନେକ ସମୟରେ ଗାଡିଗୁଡ଼ିକର ଯନ୍ତ୍ରାଂଶ ଚୋରି ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ସାଧାରଣତଃ ସହର ଓ ଆଖପାଖ ଅଞ୍ଚଳବାସୀ ରାଞ୍ଚି, ଝାରସୁଗୁଡ଼ା, ବିଶ୍ରା ଭଳି କମ୍ ଦୂର ସ୍ଥାନରେ ଚାକିରି କରୁଥିବା ବେଳେ ଉକ୍ତ ଷ୍ଟାଣ୍ଡରେ ନିଜ ଗାଡ଼ି ରଖିଯିବାକୁ ସୁବିଧା ମନେ କରିଥାନ୍ତି। ହେଲେ ଗାଡ଼ି ପିଛା ଅଧିକ ଟଙ୍କା ଅସୁଲ କରାଯାଉଥିବା ଯାତ୍ରୀମାନେ କହିଛନ୍ତି। ସେହିପରି ଦୁଇଚକିଆ ଗାଡ଼ି ଚାଳକମାନେ ହେଲମେଟ ରଖିବାକୁ ଅସୁରକ୍ଷିତ ମଣୁଛନ୍ତି। ଉକ୍ତ ହେଲମେଟ ଗୁଡ଼ିକର କେହି ସୁରକ୍ଷା ଦାୟିତ୍ୱ ନେଉ ନ ଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ରେଲୱେ କର୍ତ୍ତୃପକ୍ଷ ଉକ୍ତ ଷ୍ଟାଣ୍ଡ୍ ପାଇଁ ଟେଣ୍ଡର କରୁଛନ୍ତି। ହେଲେ ଏଠାରେ ଗାଡ଼ି ସୁରକ୍ଷାକୁ ଅଣଦେଖା କରାଯାଉଥିବା କିଛି ଯାତ୍ରୀ ଅଭିଯୋଗ କରିଛନ୍ତି। ଏ ନେଇ ଚଳିତବର୍ଷ ଷ୍ଟାଣ୍ଡ୍‌ର ଟେଣ୍ଡର ପାଇଥିବା ରାଞ୍ଚିର ଠିକାସଂସ୍ଥା ଅନ୍ନପୂର୍ଣ୍ଣା ୟୁଟିଲିଟି ସର୍ଭିସ ଲିମିଟେଡ୍‌ର ପରିଚାଳକ ଶଙ୍କର କୁମାର କହିଛନ୍ତି, ରେଲୱେର ସମସ୍ତ ନିୟମାବଳୀକୁ ପୂର୍ଣ୍ଣ କରି ଟେଣ୍ଡର ନିଆଯାଇଛି। ସମସ୍ତ ଚେକିଂ ତଥା ଟିକେଟ ଅନ୍‌ଲାଇନ କରାଯାଉଛି। ଯାହାଦ୍ୱାରା ସମୟ ଅନୁସାରେ ରସିଦ୍‌ରେ ଦିଆଯାଉଥିବା ଦେୟକୁ ଯାତ୍ରୀମାନେ ଦେବା ଆବଶ୍ୟକ ରହିଛି। ବର୍ଷର ବିଭିନ୍ନ ସମୟରେ ଷ୍ଟାଣ୍ଡଗୁଡ଼ିକ ସଫେଇ କରାଯାଉଛି ବୋଲି ଶଙ୍କର କହିଥିଲେ। ଏ ସମ୍ପର୍କରେ ଷ୍ଟେଶନର ମୁଖ୍ୟ ବାଣିଜ୍ୟକ ପରିଚାଳକ ଟି. କେ. ମଣ୍ଡଳଙ୍କୁ ପଚରାଯିବାରୁ ସେ କହିଲେ, ରେଲୱେରେ ଏକ ବିରାଟ ପରିବର୍ତ୍ତନ ଆସିବାକୁ ଯାଉଛି। ରାଉରକେଲା ଷ୍ଟେଶନକୁ ବିଶ୍ୱସ୍ତରୀୟ ରୂପରେଖ ଦିଆଯିବ। ଏଥିରେ ଅତି ଉନ୍ନତମାନର ଷ୍ଟାଣ୍ଡ ମଧ୍ୟ ରହିଛି। ବିକାଶ କାର୍ଯ୍ୟ ଆରମ୍ଭ ହେଲେ ଏହାର ରୂପାନ୍ତରଣ ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯିବ। ଇତିମଧ୍ୟରେ ରାଉରକେଲା ଷ୍ଟେଶନ ପାଇଁ ଚକ୍ରଧରପୁରରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେଇଛି। ରେଲୱେ ଷ୍ଟାଣ୍ଡରେ ସେଡ୍ ଓ ଅନ୍ୟ ସୁରକ୍ଷା ବ୍ୟବସ୍ଥା କରାଯିବା ଉଚିତ। ଆଗାମୀ ଦିନରେ ଏହା ଉପରେ ଦୃଷ୍ଟି ଦିଆଯିବ ବୋଲି ମଣ୍ଡଳ କହିଥିଲେ।



ରାଉରକେଲା ରେଲୱେ ପରିସରରେ ଥିବା ଗାଡ଼ି ଷ୍ଟାଣ୍ଡ।

**ରାଉରକେଲା ରେଲୱେ ଷ୍ଟେଶନ ପାର୍କିଂସ୍ଥଳ**

## ସଂକ୍ଷେପରେ

### ବିଧାୟକଙ୍କ ଦ୍ୱାରା ଲିପ୍‌ସା ସମ୍ବର୍ଦ୍ଧିତ

କୁଚିଣ୍ଡା,୭।୮ (ବିରଞ୍ଚି ଦର୍ଶୀ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ସୋଲବଗା ଗ୍ରାମର ଲିପ୍‌ସା ପଟେଲଙ୍କୁ ରବିବାର କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ସମ୍ବର୍ଦ୍ଧିତ କରି ତାଙ୍କର ଉତ୍ତରୋତ୍ତର କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ବିଜେଡି ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, କୁଚିଣ୍ଡା ନଗର ସଭାପତି ସଞ୍ଜୟ ବେହେରା, ବିଜେଡି ନେତା ହର୍ଷ ରଞ୍ଜନ ରାୟ, ରାଜ କୁମାର ନାୟକ, ସରୋଜ ପଟେଲ, ଶ୍ୟାମ ସୁନ୍ଦର ଧର ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀନିବାସ ଅଗ୍ରୱାଲଙ୍କ ସ୍ମୃତିସଭା



ସମ୍ବଲପୁର,୭।୮ (ବି.ଶଙ୍କର)

ସମ୍ବଲପୁର ଭାଲୁପାଲି ଛକସ୍ଥିତ ଏକ ହୋଟେଲ ସଭାକକ୍ଷରେ ସୋମବାର ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ଶ୍ରୀନିବାସ ଅଗ୍ରୱାଲଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଶ୍ରୀନିବାସ ଜଣେ ବ୍ୟକ୍ତି ନୁହେଁ ଏକ ଅନୁଷ୍ଠାନ ଥିଲେ। ସେ ଦେଶସେବା ଓ ଜନସେବାରେ ନିଜକୁ ଉତ୍ସର୍ଗ କରିଯାଇଛନ୍ତି। ତାଙ୍କ ସଂସ୍କାରରେ ଆମେ ସମସ୍ତେ ଅନୁପ୍ରାଣିତ ହେବା ଉଚିତ। ଓଡ଼ିଶା ଓ ଓଡ଼ିଆ ଭାଷାକୁ ସେ ଭଲ ପାଉଥିଲେ। ତେଣୁ ସେ ସ୍ପଷ୍ଟ ଭାବରେ ଓଡ଼ିଆ ଭାଷାରେ କଥା ହେଉଥିଲେ। ତାଙ୍କ ସରଳ ଜୀବନଶୈଳୀ ଓ ଉଚ୍ଚ ଚିନ୍ତାଧାରା ସମସ୍ତଙ୍କୁ ଆକୃଷ୍ଟ କରୁଥିଲା। ପୂର୍ବତନ ମନ୍ତ୍ରୀ ତଥା ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀନିବାସ ଅଗ୍ରୱାଲଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅତିଥିମାନେ ଶ୍ରୀନିବାସଙ୍କ ସ୍ମୃତିରେ ସ୍ମରଣିକା ଉନ୍ମୋଚନ କରିଥିଲେ। ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲ ସ୍ୱାଗତ ଭାଷଣ ଓ ଶିବକୁମାର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

### ସ୍ଥାୟୀ ପୋଲ ନିର୍ମାଣ ଦାବି

ସମ୍ବଲପୁର,୭।୮ (ଶୁଭାଶିଷ ପାଢ଼ୀ)

ଲଗାଣ ବର୍ଷା ଜିଲାର ବିଭିନ୍ନ ଅଞ୍ଚଳର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବିଶେଷକରି ଗ୍ରାମାଞ୍ଚଳର ଲୋକଙ୍କ ଦୁଃଖ ଦୁଇଗୁଣ ହୋଇଯାଇଛି। ହେଲେ ରାଜ୍ୟ ସରକାର ଏହାର ମୁକାବିଲା କରିବାରେ ବିଫଳ ହୋଇଛନ୍ତି। ପ୍ରଶାସନ ପାଖରେ ଅଭିଯୋଗ କରିବା ପରେ ମଧ୍ୟ ସୁଫଳ ମିଳିପାରୁନାହିଁ। ଏଭଳି ସମସ୍ୟା ଭିତରେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ଅନେକ ଅଞ୍ଚଳ ରହିଛି। ଏହାର ସମାଧାନ କରି ଲୋକଙ୍କୁ ସୁବିଧା ଯୋଗାଇ ଦିଆଯାଉ ବୋଲି ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ଦାବି କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ଲଗାଣବର୍ଷା ପରେ ବଡମାଲ ପଞ୍ଚାୟତରେ ପୂର୍ବରୁ ଥିବା କାଠପୋଲ ଧୋଇଯାଇଥିଲା। ଫଳରେ ବ୍ରାହ୍ମଣିପାଲି ଗ୍ରାମକୁ ଯିବା ଆସିବା ବନ୍ଦ ହୋଇଯାଇଥିଲା। ହେଲେ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ପୁଣି କାଠପୋଲ ନିର୍ମାଣ କରି ଯା'ଆସ କରୁଛନ୍ତି। ଏଠାରେ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ସେ ଦାବି କରିଛନ୍ତି। ରାଜ୍ୟ ସରକାର ବିକାଶ କରୁଥିବା କହୁଛନ୍ତି। ହେଲେ ଏହି ଅଞ୍ଚଳର ଗ୍ରାମଗୁଡିକ ବିକାଶଠାରୁ ବହୁ ଦୂରରେ ରହିଛି। ରାସ୍ତା, ପାନୀୟଜଳ ଭଳି ସମସ୍ୟା ଲାଗିରହିଛି। ଏହାର ଶୀଘ୍ର ସମାଧାନ କରାଯାଉ ବୋଲି ଦାବି କରିଥିଲେ ।

### ସ୍ୱଚ୍ଛତା ଜାଗରଣ ଅଭିଯାନ ଶୀର୍ଷକ କର୍ମଶାଳା

ସମ୍ବଲପୁର,୭।୮ (ବି.ଶଙ୍କର)

ସମ୍ବଲପୁର ଗୁରୁ ନାନକ ପବ୍ଲିକ ସ୍କୁଲ ସଭାକକ୍ଷରେ ସୋମବାର ସ୍ୱଚ୍ଛତା ଜାଗରଣ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷ ରବୀନ୍ଦ୍ର ନାଥ ଦାଶଙ୍କ ପରିଚାଳନାରେ କର୍ମଶାଳା ହୋଇଥିଲା। ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ଯୋଗଦେଇ ପରିବେଶ ପରିଚ୍ଛନ୍ନତା ଓ ଡଷ୍ଟବିନର ବ୍ୟବହାର ବିଷୟରେ ଆଲୋକପାତ କରିଥିଲେ। ସେହିପରି ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ ଓ ପ୍ରବର୍ତ୍ତନ ଅଧକାରୀ ଶୁଭଙ୍କର ମହାନ୍ତି ସ୍କୁଲର ପରିବେଶ ସୁରକ୍ଷା ଓ ତା'ର ଯତ୍ନ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ଚିତ୍ରାଙ୍କନ, ନାଟକ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ସ୍ୱତନ୍ତ୍ର ବ୍ଲକ ଗଠନ ଦାବି ତେଜୁଛି

**ମାନେଶ୍ୱର, ଝୁଝୁମୁରା, ଜମନକିରା ବ୍ଲକର କିଛି ପଞ୍ଚାୟତକୁ ମିଶ୍ରଣ କରାଯାଉ**

ସମ୍ବଲପୁର,୭।୮ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲାରେ ସ୍ୱତନ୍ତ୍ର ବ୍ଲକ ଗଠନ ଦାବି ତେଜିବାରେ ଲାଗିଛି। ୩ଟି ବ୍ଲକର ନିର୍ବାଚିତ ଜନପ୍ରତିନିଧି ଓ ଅଞ୍ଚଳର ସାମାଜିକ କର୍ମୀ ମିଳିତ ହୋଇ ରବିବାର କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ଲୋକଙ୍କ ପାଖରେ ପ୍ରଶାସନ ପହଞ୍ଚି କାମ କରୁଛି। କିନ୍ତୁ ଦୂରତା, ଯାନବାହନର ସମସ୍ୟା, ସାମାଜିକ ସୁରକ୍ଷା, ଗମନାଗମନ ଓ ଭୌଗୋଳିକ ସ୍ଥିତକୁ ନେଇ ନୂତନ ବ୍ଲକ ଗଠନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏଭଳି ସମସ୍ୟା କେବଳ ଝୁଝୁମୁରା ଓ ଜମନକିରା ବ୍ଲକର ରହିନାହିଁ। ବରଂ ମାନେଶ୍ୱର ବ୍ଲକର ନୂଆଁତିହୁରା ମଧ୍ୟ ଏଭଳି ଅସୁବିଧାରେ ଘାରି ହେଉଛି। ଏହାକୁ ଆଖିଆଗରେ ରଖି ଝୁଝୁମୁରା, ଜମନକିରା ଓ ମାନେଶ୍ୱର ବ୍ଲକର କେତେକ ପଞ୍ଚାୟତକୁ ଏକାଠି କରି ସ୍ୱତନ୍ତ୍ର ବ୍ଲକ ଗଠନ କରାଯାଉ।



କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ଦେବା ଅବସରରେ ଜନପ୍ରତିନିଧି।

ଝୁଝୁମୁରା ବ୍ଲକର କୁକୁଡାପାଲି, ଜୟନ୍ତପୁର, କବରାପାଲି, ବାହାମ, ଘେନୁପାଲି, ନୂଆଁ ବରଙ୍ଗାମାଲ, ମେଘପାଲ, ଛାମୁଣ୍ଡା, ଟାମ୍ପରଗଡ ଓ ଡଙ୍ଗରପଡା ସହ ଜମନକିରା ବ୍ଲକର କୁଲୁଣ୍ଡି, ମୁଣ୍ଡେନପାଲି ଓ ଖରସନମାଲ ପଞ୍ଚାୟତକୁ ମିଶାଇ ଏକ ସ୍ୱତନ୍ତ୍ର ବ୍ଲକ ଗଠନ ପାଇଁ ୧୯୯୬ ମସିହାରୁ ଦାବି ହୋଇଆସୁଛି। ସ୍ମାରକପତ୍ରରେ ବାହାମ ସରପଞ୍ଚ ସରସ୍ୱତୀ ଭୋସାଗର, କୁକୁଡାପାଲି ସରପଞ୍ଚ ଗୀତାଞ୍ଜଳି ଦେହୁରି, ଜୟନ୍ତପୁର ସମିତି ସଭ୍ୟା ଅନିତା ପ୍ରଧାନ, ସରପଞ୍ଚ ଆରତୀ ତାଣ୍ଡିଆ, ଡଙ୍ଗରପଡା ସରପଞ୍ଚ ଅୟସକାନ୍ତ ବଡପଣ୍ଡା, କବରାପାଲି ସରପଞ୍ଚ ଅନ୍ତର୍ଯ୍ୟାମୀ ପ୍ରଧାନ, ସମିତିସଭ୍ୟା ବନିତା ଓରାମ, କୁଲୁଣ୍ଡି ସରପଞ୍ଚ ପଙ୍କଜିନି କୁମୁରା, ଟାମ୍ପରଗଡ ସରପଞ୍ଚ କ୍ଷୀରୋଦ ରାଉଳ, ଘେନୁପାଲି ସରପଞ୍ଚ ଜଗତରାମ ମିର୍ଦ୍ଧା, ନୂଆଁବରଙ୍ଗାମାଲ ସରପଞ୍ଚ ସେବିକା ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଦେବାନନ୍ଦ ଭୋସାଗର ଓ ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବିଧାୟକ ରବିନାରାୟଣ ନାୟକ, ବୃନ୍ଦାବନ ମାଝି, ସୀମାଞ୍ଚଳ ଖଟେଇ, ଦେବେନ୍ଦ୍ର ମହାପାତ୍ର, ଭାଜପା ଜିଲା ସଭାପତି ଗିରିଶ ପଟେଲ, ପ୍ରକାଶ ବଡାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ, ଶିକ୍ଷା ନିରୀକ୍ଷକ ସଂଘର ସଚିବଙ୍କୁ ଦାବିପତ୍ର

ଜମନକିରା, ୭।୮ (ରବୀନ୍ଦ୍ର ପ୍ରସାଦ ଦାନି)

ନିଖିଳ ଉତ୍କଳ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ସଭାପତି ଚନ୍ଦ୍ରମଣି ଟାଇୱାନଙ୍କ ନେତୃତ୍ୱରେ ସୋମବାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ କମିଶନର ତଥା ଶାସନ ସଚିବ ରୂପା ରୋସନ ସାହୁଙ୍କୁ ୧୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଦାବିପତ୍ର ଗ୍ରହଣ କରି ଆସନ୍ତା ସେପ୍ଟେମ୍ବର ମାସରେ ସେମାନଙ୍କ ଦାବି ଉପରେ ବିସ୍ତୃତ ଆଲୋଚନା କରାଯିବ ବୋଲି ସଚିବ ସାହୁ ପ୍ରତିଶ୍ରୁତି ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ରଥ, ମହିଳା ପ୍ରତିନିଧି ଝରାମଣି ଦେଇ, କୋଷାଧ୍ୟକ୍ଷ କାଳୀ କିଙ୍କର ପଟ୍ଟନାୟକ, ଉପସଭାପତି ଦୈତାରି ଦିଶାଲ, ସଂଘର ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ଜଗତ, ମଣ୍ଡଳ ସ୍ତରୀୟ ସମ୍ପାଦକ ପ୍ରଫୁଲ୍ଲ ଜଗତ, ତୀର୍ଥରାଜ ନାୟକ, ପ୍ରଶାନ୍ତ ମଲ୍ଲିକ ଉପସ୍ଥିତ ଥିଲେ।

## ସ୍ୱାଧୀନତା ଦିବସ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା

ସମ୍ବଲପୁର,୭।୮ (ବି.ଶଙ୍କର)

**ଭାଗ ନେଲେ ୭୨ ପ୍ରତିଯୋଗୀ**

ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ସୋମବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ପ୍ରଶାସନ ଓ ଓଡ଼ିଶା ସାଂସ୍କୃତିକ ସମାଜର ମିଳିତ ଆନୁକୂଲ୍ୟରେ ହୋଇଥିବା ପ୍ରତିଯୋଗିତାରେ ୧୦ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୨୨ ଉଚ୍ଚ ବିଦ୍ୟାଳୟରୁ ସମୁଦାୟ ୭୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଶୋକ କୁମାର ପ୍ରଧାନ କୁଇଜ୍ ମାଷ୍ଟର ଭାବରେ ପ୍ରତିଯୋଗିତା ପରିଚାଳନା କରିଥିଲେ। ସାଂସ୍କୃତିକ ସମାଜର ପ୍ରଶାନ୍ତ ପାଟଯୋଶୀ ଓ ଦୀନବନ୍ଧୁ ପଣ୍ଡା ମୂଲ୍ୟାଙ୍କନ କାର୍ଯ୍ୟ ତୁଲାଇଥିଲେ। ମହାବିଦ୍ୟାଳୟ ସ୍ତରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମୋହନ ସିଂ ଓ ସମୀର ସୁନା ପ୍ରଥମ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ମାନସ ରଞ୍ଜନ ମିଶ୍ର ଓ ଶିବାନନ୍ଦ ପୋଢ ଦ୍ୱିତୀୟ, ହୀରାକୁଦ ଏନ୍ଏସି କଲେଜର ସୁନୀଲ ସାଗର ଓ ଲକ୍ଷ୍ମୀ ସିଂ ଏବଂ ବୁର୍ଲା ଏନ୍ଏସି କଲେଜର ରୋହନ ବନଛୋର ଓ ସଞ୍ଜନା କୁମାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଉଚ୍ଚମାଧ୍ୟମିକ ସ୍ତରୀୟ ପ୍ରତିଯୋଗିତାରେ ବିକାଶ ସିଏଚ୍ଏସ୍‌ସିର ସ୍ୱୟଂସୁ ସତ୍ୟପ୍ରଜ୍ଞ ସାହୁ, ରାହୁଲ ମହାପାତ୍ର ପ୍ରଥମ, ରେଙ୍ଗାଲି ଆଦର୍ଶ ବିଦ୍ୟାଳୟର ପ୍ରମିତା ଭୋଇ, ବର୍ଷାରାଣି ଭୋଇ ଏବଂ ଗଙ୍ଗାଧର ମେହେର ଉଚ୍ଚମାଧ୍ୟମିକ ବିଶ୍ୱବିଦ୍ୟାଳୟର ସାହିଲ ପାତ୍ର, ହରି ସାହା ଏବଂ ଡିଏଭି ପବ୍ଲିକ ସ୍କୁଲ ବୁର୍ଲାର ପ୍ରାଞ୍ଜଳି ଟୁଡୁ, ଶ୍ରେୟାଂସ ଦାନି ଦ୍ୱିତୀୟ, ବିକାଶ ସ୍କୁଲର ଦିଶାଳୀ ବିଶ୍ୱାଳ, ସିପ୍ରା କିଷାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟ ସ୍ତରରେ ହୀରାକୁଦ ଶିଶୁ ବିଦ୍ୟାମନ୍ଦିରର ସୁହାନା ନାୟକ, ଶାଶ୍ୱତୀମୟୀ ଲେଙ୍କା ଏବଂ ମଦନାବତୀ ପବ୍ଲିକ ସ୍କୁଲର ଦିବ୍ୟ ସୁନ୍ଦର ପଣ୍ଡା, ହିତେଶ ମହାନ୍ତ ପ୍ରଥମ ହୋଇଛନ୍ତି। ଲେଡିଲୁଇଜ ସ୍କୁଲର ଅର୍ପିତା ପ୍ରଧାନ, ଅଙ୍କିତା ପ୍ରଧାନ, ଡିଏଭି ପବ୍ଲିକ ସ୍କୁଲର ସମର୍ପଣ ଦାଶ, ମନୀତ ପଟେଲ, ସେଣ୍ଟ ଜୋସେଫର ଅମିକେଶ ସାହୁ, ପ୍ରୟାସ ବେହେରା ଦ୍ୱିତୀୟ ଏବଂ ବାଲିବନ୍ଧା ବାଳିକା ବିଦ୍ୟାଳୟର ରାଜଲକ୍ଷ୍ମୀ ବେହେରା, ମିତୁ ଗଡନାୟକ, ଶ୍ରୀଗଣେଶ ବିଦ୍ୟାଳୟର ରାଜଶ୍ରୀ ମୁନା, ସୋନାଲି ସ୍ୱାଇଁ, ନାନକରାମ ଉଚ୍ଚ ବିଦ୍ୟାଳୟର ମୁସ୍କାନ ବାଲେ, ଚୈତନ୍ୟ ପାଣ୍ଡେ, ଧନକଉଡା ଆଦର୍ଶ ବିଦ୍ୟାଳୟର ସ୍ୱରିତ ପାଢୀ, ଲିପ୍ସା ଦାଶ ତୃତୀୟ ସ୍ଥାନରେ ରହିଛନ୍ତି।

## ସମ୍ବଲପୁର ପ୍ରେସ କ୍ଲବରେ ଶୋକସଭା

ସମ୍ବଲପୁର, ୭।୮ (ବି.ଶଙ୍କର)

ଖବରଦାତା ତଥା ସାହିତ୍ୟିକ କୁମାର ହସନ ଓ ବରିଷ୍ଠ ସାମ୍ବାଦିକ ପ୍ରମୋଦ ପଟ୍ଟନାୟକଙ୍କ ପରଲୋକରେ ସୋମବାର ସମ୍ବଲପୁର ପ୍ରେସ କ୍ଲବରେ ଶୋକସଭାର ଆୟୋଜନ କରାଯାଇଥିଲା। ଉଭୟଙ୍କ ପରଲୋକ ସମ୍ବଲପୁର ସମେତ ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଉଭୟେ ଅବହେଳିତ, ନିଷ୍ପେଷିତ, ଚାଷୀ, ମୁଲିଆଙ୍କ କଥାକୁ ଲୋକ ଲୋଚନକୁ ଆଣିବାକୁ ଚେଷ୍ଟା କରୁଥିଲେ। ପ୍ରେସ କ୍ଲବ ସାଧାରଣ ସମ୍ପାଦକ ଭବାନୀଶ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସଭାପତି ତ୍ରିବିକ୍ରମ ପ୍ରଧାନ, ବରିଷ୍ଠ ସଦସ୍ୟ ସୁବାସ ପାଣିଗ୍ରାହୀ, ସବିତା ମିଶ୍ର, ଅନିଲ ଶ୍ରୀରାମକା, ରାଜାରାମ ପାଢ଼ୀ, ଅମଳେନ୍ଦୁ ନାୟକ, ସଞ୍ଜୟ ଜେନା, ବାଦଶାହ ଜୁସମନ ରଣା, ବ୍ୟୋମକେଶ ପଣ୍ଡା, ଜ୍ଞାନବ୍ରତ ଭୋଇ, ନିମାଇଁ ସାହୁ, ରାଜେଶ ବିଭାର, ପ୍ରମୁଖ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଗଛପଡ଼ି ଭାଙ୍ଗିଲା ଘର

କୁଚିଣ୍ଡା,୭।୮ (ବିରଞ୍ଚି ଦର୍ଶୀ)

ଲଗାଣ ବର୍ଷା ଯୋଗୁ ବାମରା ବ୍ଲକ ଅନ୍ତର୍ଗତ ଜରାବଗା ପଞ୍ଚାୟତ କର୍ଲିଆଡିହି ଗ୍ରାମର ବିଧବା ବେଙ୍ଗ ଖଡିଆ(୬୫)ଙ୍କ ଘର ଉପରେ ଗଛ ପଡି ଭାଙ୍ଗିଯାଇଛି। ସ୍ୱର୍ଗତ କାର୍ତ୍ତିକ ଖଡ଼ିଆଙ୍କ ସ୍ତ୍ରୀ ବେଙ୍ଗ ବହୁ କଷ୍ଟରେ ଏକ ଝାଟିମାଟି କୁଡିଆ ଘର ତିଆରି କରି ରହୁଥିଲେ। ରବିବାର ପାଖରେ ଥିବା ଆମ୍ବ ଗଛ ଉପୁଡିପଡିବାରୁ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଫଳରେ ବେଙ୍ଗ ଓ ତାଙ୍କର ଦୁଇପୁଅ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଦୁଇପୁଅ ବାହାରକୁ ଯାଇ ମଜୁରିଆ କାମ କରୁଥିବାରୁ ସେମାନଙ୍କ ପକ୍ଷେ ଘର ମରାମତି କରିବା କିମ୍ବା ନୂଆ ଘର କରିବା ସମ୍ଭବପର ନୁହେଁ। ଅନ୍ନପୂର୍ଣ୍ଣା ଯୋଜନାରେ ମିଳୁଥିବା ଚାଉଳ କୌଣସି କାରଣରୁ ବନ୍ଦ ହୋଇଯାଇଥିବାରୁ ସେମାନେ ଏବେ କେବଳ ରାଶନ କାର୍ଡରୁ ଚାଉଳ ପାଉଥିବା ବେଙ୍ଗ କହନ୍ତି। ତେଣୁ ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ସେ ଦାବି କରିଛନ୍ତି।



ଗଛପଡି ଭାଙ୍ଗିଯାଇଥିବା ଘର।

## ସମ୍ବଲପୁରରେ ବିହଙ୍ଗମ ଯୋଗସଂସ୍ଥାର ସଂକଳ୍ପ ଯାତ୍ରା

ସମ୍ବଲପୁର,୭।୮ (ବି.ଶଙ୍କର)

କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବାହାରିଥିବା ବିହଙ୍ଗମ ଯୋଗ ସଂସ୍ଥାର ସଂକଳ୍ପ ଯାତ୍ରା ରବିବାର ସମ୍ବଲପୁରରେ ପହଞ୍ଚିବା ପରେ ଡକ୍ଟର ରାଧାନାଥ ରଥ କମ୍ୟୁନିଟି ସେଣ୍ଟରଠାରେ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହ ବିହଙ୍ଗମ ଯୋଗ ସଂସ୍ଥାର ପ୍ରଧାନ ସଦ୍‌ଗ୍ରନ୍ଥ ସ୍ୱର୍ବେଦର ଓଡ଼ିଆ ସଂସ୍କରଣକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉପଦେଷ୍ଟା ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ସଭା ହୋଇଥିଲା। ରଙ୍ଗବତୀ ଗୀତର ସ୍ରଷ୍ଟା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ନାଗାରାଜୁ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ସମ୍ମାନିତ ଅତିଥି ଥିଲେ। କାର୍ଯ୍ୟକ୍ରମର ଆବାହକ ସଞ୍ଜୟ ପଣ୍ଡା ଓ ଅନାମିକା ପଣ୍ଡା ସଂସ୍ଥାର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ସମ୍ବଲପୁର ପୌର ପରିଷଦର ପୂର୍ବତନ ନଗରପାଳ ଗିରିଶ ପଟେଲ, ଶିକ୍ଷାବିତ୍ ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ସେବକ ତ୍ରିପାଠୀ, ଆଇଆଇଏମ୍‌ର ସହକାରୀ ପ୍ରଫେସର ସୁଜିତ ପୃଷେଠ, ଆଇନଜୀବୀ ଦୀନଦୟାଲ ଅଗ୍ରୱାଲ, ସାମାଜିକ କର୍ମୀ ଉଦ୍ଧବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାଗତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ବିଦ୍ୟୁତ୍ ବିଭ୍ରାଟ ନେଇ ଜନ ଅସନ୍ତୋଷ

ପଡିଆବାହାଲ, ୭।୮ (ରାଧାମୋହନ ଷଡ଼ଙ୍ଗୀ)

ଝୁଝୁମୁରା ବ୍ଲକର ଘେନୁପାଲି, ନୂଆବରଙ୍ଗମାଲ, ଟାମ୍ପରଗଡ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ବିଭ୍ରାଟ ନେଇ ଜନଅସନ୍ତୋଷ ଦେଖାଦେଇଛି। ବିନା ବର୍ଷାପବନରେ ବିଦ୍ୟୁତ୍ ବିଚ୍ଛିନ୍ନ କରିଦିଆ ଯାଉଥିବାବେଳେ ପୁନଃ ସଂଯୋଗ ଦେବାକୁ ୮ରୁ ୧୦ଘଣ୍ଟା ସମୟ ଲାଗିଯାଉଥିବା ନେଇ ଘେନୁପାଲି ୱାର୍ଡମେମ୍ବର ଲଳିତା ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ମରାମତି ନାମରେ ବାରମ୍ବାର ଏଭଳି ବିଭ୍ରାଟ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ତୁରନ୍ତ ଏହାର ପ୍ରତିକାର ନ ହେଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସାମାଜିକ କର୍ମୀ ଅଶୋକ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ଯୋଗ ଓ ଅହିଂସା ହିଁ ସୁସ୍ଥ ଜୀବନର ମାଧ୍ୟମ



ଯୋଗ ଅଭ୍ୟାସ କରୁଛନ୍ତି ଛାତ୍ରୀଛାତ୍ର।

ସମ୍ବଲପୁର,୭।୮ (ବି.ଶଙ୍କର)

ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ମୀନକେତନ ପାଠୀ ପ୍ରଶିକ୍ଷକ ଭାବେ ଯୋଗଦେଇ ଅହିଂସା ଶୀର୍ଷକରୁ ଶିକ୍ଷାଦାନ ଆରମ୍ଭ କରିଥିଲେ। ମହାତ୍ମା ଗାନ୍ଧୀ ଓ ଅନ୍ୟ ମହାପୁରୁଷଙ୍କ ଜୀବନରେ ଅହିଂସା ବ୍ରତ ଥିଲା। ତେଣୁ ଛାତ୍ରୀଛାତ୍ର ଅହିଂସା ନୀତି ପୋଷଣ କରିବାକୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଯୋଗଗୁରୁ ଡାକ୍ତର ଜୟଦେବ ମେହେର ଓ ତାଙ୍କ ସହଯୋଗୀ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏଥିସହ ଯୋଗର ବିଭିନ୍ନ ମୁଦ୍ରା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ସମ୍ପାଦକ ରଘୁନାଥ ମିଶ୍ର, ଶିକ୍ଷାବିତ୍ ଶିବଶଙ୍କର ଷଡ଼ଙ୍ଗୀ, ଯୋଗ ପ୍ରଶିକ୍ଷକ ମଧୁରାଜ ନାୟକ, ଡ. ସୁଷମା ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ ୧୩ ହାଇସ୍କୁଲରୁ ୨୫ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

ସମ୍ବଲପୁର,୭।୮ (ବି.ଶଙ୍କର)

ହୀରାକୁଦସ୍ଥିତ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାର ଶୁଭାରମ୍ଭ ହୋଇଛି। କମ୍ପାନୀର ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେ, ମାନବ ସମ୍ବଳର ଯୁଗ୍ମ ସଭାପତି କ୍ରୀଷ୍ଣା ପାଢୀ, କମ୍ପାନୀର ମୁଖ୍ୟ ମେଡିକାଲ ଅଫିସର ଡାକ୍ତର ସୁବ୍ରତ ଚାଟାର୍ଜୀ ଓ ସିଏସ୍ଆର୍ ଓଡ଼ିଶା କ୍ଲଷ୍ଟର ମୁଖ୍ୟ ଶିବ ମହାପାତ୍ର ସବୁଜ ପତାକା ଦେଖାଇ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଥିଲେ। ଏଥିରେ ଡାକ୍ତର ପରାମର୍ଶ ଓ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବିତରଣ ବ୍ୟବସ୍ଥା କରାଯାଇଛି। ଏହି ସେବା ଦ୍ୱାରା ଜନସାଧାରଣ ଉପକୃତ ହେବେ ବୋଲି ମାନବ ସମ୍ବଳର ଯୁଗ୍ମ ସଭାପତି ପାଢୀ କହିଥିଲେ। ଆଡ୍‌ମିନ୍ ବିଭାଗର କର୍ଣ୍ଣେଲ ସନ୍ଦୀପ ତିୱାରୀ, ରାଜ ସିଂ, ଅଜୟ ଦଳାଇ ଓ ହୀରାକୁଦ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ସୁକାନ୍ତ ମହାପାତ୍ର, ବିଘ୍ନେଶ୍ୱର ପଣ୍ଡା, ଏଫ୍ଆର୍‌ପି ପାରିପାର୍ଶ୍ୱିକ ଉନ୍ନୟନ ମୁଖ୍ୟ ଜୀତେଶ ରଥ, ଆନନ୍ଦ ଚକ୍ରବର୍ତ୍ତୀ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀଙ୍କ ସମେତ ହିଣ୍ଡାଲ୍‌କୋ ମେଡିକାଲ ବିଭାଗର ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାର ଶୁଭାରମ୍ଭ କରାଯାଉଛି।

## ବାମରା ଅଞ୍ଚଳରେ ଲେଢ଼ାପୋକ ପ୍ରାଦୁର୍ଭାବ

କୁଚିଣ୍ଡା,୭।୮ (ବିରଞ୍ଚି ଦର୍ଶୀ)

ଚଳିତବର୍ଷ ଚାଷ ପାଇଁ ପାଗ ଅନୁକୂଳ ଥିବାବେଳେ ଲଗାଣ ବର୍ଷା ହେତୁ ଧାନ ଫସଲରେ ଲେଢ଼ାପୋକର ପ୍ରାଦୁର୍ଭାବ ଚାଷୀଙ୍କୁ ଚିନ୍ତାରେ ପକାଇଛି। ବାମରା ବ୍ଲକର ୬ ପଞ୍ଚାୟତର ମୋଟ ୨୨ ଗାଁ ଏଥିରେ ପ୍ରଭାବିତ ହୋଇଥିବା ବ୍ଲକ କୃଷି ଅଧିକାରୀ ଦେବାନନ୍ଦ ସାହୁଙ୍କ ରିପୋର୍ଟରୁ ଜଣାପଡିଛି। କୁଟାରିମାଲ ପଞ୍ଚାୟତର ୬, ଉଚ୍ଚକାପାଟର ୨, ପିଣ୍ଡାପଥରର ୩, ଗଡ଼ପୋଷର ୩, ଲରିଆପାଲିର ୬ ଓ ବାବୁନିକ୍ତିମାଲ ପଞ୍ଚାୟତର ୪ଟି ଗ୍ରାମରେ ଲେଢ଼ା ପୋକ ବ୍ୟାପିଛି। ଏହିସବୁ ଗ୍ରାମର ମୋଟ ୧୩ ହେକ୍ଟର ଚାଷ ଜମିରେ ମଧ୍ୟମ ଧରଣର ଓ ୨୨ ହେକ୍ଟର ଚାଷ ଜମିରେ ନିମ୍ନଧରଣର ଲେଢା ପୋକ ଲାଗି ଧାନ ଫସଲ କ୍ଷୟକ୍ଷତି ହୋଇଥିବା କୃଷି ବିଭାଗ ପକ୍ଷରୁ ପ୍ରାଥମିକ ଭାବେ ଆକଳନ କରାଯାଇଥିବା କୁହାଯାଇଛି। ଏ ନେଇ କୁଟାରିମାଲ ପଞ୍ଚାୟତର ସରପଞ୍ଚ ତ୍ରିଲିଙ୍ଗ ଛତ୍ରିଆ ବାମରା ବ୍ଲକ ଓ ସମ୍ବଲପୁର ଜିଲା କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାମରା ବ୍ଲକ କୃଷି ଅଧିକାରୀଙ୍କ ରିପୋର୍ଟ ଓ ସରପଞ୍ଚଙ୍କ ଅଭିଯୋଗକୁ ଭିତ୍ତି କରି ରାଜ୍ୟ ସରକାରଙ୍କ କୃଷି ବିଭାଗ ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର କୃଷି ବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ଲିଙ୍ଗରାଜ ଦୀପ, କୁଚିଣ୍ଡା କୃଷି ଜିଲା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ବାମରା ସହକାରୀ କୃଷି ଅଧିକାରୀ ପୃଥୀରାଜ ଭୋଇ, କୁଟାରୀମାଲ ଭିଏଡବ୍ଲ୍ୟୁ ରମିତା ଭୋଇ ପ୍ରମୁଖ ପ୍ରଭାବିତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। କୃଷି ଅଧିକାରୀମାନେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ଲେଢ଼ା ପୋକ ନିୟନ୍ତ୍ରଣ, ଏହାର ନିରାକରଣ ଓ କୀଟନାଶକ ପ୍ରୟୋଗ ପ୍ରକ୍ରିୟା ବିଷୟରେ ପରାମର୍ଶ ଦେଇଛନ୍ତି। ଏଥିରେ ଯଦି ନିୟନ୍ତ୍ରଣ ନ ହୁଏ ତେବେ ଆବଶ୍ୟକ ପଡ଼ିଲେ ରାଜ୍ୟ କୃଷି ନିର୍ଦ୍ଦେଶାଳୟ, ସମ୍ବଲପୁର ଆଞ୍ଚଳିକ କୃଷି ବିଜ୍ଞାନ କେନ୍ଦ୍ର କିମ୍ବା କୃଷି ଅଧିକାରୀଙ୍କ ସହିତ ସିଧାସଳଖ କଥା ହୋଇପାରିବେ ବୋଲି କୃଷି ବୈଜ୍ଞାନିକ ଦୀପ ଚାଷୀମାନଙ୍କୁ କହିଛନ୍ତି।

**ସ୍ଥିତି ଅନୁଧ୍ୟାନ କଲେ କୃଷି ବୈଜ୍ଞାନିକ**




ବିଲରେ ଲେଢ଼ାପୋକ ସ୍ଥିତି ଅନୁଧ୍ୟାନ କରୁଛନ୍ତି ଅଧିକାରୀ।

## ସଂକ୍ଷେପରେ

### ଜିଲାପାଳଙ୍କ ଜନଶୁଣାଣି ଶିବିର

ଭବାନୀପାଟଣା,୭।୮(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ପ୍ରସାଦ ଗୁରୁ, ଭବାନୀପାଟଣା ଉପଜିଲାପାଳ ଡ ବିଶ୍ୱଜିତ୍ ଦାସଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୯୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୮୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୧ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତଥିଲା। ୯ଟି ଅଭିଯୋଗର ସମାଧାନ ତତକ୍ଷଣା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ କଲମପୁର ବ୍ଲକର ସୁନ୍ଦୁରିଯୋର୍ ଗ୍ରାମର ବେଲମତୀ ନିଆଲଙ୍କୁ କର୍କଟ ଚିକିତ୍ସା ସହାୟତା ବାବଦ ୩୦୦୦୦ ଟଙ୍କା ଓ କୋକସରା ବ୍ଲକ କାଉଡୋଳା ଗ୍ରାମର ଚତୁରୀ ବେଶ୍ରାଙ୍କୁ ଘର ସହାୟତା ବାବଦ ୫୦୦୦ ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରଯାଇଥିଲା।

### ବୋର୍ଡାଆପଡ଼ା ଗ୍ରାମର ବିଭିନ୍ନ ସମସ୍ୟା ବୁଝିଲା ଏଏପି

ଖଡ଼ିଆଳ,୭।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଖଡ଼ିଆଳ ବ୍ଲକ ବୋର୍ଡାପଡ଼ା ଗ୍ରାମକୁ ଯାଇ ଲୋକଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ। ଗାଁରେ ଲୋକଙ୍କ ଘର ଭୁଶୁଡ଼ି ଯାଇଛି। ୩ ମାସରୁ ଊର୍ଦ୍ଧ୍ୱ ହେବ ପିଡିଏସ ଚାଉଳ ଦିଆ ଯାଇନାହିଁ। ଗତ ୪ ବର୍ଷ ହେବ ଗାଁର ବିଦ୍ୟାଳୟ ସରକାରଙ୍କ ଦ୍ୱାରା ବନ୍ଦ କରାଯିବା ଯୋଗୁ ଛାତ୍ରୀଛାତ୍ରମାନେ ଅନ୍ୟତ୍ର ଯାଇ ପାଠ ପଢିବା କଷ୍ଟକର, ବୋର୍ଡାପଡ଼ାରୁ ଚନାବେଡ଼ା ଯିବା ରାସ୍ତା ସମ୍ପୂର୍ଣ୍ଣ କାଦୁଅରେ ଭର୍ତ୍ତି ହୋଇଛି। ଲୋକଙ୍କ ଏଭଳି ଆପତ୍ତି ଅଭିଯୋଗ ଏଏପିର ଜିଲା ଆବାହକ ଶୋକନାଥ ସେନାପତିଙ୍କୁ ଜଣାଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ପାଇଁ କରାଯାଇଥିଲେ ମଧ ସରକାରଙ୍କ ଉଦାସୀନତା ଯୋଗୁ କେନ୍ଦ୍ର ଓ ରାଜ୍ୟର ସବୁ ଯୋଜନା ଫେଲ ମାରିଛି ବୋଲି ସେନାପତି କହିଥିଲେ। ଏଥିରେ ଜିଲା ସାଧାରଣ ସମ୍ପାଦକ ଚମ୍ପେଶ୍ୱର୍ ବଞ୍ଛୋର୍, ଜିଲା ଉପ ସଭାପତି ଚୈତନ୍ୟ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦସଙ୍କୁଳ ଶ୍ରେଣୀ କୋଠରିରେ ପାଠପଢ଼ା

ନୂଆପଡ଼ା,୭।୮(ମକାରୁ ବେମାଲ)

- ଭୟରେ ପିଲା ସ୍କୁଲ ଆସୁନାହାନ୍ତି
- କୋଠରି ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ
- ରପଦରପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଡାମୁଣ୍ଡା ପଞ୍ଚାୟତ ବରପଦରପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ କୋଠରି ବିପଦସଙ୍କୁଳ ଅବସ୍ଥାରେ ଥିବା ଅଭିଯୋଗ ହୋଇଛି। ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୪୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦୁଇ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପୂର୍ବରୁ ଯେଉଁ ସବୁ ଶ୍ରେଣୀ କୋଠରି ରହିଥିଲା ସବୁ ଡେମେଜ ହୋଇ ପଡି ଥିବାରୁ ପୁଣି ନୂତନ ଭାବେ ଦୁଇଟି ଶ୍ରେଣୀ କୋଠରି ନିର୍ମାଣ ହେଲା। ୨ଟି କୋଠରି ମଧ୍ୟରୁ ଗୋଟିଏର ବୀମ ଭାଙ୍ଗି ଯାଇ ଛାତରୁ ପାଣି ଗଳୁଛି। ସେହି କୋଠରି ଭିତରେ ଛାତ୍ରୀଛାତ୍ରମାନଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା ବେଳେ ଅନ୍ୟ ଏକ କୋଠରି ଛାତରୁ ପାଣି ଗଳୁଛି। ବର୍ଷା ହେଲେ ଛାତ୍ରୀଛାତ୍ରମାନଙ୍କୁ ବାରଣ୍ଡାରେ ବସାଇ ପାଠ ପଢାଯାଉଛି। ଅତ୍ୟଧିକ ବର୍ଷା ହେଲେ ସ୍କୁଲ ଛୁଟି ହୋଇ କରାଯାଏ।



ବିପଦ ସଙ୍କୁଳ ବିଦ୍ୟାଳୟ ।

ବିଦ୍ୟାଳୟର ଛାତ କେତେବେଳେ ଭୁଶିଡି ପଡିବ ବୋଲି ଅଭିଭାବକମାନେ ଭୟରେ ପିଲାଛୁଆଙ୍କୁ ସ୍କୁଲ ମଧ୍ୟ ଛାଡୁନାହାନ୍ତି। ଗୋଟିଏ କୋଠରିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ବସାଇ ପାଠପଢା ଯାଉଛି। ସବୁପିଲା ଗୋଟିଏ କୋଠରିରେ ବସିଲେ ଶିକ୍ଷକ କେଉଁ ଶ୍ରେଣୀର ପାଠ ପଢାଇବେ। ଶ୍ରେଣୀ କୋଠରି ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ୫ମ ଶ୍ରେଣୀର ପିଲା ମଧ୍ୟ ଅଆ ଜାଣିନାହାନ୍ତି। ବିଦ୍ୟାଳୟ ପାଇଖାନା ସବୁ ଖରାପ ହୋଇଯିବାରୁ ଛାତ୍ରୀଛାତ୍ରମାନେ ବାହାରକୁ ଶୌଚ ପାଇଁ ଯାଉଛନ୍ତି। ଅଫିସ କୋଠରିରେ ପାଣି ଗଳୁଥିବାରୁ କାଗଜପତ୍ର ସବୁ ପାଣିରେ ଭିଜି ନଷ୍ଟ ହୋଇଯାଉଛି। ମଧ୍ୟାହ୍ନ ଭୋଜନ ଚାଉଳ ଓ ଅନ୍ୟାନ୍ୟ ଜିନିଷ ସବୁ ମଧ୍ୟ ପାଣିରେ ଖରାପ ହେବାରେ ଲାଗିଲାଣି। ଏ ସଂକ୍ରାନ୍ତରେ କୋମନା ଗୋଷ୍ଠି ଶିକ୍ଷା ଅଧିକାରୀ ଅନିତା ପଣ୍ଡାଙ୍କୁ ପଚାରିବାରୁ ମୁଁ ନୂତନ ଭାବେ ଆସିଛି। ମୋ ପାଖରେ ଖବର ନାହିଁ। ତଦନ୍ତ କରିବା ପରେ କ'ଣ ହୋଇଛି ଜଣାପଡିବ। ବରପଦରପଡାରେ ଆବଶ୍ୟକ ଶ୍ରେଣୀ କୋଠରି ନିର୍ମାଣ କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବସୁ ଭୋଇ, ନୀରାଶ ରାଉତ, ସଂଜୁକ୍ତା ଭୋଇ, କଳ୍ପନା ପ୍ରଧାନ, ଚନ୍ଦ୍ରିକା ଭୋଇ, ବ୍ରଜ ମୋହନ ପ୍ରଧାନ, ଧନମତୀ ପ୍ରଧାନ, ଅହଲ୍ୟା ଛତ୍ରିଆ, ଲକ୍ଷ୍ମୀ ସ୍ୱାଇଁ, ମଥୁରା ସ୍ୱାଇଁ, ସୁମିତ୍ରା ସାହୁ, କେଶରୀ ତ୍ରିପାଠୀ ପ୍ରମୁଖ ଦାବି କରିଛନ୍ତି।

## ୮ ଦିବ୍ୟାଙ୍ଗ ପରିବାରକୁ ୨୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା



ଜିଲାପାଳ ଦିବ୍ୟାଙ୍ଗ ପରିବାରକୁ ବିବାହ ପ୍ରୋତ୍ସାହନ ରାଶି ଚେକ୍ ପ୍ରଦାନ କରୁଛନ୍ତି।

କର୍ଲାମୁଣ୍ଡା,୭।୮(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁର ୮ ଦିବ୍ୟାଙ୍ଗ ପରିବାରକୁ ଦିବ୍ୟାଙ୍ଗଙ୍କ ବିବାହ ପ୍ରୋତ୍ସାହନ ସହାୟତା ରାଶି ପ୍ରଦାନ କରାଯାଇଛି। ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, କର୍ଲାମୁଣ୍ଡା ଖ ଜୋନ ଜିଲା ପରିଷଦ ସଭ୍ୟ ତଥା କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ସଭାପତି ସୁରେଶ ଚୌଧୁରୀଙ୍କ ଉପସ୍ଥିତରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗଜବାହାଲ ଗାଁର ଦିବ୍ୟାଙ୍ଗ ଦିଗ ନାଗ ଓ ସ୍ତ୍ରୀ ସବିତା ନାଗ, ଭଟାପଲା ଗାଁର ଫାଲଗୁନ ସାହୁ ଓ ସ୍ତ୍ରୀ ଯଶୋବନ୍ତି ସାହୁ, ବ୍ରହ୍ମଣୀମୁଣ୍ଡା ଗାଁର କୈଳାସ ରଣା ଓ ସ୍ତ୍ରୀ ଅନିତା ରଣା, ତେରେସିଙ୍ଗା ଗ୍ରାମର ଅଞ୍ଜଳି ମାଝି ଓ ତାଙ୍କ ସ୍ୱାମୀ ପବିତ୍ର ମାଝି, ବୋରପଦର ଗ୍ରାମର ବଳରାମ ସାହୁ ଓ ତାଙ୍କ ସ୍ତ୍ରୀ ସୁନାଫୁଲ ସାହୁ, ଜୋରାଡବରା ଗ୍ରାମର ନର୍ମଦା ବେହେରା ଓ ତାଙ୍କ ସ୍ୱାମୀ ବଳଦେବ ଗଉଡ଼, ସ. ମାଲପଡା ଗ୍ରାମର ତପନ ଚନ୍ଦନ ଓ ତାଙ୍କ ସ୍ତ୍ରୀ ଜାନକୀ ହେର୍ନା, ସିଲେଟପଡା ଗ୍ରାମର ଶଶୀଭୂଷଣ ଜାନୀ ଓ ତାଙ୍କ ସ୍ତ୍ରୀ ସୀମା ଜାନୀ ପ୍ରମୁଖଙ୍କୁ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଚେକ ପ୍ରଦାନ କରାଯାଇଛି। ସେହିପରି ଜୁନାଗଡ଼ ବ୍ଲକ ବୁଢ଼ୀପଦର ଗ୍ରାମର ଦିବ୍ୟାଙ୍ଗ ପରିବାର ନୀଳକଣ୍ଠ ଲେଞ୍ଜିଆ ଓ ତାଙ୍କ ସ୍ତ୍ରୀ ସାବେତ୍ରୀ ଲେଞ୍ଜିଆଙ୍କୁ ମଧ ୨ ଲକ୍ଷ ୫୦ ହଜାର ଟଙ୍କାର ଚେକ ଦିଆଯାଇଛି। ୨ଜଣ ଦିବ୍ୟାଙ୍ଗ ଛାତ୍ରଙ୍କୁ ଲାପଟୋପ ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧରେ ବିଏସଏସଓ ସସ୍ମିତା ହୋତା, ଜିଲା ଭିନ୍ନକ୍ଷମ ପୁନଃର୍ବାସ କେନ୍ଦ୍ରର ବାଦଲ ପଟନାଏକ, ନିବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମୀରାବାଈ ସ୍ୱୟଂ ସହାୟକ ଦଳ ପକ୍ଷରୁ ବୃକ୍ଷରୋପଣ

ନୂଆପଡ଼ା,୭।୮(ମକାରୁ ବେମାଲ)

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ରୋକାଲ ପଞ୍ଚାୟତ ଜୟବାହାଲ ଗାଁର ମୀରାବାଈ ସ୍ୱୟଂ ସହାୟକ ଦଳ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ଗୋଷ୍ଠି ସଭାନେତ୍ରୀ ରାଧିକା ସଲମା ଓ ସମ୍ପାଦିକା ଗୋଲାପି ସଲମାଙ୍କ ନେତୃତ୍ୱରେ ଗାଁର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠି ଏକତ୍ରିତ ହୋଇ ରାସ୍ତାର ଉଭୟ ପାର୍ଶ୍ୱରେ, ଗାଁ ଚାରି ପାଖରେ ଓ ପାଖ ଜଙ୍ଗଲରେ ବୃକ୍ଷ ରୋପଣ କରିଛନ୍ତି। ଚଳିତବର୍ଷ ଅଞ୍ଚଳର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠି ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଆସନ୍ତା ବର୍ଷ ସ୍ୱୟଂ ସହାୟକ ଗୋଷ୍ଠିର ଜଣେ ମହିଳା ୧୦ଟି ଗଛ ଲଗାଇବା ସହ ତାହାର ଯତ୍ନ ହେବା ପାଇଁ ଶପଥ ନେଇଛନ୍ତି। ଏହି ସମୟରେ ମୀରାବାଈ ସ୍ୱୟଂ ସହାୟକ ମହିଳା ଗୋଷ୍ଠି ସମେତ ଜୟ ମା' ଖଲ୍ଲାରୀ ସ୍ୱୟଂ ସହାୟକ ଦଳ, ଜୟ ମା' ଦୁର୍ଗା ସ୍ୱୟଂ ସହାୟକ ଦଳ, ମା' ବିଶ୍ୱ ପରଦେଶେନ ସ୍ୱୟଂ ସହାୟକ ଦଳର ସମସ୍ତ ସଭ୍ୟା ଓ ରୋକାଲ ପଞ୍ଚାୟତର୍‌ାଣୀ ମିତ୍ର ମିତାଞ୍ଜଳି ସଲମା ପ୍ରମୁଖ ଉପସ୍ଥିତ ଥିଲେ।

## ହାଟ ପରିସର କଙ୍କ୍ରିଟୀକରଣ କର



କର୍ଦ୍ଦମାକ୍ତ ହୋଇଥିବା ଲାଠୋର ସାପ୍ତାହିକ ହାଟ ପରିସର।

ଲାଠୋର, ୭।୮(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ସାପ୍ତାହିକ ହାଟ ପରିସର ଦୀର୍ଘଦିନ ହେବ କଙ୍କ୍ରିଟକରଣ କରିବାକୁ ଦାବି ହୋଇ ଆସଛି। ହେଲେ ଏଥିପ୍ରତି ପଞ୍ଚାୟତ ଅଫିସଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ କେହି କର୍ଣ୍ଣପାତ କରୁ ନାହାନ୍ତି। ୮୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଲାଠୋର ଦୁର୍ଗା ମଣ୍ଡପଠାରେ ରବିବାର କୃଷି ହାଟ ଏବଂ ବୁଧବାର ଗୋରୁ ହାଟ ବସି ଆସୁଛି। ଦୁଇ ହାଟରୁ ପଞ୍ଚାୟତ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଟିକସ ଆଦାୟ କରୁଥିଲେ ମଧ ଏହାର ଉନ୍ନତି କରଣ ଦିଗରେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହିଁ। ଟିକିଏ ବର୍ଷା ହେଲେ ହାଟ ପରିସରରେ ପାଣି ଜମା ହୋଇ ରହୁଛି। ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। କାଦୁଅରେ ହାଟରୁ ବାହାରୁଥିବା ମଇଳା ଆବର୍ଜନା ମିଶି ପରିବେଶକୁ ପଙ୍କିଳ କରୁଛି। ଲୋକ ପନିପରିବା ତଥା ଗୋରୁ କିଣା ବିକା ପାଇଁ ହାଟକୁ ଆସି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରେ ହାଟର କିଛି ଅଂଶ ରେଳ ବିଭାଗ ଜମିରେ ରହିଥିବା ହେତୁ ଆମେ ସେଠାରେ କୌଣସି ପ୍ରକାର ଉନ୍ନତିକରଣ କାମ କରିପାରୁନାହୁଁ। ରେଳ ବିଭାଗ ଜମି ଛାଡ଼ି ଅନ୍ୟ ସ୍ଥାନମାନଙ୍କରେ ଲୋକଙ୍କ ସୁବିଧା ଦୃଷ୍ଟିରୁ କଙ୍କ୍ରିଟକରଣ କରାଯିବ ବୋଲି କହିଥିଲେ। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବଜାର ପରିସର ଯଥାଶୀଘ୍ର କଙ୍କ୍ରିଟକରଣ କରିବାକୁ ସାଧାରଣରେ ଦାବି ହେଉଛି।

## ଅଂଶଗ୍ରହଣ କଲେ ୧୪୮ ମହିଳା, ପୁରୁଷ ଖେଳାଳି

ଭବାନୀପାଟଣା,୭।୮(ଉତ୍ତମ କୁମାର ଦାଶ)

**ଜାତୀୟ ଜାଭାଲିନ୍ ଥ୍ରୋ ଦିବସ**

କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥା ଆନୁକୂଲରେ ସୋମବାର ଜାତୀୟ ଜାଭାଲିନ୍ ଥ୍ରୋ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାର ୧୪୮ଜଣ ପୁରୁଷ ଓ ମହିଳା ଖେଳାଳି ଅଂଶ ଗ୍ରହଣ କରିଥିଲେ। ପୁରସ୍କାର ବିରତଣୀ ଉତ୍ସବରେ କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା ଅଲମ୍ପିକ ଆସୋସିଏଶନ ସଭାପତି ଜଗମୋହନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା ଯୋଗଦେଇ ବିଜେତା ଖେଳାଳିଙ୍କୁ ସାର୍ଟିଫିକେଟ ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଯୁଗ୍ମ ସମ୍ପାଦକ ସୁନୀଲ କୁମାର ବେହେରା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ କାଳୀ ପ୍ରସାଦ ପଟ୍ଟନାୟକ, ଶମ୍ଭୁ ପ୍ରସାଦ ରାଉତ, ଚକ୍ରଧର ସେଠ, ସର୍ଦ୍ଦାର ସନ୍ତ ସିଂ, ବିପିନ ମିଶ୍ର, ଆଇପିଇ ସଞ୍ଜୟ ମିଶ୍ର, ମହେନ୍ଦ୍ର କୁମାର ପଣ୍ଡା, ଧିରେନ୍ଦ୍ର ପଟ୍ଟନାୟକ, ଭବାନୀ ଶଙ୍କର ପଟ୍ଟନାୟକ, ସର୍ଦ୍ଦାର ନିର୍ମଲ ସିଂ ପ୍ରମୁଖ ଯୋଗଦେଇଥିଲେ।




ବିଜେତାଙ୍କ ସହ ଅତିଥିଗଣ।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

କୋକସରା,୭।୮
(ଦୁଷ୍ମନ୍ତ କୁମାର ପାଢୀଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ସୋମବାର ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ବେସରକାରୀ କାର୍ଯ୍ୟାଳୟ କର୍ମଚାରୀ, କର୍ମକର୍ତ୍ତା ଓ କୋକସରା ଗ୍ରାମର ସଚେତନ ନାଗରିକ ଉପସ୍ଥିତ ରହି ସ୍ୱାଧୀନତା ଦିବସ ପାଳନର ବିଭିନ୍ନ ଦିଗ ଉପରେ ନିଜର ମତାମତ ରଖିଥିଲେ। ପ୍ରତିବର୍ଷ ଭଳି ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ରଚନା, ସାଧାରଣ ଜ୍ଞାନ, ଗୀତ ନାଚ ପ୍ରତିଯୋଗିତା ସହ ମଞ୍ଚରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବରିଷ୍ଠ ନାଗରିକ ପୁରୁଷୋତ୍ତମ ଗୁପ୍ତା, ନିମାଇଁ ଚରଣ ଧ. ମାଝି, ରାମଚନ୍ଦ୍ର ପାଣିଗ୍ରାହୀ, ଅଧାପକ ଅଇରୀ ନାସନ ଚିନ୍ଦା, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦୀନବନ୍ଧୁ କର, ତ୍ରିଭୁବନ ନାଏକ, ସୁଶାନ୍ତ ବେହେରା, ପ୍ରମୋଦ ପ୍ରଧାନୀ, ଦେବରାଜ ମାଝି, ସଞ୍ଜୟ ସିଙ୍ଘଲ, ରବି ନାରାୟଣ ଦାସ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଏସଏସଓ ଦୀପକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ସ୍ୱାଧୀନତା ଦିବସ ପାଳନ ପାଇଁ ଆଲୋଚନା କରାଯାଉଛି।

## ମଶା ପ୍ରାଦୁର୍ଭାବ ବୃଦ୍ଧି, ଡିଡିଟି ସିଞ୍ଚନ ଦାବି

ଖଡ଼ିଆଳ,୭।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଅଞ୍ଚଳରେ ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇଛି। ବିଶେଷ କରି ବିଭିନ୍ନ ଜାଗାରେ ପାଣି ଜମା ରହିବା ଯୋଗୁ ମଶାବଂଶ ବୃଦ୍ଧି ହେଉଛି। ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ପାଇପ ପୋତା କାମ ଚାଲିଛି। ଫଳରେ ରାସ୍ତା ସବୁ ଖାଲଖମାଲ ହୋଇପଡ଼ିଛି। ଏହିସବୁ ଖାଲରେ ମଇଳା କମିବା ସହ ପାଣି ଜମି ରହି ମଶା ବଂଶ ବୃଦ୍ଧି ହେଉଛି। ଗତବର୍ଷ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ମାଗଣାରେ ମଶାରୀ ବଣ୍ଟନ ସହ ବ୍ୟବହାର କରିବା ପାଇଁ ଉତ୍ସାହିତ କରାଯାଉଥିଲା। କିନ୍ତୁ ଗତ ୨ବର୍ଷ ସଚେତନ କରାଯାଉନାହିଁ। ମଶା ବଂଶ ରୋକିବାକୁ ଡିଡିଟି ହିଁ ଏକମାତ୍ର ମାଧ୍ୟମ। ଏହା ଦ୍ୱାରା ମଶା ମରିଯାଇଥାନ୍ତି। ସରକାର ଗତ ବର୍ଷରେ ଡିଡ଼ିଟି ସିଞ୍ଚନ କରୁଥିବା ବେଳେ ଚଳିତ ବର୍ଷ ଆରମ୍ଭ କରିନାହାନ୍ତି। ଅତିଶୀଘ୍ର ଡିଡିଟି ସିଞ୍ଚନ କରାଯାଉ ବୋଲି ଲୋକେ ଦାବି କରିଛନ୍ତି।


ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ପିନାକୀ



@ ଶଶିଭୂଷଣ



@ ସୁବ୍ରତ



@ ସ୍ନେହଲତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ବର୍ଷାରେ ଘର ଭାଙ୍ଗିଲା, ବେସାହାରା ବିଧବା ମହିଳା

ନୂଆପଡ଼ା,୭।୮(ମକାରୁ ବେମାଲ)

ଲଘୁଚାପଜନିତ ଲଗାଣ ବର୍ଷାରେ ଘର ଭାଙ୍ଗି ବେସାହାରା ହୋଇଛନ୍ତି ନୂଆପଡା ଜିଲା ବୋଡେନ ବ୍ଲକ କର୍ଲାକୋଟ ପଞ୍ଚାୟତ ଟାଙ୍ଗରୀପଡା ଗାଁର ବିଧବା ମହିଳା ରୁଦନେ ବେଷ୍ଠା। ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଅନ୍ୟ ଘରେ ଆଶ୍ରୟ ନେଉଛନ୍ତି। କେନ୍ଦ୍ର ତଥା ରାଜ୍ୟ ସରକାର ଗରିବ ଅସହାୟ ଲୋକଙ୍କ ପାଇଁ ଅନେକ ଯୋଜନା କରି ସହାୟତା ଯୋଗାଇ ଦେଉଥିବା ବେଳେ ସରକାରୀ କର୍ମଚାରୀଙ୍କ ଉଦାସୀନତା ଓ ଅବହେଳା ଯୋଗୁ ପ୍ରକୃତ ହିତାଧିକାରୀ ଏହି ସବୁ ଯୋଜନା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ପୂର୍ବରୁ ଅନେକ ଥର ପଞ୍ଚାୟତଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଯାଇ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଟଙ୍ଗରୀପଡା ଗାଁର ରୁଦନେଙ୍କ ୧୦ ବର୍ଷ ପୂର୍ବରୁ ସ୍ୱାମୀଙ୍କୁ ହରାଇ ଏକାକୀ ରହୁଛନ୍ତି। ତାଙ୍କ ପକ୍ଷରେ ଘର ତିଆରି କରିବା ଭଳି ସାମର୍ଥ ନ ଥିବାରୁ ଝାଟିମାଟି କୁଡିଆ ଘରେ ରହି ଆସୁଥିଲେ। ଗତ ଗୋଟିଏ ସପ୍ତାହ ହେବ ଲଘୁଚାପଜନିତ ଲଗାଣ ବର୍ଷାରେ ଘର ଭାଙ୍ଗି ଯିବାରୁ ବେସାହାରା ହୋଇ ପଡିଛନ୍ତି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ନୀରିହ ବିଧବା ମହିଳାଙ୍କୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ସାଧାରଣରେ ଦାବି ହେଉଛି।



ଭାଙ୍ଗି ଯାଇଥିବା ଘର ସମ୍ମୁଖରେ ରୁଦନେ ବେଷ୍ଠା।

## ସଂକ୍ଷେପରେ

### କବି କୁମାର ହାସନଙ୍କ ବିୟୋଗରେ ଶୋକସଭା

ସୋନପୁର,୭।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ମହାନଦୀ ସାହିତ୍ୟ ସଂସଦ ପକ୍ଷରୁ କବି କୁମାର ହାସନଙ୍କ ବିୟୋଗରେ ସଂସଦ କାର୍ଯ୍ୟାଳୟରେ ଏକ ଶୋକସଭା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ଡ. ପୁରୁଷୋତ୍ତମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶାର ପ୍ରଥିତଯଶା କବି, ଗାଳ୍ପିକ, ଅନୁବାଦକ କୁମାର ହାସନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ଡ. ସୌରଭ ରଞ୍ଜନ ଖମାରୀ, ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳ, କବି ବିଘ୍ନରାଜ ପଣ୍ଡା, ଲକ୍ଷ୍ମୀନାରାୟଣ ସାହୁ, ରଞ୍ଜୁ , ଯୁଧିଷ୍ଠିର ପଧାନୀ ପ୍ରମୁଖ ଉପସ୍ଥିତ ରହି ତାଙ୍କର ସାହିତ୍ୟିକ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ସଭାରେ ସୁବର୍ଣ୍ଣପୁରର ଜଣେ ପ୍ରତିଷ୍ଠିତ ଖେଳାଳି, ଯୁବ କ୍ରୀଡ଼ା ସଂଗଠକ, ସାହାରା ଟ୍ରଷ୍ଟ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଶ୍ୟାମସୁନ୍ଦର ନାଏକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା ।

# ବିପଦସଙ୍କୁଳ ଶ୍ରେଣୀ କୋଠରିରେ ପାଠପଢ଼ା

ନୂଆପଡ଼ା,୭।୮ (ମକାରୁ ବେମାଲ)

- ଭୟରେ ପିଲା ସ୍କୁଲ ଆସୁନାହାନ୍ତି
- କୋଠରି ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ
- ରପଦରପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଡାମୁଣ୍ଡା ପଞ୍ଚାୟତ ବରପଦରପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ କୋଠରି ବିପଦସଙ୍କୁଳ ଅବସ୍ଥାରେ ଥିବା ଅଭିଯୋଗ ହୋଇଛି। ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୪୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦୁଇ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପୂର୍ବରୁ ଯେଉଁ ସବୁ ଶ୍ରେଣୀ କୋଠରି ରହିଥିଲା ସବୁ ଡେମେଜ ହୋଇ ପଡି ଥିବାରୁ ପୁଣି ନୂତନ ଭାବେ ଦୁଇଟି ଶ୍ରେଣୀ କୋଠରି ନିର୍ମାଣ ହେଲା। ୨ଟି କୋଠରି ମଧ୍ୟରୁ ଗୋଟିଏର ବୀମ ଭାଙ୍ଗି ଯାଇ ଛାତରୁ ପାଣି ଗଳୁଛି। ସେହି କୋଠରି ଭିତରେ ଛାତ୍ରୀଛାତ୍ରମାନଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା ବେଳେ ଅନ୍ୟ ଏକ କୋଠରି ଛାତରୁ ପାଣି ଗଳୁଛି। ବର୍ଷା ହେଲେ ଛାତ୍ରୀଛାତ୍ରମାନଙ୍କୁ ବାରଣ୍ଡାରେ ବସାଇ ପାଠ ପଢାଯାଉଛି। ଅତ୍ୟଧିକ ବର୍ଷା ହେଲେ ସ୍କୁଲ ଛୁଟି ହୋଇ କରାଯାଏ।



ବିପଦ ସଙ୍କୁଳ ବିଦ୍ୟାଳୟ ।

ବିଦ୍ୟାଳୟର ଛାତ କେତେବେଳେ ଭୁଶିଡି ପଡିବ ବୋଲି ଅଭିଭାବକମାନେ ଭୟରେ ପିଲାଛୁଆଙ୍କୁ ସ୍କୁଲ ମଧ୍ୟ ଛାଡୁନାହାନ୍ତି। ଗୋଟିଏ କୋଠରିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ବସାଇ ପାଠପଢା ଯାଉଛି। ସବୁପିଲା ଗୋଟିଏ କୋଠରିରେ ବସିଲେ ଶିକ୍ଷକ କେଉଁ ଶ୍ରେଣୀର ପାଠ ପଢାଇବେ। ଶ୍ରେଣୀ କୋଠରି ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ୫ମ ଶ୍ରେଣୀର ପିଲା ମଧ୍ୟ ଅଆ ଜାଣିନାହାନ୍ତି। ବିଦ୍ୟାଳୟ ପାଇଖାନା ସବୁ ଖରାପ ହୋଇଯିବାରୁ ଛାତ୍ରୀଛାତ୍ରମାନେ ବାହାରକୁ ଶୌଚ ପାଇଁ ଯାଉଛନ୍ତି। ଅଫିସ କୋଠରିରେ ପାଣି ଗଳୁଥିବାରୁ କାଗଜପତ୍ର ସବୁ ପାଣିରେ ଭିଜି ନଷ୍ଟ ହୋଇଯାଉଛି। ମଧ୍ୟାହ୍ନ ଭୋଜନ ଚାଉଳ ଓ ଅନ୍ୟାନ୍ୟ ଜିନିଷ ସବୁ ମଧ୍ୟ ପାଣିରେ ଖରାପ ହେବାରେ ଲାଗିଲାଣି। ଏ ସଂକ୍ରାନ୍ତରେ କୋମନା ଗୋଷ୍ଠି ଶିକ୍ଷା ଅଧିକାରୀ ଅନିତା ପଣ୍ଡାଙ୍କୁ ପଚାରିବାରୁ ମୁଁ ନୂତନ ଭାବେ ଆସିଛି। ମୋ ପାଖରେ ଖବର ନାହିଁ। ତଦନ୍ତ କରିବା ପରେ କ'ଣ ହୋଇଛି ଜଣାପଡିବ। ବରପଦରପଡାରେ ଆବଶ୍ୟକ ଶ୍ରେଣୀ କୋଠରି ନିର୍ମାଣ କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବସୁ ଭୋଇ, ନୀରାଶ ରାଉତ, ସଂଯୁକ୍ତା ଭୋଇ, କଳ୍ପନା ପ୍ରଧାନ, ଚନ୍ଦ୍ରିକା ଭୋଇ, ବ୍ରଜ ମୋହନ ପ୍ରଧାନ, ଧନମତୀ ପ୍ରଧାନ, ଅହଲ୍ୟା ଛତ୍ରିଆ, ଲକ୍ଷ୍ମୀ ସ୍ୱାଇଁ, ମଥୁରା ସ୍ୱାଇଁ, ସୁମିତ୍ରା ସାହୁ, କେଶରୀ ତ୍ରିପାଠୀ ପ୍ରମୁଖ ଦାବି କରିଛନ୍ତି।

# ସଂଘର୍ଷ ହେଉଛି ସଫଳତାର ମୂଳମନ୍ତ୍ର

ଅମରପାଲି,୭।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥରସ୍ଥିତ ସତ୍ୟବାଦୀ ହାୟର ସେକେଣ୍ଡାରୀ ସ୍କୁଲରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ଅଧ୍ୟକ୍ଷ ଶ୍ରୀକାନ୍ତ ପ୍ରଧାନ ପୌରୋହିତ୍ୟ କରି କଲେଜର ନୀତିନିୟମ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ସଂଘର୍ଷ ହିଁ ସଫଳତାର ମୂଳମନ୍ତ୍ର ଏହି ସାରମର୍ମକୁ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନ କରିଥିଲେ। ସଂସ୍କୃତ ଅଧ୍ୟାପକ ସୁଧାଂଶୁ ଶେଖର ପଧାନ କଲେଜରେ ଉପଲବ୍ଧ ସୁବିଧା ସୁଯୋଗ ବିଷୟରେ କହିଥିଲେ। ଶିକ୍ଷାବିଭାଗର ଅଧ୍ୟାପକ କିଶୋର କୁମାର ସାହୁ ଯୁକ୍ତ ଦୁଇ ପାଠ୍ୟକ୍ରମ ଓ ପରୀକ୍ଷା ପଦ୍ଧତି ବିଷୟରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଇଂରାଜୀ ଅଧ୍ୟାପିକା ପ୍ରତିମା ବାରିକ କ୍ୟାରିୟର କାଉନସେଲିଂ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ଦେବଯାନୀ ମେଶୁଆ କଲେଜ ପରିସର ତଥା ବାହାରେ ରାଗିଂ ନ କରିବାକୁ ପରାମର୍ଶ ଦେଇଥିଲେ। ଆଇ.ଟି ଅଧ୍ୟାପକ ଶଶାଙ୍କ ଶେଖର ସୁଆର ପ୍ରଯୁକ୍ତି ବିଜ୍ଞାନ ଉପରେ ଜ୍ଞାନ ପ୍ରଦାନ କରିଥିଲେ। ଓଡିଆ ଅଧ୍ୟାପକ ରାମ ପଧାନ ମଧ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ନବଗତ ଛାତ୍ରୀଛାତ୍ରମାନଙ୍କ ପରିଚୟ ପ୍ରଦାନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶୁଭମ ପଧାନ, ମନୋଜ ମହାକୁର, ଜାନକୀ ମେହେର, ସସ୍ମିତା ପଧାନ. ପ୍ରଜ୍ଞା ପି.ପାଣିଗ୍ରାହୀ ଉତ୍ସବ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀ ତିଲୋତ୍ତମା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




କଳାପଥର କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ।

# ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଉତ୍ସବ




ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ବରପାଲି,୭।୮ ( ଚିତ୍ତରଞ୍ଜନ ସାହୁ)

ବରପାଲିସ୍ଥିତ ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲ ପରିସରରେ ୨୩ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ତରାକନା ଅପଗ୍ରେଡେଡ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ. ମନୋଜ କୁମାର ସାହୁ ମୁଖ୍ୟଅତିଥି ଓ ଏସ୍‌ଆର୍‌ଭିଏମ୍ ରାୟଗଡ଼ର ଅଧ୍ୟକ୍ଷ ଟୁନା ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରିଫେକ୍ଟ ଆଶିଷ ମଟାରୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ ବକ୍ତବ୍ୟ ରଖିଥିଲେ। ଉପାଧ୍ୟକ୍ଷ ସୁଶିଲ କୁମାର ରଥ ମଞ୍ଚାସୀନ ଥିଲେ। ଛାତ୍ରୀ ପାୟଲ ଆଡବାଙ୍କ ଓ ଛାତ୍ର ସାହିଲ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ଅତିଥିମାନଙ୍କ ଦ୍ୱାରା କେକ୍ କାଟି ଜନ୍ମଦିନ ପାଳନ କରାଯାଇଥିଲା। ଏହି ଅବସରରେ ଉତ୍ସବରେ ଗତବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ର, ନିଟ, ଜେଇଇ, ଆଇଜାର, ପରୀକ୍ଷାର କଅତୀ ଛାତ୍ରୀଛାତ୍ର ଅଙ୍କିତା ପ୍ରିୟଦର୍ଶିନୀ ପ୍ରଧାନ, ଏମ୍ ସାଇକ୍ରିଷ୍ଣା, ଲୁମ୍ବିନା ମେହେର, ବୀର ବିବେକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଛାତ୍ରୀ ଆଦ୍ୟାଶା ପଣ୍ଡା ଓ ଛାତ୍ର ବିକାଶ ପଣ୍ଡାଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ନାଟକ 'ତୁମର ବାଗିର ପିଲାଟେ' ପରିବେଷିତ ହୋଇଥିଲା। ଏହି ଅବସରରେ କ୍ଲବଗୁଡିକୁ ନେଇ ଏକ ଜ୍ଞାନଭିତ୍ତିକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏଥିରେ କଳା, ଇକୋ, ବିଜ୍ଞାନ, ଗଣିତ, କୁଇଜ୍ ଆଦି ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା ।

### ଖୋଲିଲା ନୂତନ ଏଟିଏମ୍

ପୁରୁଣାକଟକ, ୭।୮ (ସୁକାନ୍ତ ପଟ୍ଟନାୟକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଲୁଣିବାହାଲ ଠାରେ ସୋମବାର ବ୍ୟାଙ୍କ ଅଫ ବରୋଦାର ଏକ ନୂତନ ଏଟିଏମ କାଉଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲୁଣିବାହାଲ ସରପଞ୍ଚ ଚନ୍ଦ୍ରମା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଲୁଣିବାହାଲ ବ୍ୟାଙ୍କ ଅଫ ବରୋଦା କିଓସ୍କୋ ପରିଚାଳକ ଧୀରେନ ପ୍ରଧାନ, ସାମାଜିକ କର୍ମୀ ସୁବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନ ମହାଗଣ୍ଡା ସମାଜର ବୈଠକ

ଡୁଙ୍ଗୁରିପାଲି,୭।୮ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଚେତନ ମହାଗଣ୍ଡା ସମାଜର ବୈଠକ ଓ କର୍ମକର୍ତ୍ତା ଚୟନ ଆରଏମସି ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । କରୁଣା ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗଣ୍ଡା ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ସ୍ଥାନରେ ଗଣ୍ଡା ସମାଜ ଉପରେ ହେଉଥିବା ଅତ୍ୟାଚାର ,ନିର୍ଯାତନା, ସମସ୍ୟା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ଏହାଛଡା ବିଭିନ୍ନ ସରକାରୀ ଯୋଜନାର ସୁଫଳ ଯେପରି ମିଳିପାରିବ ସେନେଇ ଉପସ୍ଥିତ ବ୍ୟକ୍ତିଙ୍କୁ ଅବଗତ କରାଯାଇଥିଲା । ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । କମିଟିରେ ସଭାପତି ଭାବେ ଖଗେଶ୍ୱର କୁମ୍ଭାର, ଉପସଭାପତି ଭାଗିରଥି ବାଗ, ସମ୍ପାଦକ ମହେନ୍ଦ୍ର ତାଣ୍ଡୀ, ସହ ସମ୍ପାଦକ ଜୟରାମ ଦୀପ, କୋଷାଧକ୍ଷ ସୁରେନ୍ଦ୍ର ଛତ୍ରିଆ, ଗ୍ରନ୍ଥାଗାର ଭାବେ ପିଙ୍କୁ ବାଗ ରହିଛନ୍ତି । ଉପଦେଷ୍ଟା କମିଟିରେ ଗରିବ ବାଗ, ଶ୍ରୀଧର ଭରାସାଗର, ଅସର୍ପି କୁମ୍ଭାର, ସୁରେନ୍ଦ୍ର ତାଣ୍ଡୀ, ସୁରେଶ ବାଗ, ପ୍ୟାରୀ ବାରିକ, ରାକେଶ ରାୟ ରହିଥିବା କମିଟିର ସଭାପତି କୁମ୍ଭାର ପ୍ରକାଶ କରିଛନ୍ତି । ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ବୁଦ୍ଧିଜୀବୀ, ସଚେତନ ନାଗରିକ, ଯୁବ ଗୋଷ୍ଠୀ ଉପସ୍ଥିତ ଥିଲେ ।



ସଚେତନ ମହାଗଣ୍ଡା ସମାଜର ଉପସ୍ଥିତ କର୍ମକର୍ତ୍ତା ବୃନ୍ଦ ।

# ଗୋଟିଏ ରାତିରେ ୩ ପେଟ୍ରୋଲ ପମ୍ପରୁ ସିରିଜ ଡକାୟତି

ସୋହେଲା,୭।୮ (ଡି.ଏନ.ଏ.)

ବରଗଡ଼ ଜିଲା ସୋହେଲାର ଲୁହୁରାଚଟି ତଥା ଛତିଶଗଡ଼ ରାଜ୍ୟ ସୀମାନ୍ତରେ ଥିବା ୩ଟି ପେଟ୍ରୋଲ ପମ୍ପରୁ ରବିବାର ବିଳମ୍ବିତ ରାତିରେ ସିରିଜ ଡକାୟତି ହୋଇଛି। ଖବର ପାଇ ସୋହେଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ସଂଗ୍ରହ ସହ ତଦନ୍ତ ଆରମ୍ଭ କରିଛି। ଏ ନେଇ ସୋହେଲା ଥାନାରେ ୩ଟି ପୃଥକ୍ ମାମଲା (ନଂ. ୫୦।୨୩, ୫୧।୨୩ ଓ ୫୨।୨୩) ରୁଜୁ ହୋଇଛି।

ସୂଚନା ଅନୁସାରେ, ରବିବାର ରାତି ପ୍ରାୟ ସାଢେ ୨ଟାରେ ୪ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍ ଯୋଗେ ପ୍ରଥମେ ସୋହେଲାରୁ ୮ କି.ମି. ଦୂର କରାଲମାଳରେ ଥିବା ଭାରତ ପେଟ୍ରୋଲ ପମ୍ପକୁ ଆସି ବନ୍ଧୁକ ଦେଖାଇ କର୍ମଚାରୀଙ୍କୁ ଭୟଭୀତ କରି ଟଙ୍କା ଥିବା ଲକର ଚାବି ମାଗିଥିଲେ। ସେମାନେ କିଛି କର୍ମଚାରୀଙ୍କୁ ମାଡ଼ ମାରି ଗୁଳି କରିବାକୁ ଧମକ ଦେଇଥିଲେ। ଫଳରେ କର୍ମଚାରୀମାନେ ଲକର ଚାବି ଦେଇଦେବାରୁ ଦୁର୍ବୃତ୍ତମାନେ ପ୍ରାୟ ସାଢେ ୪ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହାପରେ ୪ଜଣ ଯାକ ଦୁର୍ବୃତ୍ତ ସେଠାରୁ ପ୍ରାୟ ୨ ଶହ ମିଟର ଦୂରରେ ଥିବା ଅର୍ଜୁଣ୍ଡାସ୍ଥିତ ଭାରତ ପେଟ୍ରୋଲିୟମକୁ ଯାଇ ଅନୁରୂପ ଭାବେ ଭୟଭୀତ କରି ପ୍ରାୟ ଦେଢଲକ୍ଷ ଟଙ୍କା ଲୁଟିଥିଲେ। ଏତିକିରେ ସେମାନଙ୍କ ମନ ବୁଝି ନ ଥିଲା। ସେମାନେ ସେଠାରୁ ପ୍ରାୟ ୧ କି.ମି. ଦୂରରେ ଥିବା ରିଲାଏନ୍ସ ପେଟ୍ରୋଲ ପମ୍ପକୁ ଯାଇ ୧୦ ହଜାର ଟଙ୍କା ଲୁଟ୍ କରିଥିଲେ। ପ୍ରଥମ ପେଟ୍ରୋଲ ପମ୍ପରେ ଲୁଟ୍ ପରେ ଦୁର୍ବୃତ୍ତମାନେ ସିସିଟିଭିର ହାର୍ଡଡିସ୍କ ନେଇଯାଇଥିବା ବେଳେ ଅନ୍ୟ ଦୁଇଟିରୁ ହାର୍ଡଡିସ୍କ ନେବାରେ ସକ୍ଷମ ହୋଇପାରିନାହାନ୍ତି। ଫଳରେ ସେହି ଦୁଇଟି ପେଟ୍ରୋଲ ପମ୍ପରେ ଲାଗିଥିବା ସିସିଟିଭିରେ ଲୁଟ୍ ଦୃଶ୍ୟ ରେକର୍ଡ ହୋଇରହିଛି। ଲୁଟ୍ ପରେ ଦୁର୍ବୃତ୍ତମାନେ ପଡୋଶୀ ଛତିଶଗଡ଼ ଅଭିମୁଖେ ପଳାଇଯାଇଛନ୍ତି। ପୋଲିସ ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ କରୁଥିବା ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ଓ ସୋହେଲା ଥାନା ଆଇଆଇସି ହରିବନ୍ଧୁ ଗଡ଼ତିଆ ସୂଚନା ଦେଇଛନ୍ତି।

# ପାଇକବାହାଲ ସରପଞ୍ଚଙ୍କ ବହିଷ୍କାର ଦାବି

ସୋନପୁର,୭।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପାଇକବାହାଲ ପଞ୍ଚାୟତର ସରପଞ୍ଚ ଗଣନାଥ ସାହୁଙ୍କୁ ବହିଷ୍କାର କରିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି । ପଞ୍ଚାୟତର ୭ଜଣ ୱାର୍ଡ ସଭ୍ୟାସଭ୍ୟ ଜିଲାପାଳ ବିମଳେନ୍ଦୁ ରାୟଙ୍କୁ ସୋମବାର ସାକ୍ଷାତ କରି ଏନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ୱାର୍ଡ ସଭ୍ୟା କବିତା ସା, ଅଯୋଧ୍ୟା ଭୁଏ, ତପସ୍ୱିନୀ ଭୁଏ, ସୁଶିଳା ସେଠୀ, କୁମୁଦିନୀ ବାଘ, ସଭ୍ୟ ମନୋରଞ୍ଜନ ଖମାରୀ ଓ ବିଶ୍ୱାମିତ୍ର ସେଠ୍ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ପଞ୍ଚାୟତର ସରପଞ୍ଚ ମନମୁଖୀ କାର୍ଯ୍ୟ କରୁଛନ୍ତି । ନିୟମିତ ଗ୍ରାମ ପଞ୍ଚାୟତର ମାସିକ ବୈଠକ କରୁନାହାନ୍ତି । ୨୦୨୨ ଜୁନ୍, ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସରେ ପଞ୍ଚାୟତ ମାସିକ ବୈଠକ କରିବାରେ ସରପଞ୍ଚ ବିଫଳ ହୋଇଛନ୍ତି । ଯାହାକି ଓଡିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ର କାର୍ଯ୍ୟଧାରା ନିୟମାବଳୀର ନିୟମ ୨ର ଉଲ୍ଲଂଘନ କରୁଛି। ସେହିପରି କୋରମ ନ ଥିବା ସତ୍ତ୍ୱେ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗ୍ରାମସଭା କରି ଗ୍ରାମ ପଞ୍ଚାୟତ ବିକାଶ ଯୋଜନାର ବାର୍ଷିକ କାର୍ଯ୍ୟ ଖସଡା ଓ ପ୍ରକଳ୍ପକୁ ପରିବର୍ତ୍ତନ କରିଛନ୍ତି । ପଞ୍ଚାୟତର ମୋଟ ୧୨ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୭ ଜଣ ଗତ ଏପ୍ରିଲ ୨୭ ତାରିଖରେ ଜିଲାପାଳ ଓ ଜିଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ପଞ୍ଚାୟତ ଅଧିକାରୀ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଜିଲା ପଞ୍ଚାୟତ ଅଧିକାରୀଙ୍କ ରିପୋର୍ଟ ମୂଳେ ଜିଲାପାଳ ରାୟ ପାଇକବାହାଲ ସରପଞ୍ଚଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ୧୫ ଦିନ ମଧ୍ୟରେ ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ରହିଛି । ସରପଞ୍ଚ ସାହୁ ଅଗଷ୍ଟ ୧ ତାରିଖରେ ଜିଲାପାଳଙ୍କ ନୋଟିସ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷେ ପଞ୍ଚାୟତର ୱାର୍ଡ ସଭ୍ୟା କୁମୁଦିନୀ ବାଘ ଓ କବିତା ସା ସୂଚନା ଅଧିକାର ଆଇନ ବଳରେ ଜିଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି । ପଞ୍ଚାୟତରେ ଲଗାତର ୩ ମାସ ଧରି ମାସିକ ବୈଠକ ହୋଇ ନଥିବା ରୁ ସରପଞ୍ଚଙ୍କୁ ପଦବୀରୁ ତୁରନ୍ତ ବହିଷ୍କାର କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି । ତେବେ ସରପଞ୍ଚଙ୍କ ଉତ୍ତର ମିଳିବା ପରେ ନିୟମ ଅନୁଯାୟୀ ପଦକ୍ଷେପ ନେବେ ବୋଲି ଜିଲାପାଳ ୱାର୍ଡ ସଭ୍ୟାସଭ୍ୟଙ୍କୁ କହିଥିଲେ । ଏ ସମ୍ପର୍କରେ ସରପଞ୍ଚ ଗଣନାଥ ସାହୁଙ୍କୁ ପଚାରିବାରୁ ନିୟମ ଅନୁଯାୟୀ ସମସ୍ତ କାର୍ଯ୍ୟ ହୋଇଛି । ମାସିକ ବୈଠକ ନିୟମିତ ହେବା ସହ ୱାର୍ଡ ସଭ୍ୟାସଭ୍ୟମାନେ ଦସ୍ତଖତ କରିଛନ୍ତି । ଜିଲାପାଳଙ୍କ ନିକଟରେ ନିଜର ପକ୍ଷ ରଖିବି ବୋଲି ସରପଞ୍ଚ କହିଛନ୍ତି ।



ୱାର୍ଡ ସଭ୍ୟାସଭ୍ୟ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ପିନାକୀ



@ ଶଶିଭୂଷଣ



@ ସୁବ୍ରତ



@ ସ୍ନେହଲତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱର କଲ୍ୟାଣ ପାଇଁ ନଗର ସଙ୍କୀର୍ତ୍ତନ

ଅମରପାଲି,୭।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡି ପଞ୍ଚାୟତର ଚୌକା ଗ୍ରାମରେ ଥିବା ଶିବମନ୍ଦିର ନିକଟରେ ଶ୍ରୀ ଶ୍ରୀ ଜଗନ୍ନାଥ କଳା ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିକାଶ ପରିଷଦର ସୁବର୍ଣ୍ଣପୁର ଜିଲା ସଭାପତି ସୁରେନ୍ଦ୍ର ପୁରୋହିତଙ୍କ ଆହ୍ୱାନକ୍ରମେ ଚୌକା ଗ୍ରାମରେ ବିଶ୍ୱର କଲ୍ୟାଣ ପାଇଁ ନଗର ସଙ୍କୀର୍ତ୍ତନ କରାଗଲା ପରେ ଗ୍ରାମର ଶିବମନ୍ଦିର ପ୍ରାଙ୍ଗଣ ଓ ଖେଳପଡିଆରେ ବୃକ୍ଷରୋପଣ କରାଯାଇଥିଲା। ପରେ ଅନୁଷ୍ଠିତ ଧର୍ମ ସଭାରେ ନିଶା ମୁକ୍ତ , ସ୍ୱଚ୍ଛ ଭାରତ, ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରିବାକୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖଅତିଥି ଭାବେ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ଶିବପ୍ରସାଦ ସ୍ୱାଇଁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସମ୍ପାଦକ ବ୍ରଜବନ୍ଧୁ ଛତାର, ରାଜ୍ୟ ଉପଦେଷ୍ଟା ସୁଶାନ୍ତ ଦଳାଇ, ପରିଷଦର ସଭ୍ୟ ସୁବାସ ଚନ୍ଦ୍ର ରାଉତ, ବିଜୟ କୁମାର ସ୍ୱାଇଁ, ଜିଲା ସଂଯୋଜକ ରମାକାନ୍ତ ପୁରୋହିତ, ଚୈତନ୍ୟ ଜିଲା ସଂଘ ସଭାପତି ପର୍ଶୁ ବାରିକ, ସମ୍ପାଦକ ରାଧେଶ୍ୟାମ ସାହୁ, ବ୍ଲକ କଳାକାର ସଂଘ ଉପସଭାପତି ରାମକୃଷ୍ଣ ହୋତା, ଲକ୍ଷ୍ମଣ ମେହେର, ନାଥ ବେହେରା ଯୋଗ ଦେଇଥିଲେ। ଚୌକା ଗ୍ରାମବାସୀ ତଥା ବ୍ଲକର ଶତାଧିକ ସଙ୍କୀର୍ତ୍ତନ କଳାକାର ଯୋଗ ଦେଇଥିଲେ । ଏହି ଅବସରରେ ଉକ୍ତ ପରିଷଦ ତରଫରୁ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ସଂକୀର୍ତ୍ତନ କଳାକାରମାନେ ସେମାନଙ୍କ ଦାବି ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ସ୍ୱାଇଁଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ବିଶ୍ୱର କଲ୍ୟାଣ ପାଇଁ ମହାମନ୍ତ୍ର ନାମ ସଙ୍କୀର୍ତ୍ତନ କରାଯାଇଥିଲା।



ବୈଠକରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼,୭।୮(ଶଶାଙ୍କ ଶେଖର ଝାଙ୍କର):** ଜିଲାପାଳ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଆସିଥିବା ୨୦ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୧୪ ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ସମସ୍ୟା ରହିଥିଲା। ଶିବିରରେ ୦.୦୪ ଡିସିମିଲି ଜମିବାଡ଼ି ପଟ୍ଟା, ଜମିବାଡି ବିବାଦ, ଡ୍ରେନେଜ୍ ମରାମତି ଆଦି ଜନସାଧାରଣ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ ମଗର ଧନଜୀ ରାଓସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିଶ୍ୱରଞ୍ଜନ ମଲ୍ଲିକ, ଡେପୁଟି କଲେକ୍ଟର ଲୀଳାବତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ନୂତନ ଉପଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ଦେବଗଡ଼,୭।୮(ଶଶାଙ୍କ ଶେଖର ଝାଙ୍କର ):** ଦେବଗଡ ଜିଲାର ନୂତନ ଜିଲାପାଳଭାବେ ସୋମବାର ପରୀକ୍ଷିତ ସାହୁ ଆନୁଷ୍ଠାନିକଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବରଗଡ ଜିଲା ଅମ୍ବାଭନା ତହସିଲରେ ତହସିଲଦାରଭାବେ କାର୍ଯ୍ୟ କରୁଥିଲେ। ସେହିପରି ଦେବଗଡ ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ ପଦୋନ୍ନତି ପାଇ ଅତିରିକ୍ତ ଜିଲାପାଳଭାବେ ଝାରସୁଗୁଡା ଜିଲାକୁ ବଦଳି ହେବାପରେ ଦେବଗଡ ଉପ ଜିଲାପଳଭାବେ ସାହୁଙ୍କ ବଦଳି ହୋଇଥିଲା। ଭୋଇଙ୍କ ଠାରୁ ସେ ସୋମବାର ଦାୟିତ୍ୱ ଗ୍ରହଣ କରିଥିଲେ।

### ପଶ୍ଚିମାଞ୍ଚଳ ଏକତା ମଞ୍ଚର ଶୋକସଭା

**ସମ୍ବଲପୁର,୭।୮(ବି.ଶଙ୍କର):** ବିଶିଷ୍ଟ ଖବରଦାତା, ସାରସ୍ୱତ ସାଧକ କୁମାର ହସନଙ୍କୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମଞ୍ଚର ସମ୍ବଲପୁର ଶାଖା ସଂଯୋଜକ ଲଳିତ ମୋହନ ବେବର୍ତ୍ତାଙ୍କ ସଂଯୋଜନାରେ ଶୋକ ସଭା ହୋଇଥିଲା। ଏଥିରେ ଉପଦେଷ୍ଟା ଡ. ପ୍ରମୋଦ ରଥ, ଆବାହକ ଭବାନୀଶ ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ସଂଗଠନ ସଂଯୋଜକ ସୁବୋଧ କୁମାର ଦୋରା, ଜିଲା ସଂଯୋଜକ ରାଜେଶ ସ୍ୱାଇଁ, ବବ୍ଲୁ ବାଗ, ନିଶିକାନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ।

# ବନ୍ଧା ହେଲେ ବରିଷ୍ଠ କିରାଣି

**ଜାଲ ଦସ୍ତଖତ କରି ୧୩ ଲକ୍ଷ ୨୦ ହଜାର ଟଙ୍କା ହଡ଼ପ ଘଟଣା**

ଦେବଗଡ଼,୭।୮
(ଶଶାଙ୍କ ଶେଖର ଝାଙ୍କର )


ପ୍ରଦୀପ୍ତ କୁମାର ପାତ୍ର

ଦେବଗଡ ଜିଲା ମତ୍ସ୍ୟ ବିଭାଗରେ କାର୍ଯ୍ୟରତ ଜଣେ ବରିଷ୍ଠ କିରାଣି ଜିଲା ମତ୍ସ୍ୟ ଅଧିକାରୀଙ୍କ ଦସ୍ତଖତ ଜାଲିଆତି କରି ୧୩ ଲକ୍ଷ ୨୦ ହଜାର ୬୪୯ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ ଆଦର୍ଶ ଥାନା ପୋଲିସ ତାଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପ୍ରଦୀପ୍ତ କୁମାର ପାତ୍ର। ସୂଚନାଯୋଗ୍ୟ, ଏସ୍‌ବିଆଇ, ଦେବଗଡ ଶାଖାରେ ମତ୍ସ୍ୟ ବିଭାଗର ଜମାଖାତା ରହିଛି। ବିଭାଗୀୟ କର୍ତ୍ତୃପକ୍ଷ ୨୦୨୨ ଜୁଲାଇ ୧ରେ ଜମାଖାତା ଯାଞ୍ଚ କରିଥିବା ବେଳେ ୮ ଲକ୍ଷ ୮୬ ହଜାର ୭୮୦ଟଙ୍କା ରହିଥିବା ଜଣାପଡିଥିଲା। ମାତ୍ର ୨୦୨୩ ମାର୍ଚ୍ଚ ୩୧ରେ ପୁନର୍ବାର ଉକ୍ତ ଜମାଖାତା ଯାଞ୍ଚ କରିବାରୁ ମାତ୍ର ୭ ହଜାର ୧୩୧ ଟଙ୍କା ରହିଥିଲା। ଏହାପରେ ଜିଲା ମତ୍ସ୍ୟ ଅଧିକାରୀ ଭାବଗ୍ରାହୀ କିଷାନ ମେ ୨୩ରେ ଆକାଉଣ୍ଟ ଷ୍ଟେଟମେଣ୍ଟ ବାହାର କରିବାରୁ ମୁଖ୍ୟ କିରାଣୀ ପାତ୍ର ଜିଲା ମତ୍ସ୍ୟ ଅଧିକାରୀଙ୍କ ଦସ୍ତଖତକୁ ଜାଲିଆତି କରି ଚେକ୍ ମାଧ୍ୟମରେ ମୋଟ ୯ଟି ପର୍ଯ୍ୟାୟରେ ୮ଲକ୍ଷ ୭୯ ହଜାର ଟଙ୍କା ଉଠାଇ ନିଜ ଆକାଉଣ୍ଟରେ ଜମା କରିଥିବା ଜଣାପଡିଥିଲା। ତେବେ ପାତ୍ର କେବଳ ଜିଲା ମତ୍ସ୍ୟ ଅଧିକାରୀଙ୍କ ଦସ୍ତଖତ ଜାଲିଆତି କରି ଟଙ୍କା ହଡପ କରିଥିଲେ ତାହା ନୁହେଁ, ମତ୍ସ୍ୟ ପୋଖରୀ ଯୋଜନା, ତାଲିମ, ଲିଜ ଭେଲ୍ୟୁ ଆଣ୍ଡ ରୟାଲିଟୀ ସମେତ ସେ ଉଠାଇଥିବା ଏବଂ ଅନ୍ୟଠାରୁ ଗ୍ରହଣ କରିଥିବା ନଗଦ ୪ଲକ୍ଷ ୪୧ ହଜାର ଟଙ୍କା ମଧ୍ୟ ଆତ୍ମସାତ କରିଥିବା ଜଣାପଡିଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ପାତ୍ରଙ୍କ ଜାନୁୟାରୀ ୧୯ରେ ବାଲେଶ୍ୱରସ୍ଥିତ ଅତିରିକ୍ତ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିଲା ଓ ସେ ସେଠାରେ ଯୋଗ ଦେଇଥିଲେ। ତେବେ ସେ ଏଠାରୁ ଅନ୍ୟତ୍ର ବଦଳି ହେବା ପରେ କିଭଳି ଜିଲା ମତ୍ସ୍ୟ ଅଧିକାରୀଙ୍କ ନାମରେ ଥିବା ଚେକ ବ୍ୟବହାର କଲେ, ଜାଲ ଦସ୍ତଖତ କରି ଟଙ୍କା ଉଠାଇଲେ ବିଭାଗୀୟ କର୍ତ୍ତୃପକ୍ଷ କିଭଳି ଏହା ଜାଣି ପାରିଲେ ନାହିଁ ତାହା ରହସ୍ୟ ଘେରରେ ରହିଛି। ତେବେ ବରିଷ୍ଠ କିରାଣୀ ପାତ୍ରଙ୍କ ବଦଳି ହେବାପରେ ଦାୟିତ୍ୱ ହସ୍ତାନ୍ତର ପାଇଁ ତାଙ୍କୁ ଏକାଧିକ ବାର ଚିଠି ଏବଂ ଫୋନ ଦ୍ୱାରା ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ପାତ୍ର ତାଙ୍କ କଥା ଶୁଣି ନ ଥିବା ଜିଲା ମତ୍ସ୍ୟ ଅଧିକାରୀ କିଷାନ ତାଙ୍କର ଏତଲାରେ ଦର୍ଶାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ପ୍ରଦୀପ୍ତ ବିରୋଧରେ ଦଫା-୪୦୯ ଆଇପିସିରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଟ୍ରଫି ପାଇଲେ, ପ୍ରାପ୍ୟ ଦେଲେ ନାହିଁ

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲା ସ୍ୱୟଂ ସହାୟିକା ଗୋଷ୍ଠୀ**

ଦେବଗଡ଼,୭।୮
(ଶଶାଙ୍କ ଶେଖର ଝାଙ୍କର )

ନିର୍ମାଣ କାର୍ଯ୍ୟ ବାବଦୀୟ ପ୍ରାପ୍ୟ ପ୍ରଦାନ ପାଇଁ ସୋମବାର ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ଦେବଗଡ଼ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଦ୍ୱାରସ୍ଥ ହୋଇଛନ୍ତି। ପୌରାଞ୍ଚଳର ଓଁ ସାଇରାମ ସ୍ୱୟଂ ସହାୟିକା ଗୋଷ୍ଠୀ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରକୁ ଆସି ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ନିବେଦନ କରିଥିଲେ। ଉକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ଅଭିଯୋଗ ଅନୁଯାୟୀ, ହକି ବିଶ୍ୱକପ ଟ୍ରଫିର ଦେବଗଡ ସହର ପରିକ୍ରମା କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ପୌରାଞ୍ଚଳ ୧୦ ନମ୍ବର ୱାର୍ଡର ରଜାମୁଣ୍ଡା ବାଇପାସ ଛକଠାରେ ଓପନ ସ୍ପେସ ଡେଭଲପମେଣ୍ଟ କାର୍ଯ୍ୟକ୍ରମ ଅନୁଯାୟୀ ଯୁଦ୍ଧକାଳୀନ ଭିତରେ ସୌନ୍ଦର୍ଯ୍ୟକରଣ ଓ ବିଦ୍ୟୁତ୍‌କରଣ କରାଯାଇ 'ୱାଟର୍ଫଲ୍ ସିଟୀ ' ବୋଲି ଉଲ୍ଲେଖ କରାଯାଇଥିଲା। ଏହି ସ୍ୱୟଂ ସହାୟିକା ଗୋଷ୍ଠୀ ଏହାର ନିର୍ମାଣ କାର୍ଯ୍ୟ କରିଥିଲେ। ଅନୁରୂପଭାବେ ୧୦ ନମ୍ବର ୱାର୍ଡର ବେଙ୍ଗାତିନାଳିରେ ଏସ୍ଜିଏ ଦ୍ୱାରା ଏକ 'ମୋ ଟୟଲେଟ' ନିର୍ମାଣ କରାଯାଇଥିଲା। ଉଭୟ ପ୍ରକଳ୍ପ ଦେବଗଡ ପୌର ପରିଷଦ ଅଧିନରେ ମୁକ୍ତା ଯୋଜନାରୁ ନିର୍ମାଣ କରାଯାଇଥିଲା। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ଉକ୍ତ ନିର୍ମାଣ କାର୍ଯ୍ୟ ବାବଦୀୟ ପ୍ରାପ୍ୟ ପ୍ରଦାନ କରାଯାଇ ନ ଥିବାରୁ ଉକ୍ତ ସାଇରାମ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟାମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ପ୍ରସଙ୍ଗକୁ ବିଚାର କରି ଉପରୋକ୍ତ ନିର୍ମାଣ କାର୍ଯ୍ୟ ବାବଦୀୟ ବକେୟା ବିଲ ପାସ କରିବାପାଇଁ ସେମାନେ ଜିଲାପାଳଙ୍କୁ ପ୍ରଦାନ କରିଥିବା ନିବେଦନ ପତ୍ରରେ ଉଲ୍ଲେଖ କରିଛନ୍ତି। ନିବେଦନ ପତ୍ର ପ୍ରଦାନ ସମୟରେ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ୧୦ ନମ୍ବର ୱାର୍ଡର କାଉନଶିଲର ଇତିଶ୍ରୀ ମିଶ୍ର ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ହକି ବିଶ୍ୱକପ ଟ୍ରଫିର ପରିକ୍ରମା ସୁନ୍ଦର ଓ ସଫଳତା ହୋଇଥିବାରୁ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଟ୍ରଫି ସହିତ ସମ୍ମାନୀତ କରିଥିଲେ। ହେଲେ ବିଲ୍ ନ ମିଳିବା ଦୁଃଖ ଓ ପରିତାପର ବିଷୟ।


ଦାବିପତ୍ର ଦେବାକୁ ଆସିଥିବା ସ୍ୱୟଂ ସହାୟିକା ମହିଳା।

### ଅପଡେଟ୍ ହୋଇ ପାରୁନି ୱେବସାଇଟ

**ଜନସାଧାରଣଙ୍କୁ ଭୁଲ ତଥ୍ୟପ୍ରଦାନ**

ଦେବଗଡ,୭।୮
(ଶଶାଙ୍କ ଶେଖର ଝାଙ୍କର)

ଜିଲା ପ୍ରଶାସନିକ, ପୋଲିସ ବିଭାଗ ସ୍ତରରେ ଅନେକ ଅଦଳ ବଦଳ ହୋଇସାରିଥିଲେ ମଧ୍ୟ ଦେବଗଡ ଜିଲା ୱେବସାଇଟ ଅପଡେଟ ହୋଇପାରୁନାହିଁ। ଫଳରେ ଜନସାଧାରଣ ଭୁଲ ତଥ୍ୟ ପାଉଛନ୍ତି। ଦେବଗଡ଼.ଏନଆଇସି.କମ୍ ମାଧ୍ୟମରେ ବିଭିନ୍ନ ସ୍କୁଲ, କଲେଜ, ଅଫିସ, ସ୍ୱାସ୍ଥ୍ୟସେବା, ବେସରକାରୀ, ସରକାରୀ ପ୍ରଶାସନିକ ସ୍ତରର ସମସ୍ତ ତଥ୍ୟ ଉପଲବ୍ଧ ହୋଇଥିବା ବେଳେ ଲ ଆଣ୍ଡ ଅର୍ଡର ତଥା ପୋଲିସ ବିଭାଗରେ ଏହା ବ୍ୟତିକ୍ରମ ଦେଖାଦେଇଛି। ଏପରିକି ଜିଲା ଗଣମାଧ୍ୟମର ପ୍ରତିନିଧି ନାମ କିଛି ଭୁଲ ରହିଛି ଏବଂ କିଛି ପ୍ରତିନିଧିଙ୍କ ନାମ ଉକ୍ତ ୱେବସାଇଟରେ ଅପଡେଟ୍ କରାଯାଇ ନ ଥିବା ଜଣାପଡିଛି। ପୋଲିସ ବିଭାଗର ଏସ୍‌ପି ଅବସର ଗ୍ରହଣ କରିଥିଲେ ସୁଦ୍ଧା ତାଙ୍କ ନାମ ୱେବସାଇଟ୍‌ରେ ଉପଲବ୍ଧ ରହିଛି। ବିଭିନ୍ନ ପାହ୍ୟାରେ ଥିବା ଅଫିସରଙ୍କ ଅନ୍ୟତ୍ର ବଦଳି ହୋଇଥିଲେ ମଧ୍ୟ ଏହି ୱେବସାଇଟ୍‌ରେ ଅପଡେଟ୍ କରାଯାଇନାହିଁ । ପ୍ରଶାସନିକ ଅବହେଳା ଯୋଗୁଁ ଲୋକଙ୍କୁ ଏଭଳି ଭୂଆଁ ବୁଲାଇ ଭୁଲ ତଥ୍ୟ ପ୍ରଦାନ କରାଯାଉଛି। ସରକାର ତଥା ପ୍ରଶାସନ ଯଥାଶୀଘ୍ର ଜିଲା ୱେବସାଇଟ୍ ଗୁଡିକ ଅପଡେଟ କରି ସଠିକ ତଥ୍ୟପ୍ରଦାନ କରିବା ଜରୁରୀ ହୋଇପଡିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ପିନାକୀ


@ ଶଶିଭୂଷଣ


@ ସୁବ୍ରତ


@ ସ୍ନେହଲତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦେବଗଡ଼ରେ ଭାରତ ବନ୍ଦ ଡାକରା ପ୍ରଭାବ

ଦେବଗଡ଼,୭।୮(ଶଶାଙ୍କ ଶେଖର ଝାଙ୍କର )

ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଆହୂତ ଭାରତ ବନ୍ଦ ଡାକରାର ପ୍ରଭାବ ଦେବଗଡ ଜିଲାରେ ସୋମବାର ଦେଖିବାକୁ ମିଳିଥିଲା। ପରିଷଦର ଦେବଗଡ ଶାଖା ସଭାପତି ନିରାକାର ପ୍ରଧାନ, ଏଜରା କୁଜୁର, ଅଶ୍ୱିନୀ ସାଗର ଓ ଉଇଲିୟମ ହେନେଜଙ୍କ ନେତୃତ୍ୱରେ ସଦସ୍ୟମାନେ ସ୍ଥାନୀୟ ନିଳବେର୍ଣ୍ଣୀ ସାହି ବାଇପାସ ଛକଠାରେ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ରାସ୍ତାରେ ଅଟକି ରହିଥିଲା। ଦେଶରେ ଆଦିବାସୀମାନେ ଅସୁରକ୍ଷିତ ହୋଇ ପଡିଥିବା ଓ ଆଦିବାସୀଙ୍କ ଉପରେ ଦିନକୁ ଦିନ ଅତ୍ୟାଚାର ବଢିଚାଲିଥିବା ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ସେହିପରି ଆଦିବାସୀ ମହିଳାଙ୍କ ଉପରେ ଅତ୍ୟାଚାର ପରିପ୍ରେକ୍ଷୀରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରୀ କରିବା ସହିତ ୟୁସିସି ଓ ନୂତନ ଜଙ୍ଗଲ ସଂରକ୍ଷଣ ଆଇନ ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।



## ନିର୍ମାଣ କାମ ତ୍ୱରାନ୍ୱିତ ଦାବି କଲା କଂଗ୍ରେସ

**ତାଳଚେର- ବିମଳାଗଡ଼ ରେଳ ଲାଇନ**

ଦେବଗଡ଼,୭।୮(ଶଶାଙ୍କ ଶେଖର ଝାଙ୍କର )

ତାଳଚେର-ବିମଳାଗଡ଼ ରେଳ ଲାଇନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସୋମବାର ସନ୍ଧ୍ୟାରେ କଂଗ୍ରେସ ସଭାପତି ସେମ ହେମ୍ବ୍ରମ, କଂଗ୍ରେସ ଏସସି ସେଲ ସଭାପତି ମଞ୍ଜୁଳ କୁମାର ନାଏକ, ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ, ପୂର୍ବତନ ଉପ ନଗରପାଳ ବସନ୍ତ କୁମାର ମିଶ୍ର ଓ ଜିଲା ଯୁବ କଂଗ୍ରେସ ସଭାପତି ସଲୋମନ୍ ହେନେଜଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମୀ ସୋମବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ରେଳ ଲାଇନ ଦୀର୍ଘଦିନରୁ ଅନୁମୋଦନ ହୋଇସାରିଛି। ଅନୁଗୁଳ ଏବଂ ସୁନ୍ଦରଗଡ ଜିଲାରେ ରେଳ ଲାଇନ ନିର୍ମାଣ କାମ ଆରମ୍ଭ ହୋଇଥିବାବେଳେ ଦେବଗଡ ଜିଲାରେ ଆଜି ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ହୋଇ ପାରୁନାହିଁ। ଫଳରେ ରେଳ ଲାଇନ କାର୍ଯ୍ୟ ନିର୍ମାଣରେ ବିଳମ୍ବ ହେଉଥିବା ଦେଖାଯାଇଛି। ଜିଲାର ବିକାଶକୁ ଦୃଷ୍ଟିରେ ରଖି ତୁରନ୍ତ ଜମି ଅଧିଗ୍ରହଣ କରିବା ସହ ରେଳ ଲାଇନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଉକ୍ତ ସ୍ମାରକ ପତ୍ର ଜରିଆରେ ଦାବି କରାଯାଇଛି।


ଦାବିପତ୍ର ଦେବାକୁ ଆସିଥିବା କଂଗ୍ରେସ କର୍ମୀ।

## ମେଗା ଫୁଡ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ସ୍ମାରକପତ୍ର ପ୍ରଦାନ

ଦେବଗଡ଼, ୭।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ଚାଷୀମାନେ ପ୍ରଚୁର ପରିମାଣର ଆମ୍ବ, କମଳା, ଲିଚୁ ତଥା ତରଭୁଜ ଉତ୍ପନ୍ନ କରିଥାନ୍ତି । କିନ୍ତୁ ବଜାର ସୁବିଧା ନ ଥିବାରୁ ଚାଷୀମାନେ ସେମାନଙ୍କ ଫସଲ ଗୁଡିକୁ କମ ଦାମରେ ବିକ୍ରି କରିବାକୁ ବାଧ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡିଶା ସରକାର ୨୦୧୬ରେ ବାରକୋଟ ବ୍ଲକ ବିଦେଇ- ବଡ଼କୁଦରଠାରେ ମେଗା ଫୁଡ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ତତ୍କାଳୀନ କ୍ଷୁଦ୍ର, ଅଣୁ ଓ ମଧ୍ୟମ ଶିଳ୍ପ ବିଭାଗ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ୫୦ଏକର ପରିମିତ ଜମିରେ ଭୂମିପୂଜନ କରିଥିଲେ। କେବଳ ସେତିକି ନୁହେଁ ୧୦ଲକ୍ଷ ଟଙ୍କାର ଇଏମ୍‌ଡି ସହିତ କେନ୍ଦ୍ର ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରାଳୟଙ୍କ ନିକଟରେ ଆବେଦନ କରିଥିଲେ। କିନ୍ତୁ କେନ୍ଦ୍ର ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ। ଏହି ପ୍ରସ୍ତାବକୁ ପୁନଃ ବିଚାର କରିବା ପାଇଁ ଜିଲା ନାଗରିକ କମିଟି ପକ୍ଷରୁ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜରିଆରେ ସମ୍ବଲପୁର ସର୍କିଟ ହାଉସ ଠାରେ ପ୍ରଦାନ କରାଯାଇଛି । ଏହି ଶିଳ୍ପ ପ୍ରତିଷ୍ଠା ହେଲେ ଦେବଗଡ଼ ସମେତ କୁଚିଣ୍ଡା, ପାଲଲହଡା, ବଣେଇଁ ତଥା ରେଢ଼ାଖୋଲ ଉପଖଣ୍ଡର ଚାଷୀ ଉପକୃତ ହେବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ନାଗରିକ କମିଟିର ପ୍ରତିନିଧି ଦଳରେ କମିଟି ସଭାପତି ସୁଶୀଲ କୁମାର କପରଦାର ଉପନଗରପାଳ ପ୍ରଜିତ ଭୋଜ, ମାର୍କଣ୍ଡେଶ୍ୱର ଶତପଥୀ, ସୁଧୀର କପରଦାର, ଲକ୍ଷ୍ମଣ ପ୍ରଧାନ, ନରତ୍ତମ ସାହୁ, ଦେବାଶିଷ କର ଉପସ୍ଥିତ ଥିଲେ । ଆଲୋଚନା ବେଳେ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ।


ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ଦିଆଯାଉଛି।

# ପାଣିଭାର ଆଣିବାକୁ ଯାଇ ୨ କାଉଡ଼ିଆ ନିଖୋଜ

**ଶ୍ରାବଣ ସୋମବାର ଅଘଟଣ**

ଖଇରା, ୭।୮(ଉତ୍କଳବନ୍ଧୁ ପଣ୍ଡା)

ଶ୍ରାବଣ ସୋମବାର ଘଟିଛି ଏକ ଅଘଟଣ। ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ସାନଜୟୀପୁର ଗ୍ରାମର ବାବା ସର୍ବେଶ୍ୱରଙ୍କଠାରେ ଜଳଲାଗି ପାଇଁ ସାଳନ୍ଦୀରୁ ପାଣି ଉଠାଇବା ଲାଗି ଯାଇଥିବା ଦୁଇ କାଉଡିଆ ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ ସାନଜୟୀପୁର ଗ୍ରାମର ରାଜେନ୍ଦ୍ର ସାହୁ(୧୯) ଓ ସୁବ୍ରତ କୁମାର ମହାକୁଡ(୨୨)। ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବାହିନୀର ସମସ୍ତ ପରିଶ୍ରମ ସତ୍ତ୍ୱେ ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ସେମାନଙ୍କର ପତ୍ତା ମିଳିପାରିନାହିଁ।

ଭୋର ସମୟରେ ଗ୍ରାମରୁ ପାଖାପାଖି ୧୮ଜଣ ଯୁବକ ବରଦା ନରିପୁର ପୋଲ ନିକଟରେ ଥିବା ସାଳନ୍ଦୀ ନଦୀ କୂଳକୁ ଯାଇଥିଲେ । ପୂଜାପୂଜି ପରେ ପ୍ରଥମେ ସୁବ୍ରତ କଳସୀରେ ପାଣି ଆଣିବାକୁ ପଶିଥିଲେ। ହେଲେ କୂଳରେ ଏତେବଡ ଗଣ୍ଡ ଥିବା କେହି ଜାଣି ନ ଥିଲେ। ଗୋଡ ଖସିଯିବାରୁ ସେ ହାତ ହଲାଇ ଡାକିଥିଲେ। ପ୍ରଥମେ ଅନ୍ୟ ୫ଜଣ ତାଙ୍କୁ ଉଦ୍ଧାର କରିବକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପୁନର୍ବାର ହାତ ଉପରକୁ ହଲାଇବାରୁ ରାଜେନ୍ଦ୍ର ତାଙ୍କ ପାଖକୁ ଯିବାରୁ ସୁବ୍ରତ ତାଙ୍କୁ ଜାବୁଡି ଧରିଥିଲେ । ଦୁହିଁଙ୍କୁ ଏଭଳି ଅବସ୍ଥାରେ ଦେଖି ଅନ୍ୟଜଣେ ସାଙ୍ଗ ସୁରେନ୍ଦ୍ର ମହାକୁଡ ପାଣି ଉପରକୁ ଦେଖାଯାଉଥିବା ରାଜେନ୍ଦ୍ରଙ୍କ ହାତକୁ ଟାଣିବାକୁ ଚେଷ୍ଟା କରିବା ବେଳେ ହାତଛନ୍ଦି ଯାଇଥିବାରୁ ସେ ଟାଣି ହୋଇଯାଇଥିଲେ। ଉଦ୍ଧାର ପାଇଁ ପ୍ରଥମେ ଗାମୁଛା ଓ ପରେ ବାହୁଙ୍ଗୀ ବ୍ୟବହାର କରାଯାଇଥିଲେ ହେଁ ତାହା କାମ ଦେଇ ନ ଥିଲା। ସେହି ରାସ୍ତା ଦେଇ ଯାଉଥିବା ବାଇକ ଆରୋହୀ କାଶିନାଥ ସାହୁ ପାଣିରେ ପଶି ବୁଦ୍ଧି ଖଟାଇ ସୁରେନ୍ଦ୍ରଙ୍କୁ ଟାଣି ଆଣିବାକୁ ସକ୍ଷମ ହୋଇଥିଲେ। ହେଲେ ରାଜେନ୍ଦ୍ର ଓ ସୁବ୍ରତ ପାଣି ଭିତରେ କୁଆଡେ ନିଖୋଜ ହୋଇଯାଇଥିଲେ। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ହସ୍ତକ୍ଷେପ ପରେ ବିଦ୍ୟାଧରପୁର ଓ ଶାଳପଡା ବ୍ୟାରେଜରେ ଗେଟଗୁଡିକୁ ବନ୍ଦ କରି ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ସଫଳତା ମିଳିପାରିନାହିଁ। ଖଇରା ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶିନୀ ଧଳ, ଖଇରା ବ୍ଲକ ପ୍ରଶାସନ, ସିମୁଳିଆ ପୋଲିସ ଘଟଣା ଉପରେ ନଜର ରଖିଛନ୍ତି।


ଓଡ୍ରାଫ୍ ଟିମ୍ ପକ୍ଷରୁ ନଦୀରେ ଖୋଜାଖୋଜି ଚାଲିଥିବା ବେଳେ କୂଳରେ ଲୋକଙ୍କ ଭିଡ଼।

# ରୁଷିଆରୁ ତେଲ କିଣି ଭାରତୀୟ କମ୍ପାନୀ ଲାଭବାନ

## ଜୁନ୍‌ରେ ସବୁଠାରୁ ଶସ୍ତା

ନୂଆଦିଲ୍ଲୀ,୭।୮




ଗତ କିଛି ବର୍ଷ ହେବ ଅନ୍ତଃରାଷ୍ଟ୍ରୀୟ ତୈଳ ବଜାରରେ ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ଉଭୟ ତୈଳ ଉତ୍ପାଦନ ଓ ଦର ମଧ୍ୟରେ ପରିବର୍ତ୍ତନ ଦେଖାଦେଇଛି। ଏପରିକି ଦର ବୃଦ୍ଧି ଓ ଉତ୍ପାଦନ ହ୍ରାସ କାରଣରୁ ଭାରତୀୟ ତୈଳ ବଜାରରେ ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ହୋଇଥିଲା। ଅପରପକ୍ଷରେ ବର୍ଷକରୁ ଅଧିକ ସମୟ ହେବ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁ ଉଭୟ ରୁଷିଆ ଓ ୟୁକ୍ରେନ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ସର୍ବାଧିକ ଲାଭ ହାସଲ କରିଛନ୍ତି। ବିଶେଷକରି ଭାରତ ରୁଷିଆଠାରୁ ସୁଲଭ (ଶସ୍ତା) ମୂଲ୍ୟରେ ତୈଳ କ୍ରୟ କରି ଚାଲିଛି। ଏପରିକି ଆମେରିକା ଏବଂ ୟୁରୋପୀୟ ଭଳି ଦେଶ ରୁଷିଆ ଉପରେ ବ୍ୟବସାୟିକ କଟକଣା ଲଗାଇବା ପରେ ଭାରତ ଓ ଅନ୍ୟ ଦେଶଗୁଡ଼ିକୁ ରୁଷିଆ ଶସ୍ତାରେ ତେଲ ଯୋଗାଇ ଆସୁଛି। ଫଳରେ ତୈଳ କମ୍ପାନୀଗୁଡ଼ିକ ବ୍ୟାପକ ପରିମାଣରେ ଲାଭ କରୁଛନ୍ତି। ଅପରପକ୍ଷରେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଦୀର୍ଘ ୨ବର୍ଷ ମଧ୍ୟରେ କୋଟି କୋଟି ଟଙ୍କାର ଲାଭ ହାସଲ କରିଥିବା କମ୍ପାନୀଗୁଡ଼ିକର ତ୍ରୈମାସିକ ଫଳାଫଳାରୁ ସ୍ପଷ୍ଟ ବାରିହୋଇ ପଡୁଛି। ତେବେ ଗତ ଜୁନ୍ ମାସରେ ଭାରତ ସବୁଠାରୁ ଶସ୍ତାରେ ତେଲ ପାଇଥିଲା ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ରୁଷିଆରୁ ଭାରତକୁ ଆସୁଥିବା ଅଶୋଧିତ ତୈଳର ହାରାହାରି ମୂଲ୍ୟ ୨୦୨୩ ଜୁନ୍‌ରେ ବ୍ୟାରେଲ ପିଛା ମାତ୍ର ୬୮.୧୭ ଡଲାର ଥିଲା, ଯେଉଁଥିରେ ପରିବହନ ଖର୍ଚ୍ଚ ଅନ୍ତର୍ଭୁକ୍ତ ରହିଛି। ଏପରିକି ଗତ ମେ ମାସରେ ରୁଷିଆରୁ ଆସୁଥିବା ଅଶୋଧିତ ତୈଳର ହାରାହାରି ମୂଲ୍ୟ ବ୍ୟାରେଲ ପିଛା ୭୦.୧୭ ଡଲାର ଥିଲା। ସେହିଭଳି ଗତ ଜୁନରେ ରୁଷିଆରୁ ଆମଦାନୀ କରାଯାଇଥିବା ଅଶୋଧିତ ତେଲର ବଜାର ମୂଲ୍ୟ ତୁଳନାରେ ବ୍ୟାରେଲ ପିଛା ୧୫ରୁ ୨୦ ଡଲାର ହୋଇଥିବା ବିଶେଷଜ୍ଞଙ୍କ ପକ୍ଷରୁ ଆକଳନ କରାଯାଇଛି। ସେହିପରି ବର୍ଷକ ତଳେ ଭାରତ ରୁଷିଆଠାରୁ ବ୍ୟାରେଲ ପିଛା ୧୦୦.୪୮ ଡଲାର ମୂଲ୍ୟରେ ଅଶୋଧିତ ତୈଳ ପାଉଥିଲା। ଫଳରେ ଭାରତକୁ ମିଳିଥିବା ଅଶୋଧିତ ତୈଳ ଦର ବର୍ଷକ ମଧ୍ୟରେ ଦେଢ଼ ଗୁଣ ହ୍ରାସ ପାଇଛି। ତେବେ ଶସ୍ତା ତେଲର ଲାଭ ତୈଳ କମ୍ପାନୀଗୁଡ଼ିକ ହାସଲ କରିଛନ୍ତି। ଅପରପକ୍ଷରେ ଭାରତୀୟ ଗ୍ରାହକ ଦୀର୍ଘ ୨ବର୍ଷ ହେବ ଉଚ୍ଚ ଦରରେ ତେଲ କିଣୁଛନ୍ତି। ବର୍ତ୍ତମାନ ଦେଶରେ ପେଟ୍ରୋଲ ଦର ପ୍ରାୟ ୧୦୪ ଟଙ୍କା ଥିଲାବେଳେ ଡିଜେଲ ମୂଲ୍ୟ ପ୍ରାୟ ୯୨ ଟଙ୍କା ରହିଛି।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୭।୮

କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ(ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୋମବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୩୨ (୨୩୨.୨୩) ପଏଣ୍ଟ ବଢ଼ି ୬୫,୯୫୩ (୬୫,୯୫୩.୪୮) ଅଙ୍କରେ ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୮୦ (୮୦.୩୦) ପଏଣ୍ଟ ବୃଦ୍ଧି ଘଟି ୧୯,୫୯୭ (୧୯,୫୯୭.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଥଣ୍ଡା ପାନୀୟ ଜଳ ଯାନର ଶୁଭାରମ୍ଭ




ଭୁବନେଶ୍ୱର,୭।୮

ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର (ଜେଏସ୍‌ପି)ର ସାମାଜିକ ଅନୁଷ୍ଠାନ ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ସୋମବାର ଏକ ଥଣ୍ଡା ପାନୀୟ ଜଳ ସେବା ଯାନର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଏସ୍‌ପିର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ କୁମାର ହୋତା, ଏକ୍‌ଜିକ୍ୟୁଟିଭ ଭାଇସ୍ ପ୍ରେସିଡେଣ୍ଟ (କର୍ପୋରେଟ୍ ଆଫେୟାର୍ସ) ବି.ପି.ମିଶ୍ରଙ୍କ ସମେତ ଜେଏସ୍‌ପି ଏବଂ ଜେଏସ୍‌ପି ଫାଉଣ୍ଡେଶନର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଓପି ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିଳ୍ପପତି ଓମ୍ ପ୍ରକାଶ ଜିନ୍ଦଲଙ୍କ ୯୩ ତମ ଜନ୍ମ ବାର୍ଷିକୀ ଅବସରରେ ଫାଉଣ୍ଡେଶନ ପକ୍ଷରୁ ଉକ୍ତ ଥଣ୍ଡା ପାନୀୟ ଜଳ ସେବା ଯାନର ଶୁଭାରମ୍ଭ କରାଯାଇଛି। ବିଶେଷ କରି ୧୫୦୦ ଲିଟର କ୍ଷମତା ବିଶିଷ୍ଟ ଏହି ଅତ୍ୟାଧୁନିକ ଯାନ (ଭ୍ୟାନ) ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ ପରିଭ୍ରମଣ ସହ ଲୋକଙ୍କୁ ପ୍ରତିଦିନ ନିରାପଦ ତଥା ଥଣ୍ଡା ପାନୀୟ ଜଳ ଯୋଗାଇ ଦେବ। ଏପରିକି ବିଏମ୍‌ସି ଅନୁମୋଦନ ଅନୁଯାୟୀ ଉକ୍ତ ଯାନ ପରିଚାଳିତ ହେବ। ସେହିଭଳି ଜେଏସପି ଫାଉଣ୍ଡେଶନ ପକ୍ଷରୁ ଆଗରୁ ମଧ୍ୟ ଆଉ ୩ଟି ଥଣ୍ଡା ପାନୀୟ ଜଳ ଭ୍ୟାନ ରାଜ୍ୟର ବିଭିନ୍ନ ସହରରେ ଲୋକଙ୍କୁ ପ୍ରତିଦିନ ନିରାପଦ ତଥା ଥଣ୍ଡା ପାନୀୟ ଜଳ ଯୋଗାଉଛି ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।

# ମିଶୋ ପ୍ରଥମ ଭାରତୀୟ ଭୂସମାନ୍ତର ଇ-ବାଣିଜ୍ୟ କମ୍ପାନୀ

ଭୁବନେଶ୍ୱର,୭।୮

ଦେଶର ପ୍ରମୁଖ ଇ-କମର୍ସ କମ୍ପାନୀ ମିଶୋ ଭାରତର ପ୍ରଥମ ଭୂସମାନ୍ତର ଇ-ବାଣିଜ୍ୟ କମ୍ପାନୀ ଭାବେ ମାନ୍ୟତା ଲାଭ କରିଛି। ବିଶେଷ କରି ବିଗତ ୧୨ମାସ ମଧ୍ୟରେ ମିଶୋର ଉଲ୍ଲେଖନୀୟ ଅଭିବୃଦ୍ଧି ସହ ଅର୍ଡର ପରିମାଣ ୪୩% ବୃଦ୍ଧି ପାଇ ଏକ ବିଲିୟନରୁ ଅଧିକ ଅର୍ଡରରେ ଶେଷ ହୋଇଛି। ଏପରିକି ୮୫% ଅର୍ଡର ଟିୟର୍ ୨ ୟୁଜର୍ସଙ୍କଠାରୁ ଆସିଛି,ପ୍ଲାଟଫର୍ମର ବିବିଧ ଆବେଦନକୁ ଦର୍ଶାଇବା ସହ ଏହି ସମୟ ମଧ୍ୟରେ ଅଣ-ଫ୍ୟାଶନ୍ ବର୍ଗଗୁଡ଼ିକ ୧୨୦%ରୁ ଅଧିକ ବୃଦ୍ଧି ପାଇଥିବାରୁ ମିଶୋର ପ୍ରକୃତ ଭୂସମାନ୍ତର ପ୍ରକୃତି ସ୍ପଷ୍ଟ ହୋଇଛି। ସେହିଭଳି ଗତ ୧୨ମାସରେ କମ୍ପାନୀର ରାଜସ୍ୱ ପ୍ରଭାବଶାଳୀ (୫୪%) ଭାବେ ବୃଦ୍ଧି ପାଇଛି, ଯାହା କ୍ରମାଙ୍କ ପରିମାଣ ଏବଂ ମୋନେଟାଇଜେଶନ୍ ହାରରେ ଯଥେଷ୍ଟ ଅଭିବୃଦ୍ଧି ଦ୍ୱାରା ପରିଚାଳିତ ହୋଇଛି। ଏପରିକି ୧୨ ମାସରେ ୧୪୦ ମିଲିୟନରୁ ଅଧିକ ଅନନ୍ୟ କାରବାର କରୁଥିବା ଉପଭୋକ୍ତାଙ୍କୁ ସେବା ଯୋଗାଇ ମିଶୋ ଭାରତରେ ଇ-ବାଣିଜ୍ୟ ଦୃଶ୍ୟପଟରେ ବିପ୍ଳବ ଜାରି ରଖିଛି। ଏ ସମ୍ପର୍କରେ ମିଶୋର ସିଇଓ ତଥା ପ୍ରତିଷ୍ଠାତା ଭିଦିତ ଆତ୍ରେ କହିଛନ୍ତି, ଏହି ମହତ୍ତ୍ୱପୂର୍ଣ୍ଣ ସଫଳତାକୁ ଅନୁସରଣ କରି ଆମେ ଲାଭବାନ ହେବାର ସାହସିକ ଆକାଂକ୍ଷାକୁ ଦେଖି ନମ୍ର ଓ ଗର୍ବିତ ଅନୁଭବ କରୁଛୁ। ବିଶେଷ କରି ଆରମ୍ଭରୁ ଆମର ଲକ୍ଷ ଲକ୍ଷ ଛୋଟ ବ୍ୟବସାୟୀ, ଉଦ୍ୟୋଗୀ ଏବଂ ଗ୍ରାହକଙ୍କୁ ସଶକ୍ତ କରିବା ପାଇଁ ଆମେ ଏକ ଦର୍ଶନ ଦ୍ୱାରା ପରିଚାଳିତ ହୋଇଛୁ ଏବଂ ଆଜିର ମାଇଲଖୁଣ୍ଟ ସମଗ୍ର ମିଶୋ ପରିବାରର ଅଦମ୍ୟ ଉତ୍ସର୍ଗର ଏକ ପ୍ରମାଣ । ଭାରତରେ ଲାଭ ହାସଲ କରିବା ପାଇଁ ପ୍ରଥମ ଭୂସମାନ୍ତର ଇ-ବାଣିଜ୍ୟ ପ୍ଲାଟଫର୍ମ ଭାବେ ଆମେ ନିରନ୍ତର ଅଭିବୃଦ୍ଧି ଚଳାଇବା ସହିତ ସମସ୍ତଙ୍କ ପାଇଁ ଇ-ବାଣିଜ୍ୟ ଉପଲବ୍ଧ କରିବା ତଥା ଭାରତର ପ୍ରକୃତ ସମ୍ଭାବନାକୁ ଖୋଲିବା ପାଇଁ ଆମେ ପ୍ରତିବଦ୍ଧ ଅଟୁ। ଉଲ୍ଲେଖଯୋଗ୍ୟ, ୨୦୨୩ ମିଶୋ ପାଇଁ ଏକ ରୋମାଞ୍ଚକର ଏବଂ ଉଲ୍ଲେଖନୀୟ ବର୍ଷ ହୋଇପାରିଛି।

# ବେଦାନ୍ତ ଆଲୁମିନିୟମରେ ନୂତନ ନୀତି ପ୍ରଣୟନ

ଭୁବନେଶ୍ୱର,୭।୮ (ଅଭୟ ଦାଶ)



ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଏକ ନୂତନ ନୀତି ' ନ୍ୟୁ ଜେଣ୍ଡର ରିଆଫାରମେଶନ ପଲିସି'ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି କମ୍ପାନୀରେ କାର୍ଯ୍ୟରତ ଏଲ୍‌ଜିବିଟିକ୍ୟୁ+କର୍ମଚାରୀଙ୍କ ପାଇଁ ଗ୍ରାଉଣ୍ଡ ବ୍ରେକିଂ ଜେଣ୍ଡର ରିଆଫାରମେଶନ ପ୍ରମାଣପତ୍ର ଓ କ୍ଷତିପୂରଣ ନୀତି ପ୍ରଣୟନ ହୋଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ ଝାରସୁଗୁଡ଼ା ମେଗା ଆଲୁମିନିୟମ ସ୍ମେଲଟର ଓ ଲାଞ୍ଜିଗଡ଼ ଆଲୁମିନା ରିଫାଇନାରୀ ସହିତ ଛତିଶଗଡ଼ର ଆଇକନିକ ଆଲୁମିନିୟମ ଉତ୍ପାଦକ ବାଲ୍‌କୋରେ ମଧ୍ୟ ଏହି ନୀତିକୁ କାର୍ଯ୍ୟକାରୀ କରିଛି। ଏହା ପୂର୍ବରୁ କମ୍ପାନୀର ବାଲ୍‌କୋ ୟୁନିଟରେ ୨ଜଣ ଟ୍ରାନ୍ସଜେଣ୍ଡର ପ୍ରଫେସନାଲଙ୍କୁ ଉକ୍ତ ନୀତି ମାଧ୍ୟମରେ ସହାୟତା ପ୍ରଦାନ କରାଯାଇଛି। ବିଶେଷକରି ବେଦାନ୍ତ ଆଲୁମିନିୟମର ନୂଆ ଲିଙ୍ଗ ପୁନଃପ୍ରମାଣ ପତ୍ର ଓ କ୍ଷତିପୂରଣ ନୀତି ଟ୍ରାନ୍ସଜେଣ୍ଡର କର୍ମଚାରୀମାନଙ୍କୁ ୨ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିବ, ଯାହା ଲିଙ୍ଗ ପୁନଃନିର୍ମାଣ ସର୍ଜରି ସହିତ ଜଡ଼ିତ ଖର୍ଚ୍ଚ ବହନ କରିବାରେ ସହାୟକ ହେବ। ଏପରିକି ଅତିରିକ୍ତ ଭାବେ କମ୍ପାନୀ ଏକ ୩୦ ଦିନିଆ ଛୁଟି ପ୍ରଦାନ କରିବ, ଫଳରେ କର୍ମଚାରୀମାନେ ଉପଯୁକ୍ତ ଯତ୍ନ ପାଇଁ ଆବଶ୍ୟକ ସମୟ ପାଇପାରିବେ। ସେହିଭଳି କମ୍ପାନୀ ପ୍ରତ୍ୟେକ ସ୍ଥାନରେ ଉକ୍ତ ବର୍ଗର କର୍ମଚାରୀଙ୍କ ପାଇଁ ବିଶ୍ୱସ୍ତରୀୟ ଆବାସିକ ଟାଉନଶିପ ପ୍ରତିଷ୍ଠା କରିଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଓଓ (ଆଲୁମିନିୟମ ବିଜ୍‌ନେସ) ସୁନୀଲ ଗୁପ୍ତା କହିଛନ୍ତି, ଆମର ସମସ୍ତ ଭୂମିକା ଜେଣ୍ଡର ଆଗ୍ନୋଷ୍ଟିକ ହୋଇଥିବାବେଳେ ନିଯୁକ୍ତି ପଦ୍ଧତି କେବଳ ପ୍ରତିଭା ଓ ଦକ୍ଷତା ଉପରେ ନିର୍ଭର କରିଥାଏ। ସେହିଭଳି ବେଦାନ୍ତ ଲିମିଟେଡର ସିଏଚ୍‌ଆରଓ (ଆଲୁମିନିୟମ ବିଜ୍‌ନେସ) ଦିଲ୍ଲୀପ ସିହ୍ନା କହିଛନ୍ତି, ଆମେ ଏହି ନୂତନ ନୀତିକୁ ସ୍ୱୀକାର କରୁଛୁ, ଏପରିକି ଏହି ଯାତ୍ରା ଗଭୀର ପରିବର୍ତ୍ତନଶୀଳ ପ୍ରଭାବ ପ୍ରକାଇବ। ଏହା ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅନୁପ୍ରାଣିତ କରିବ। ସେହିପରି ଟ୍ରାନ୍ସଜେଣ୍ଡର କଲ୍ୟାଣ ସମିତିର ସଦସ୍ୟ ତଥା ଛତିଶଗଡ଼ର ମିତୱା ସଂକଳ୍ପ ସମିତିର ସଭାପତି ବିଦ୍ୟା ରାଜପୁତ କହିଛନ୍ତି, ଲିଙ୍ଗ ପୁନଃନିଶ୍ଚିତୀକରଣ ଯାତ୍ରାରେ ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କୁ ଏହା ବହୁତ ସହାୟତା କରିବ। ସେଥିପାଇଁ କମ୍ପାନୀର ପ୍ରୟାସକୁ ଆମେ ସାଧୁବାଦ ଜଣାଉଛୁ।

# ଆକ୍ସିସ୍ ବ୍ୟାଙ୍କ ସହ ଅଲ୍‌ଟିଗ୍ରିନର ସହଭାଗିତା

ଭୁବନେଶ୍ୱର,୭।୮

ଆକ୍ସିସ୍ ବ୍ୟାଙ୍କ ଏବଂ ଅଲ୍‌ଟିଗ୍ରିନ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଥିବା ଘୋଷଣା କରାଯାଇଛି। ବିଶେଷ କରି ଗ୍ରାହକମାନଙ୍କୁ ସୁହାଇବା ଭଳି ସ୍ୱତନ୍ତ୍ର ଫାଇନାନ୍ସ ସୁବିଧା ପ୍ରଦାନ କରିବାସହ କାରବାର ବୃଦ୍ଧି ଆଦି ସମ୍ପର୍କରେ ଉକ୍ତ ସହଭାଗିତା ସ୍ଥାପନ ହୋଇଛି। ଏ ସମ୍ପର୍କରେ ଅଲ୍‌ଟିଗ୍ରିନ୍‌ର ସିଏଫ୍‌ଓ ଶୈଳେନ୍ଦ୍ର ଗୁପ୍ତା କହିଛନ୍ତି, ଆକ୍ସିସ୍ ବ୍ୟାଙ୍କର ରିଟେଲ ଫାଇନାନ୍ସ ସୁବିଧାକୁ ଉପସ୍ଥାପନ କରିଥିବାରୁ ଆମେ ବହୁତ ଖୁସି। ବର୍ତ୍ତମାନ ଅଲ୍‌ଟିଗ୍ରିନ୍‌ର ଗ୍ରାହକମାନେ ବ୍ୟାଙ୍କର ଆର୍ଥିକ ସମାଧାନ ସେବାକୁ ହାସଲ କରିପାରିବେ। ଆମର ଉଲ୍ଲେଖନୀୟ ବିକ୍ରି ପରବର୍ତ୍ତୀ ସେବା ଏବଂ ଆକ୍ସିସ୍ ବ୍ୟାଙ୍କର ଫାଇନାନ୍ସ ସେବାକୁ ନେଇ ଆମେ ଆମ ଗ୍ରାହକଙ୍କୁ ଉତ୍କର୍ଷ ପ୍ରଦାନ ଜାରି ରଖିବୁ। ସେହିଭଳି ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ଓ ରିଟେଲ୍ ବ୍ୟାଙ୍କିଙ୍ଗ୍ ମୁଖ୍ୟ ସୁମିତ ବାଲି କହିଛନ୍ତି, ଅଲ୍‌ଟିଗ୍ରିନ୍ ସହିତ ସହଭାଗିତା ସ୍ଥାପନ କରି ଆମେ ବହୁତ ଖୁସି। ବିଶେଷ କରି ପରିବେଶ ଅନୁକୂଳ ଗମନାଗମନ ସମାଧାନର ପ୍ରସାର କରିବାର ମିଳିତ ଲକ୍ଷ୍ୟ ଆମର ରହିଛି। ଇଲେକ୍ଟ୍ରିକ୍ ଯାନ ପାଇଁ ଫାଇନାନ୍ସ ସୁବିଧା ପ୍ରଦାନ କରିବା ଉପରେ ଆମେ ଗୁରୁତ୍ୱ ଦେଉଥିବା ବେଳେ ଏହି ସହଭାଗିତା ଜରିଆରେ ଆମେ ଆମର ଇଏସ୍‌ଜି ପ୍ରତିବଦ୍ଧତା ଆଡ଼କୁ ଆଉ କିଛି ପାଦ ଅଗ୍ରସର ହୋଇଛୁ। ଆମେ ଅଲ୍‌ଟିଗ୍ରିନ୍‌ର ଗ୍ରାହକମାନଙ୍କୁ ଉଭୟ ପାଇକାରୀ ଓ ଖୁଚୁରା କ୍ଷେତ୍ରରେ ସୁହାଇବା ଭଳି ଆର୍ଥିକ ସମାଧାନ ପ୍ରଦାନ ଜାରି ରଖିବୁ।

## ଫୁରସତ୍

# ଗର୍ଭଧାରଣ କଲେ ସମଲିଙ୍ଗୀ ଯୋଡ଼ି

ସିଓଲ



ନିକଟରେ ୨ ଜଣ ଝିଅଙ୍କ ପ୍ରେମ କାହାଣୀ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଦୁହେଁ କିଛି ବର୍ଷ ତଳେ ବିବାହ କରିଥିବାବେଳେ ଏବେ ସେ ମା' ହେବାକୁ ଯାଉଥିବା ନେଇ ଫଟୋ ଶେୟାର କରିଛନ୍ତି। ସେମାନଙ୍କ ପାଇଁ ଏହା ଅତି ସହଜ ନ ଥିଲା। ଘରର କଟକଣା, ସମାଜର ପ୍ରତିବନ୍ଧକ ସହି ନ ପାରି ସେମାନଙ୍କୁ ପିଲା ଜନ୍ମ କରିବାକୁ ଅନ୍ୟ ଏକ ଦେଶକୁ ଯିବାକୁ ପଡ଼ିଛି। ରିପୋର୍ଟ ମୁତାବକ, ଦକ୍ଷିଣ କୋରିଆର ବାସିନ୍ଦା କିମ୍ କ୍ୟୁ-ଜିନ୍ ଏବଂ କିମ୍ ସେ-ୟେନ ନାମକ ୨ ଜଣ ସମଲିଙ୍ଗୀ। ସେମାନେ ୨୦୧୯ରେ ବିବାହ କରିଥିଲେ। ହେଲେ ଏବେ ତାଙ୍କ ପିଲା ଜନ୍ମ ପାଇଁ ନିୟମକାନୁନ ତାଙ୍କୁ ବାଧା ଦେଉଛି ; ଯେଉଁଥିପାଇଁ ସେମାନଙ୍କୁ ଦକ୍ଷିଣ କୋରିଆ ଛାଡ଼ି ବେଲଜିୟମ୍ ଯିବାକୁ ପଡ଼ିଛି। ପ୍ରକୃତରେ ଦକ୍ଷିଣ କୋରିଆ ତାଙ୍କ ବିବାହକୁ ମାନ୍ୟତା ଦେଇନାହିଁ। ସମଲିଙ୍ଗୀ ଯୋଡ଼ିଙ୍କ ବିବାହକୁ ପଞ୍ଜୀକରଣ କରିବାକୁ ମନା କରିଦିଆଗଲା। ତେବେ ଦୁହିଁଙ୍କ ବିବାହ ନ୍ୟୁୟର୍କରେ ପଞ୍ଜୀକୃତ ହୋଇଛି। ଏହାପରେ ବିବାହର କିଛି ବର୍ଷ ପରେ ସେମାନେ ପିଲା ପାଇଁ ପ୍ରସ୍ତୁତ ହେଲେ। ସେଥିପାଇଁ ଦୁହିଁଙ୍କୁ ଦେଶ ଭିତରେ ଅନୁମତି ମିଳିଲାନାହିଁ। ଦକ୍ଷିଣ କୋରିଆରେ ଶୁକ୍ରାଣୁ ବ୍ୟାଙ୍କ ମଧ୍ୟ ସେମାନଙ୍କ ପାଇଁ ଅନୁମତି ଦେଲେ ନାହିଁ। କିମ୍ କ୍ୟୁ-ଜିନ୍ ବେଲଜିୟମ୍‌ର ଜଣେ ସ୍ପର୍ମ ଡୋନରଙ୍କ ସାହାଯ୍ୟରେ ଗର୍ଭଧାରଣ କରିଛନ୍ତି। ଏବେ ତାଙ୍କ ଗର୍ଭଧାରଣକୁ ୮ ମାସ ହେଲାଣି। ସେ ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ (ଆଇଭିଏଫ୍) ପ୍ରଣାଳୀରେ ମା' ହେବାକୁ ଯାଉଛନ୍ତି। ଦୁହେଁ ଦେଶରେ ସମଲିଙ୍ଗୀଭିତ୍ତିକ ପିତୃତ୍ୱ ବାବଦରେ ସଚେତନତା ବଢ଼ାଇବାକୁ ସେମାନଙ୍କ ଗର୍ଭାବସ୍ଥାକୁ ସାର୍ବଜନୀନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜିନ୍ ଦକ୍ଷିଣ କୋରିଆର ସେହି ହସ୍ପିଟାଲରେ ତାଙ୍କ ପିଲା ଜନ୍ମଦେବାକୁ ଚାହୁଁଛନ୍ତି, ଯେଉଁଠାରେ ତାଙ୍କ ସ୍ତ୍ରୀ ୟେନ ଡାକ୍ତର ଅଛନ୍ତି। ତାଙ୍କ ମା' ସହ ପିଲା ମଧ୍ୟ ସୁସ୍ଥ ରହିବ ବୋଲି ସେମାନେ ଆଶାବାଦୀ ଅଛନ୍ତି। ପିଲା ଜନ୍ମହେବା ପରେ ଦକ୍ଷିଣ କୋରିଆରେ ସେମାନେ ପିଲାର ନିୟମଗତ ମାତା ହେବେ ନାହିଁ। ସେଥିପାଇଁ ସେମାନେ ଦେଶ ବାହାରେ ରହିବାକୁ ଇଚ୍ଛା କରିଛନ୍ତି।

# ଦିଶାଙ୍କ ନୂଆ ବୟ୍‌ଫ୍ରେଣ୍ଡଙ୍କୁ ନେଇ ଚର୍ଚ୍ଚା

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ତାଙ୍କ ଲଭ୍ ଲାଇଫ୍‌କୁ ନେଇ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି। ଅଭିନେତା ଟାଇଗର ଶ୍ରଫ୍‌ଙ୍କ ସହ ଦିଶାଙ୍କ ପ୍ରେମ ସମ୍ପର୍କକୁ ଦର୍ଶକ ଅନେକ ପସନ୍ଦ କରୁଥିଲେ। ହେଲେ ଅଭିନେତ୍ରୀ ଏହାକୁ ନେଇ କିଛି କହି ନ ଥିଲେ। ତେବେ କିଛିଦିନ ତଳେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଇଥବା ଚର୍ଚ୍ଚାକୁ ଆସିଥିଲା। ପରେ ମଧ୍ୟ ସେମାନଙ୍କୁ ଏକ ଶୋ'ରେ ଏକାଠି ବସିଥିବା ଦେଖିବାକୁ ମିଳିଥିଲା। ତେବେ ନିକଟରେ ଦିଶାଙ୍କ ଆଉ ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ଆଲେକ୍‌ଜାଣ୍ଡାର ଆଲେକ୍ସିକଙ୍କ ସହ ନଜରକୁ ଆସିଛନ୍ତି। ଦିଶା ତାଙ୍କ ବନ୍ଧୁଙ୍କ ସହ ଆଲେକ୍‌ଜାଣ୍ଡାରଙ୍କୁ ପରିଚୟ କରାଉଛନ୍ତି। ତେବେ ଆଲେକ୍‌ଜାଣ୍ଡାର ତାଙ୍କ ନୂଆ ବୟଫ୍ରେଣ୍ଡ ବୋଲି ଆଲୋଚନା ହେଉଛି। ଦିଶା ୨୦୧୫ରୁ ତାଙ୍କର ଅଭିନୟ କ୍ୟାରିୟର ତେଲୁଗୁ ଫିଲ୍ମ ଜରିଆରେ ଆରମ୍ଭ କରିଥିଲେ। ପରେ ସେ ଚାଇନିଜ୍ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ସେ ହିନ୍ଦୀ ଫିଲ୍ମ ବାଗୀ ଜରିଆରେ ଦର୍ଶକଙ୍କ ନଜରକୁ ଆସିଥିଲେ। ଶେଷଥର ପାଇଁ ତାଙ୍କୁ ୨୦୨୨ରେ ଏକ୍ ଭିଲିଆନ୍ ରିଟର୍ନସରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଆଉ ୩ଟି ଫିଲ୍ମ ରହିଥିବାବେଳେ ତାମିଲ ଫିଲ୍ମରେ ମଧ୍ୟ ଅଭିନୟ କରିବେ ବୋଲି ଜଣାପଡ଼ିଛି। ଏଥିସହ ସେ କିଛି ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜରକୁ ଆସିଛନ୍ତି।

# ପାଳିତ କୁକୁର ପାଇଁ ଚାକିରି ଛାଡ଼ିଲେ



କାନ୍‌ବେରା

ଲୋକେ ତାଙ୍କ ପାଳିତ ଜନ୍ତୁଙ୍କୁ ବହୁତ ଭଲ ପାଆନ୍ତି। ସେମାନଙ୍କ ପାଇଁ ଅନେକ କିଛି ମଧ୍ୟ କରିଥାନ୍ତି। ହେଲେ ନିକଟରେ ଜଣେ ଯୁବତୀ ତାଙ୍କ ପାଳିତ କୁକୁର ପାଇଁ ଏମିତି କିଛି କରିଛନ୍ତି, ଯାହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ଅଷ୍ଟ୍ରେଲିଆ ସିଡ୍‌ନୀର ଜଣେ ପୁଷ୍ଟି ବିଜ୍ଞାନୀ ଆଶା ଡିଲନ ତାଙ୍କ ପାଳିତ କୁକୁର ପାଇଁ ଚାକିରି ଛାଡ଼ି ଦେଇଛନ୍ତି। ଆଶାଙ୍କ କହିବା ମୁତାବକ, ତାଙ୍କ କୁକୁର ରୋମିୟୋ ତାଙ୍କୁ ବହୁତ ଭଲ ପାଏ। ସେ ଯେତେବେଳେ ବାହାରକୁ ଯାଆନ୍ତି, ସେ ଖୁବ୍ ଜୋର୍‌ରେ କାନ୍ଦେ, ପାଟିକରେ ଏବଂ ଘରର ଜିନିଷ ମଧ୍ୟ ଭାଙ୍ଗିଦିଏ। ଏମିତି ବି ସେ ଗାଧେଇବା ବେଳେ ମଧ୍ୟ ବାଥ୍‌ରୁମ୍ କବାଟକୁ ବାଡ଼ାଏ। ରୋମିୟୋର ଏପରି ବ୍ୟବହାର ସୁଧାରିବାକୁ ସେ କିଛି କରିବାକୁ ନିଷ୍ପତ୍ତି ନେଲେ। ରୋମିୟୋକୁ ଶାନ୍ତ କରିବାକୁ ସେ ବାଧହୋଇ ଚାକିରି ଛାଡ଼ିଦେଲେ। ରିପୋର୍ଟ ମୁତାବକ, ଆଶା ବର୍ତ୍ତମାନ ଅଧିକାଂଶ ସମୟ ରୋମିୟୋ ସାଙ୍ଗରେ ବିତାଉଛନ୍ତି। ଯେଉଁଠାକୁ ଗଲେ ସେ ତାକୁ ସାଙ୍ଗରେ ନେଇ ଯାଉଛନ୍ତି। ୩୦ ବର୍ଷୀୟା ଆଶା ଏକ କମ୍ପାନୀରେ ପ୍ରଡକ୍ଟ ଡେଭେଲପମେଣ୍ଟ ମ୍ୟାନେଜର ଥିଲେ। ହେଲେ ତାଙ୍କ ଚାକିରିଠାରୁ ତାଙ୍କୁ ରୋମିୟୋ ଅଧିକ ପସନ୍ଦ ଥିଲା। ଏହା ପୂର୍ବରୁ ଆଶା ଅନେକ ଜାତୀୟସ୍ତରୀୟ କମ୍ପାନୀରେ ମଧ୍ୟ କାମ କରିସାରିଥିଲେ। ସେ କିଛି ସମୟ ଆଗରୁ ନିଜର ଏକ କମ୍ପାନୀ କରିଥିଲେ, ଯେଉଁଥିରେ ପାଳିତ ଜନ୍ତୁଙ୍କ ସମସ୍ୟା ବାବଦରେ କାମ ହେଉଥିଲା।

# ବିଶ୍ୱବ୍ୟାପୀ ୧୦୦ କୋଟି ଡଲାର ଆୟ କଲା 'ବାର୍ବି'




ମୁମ୍ବାଇ

ମାର୍ଗଟ ରୋବି ଏବଂ ଆରୟନ୍ ଗ୍ଲସିଂଙ୍କ ଅଭିନୀତ ଫାଣ୍ଟାସି କମେଡି ଫିଲ୍ମ 'ବାର୍ବି' ରିଲିଜ୍ ହେବାର ତୃତୀୟ ସପ୍ତାହରେ ବିଶ୍ୱବ୍ୟାପି ବକ୍ସ ଅଫିସରେ ୧ ବିଲିୟନ୍ ଡଲାର ଅତିକ୍ରମ କରିଛି। ଏନେଇ ଫିଲ୍ମ ନିର୍ଦ୍ଦେଶକ ଗ୍ରେଟା ଗେରୱିଗ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଯେଉଁଥିରେ ସେ ଲେଖିଛନ୍ତି, 'ଆମର ବାର୍ବି ସ୍ୱପ୍ନକୁ ସାକାର କରିବାକୁ ପୃଥିବୀର ବିଭିନ୍ନ ସ୍ଥାନରୁ ଅବିଶ୍ୱସନୀୟ ବାର୍ବି ଏବଂ କେନ୍ ଏଠାରେ ଅଛନ୍ତି। ବିଶ୍ୱବ୍ୟାପୀ ବକ୍ସ ଅଫିସରେ ଏହି ମୁଭି ୧ ବିଲିୟନ୍ ଡଲାର ଅଂଶୀଦାର କରିବାକୁ ଆମେ ଆଗ୍ରହୀ'। ରିପୋର୍ଟ ମୁତାବକ, ଗ୍ରେଟା ପ୍ରଥମ ମହିଳା ନିର୍ଦ୍ଦେଶକ ଭାବେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିବାବେଳେ ୫ମ ମହିଳା ନିର୍ଦ୍ଦେଶକ ଭାବେ ୧ ବିଲିୟନ୍ ଡଲାର ଅତିକ୍ରମ କରିଛନ୍ତି। ଆମେରିକାର ଘରୋଇ ବିତରଣର ସଭାପତି ଜେଫ ଗୋଲ୍ଡଷ୍ଟେନ୍ କହିଛନ୍ତି, ଗ୍ରେଟାଙ୍କ ବ୍ୟତୀତ ଅନ୍ୟ କେହି ଏପରି ମଜାଳିଆ, ସୁପରହିଟ୍, ଭାବପ୍ରବଣତା, ଚିତ୍ତାକର୍ଷକ କାହାଣୀକୁ ଜୀବନ୍ତ ରୂପ ଦେଇପାରି ନାହାନ୍ତି। ସେ କହିଛନ୍ତି, କରୋନା ଲକ୍‌ଡାଉନ ପରେ କ୍ଷତିଗ୍ରସ୍ତ ହୋଇଥିବା ସିନେମା ଜଗତରେ ପୁଣି ଲମ୍ବା ଲାଇନ ଦୃଶ୍ୟ ପୁନରାବୃତ୍ତି ହୋଇଛି। ଗୋଲାପୀ ରଙ୍ଗର ଏହି ଚଳଚ୍ଚିତ୍ର ସମାଲୋଚକଙ୍କ ଦ୍ୱାରା ବେଶ ପ୍ରଶଂସା ପାଇଛି। ଘରୋଇ ଭାବରେ ପ୍ରାୟ ୫୭୨ ମିଲିୟନ୍ ଡଲାର ଆୟ କରିଛି। ବାର୍ବି ରିଲିଜ୍ ଦିନ ୭୦.୫ ମିଲିୟନ୍ ଡଲାର ଆୟ କରିଥିବାବେଳେ ସପ୍ତାହକ ମଧ୍ୟରେ ୧୫୫ ମିଲିୟନ୍ ଡଲାର ଆୟ କରିଥିଲା।

# ମୁଖ ବ୍ରଣ ସମସ୍ୟା

**ଆଜିକାଲି ମୁଖ ବ୍ରଣ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ବିଶେଷଭାବରେ କିଶୋରାବସ୍ଥାରେ ଏହା ଅଧିକ ଦେଖାଦେଇଥାଏ। ଏହାର ଠିକ୍ ସମୟରେ ଉପଚାର କରାଗଲେ ଏଥିରୁ ଉପଶମ ମିଳିଥାଏ। ମୁଖ ବ୍ରଣର କାରଣ ଏବଂ ଉପଚାର ସମ୍ପର୍କରେ ସୂଚନା...**





ମୁଖବ୍ରଣ ଏକ ଶାରୀରିକ ଏବଂ ମାନସିକ ଯନ୍ତ୍ରଣାଦାୟକ ବ୍ୟାଧି। ମନୁଷ୍ୟ ଯେଉଁ ବୟସରେ ନିଜକୁ ସୁନ୍ଦର ଦେଖାଯିବା ପାଇଁ ସଜେଇ ହୋଇଥାନ୍ତି ସେହି ସମୟରେ ହିଁ ଏହା ଆଘାତ ଦେଇଥାଏ। ଯଦିଓ ଏହା କୁମାରୀକୁମାରରୁ ପ୍ରୋଢ଼ାପ୍ରୋଢ଼ ବୟସ ବ୍ୟବଧାନ ମଧ୍ୟରେ ଦେଖାଯାଇଥାଏ, ତଥାପି ମୁଖ୍ୟତଃ ୧୭-୨୧ ବର୍ଷ ବୟସ ମଧ୍ୟରେ ପ୍ରାୟତଃ କାହାକୁ ନା କାହାକୁ ହୋଇଥାଏ। କାରଣ ଏହି ବୟସ ବ୍ୟବଧାନରେ ଶରୀରର ଅନ୍ତସ୍ରାଣୀ କ୍ଷରଣରେ ବହୁ ଅସନ୍ତୁଳିତ ହୋଇଥାଏ।

**କିପରି ଉତ୍ପନ୍ନ ହୁଏ :** ଆୟୁର୍ବେଦ ମତାନୁସାରେ ପ୍ରାୟତଃ ଅଧିକାଂଶ ବ୍ୟାଧି ଶରୀରର ବାତ, ପିତ୍ତ ଓ କଫର ଅସନ୍ତୁଳନ କାରଣରୁ ସୃଷ୍ଟି ହୋଇଥାନ୍ତି। ସେହି କ୍ରମରେ ମୁଖଦୂଷିକା ମଧ୍ୟ ଶରୀରର ପିତ୍ତ ଓ କଫ ଦୋଷର ଅସନ୍ତୁଳ କାରଣରୁ ତ୍ୱକ୍ ଗତଗ୍ରନ୍ଥି ତ୍ୱଚାରେ ଥିବା ଛୋଟ ଛୋଟ ରୋମଛିଦ୍ରରୁ ବାହାରୁଥିବା ତୈଳାକ୍ତ ପଦାର୍ଥର ଅବରୋଧ ଯୋଗୁ ଉତ୍ପନ୍ନ ହୋଇଥାଏ। ଏହାଦ୍ୱାରା ତ୍ୱଚାରେ ଥିବା ଛୋଟ ଛୋଟ ଦାନା ବାହାରିଥାଏ ଏବଂ ସମୟକ୍ରମେ ଏହା ବୃଦ୍ଧି ପାଏ ଏବଂ ଏଥିରେ ଜୀବାଣୁ ସଂକ୍ରମଣ କାରଣରୁ ଯନ୍ତ୍ରଣା ଦାୟକ ହୋଇଥାଏ। ଅସନ୍ତୁଳିତ ଦୋଷ ପାଚନ କ୍ରିୟାରେ ବ୍ୟାଘାତ କରି କୋଷ୍ଠବଦ୍ଧତା ସୃଷ୍ଟି କରିବା କାରଣରୁ ଶରୀରର ବିଷାକ୍ତ ପଦାର୍ଥ ଠିକ୍ ଭାବରେ ନିଷ୍କାସନ ହୋଇ ନ ଥାଏ, ଫଳତଃ ଏହା ରକ୍ତକୁ ଦୂଷିତ କରିଥାଏ ତଥା ମୁଖସ୍ଥ ଲୋମକୂପରେ ସ୍ଥାନ ଗ୍ରହଣ କରି ବ୍ରଣ ଉତ୍ପନ୍ନ କରିଥାଏ। ମହର୍ଷି ବାଙ୍କଭଟ୍ଟଙ୍କ ମତାନୁସାରେ ଏହା ଏକ ମେଦ ଦୃଷ୍ଟିଜନ୍ୟ ବ୍ୟାଧି।

**କାରଣ :** ମୁଖବ୍ରଣ ହେବାର ଯେଉଁ କାରଣ ଆମେ ଆଲୋଚନା କରିବା ତନ୍ମଧ୍ୟରୁ ଅସନ୍ତୁଳିତ ଆହାର ଏବଂ ଜୀବନଶୈଳୀ ଏକ ପ୍ରମୁଖ କାରଣ । ଅତ୍ୟଧିକ ତୈଳ ଏବଂ ମସଲାଯୁକ୍ତ ଖାଦ୍ୟ, ଜଙ୍କଫୁଡ୍ ଯେପରି ପିଜା, ବର୍ଗର, ପ୍ରେଷ୍ଟି, ବ୍ରେଡ୍, ଆଇସ୍‌କ୍ରିମ୍ ଏବଂ ବିରୁଦ୍ଧ ଆହାର ଯେପରି କ୍ଷୀର ସହ ମାଛ ବା ଲୁଣ ତଥା ମଇଦା ଜାତୀୟ ଖାଦ୍ୟର ଉପଯୋଗ ମୁଖବ୍ରଣ ହେବାରେ ସହାୟକ ହୋଇଥାଏ।

**ଆନୁବଂଶିକ :** ଯଦି ପରିବାରରେ ମାତା ବା ପିତା ଏହାର ଶିକାର ହୋଇଥାନ୍ତି ତେବେ ସେମାନଙ୍କ ପିଲାମାନଙ୍କୁ ହେବା ଆଶଙ୍କା ରହିଥାଏ।

**ତରୁଣାବସ୍ଥା :** ତରୁଣାବସ୍ଥାରେ ଏହା ଅଧିକମାତ୍ରାରେ ଦେଖାଯାଇଥିବାରୁ ଏହାର ଅନ୍ୟନାମ ତାରଣ୍ୟପୀଡ଼ିକା। କାରଣ ଏହି ବୟସରେ ହର୍‌ମନର ସୃଷ୍ଟି ହୋଇଥାଏ ଏବଂ ଅସନ୍ତୁଳତ ଅବସ୍ଥାରେ ଥିବାରୁ ତ୍ୱକ୍‌ଗ୍ରନ୍ଥିତ ଅଧିକ ମାତ୍ରାରେ ତୈଳାକ୍ତ ପଦାର୍ଥ କ୍ଷରଣ କରିଥାଏ; ଯାହାକି ଠିକ୍‌ଭାବରେ ପରିଷ୍କାର ନ ହେବା କାରଣରୁ ଅବରୋଧ ହୋଇଥାଏ ଏବଂ ବ୍ରଣ ଉତ୍ପନ୍ନ କରିଥାଏ।

**ମାନସିକ ଚିନ୍ତା :** ମାନସିକ ଚିନ୍ତା ବ୍ରଣ ହେବାର କାରଣ ହୋଇ ନ ପାରେ। ମାତ୍ର ଯଦି କୌଣସି ବ୍ୟକ୍ତିର ମୁଖବ୍ରଣ ଅଛି ଏବଂ ମାନସିକ ଚିନ୍ତାଗ୍ରସ୍ତ ତେବେ ଏହା ବ୍ରଣକୁ ଖରାପ ସ୍ଥିତିକୁ ଆଣିଥାଏ। କାରଣ ମାନସିକ ସ୍ଥିତିରେ ଶରୀରରେ କ୍ଷରଣ ହୋଇଥାଏ। ଏହା ବ୍ରଣକୁ ଅଧିକ ସଂକ୍ରମଣ କରିଥାଏ।

**ଗର୍ଭନିରୋଧକ ଔଷଧ :** ଅତ୍ୟଧିକ ଗର୍ଭନିରୋଧକ ଔଷଧ ସେବନ କରିବା ଦ୍ୱାରା ଶରୀରର ଅନ୍ତଃସ୍ରାବ ଯଥା ଏଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରନ ସନ୍ତୁଳନରେ ବ୍ୟାଘାତ ହୋଇଥାଏ ଏବଂ ଏହା ବ୍ରଣ ଉପସମ କାରକ ଔଷଧ ସେବନ ପରେ ମଧ୍ୟ ଫଳପ୍ରଦ ହୋଇ ନ ଥାଏ। ତେଣୁ ଗର୍ଭନିରୋଧକ ଔଷଧ ଆପଣାଇବା ଉଚିତ। କାରଣ ଠିକ୍ ଗର୍ଭନିରୋଧକ ଔଷଧ ଶରୀରର ଟେଷ୍ଟୋଷ୍ଟେରନ୍ କ୍ଷରଣକୁ ସନ୍ତୁଳିତ ରଖିଥାଏ ଯଦ୍ୱାରା ମୁଖବ୍ରଣ ଉପସମ ହେବାରେ ସହାୟକ ହୋଇଥାଏ।

**ଅନିୟମିତ ମାସିକସ୍ରାବ :** ଅନିୟମିତ ମାସିକ ସ୍ରାବ ହେବାର ମୁଖ୍ୟ କାରଣ ଅଙ୍ଗୁରିୟମାଳ ଡିମ୍ବାଶୟରେ ପେଣ୍ଠା ଆକାରର ଛୋଟ ଗ୍ରନ୍ଥି ହୋଇଥାଏ ଏବଂ ଏହାଦ୍ୱାରା ଆଣ୍ଡ୍ରୋଜ୍ ହର୍‌ମୋନ୍ ଅଧିକ କ୍ଷରଣ ହୋଇଥାଏ, ଯାହାକି ତୈଳଗ୍ରନ୍ଥିକୁ ପ୍ରଭାବିତକରି ବ୍ରଣ ଉତ୍ପତ୍ତିରେ ସହାୟକ ହୋଇଥାଏ। ଠିକ୍ ସେହିପରି ଗର୍ଭାବସ୍ଥା ବା ରଜୋନିବୃତ୍ତି ଅବସ୍ଥା (ମେନୋପଜ୍)ରେ ମଧ୍ୟ ବ୍ରଣ ହେବା ଆଶଙ୍କା ଦେଖାଯାଇଥାଏ କାରଣ ଏହି ଅବସ୍ଥାରେ ମଧ୍ୟ ହର୍‌ମୋନ ଅସନ୍ତୁଳିତ ହୋଇଥାଏ। ଅତ୍ୟଧିକ ପ୍ରୋଜିଷ୍ଟେରନ୍ କ୍ଷରଣ ତୈଳଗ୍ରନ୍ଥିର କ୍ଷରଣ ବଢ଼ାଇଥାଏ।

-ଡା. ତୀର୍ଥପ୍ରସାଦ ବରାଳ
ସରକାରୀ ଆୟୁର୍ବେଦ ଚିକିତ୍ସା ଅଧିକାରୀ,
ଆମଣ, ଶାସୋଳ, କଟକ
ମୋ: ୯୪୩୯୦୯୭୭୩୧

## ବ୍ରଣରୁ ରକ୍ଷା ପାଇବାର ଉପାୟ

- ଖାଦ୍ୟରେ ଅଧିକ କଫ ବୃଦ୍ଧିକାରକ ଖାଦ୍ୟ ଯଥା ଅଧିକ ମିଠା, କ୍ଷୀରଜାତୀୟ ଖାଦ୍ୟ, ଜଙ୍କ୍ ଫୁଡ୍, ମଇଦା ଜାତୀୟ ଖାଦ୍ୟ ତ୍ୱଚାଗତ ଲୋମକୂପକୁ ଅବରୋଧ କରିଥାଏ। ଅତ୍ୟଧିକ ତୈଳ ମସଲା ଜାତୀୟ ଖାଦ୍ୟ, ଖଟାପଦାର୍ଥ ମାଂସ (ମାଂସ ଶରୀରର ପିଏଚ୍‌ରେ ଅସନ୍ତୁଳନ କରିବା ସହ ଉଚ୍ଚଜାତୀୟ ପ୍ରୋଟିନ୍ କାରଣରୁ ଡେରିରେ ପାଚିତ ହୋଇଥାଏ) ପରିପିତ୍ତ ବର୍ଦ୍ଧକ ଆହାର ଗ୍ରହଣ କାରଣରୁ ବ୍ରଣରେ ପକ୍ୱତା ଆସିଥାଏ ଏବଂ ଏହା ଅଧିକ କଷ୍ଟଦାୟକ ହୋଇଥାଏ। ତେଣୁ ଏସବୁ ପଦାର୍ଥ ବର୍ଜନ କରିବା ବିଧେୟ।
- କୌଣସି ଦୂଷିତ ପରିବେଶରୁ ଦୂରେଇ ରୁହନ୍ତୁ ବା ଯଦି ଯାଇଛନ୍ତି ତେବେ ଫେରିବା ପରେ ଯଥାଶୀଘ୍ର ମୁଖ ଧୋଇନିଅନ୍ତୁ।
- ଶସ୍ତା ପ୍ରସାଧନ ସାମଗ୍ରୀ ଲଗାନ୍ତୁ ନାହିଁ ଏବଂ ଯେକୌଣସି ପ୍ରସାଧନ ସାମଗ୍ରୀ ଲଗାଇବା ପରେ ମୁହଁକୁ ଭଲଭାବରେ ଧୋଇଦିଅନ୍ତୁ।
- ବ୍ରଣରୁ ରକ୍ଷାପାଇବା ପାଇଁ ଅଧିକ ଝାଳ ବୋହିବା କାର୍ଯ୍ୟ (ଦୌଡ଼କୁଦ, ଜିମ୍, ନୃତ୍ୟ)ରୁ ନିବୃତ ହେବା ପରେ ଭଲଭାବେ ଗାଧୋଇ ପଡ଼ନ୍ତୁ।
- ଯଦି ଅବସାଦ ବା ଷ୍ଟ୍ରେସ୍ କାରଣରୁ ଆପଣଙ୍କ ବ୍ରଣ ଅଧିକ କଷ୍ଟଦାୟକ ହେଉଛି ତେବେ ଧ୍ୟାନ(ମେଡିଟେଶନ) କରିବା ଆବଶ୍ୟକ।
- ଖାଦ୍ୟରେ ପୋଷକତତ୍ତ୍ୱ 'କ' ଏବଂ 'ଘ' ଥିବା ଫଳ ବା ପନିପରିବା ଯେପରି ଡାଳିମ୍ବ, ଅମୃତଭଣ୍ଡା, ସେଓ, ଟମାଟୋ, କଦଳୀ, ଲେମ୍ବୁ ଆଦିକୁ ସାମିଲ କରନ୍ତୁ। ଏହା ତ୍ୱଚାରେ ସୃଷ୍ଟି ବ୍ରଣକୁ କମ୍ କରିବାରେ ସହାୟକ ହୋଇଥାଏ। ଏହା ବ୍ୟତୀତ ଭିଟାମିନ୍ 'ବି' ଏବଂ 'ଇ' ଥିବା ପରିବା ଯଥା ଲାଉ, ଗାଜର, ପାଳଙ୍ଗ ସେବନ ମଧ୍ୟ ଲାଭଦାୟକ ହୋଇଥାଏ।
- ସକାଳୁ ଖାଲି ପେଟରେ ୧-୨ଗ୍ଲାସ୍ ଉଷୁମ ପାଣି ପିଇବା ତଥା ଦିନକୁ ୧୦-୧୨ଗ୍ଲାସ୍ ପାଣି ପିଇବା ବ୍ରଣ ତଥା ଶରୀର ପାଇଁ ହିତକାରକ। ରାତ୍ରିଭୋଜନ ଯଥାଶୀଘ୍ର ଏବଂ ସୁପାଚ୍ୟ ହେବା ଅନିବାର୍ଯ୍ୟ। ଅଧିକ ରାତ୍ରି ପର୍ଯ୍ୟନ୍ତ ଅନିଦ୍ରା ରହିବା ଦ୍ୱାରା ଷ୍ଟ୍ରେସ୍ ହରମୋନ୍ କ୍ଷରଣ ମଧ୍ୟ ମାତ୍ରାଧିକ ହୋଇଥାଏ। ତେଣୁ ଏଥିପ୍ରତି ଯତ୍ନବାନ୍ ହେବା ଆବଶ୍ୟକ।







# ବର୍ଷାଦିନରେ ସୁରକ୍ଷିତ ରହିବ ବିସ୍କୁଟ



ବର୍ଷାଦିନରେ ବିସ୍କୁଟ୍ ଖୋଲିବା ମାତ୍ରେ ତାହା ନରମ ହୋଇଯାଏ। ଫଳରେ ଏହାକୁ ଖାଇବାକୁ ଏତେଟା ଇଚ୍ଛା ହୁଏନି। ଏଥିପାଇଁ ଏହାକୁ ଠିକ୍ ଉପାୟରେ ଯଦି ରଖିବା ତେବେ ଏହା ଖାଇବା ଉପଯୋଗୀ ହୋଇପାରିବ।

**ଏୟାର ଟାଇଟ୍ କଣ୍ଟେନର**

ଅଧିକାଂଶ ଘରେ ପ୍ଲାଷ୍ଟିକ୍ ଡବା କିମ୍ବା ଆଲୁମିନିୟମ୍ ଡବାରେ ବିସ୍କୁଟ ରଖାଯାଏ। ଫଳରେ ଏହା କୁଡ୍‌କୁଡ୍ ବଦଳରେ ନରମ ଲାଗିଥାଏ। ଏଥିସହ ଏହାର ସ୍ୱାଦ ମଧ୍ୟ ନଷ୍ଟ ହୋଇଯାଇଥାଏ। ଏହାକୁ ସୁରକ୍ଷିତ ରଖିବାକୁ ହେଲେ ଏୟାରଟାଇଟ୍ କଣ୍ଟେନରର ବ୍ୟବହାର କରନ୍ତୁ।

**ଟିସୁପେପର**

ବିସ୍କୁଟ୍‌କୁ କ୍ରିସ୍ପି କରିବାକୁ ହେଲେ ଆପଣ ଟିସୁ ପେପର ବ୍ୟବହାର କରିପାରିବେ। ଯେଉଁଥିରେ ବିସ୍କୁଟ୍ ରଖୁଛନ୍ତି ସେଥିରେ ପ୍ରଥମେ ଟିସୁ ପେପରର ୨/୩ଟା ଲେୟାର ପକାଇ ଦିଅନ୍ତୁ। ଏହା ଉପରେ ବିସ୍କୁଟକୁ ଟିସୁ ପେପରରେ ଗଡ଼ାଇ ରଖି ଦିଅନ୍ତୁ, ଦେଖିବେ ବିସ୍କୁଟ୍ କିପରି କୁର୍‌କୁର୍ ରହୁଛି।

**ଜିପ୍ ପାଉଚର**

ବିସ୍କୁଟ୍‌କୁ କ୍ରିସ୍ପି ରଖିବାକୁ ହେଲେ ଜିପ୍ ପାଉଚର ବ୍ୟବହାର କରନ୍ତୁ। ଏହାଦ୍ୱାରା ଆପଣ ବିସ୍କୁଟ୍‌କୁ ଏୟାର ସଂସ୍ପର୍ଶରେ ଆସିବାକୁ ଦେଲେନାହିଁ। ଫଳରେ ବିସ୍କୁଟ୍ କୁର୍‌କୁର୍ ରହିବ।

**କାଚଡବା**

ବିସ୍କୁଟ୍‌କୁ ସୁରକ୍ଷିତ ରଖିବାକୁ ହେଲେ ଆପଣ କାଚଡବା ବ୍ୟବହାର କରିପାରିବେ। କାଚଡବାରେ ବିସ୍କୁଟ୍ ରହିବା ଦ୍ୱାରା ଏହା ସତେଜ ରହିଥାଏ। ଏଥିପାଇଁ ବର୍ଷାଦିନରେ ବିସ୍କୁଟ୍‌କୁ କାଚଡବାରେ ରଖିଲେ ଏହା ସତେଜ ରହିଥାଏ।

# ଫର୍ନିଚର କିଣିବା ପୂର୍ବରୁ



**ଘର ସଜାଇବାରେ ଫର୍ନିଚରର ମହତ୍ତ୍ୱ ରହିଛି । କିନ୍ତୁ ଯେତେବେଳେ ଏହି ଫର୍ନିଚର ବିନା ଭାବିଚିନ୍ତି କିଣାଯାଏ ତେବେ ଏହା ଘର ସଜାଇବା ତ ଦୂରର କଥା ଟଙ୍କା ମଧ୍ୟ ବରବାଦ ହୋଇଥାଏ। ଏଥିପାଇଁ ଫର୍ନିଚର କିଣିବା ପୂର୍ବରୁ କେତୋଟି ଟିପ୍ସ ପ୍ରତି ଧ୍ୟାନ ଦେବା ଆବଶ୍ୟକ...**

- ଯଦି ଆପଣ ଫ୍ଲାଟ୍ କିଣଥାନ୍ତି କିମ୍ବା ନିଜ ଘରେ ରହୁଛନ୍ତି ତେବେ ରୁମ୍ ଅନୁଯାୟୀ ଫର୍ନିଚର କିଣନ୍ତୁ।
- ଆପଣ କୌଣସି ଫର୍ନିଚର କିଣିବା ସମୟରେ ନିଜ ଘରକୁ ମ୍ୟାଚ୍ କଲାଭଳି କିଣନ୍ତୁ। ଫଳରେ ଏହାକୁ ଘରକୁ ଭଲ ମାନିବ।
- ପ୍ରଥମେ ଘରର ସବୁ ରୁମ୍‌କୁ ଭଲଭାବେ ପରଖି ନିଅନ୍ତୁ, ଏହାପରେ କେଉଁଠି କେଉଁ ଫର୍ନିଚର ରଖିବେ ତାହା ଡିସାଇଡ୍ କରିବା ସହ ତାହା ଯେପରି ଅଧିକ ଦିନ ପର୍ଯ୍ୟନ୍ତ ଭଲ ରହିବ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ।
- ପୂରା ଘରକୁ ସୁସଜ୍ଜିତ କରି ରଖିବାକୁ ହେଲେ ଫର୍ନିଚର ଭଲ ମାନିଥାଏ। ଏଥପାଇଁ ମନପସନ୍ଦର ଫର୍ନିଚର କିଣି ଘରକୁ ସଜାଇପାରିବେ।

## ଖାଦ୍ୟରୁଚି

# ସୁଜି ବେସନ ଟିକ୍କି

**ଆବଶ୍ୟକ ସାମଗ୍ରୀ:** ସୁଜି ୧ କପ୍, ବେସନ ୧ କପ୍, ପିଆଜ ଗୋଟିଏ, ଟମାଟୋ ଗୋଟିଏ, ଗାଜର ଗୋଟିଏ, ଅଳ୍ପ ପରିମାଣର ଭୃସୁଙ୍ଗ ପତ୍ର, କଟାହୋଇଥିବା ଧନିଆଁ ପତ୍ର, କଟାହୋଇଥିବା କଞ୍ଚାଲଙ୍କା ୧ ଚାମଚ, ହଳଦୀ ପାଉଡର ଆବଶ୍ୟକ ମୁତାବକ, କଶ୍ମୀରୀ ମିର୍ଚ୍ଚ ପାଉଡର ୧ ଚାମଚ, ସୋରିଷ ଅଧା ଚାମଚ, ତେଲ, ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ :** ବେସନ ଟିକ୍କି ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ପିଆଜ, ଟମାଟୋ, ଗାଜରକୁ ଟିକିଟିକି ଆକାରରେ କାଟି ଦିଅନ୍ତୁ। ଏବେ ଏକ ବଡ଼ ବାଓଲରେ ବେସନ ଓ ସୁଜି ପକାଇ ଭଲଭାବେ ମିକ୍ସ କରନ୍ତୁ। ଅଳ୍ପ ଅଳ୍ପ ପାଣି ପକାଇ ବେଟର ପ୍ରସ୍ତୁତ କରନ୍ତୁ। ଏହାପରେ ଏହି ଗୋଳା ହୋଇଥିବା ମିଶ୍ରଣରେ ହଳଦୀ, କଶ୍ମୀରୀ ମିର୍ଚ୍ଚ ପାଉଡର, କଟା ପିଆଜ, ଟମାଟୋ, ଗାଜର ପକାଇ ଭଲଭାବେ ମିଶାନ୍ତୁ। ଏବେ କଡ଼େଇରେ ୧ ଚାମଚ ତେଲ ପକାନ୍ତୁ। ତେଲ ଗରମହେବା ପରେ ସେଥିରେ ଭୃସୁଙ୍ଗ ପତ୍ର, ସୋରିଷ ପକାଇ ଫୁଟାନ୍ତୁ। ଏହାପରେ ସେଥିରେ ହେଙ୍ଗୁ, କଞ୍ଚାଲଙ୍କା ପକାଇ ଭାଜନ୍ତୁ, ଏହାପରେ ସୁଜିବେସନ ମିଶ୍ରଣକୁ କଡ଼େଇରେ ପକାନ୍ତୁ। ମିଶ୍ରଣକୁ ସେ ପର୍ଯ୍ୟନ୍ତ କଡ଼େଇରେ ରଖନ୍ତୁ ଯେପର୍ଯ୍ୟନ୍ତ ଏହା ଗାଢ଼ା ନ ହୋଇଯାଇଛି। ଏବେ ଏହି ମିଶ୍ରଣକୁ କଡ଼େଇରୁ କାଢ଼ି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏହା ଥଣ୍ଡା ହୋଇଗଲା ପରେ ଏବେ ହାତରେ ତେଲ ଲଗାଇ ଛୋଟ ଛୋଟ ଗୁଳାକରି ତାହାକୁ ଟିକ୍କି ଶେପ୍ ଦିଅନ୍ତୁ। ଏବେ ଏହାକୁ ପ୍ଲେଟ୍‌ରେ ରଖନ୍ତୁ। ଏହାପରେ ଏକ ନନ୍‌ଷ୍ଟିକ୍ ପ୍ୟାନ୍ ନେଇ ସେଥିରେ ତେଲ ପକାଇ ଟିକ୍କିଗୁଡ଼ିକୁ ଅଳ୍ପ ଅଳ୍ପ କରି ଦୁଇପଟ ସେକି ଦିଅନ୍ତୁ। ଟିକ୍କିକୁ ସେପର୍ଯ୍ୟନ୍ତ ସେକନ୍ତୁ ଯେପର୍ଯ୍ୟନ୍ତ ଏହାର ରଙ୍ଗ ବ୍ରାଉନ୍ ନ ହୋଇଯାଇଛି। ଏବେ ଏହାକୁ ଧନିଆଁ ଚଟଣି କିମ୍ବା ଟମାଟୋ ସସ୍ ସହ ଖାଇପାରିବେ।



## ଫ୍ୟାଶନ

# ଚୁଡ଼ି ପିନ୍ଧିବା ସମୟରେ...

**ଚୁଡ଼ି ସିଲେକ୍‌ସନ୍ କରିବା ସମୟରେ ମହିଳାମାନେ ଭାବିଚିନ୍ତି କରିଥାନ୍ତି। ବେଳେବେଳେ ଏହି ଚୁଡ଼ି ପିନ୍ଧିବା ବେଳେ ଏହା ହାତରେ ସହଜରେ ପଶେନି, ଯାହା ଫଳରେ ମନପସନ୍ଦର ଚୁଡ଼ି ପିନ୍ଧିବା କଷ୍ଟକର ହେବା ସହ ତାହା ତୁଟିଯାଏ। କିପରି ଚୁଡ଼ି ସହଜରେ ପିନ୍ଧିବେ ଜାଣନ୍ତୁ କେତୋଟି ଟିପ୍ସ...**

**ମଶ୍ଚରାଇଜର ନିଅନ୍ତୁ ସାହାଯ୍ୟ**

କେବେକେବେ ମହିଳାମାନେ ୱେଟ୍‌ଗେନ୍ କରିବା ଦ୍ୱାରା ହାତଗଣ୍ଠିରେ ସହଜରେ ଚୁଡ଼ି ପଶି ନ ଥାଏ। ଏଥିଲାଗି ଆପଣ ଚୁଡ଼ି ପିନ୍ଧିବା ପୂର୍ବରୁ ହାତରେ ଅଳ୍ପ ମଶ୍ଚରାଇଜର କିମ୍ବା ନଡ଼ିଆ ତେଲ ଲଗାଇପାରିବେ। ଏହାଦ୍ୱାରା ଚୁଡି ସହଜରେ ଗଣ୍ଠିରୁ ଖସି ଆଗକୁ ପଳାଇବ।

**ସାବୁନ୍‌ର ବ୍ୟବହାର କରନ୍ତୁ**

ଚୁଡ଼ି ଯଦି ଟାଇଟ୍ ହୋଇଯାଇଛି ସହଜରେ ଏହା ହାତରୁ ବାହାରୁନି ତେବେ ଏମିତିରେ ହାତରେ ଭଲଭାବେ ସାବୁନ୍ ଲଗାଇ ଦିଅନ୍ତୁ। ଏହାପରେ ଚୁଡ଼ି ପିନ୍ଧିଲେ ତାହା ସହଜରେ ହାତରେ ପଶିଯିବ। ଏହାପରେ ହାତକୁ ପାଣିରେ ଧୋଇବାକୁ ଭୁଲନ୍ତୁ ନାହିଁ।

**ଆଲୋଭେରା ଜେଲ୍**

ଚୁଡ଼ିକୁ ସହଜରେ ପିନ୍ଧିବାକୁ ହେଲେ ଆଲୋଭେରା ଜେଲ୍‌ର ସାହାଯ୍ୟ ନେଇପାରିବେ। ପ୍ରଥମେ ହାତରେ ଭଲଭାବେ ଆଲୋଭେରା ଜେଲ୍ ଲଗାଇ ଦିଅନ୍ତୁ। ଏହାପରେ ଚୁଡ଼ିକୁ ପିନ୍ଧନ୍ତୁ ଦେଖିବେ ଚୁଡ଼ି ସହଜରେ ହାତରେ ପଶିଯିବ।

**ପଲିଥିନ୍‌ର ସାହାଯ୍ୟ :** ଏମିତିରେ ଆପଣ ଚୁଡ଼ି ପିନ୍ଧିବାକୁ ହେଲେ ପଲିଥିନ୍‌ର ସାହାଯ୍ୟ ନେଇପାରିବେ। ପ୍ରଥମେ ହାତରେ ପଲିଥିନ୍ ପିନ୍ଧନ୍ତୁ, ଏହା ଉପରେ ଅଳ୍ପ ପରିମାଣର ତେଲ ଲଗାନ୍ତୁ। ଏହାପରେ ଚୁଡି କ୍ୟାରି କରନ୍ତୁ। ଦେଖିବେ ସହଜରେ ଚୁଡ଼ି ପିନ୍ଧିପାରିବେ ଏବଂ ବାହାର ମଧ୍ୟ କରିପାରିବେ।





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୮/୨୦୨୩ Bhubaneswar, Tuesday, August 8/ 2023

# ଭାରତ, ମାଲେସିଆ ସେମିରେ

**ଚେନ୍ନାଇ, ୭।୮**

ଭାରତ ଓ ମାଲେସିଆ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଅନୁଷ୍ଠିତ ମ୍ୟାଚରେ ଭାରତ ୩-୨ ଗୋଲରେ ଦକ୍ଷିଣ କୋରିଆକୁ ହରାଇଥିବାବେଳେ ମାଲେସିଆ ୩-୧ ଗୋଲରେ ଜାପାନକୁ ପରାସ୍ତ କରିଛି। ଅନ୍ୟଏକ ମ୍ୟାଚରେ ପାକିସ୍ତାନ ୨-୧ ଗୋଲରେ ଚାଇନାକୁ ହରାଇ ଦେଇଛି। ଭାରତ ପକ୍ଷରୁ ନୀଳକାନ୍ତ ଶର୍ମା ୬, ଅଧିନାୟକ ହରମନପ୍ରୀତ ସିଂ ୨୩ ଓ ମନଦୀପ ସିଂ ୩୩ତମ ମିନିଟରେ ଗୋଲ ଦେଇଥିଲେ। କୋରିଆର କିମ୍ ଶ୍ୟୁଙ୍ଗହ୍ୟୁନ ୧୨ ଓ ୟାଙ୍ଗ୍ ଜିହୁନ ୫୮ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ଭାରତ ୪ ମ୍ୟାଚରୁ ୩ ବିଜୟ ଓ ୧ ଡ୍ର ସହ ୧୦ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। କୋରିଆ ପରାସ୍ତ ହୋଇଥିଲେ ମଧ୍ୟ ପାକିସ୍ତାନ ସହ ସେମିଫାଇନାଲ ଦୌଡ଼ରେ ରହିଛି। ତେବେ ଅନ୍ତିମ ଲିଗ୍ ମ୍ୟାଚ ଏହି ଦୁଇ ଦଳର ଭାଗ୍ୟ ନିର୍ଦ୍ଧାରଣ କରିବ। ଆସନ୍ତା ବୁଧବାର ଭାରତ ଏହାର ଶେଷ ଲିଗ୍‌ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ସେହିଦିନ କୋରିଆ-ମାଲେସିଆ ଏବଂ ଜାପାନ-ଚାଇନା ମଧ୍ୟରେ ମୁକାବିଲା ହେବ। ତେଣୁ ଜାପାନ ପାଇଁ ମଧ୍ୟ ସୁଯୋଗ ରହିଛି। ମାଲେସିଆ ପକ୍ଷରୁ ନଜମି ଜଜଲାନ ୧୩, ଅର୍ଶନ ହାମସାନି ୩୭ ଓ ଶେଲୋ ସିଲଭେରିଅସ ୫୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନେକ ସୁଯୋଗ ହାତଛଡ଼ା କରିବା ପରେ ଜାପାନ ପକ୍ଷରୁ ୫୯ତମ ମିନିଟରେ ନିୱା ଟାକୁମା ଗୋଟିଏ ଗୋଲ ପରିଶୋଧ କରିଥିଲେ। ମାଲେସିଆ ୪ ମ୍ୟାଚରୁ ୩ ବିଜୟ ଓ ୧ ପରାଜୟ ସହ ୯ ପଏଣ୍ଟରେ ପହଞ୍ଚିଛି। ବିଶେଷ କରି ଭାରତ

### ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

ନିକଟରୁ ୦-୫ ଗୋଲରେ ପରାଜୟ ପରେ ଏହି ଦଳ ଟୁର୍ନାମେଣ୍ଟକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଅନ୍ୟପକ୍ଷରେ ପାକିସ୍ତାନ ବିପକ୍ଷ ମ୍ୟାଚକୁ ୩-୩ରେ ଡ୍ର ରଖିଥିବା ଜାପାନ ଅନେକଥର ଗୋଲ ପରିଶୋଧ ପାଇଁ ସୁଯୋଗ ପାଇଥିଲେ ମଧ୍ୟ ଫିନିଶିଂ ଅଭାବରୁ ପରାଜୟ ସ୍ୱାଦ ଚାଖିଛି।

### ଚାଇନା ନକ୍ଆଉଟ

ପାକିସ୍ତାନଠାରୁ ପରାସ୍ତ ଚାଇନା ପ୍ରତିଯୋଗିତାରୁ ନକ୍ଆଉଟ ହୋଇଛି। ୨୦ତମ ମିନିଟରେ ପାକିସ୍ତାନକୁ ମିଳିଥିବା ପେନାଲ୍ଟି କର୍ନରରୁ ପ୍ରଥମ ଗୋଲ ଦେଇଥିଲେ ମହମ୍ମଦ ଖାଁ। ଚାଇନା ଭିଡିଓ ରେଫରାଲ ମାଧ୍ୟମରେ ଗୋଲକୁ ଚ୍ୟାଲେଞ୍ଜ କରିଥିଲା। ବିପଜ୍ଜନକ ଉଚ୍ଚତାରେ ବଲ୍‌କୁ ଶୁଟ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ମାତ୍ର ଟିଭି ଅମ୍ପାୟର ପାକିସ୍ତାନ ସପକ୍ଷରେ ନିଷ୍ପତ୍ତି ନେଇଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭର ୩ ମିନିଟ ପରେ ଅର୍ଥାତ୍ ୩୩ତମ ମିନିଟରେ ଚାଇନାର ଜିଶେଙ୍ଗ୍ ଗାଓ ଗୋଲ ପରିଶୋଧ କରି ଦେଇଥିଲେ। ମ୍ୟାଚ ରୋମାଞ୍ଚକ ହୋଇ ପଡ଼ିଥିବାବେଳେ ୩୯ତମ ମିନିଟରେ ପାକିସ୍ତାନର ଅଫରାଜ ହାକିମ ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା।


ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ତେନ୍ଦୁଲକର ୟୁନିସେଫ୍‌ର ଗୁଡ୍‌ୱିଲ ଆମ୍ବାସାଡର

**କଲମ୍ବୋ,୭।୮(ପି.ଟି)**

ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କୁ ୟୁନିସେଫର ଗୁଡ୍‌ୱିଲ ଆମ୍ବାସାଡର ଭାବରେ ନିଯୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଚିନ୍ ସୋମବାର ଦୁଇଟି ସ୍କୁଲ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ଏହା ପୂର୍ବରୁ ୨୦୧୩ରେ ତାଙ୍କୁ ଦକ୍ଷିଣ ଏସୀୟ ଅଞ୍ଚଳ ପାଇଁ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ମିଶନର ଆମ୍ବାସାଡର ନିଯୁକ୍ତ କରାଯାଇଥିଲା। ସୋମବାର ସଚିନ୍ ଦକ୍ଷିଣ ପଶ୍ଚିମ ସାବରାଗାମୁୱା ପ୍ରଦେଶର କେଗାଲେ ଜିଲାସ୍ଥିତ ଦୁଇ ସ୍କୁଲକୁ ଭ୍ରମଣ କରିଥିଲେ। ଏହି ଗସ୍ତ ସମୟରେ ପ୍ରାଇମେରୀ ସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ସହ ସେ ଆଲୋଚନା କରିଥିଲେ।

### ଶ୍ରୀଲଙ୍କା ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା

ଏହା ସହିତ ଉଭୟ ବାଳକ ଓ ବାଳିକାଙ୍କ ସହ କିଛି ସମୟ କ୍ରିକେଟ ମଧ୍ୟ ଖେଳିଥିଲେ ତେନ୍ଦୁଲକର।

ସଚିନ୍‌ଙ୍କ ପରି ଜଣେ କିମ୍ବଦନ୍ତୀ ଆମର ସ୍କୁଲକୁ ଆସିବା ଏକ ଗୌରବମୟ ମୁହୂର୍ତ୍ତ ବୋଲି ରାଜ୍ୟପାଳ ନବୀନ ଦିଶାନାୟକେ ପ୍ରକାଶ କରିଛନ୍ତି। ଦିଶାନାୟକେ ଟୁଇଟରରେ ଏକ ଫଟୋ ପୋଷ୍ଟ କରି ଏହି ଖବର ଶେୟାର କରିଛନ୍ତି। ମଙ୍ଗଳବାର କଲମ୍ବୋସ୍ଥିତ ସିନାମନ୍ ଲେକ୍ ସାଇଡ ସ୍କୁଲରେ ସଚିନ୍ ଏକ ଆଲୋଚନାଚକ୍ରରେ ଭାଗ ନେବେ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୋଭିଡ୍‌ରେ ପ୍ରଭାବିତ ଶିଶୁମାନଙ୍କ ଉପରେ ମଧ୍ୟ ଆଲୋକପାତ କରାଯିବ ବୋଲି ଦିଶାନାୟକେ ପ୍ରକାଶ କରିଛନ୍ତି। ୟୁନିସେଫ୍ ସହିତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଜଡିତ ଥିବା ତେନ୍ଦୁଲକର ପୂର୍ବରୁ ଏକାଧିକ ପ୍ରକଳ୍ପରେ କାମ କରି ସାରିଛନ୍ତି। ୨୦୦୩ରେ ଭାରତକୁ ପୋଲିଓ ମୁକ୍ତ କରିବା ପାଇଁ ସଚିନ୍ ୟୁନିସେଫ୍ ସହ ଯୋଡି ହୋଇଥିଲେ। ୨୦୦୮ରେ ଭାରତରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ସୃଷ୍ଟି କରିବା ପାଇଁ ସେ ଯୋଗ ଦେଇଥିଲେ। ମାନସିକ ଅନଗ୍ରସରତା ବିପକ୍ଷରେ ଲଢେଇ କାର୍ଯ୍ୟକ୍ରମ 'ବ୍ୟାଟ୍ ଫର ବ୍ରେନ୍ ଡେଭେଲପମେଣ୍ଟ' ପାଇଁ ସଚିନ୍ ୨୦୧୯ରେ ୩ ଦିନିଆ ନେପାଳ ଗସ୍ତ କରିଥିଲେ।

# ପରାଜୟରୁ ଓଏଫ୍‌ସିର ଅଭିଯାନ

**କୋକ୍ରାଝର,୭।୮**

ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ୧୩୨ ତମ ସଂସ୍କରଣରେ ପରାଜୟରୁ ଅଭିଯାନ ଆରମ୍ଭ କରିଛି ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ଆସାମସ୍ଥିତ କୋକ୍ରାଝରରେ ଖେଳା ଯାଇଥିବା ମ୍ୟାଚରେ ଇଣ୍ଡିଆନ୍ ଆର୍ମି ୧-୦ ଗୋଲରେ ଓଏଫ୍‌ସିକୁ ପରାସ୍ତ କରିଛି। ଇଣ୍ଡିଆନ୍ ଆର୍ମି ପକ୍ଷରୁ ଲିଟନ୍ ଶିଲ୍ ଏକମାତ୍ର

### ଡୁରାଣ୍ଡ କପ୍ ଫୁଟବଲ

ଗୋଲ ସ୍କୋର କରିଥିଲେ। ପ୍ରଥମ ସଂସ୍କରଣର କ୍ୱାର୍ଟର ଫାଇନାଲ ପ୍ରବେଶ କରିଥିବା ଓଏଫ୍‌ସି ଚଳିତ ଟୁର୍ନାମେଣ୍ଟ ପାଇଁ ଏହାର ରିଜର୍ଭ ଦଳ ପଠାଇଥିବା ବେଳେ ଇଣ୍ଡିଆନ୍ ଆର୍ମି ପ୍ରଥମ ମିନିଟରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା।

ମ୍ୟାଚ୍‌ର ପ୍ରଥମ ମିନିଟରୁ ଇଣ୍ଡିଆନ୍ ଆର୍ମି ଆକ୍ରମଣାତ୍ମକ ଢଙ୍ଗରେ ଆରମ୍ଭ କରିଥିଲା। ପ୍ରଥମ ମିନିଟରେ ସ୍କୋରିଂ ସୁଯୋଗ ସୃଷ୍ଟି ହୋଇଥିଲେ ହେଁ ରାହୁଲ ରାମକ୍ରିଷ୍ଣନ୍ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ଏହାର କିଛି ମିନିଟ ମଧ୍ୟରେ କ୍ରିଷ୍ଟୋଫର କେମେଇ ପ୍ରୟାସ କରିଥିବା ବେଳେ ଓଏଫ୍‌ସି ଗୋଲକିପର ନୀରଜ କୁମାର ଏହାକୁ ପଣ୍ଡ କରି ଦେଇଥିଲେ। ଇଣ୍ଡିଆନ୍ ଆର୍ମି ଚାପ ସୃଷ୍ଟି କରିବାରେ ସମର୍ଥ ହୋଇଥିବା ବେଳେ ଉଭୟ ଦଳ କିନ୍ତୁ ସ୍କୋର କରିବାରେ ବିଫଳ ହୋଇଥିଲେ। ୪୨ତମ ମିନିଟରେ ସମୀର ମୁର୍ମୁଙ୍କ ପାଶ୍‌କୁ ଗୋଲରେ ପରିଣତ କରିଥିଲେ ଲିଟନ୍ ଶିଲ୍।

ଦ୍ୱିତୀୟାର୍ଦ୍ଧରେ ଓଏଫ୍‌ସି ପକ୍ଷରୁ ଆକ୍ରମଣାତ୍ମକ ପ୍ରଦର୍ଶନ ସହିତ ଗୋଲ ପରିଶୋଧର ପ୍ରୟାସ କରାଯାଇଥିଲା। ତେବେ ଅଭିଜ୍ଞ ଇଣ୍ଡିଆନ୍ ଆର୍ମି ପକ୍ଷରୁ ଖେଳକୁ ଧିମା କରାଯିବାକୁ ପ୍ରୟାସ କରାଯାଇଥିଲା। ୭୭ତମ ମିନିଟରେ ଲିଟନ ଓଏଫ୍‌ସି ଡିଫେଣ୍ଡର ଟଙ୍କଧର ବାଗଙ୍କୁ ଫାଉଲ ମାରି ରେଡ କାର୍ଡ ପାଇଥିଲେ। ଓଏଫ୍‌ସି ପକ୍ଷରୁ ଗୋଲ ପରିଶୋଧର ଉଦ୍ୟମ କରାଯାଇଥିଲେ ମଧ୍ୟ ସଫଳ ହୋଇ ନ ଥିଲା।




# ଅନୀତା, ସଞ୍ଜୟ ସଭାପତି ପ୍ରାର୍ଥୀ

**ନୂଆଦିଲ୍ଲୀ, ୭।୮(ପି.ଟି.)**

ଅଗଷ୍ଟ ୧୨ରେ ହେବାକୁ ଥିବା ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସୋମବାର ପ୍ରକାଶ ପାଇଛି। ଚାରି ଉପସଭାପତି ପାଇଁ ୫ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ ଭାରତୀୟ କୁସ୍ତିଯୋଦ୍ଧା କର୍ତ୍ତାର ସିଂ ଅଛନ୍ତି। କର୍ତ୍ତାର (୧୯୭୮ ବ୍ୟାଙ୍କକ୍ ଓ ୧୯୮୬ ସିଓଲ) ଦୁଇଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା। ସେ ଆହୁରି ମଧ୍ୟ ପୂର୍ବତନ ଡବ୍ଲ୍ୟୁଏଫ୍ଆଇ ସେକ୍ରେଟାରୀ ଜେନେରାଲ। ତାଙ୍କ ନିକଟରେ ଯଥେଷ୍ଟ ପ୍ରଶାସନିକ ଅଭିଜ୍ଞତା ରହିଛି। ଉପସଭାପତି ପାଇଁ ପ୍ରାର୍ଥୀ ହୋଇଥିବା ଅନ୍ୟମାନେ ହେଲେ ଅସିତ କୁମାର ଶାହା (ବେଙ୍ଗଲ), ଜୟ ପ୍ରକାଶ (ଦିଲ୍ଲୀ), ମୋହନ ଯାଦବ (ମଧ୍ୟପ୍ରଦେଶ) ଏବଂ ଏନ୍ ଫୋନି (ମଣିପୁର)। ସଭାପତି ପଦବୀ ପାଇଁ ଡବ୍ଲ୍ୟୁଏଫ୍ଆଇର ବିଦାୟୀ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ଅନୁଗତ ଭାବେ ଜଣାଶୁଣା ସଞ୍ଜୟ କୁମାର ସିଂ (ଉତ୍ତର ପ୍ରଦେଶ) ଏବଂ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଅନୀତା ଶେଓରାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଖବର ଅନୁସାରେ ୩୮ ବର୍ଷୀୟା ଶେଓରାନଙ୍କ ପଛରେ ବଜରଙ୍ଗ ପୁନିଆ, ଭିନେଶ ଫୋଗଟ ଓ ସାକ୍ଷୀ ମଲିକଙ୍କ ସମେତ ୬ଜଣ କୁସ୍ତିଯୋଦ୍ଧାଙ୍କ ସମର୍ଥନ ଅଛି। ଏହି କୁସ୍ତିଯୋଦ୍ଧାମାନେ ବ୍ରିଜ ଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଯନ୍ତରମନ୍ତରଠାରେ ଧାରଣାରେ ବସିଥିଲେ। କୌତୂହଳର ବିଷୟ ବ୍ରିଜ ଭୂଷଣଙ୍କ ବିରୋଧରେ ଅଣାଯାଇଥିବା ଯୌନଶୋଷଣ ମାମଲାରେ ଶେଓରାନ ଜଣେ ଅନ୍ୟତମ ସାକ୍ଷୀ। ଅବସରପ୍ରାପ୍ତ ବିଚାରପତି ତଥା ରିଟର୍ନିଂ ଅଫିସର ଏମ୍. ଏମ୍. କୁମାରଙ୍କ ଦ୍ୱାରା ବିଧିବଦ୍ଧ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ଦୁଇ ଯୁଗ୍ମ ସମ୍ପାଦକ ପାଇଁ ୪ଜଣ ପ୍ରାର୍ଥୀ ହୋଇଥିବା ବେଳେ ୪ କାର୍ଯ୍ୟନିର୍ବାହୀ କମିଟି ପଦବୀ ପାଇଁ ୭ଜଣ ନିର୍ବାଚନ ଲଢିବେ। ସିନିୟର ଉପସଭାପତି ପଦବୀ ପାଇଁ ମୁଖ୍ୟତଃ ବ୍ରିଜ ଭୂଷଣଙ୍କ ଶିବିରର ଆଇ.ଡି. ନାନାବତୀ ଏବଂ ଆସାମର ଦେବେନ୍ଦର କାଡିଆନ୍‌ଙ୍କ ମଧ୍ୟରେ ହେବ। ସୂଚନାଯୋଗ୍ୟ, ନିକଟରେ ଗୁଆହାଟୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଦ୍ୱାରା ଗଠିତ ଆଡହକ୍ କମିଟି ଆସାମ ରେସ୍‌ଲିଂ ଆସୋସିଏଶନକୁ ଇଲେକ୍ଟୋରାଲ କଲେଜରେ ସାମିଲ କରାଯାଇଛି। ଡବ୍ଲ୍ୟୁଏଫ୍ଆଇ ଅଗଷ୍ଟ ୧୨ ନିର୍ବାଚନ ସଭାପତି (୧), ସିନିୟର ଉପସଭାପତି (୧), ଉପସଭାପତି (୪), ସେକ୍ରେଟାରୀ ଜେନେରାଲ (୧), କୋଷାଧ୍ୟକ୍ଷ (୧), ଯୁଗ୍ମ ସମ୍ପାଦକ (୨) ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ (୫) ପଦବୀ ପାଇଁ ହେବ। ଯୁଗ୍ମ ସମ୍ପାଦକ ପାଇଁ ପ୍ରାର୍ଥୀ ହୋଇଥିବା ରୋହିତାଶ ସିଂ (ହରିୟାଣା) ବ୍ରିଜ ଭୂଷଣଙ୍କ ଶିବର ଛାଡ଼ି ବିପକ୍ଷ ଗୋଷ୍ଠୀରେ ଯୋଗଦେଇଥିବା ଶୁଣାଯାଉଛି। ବ୍ରିଜଭୂଷଣଙ୍କ ଗୋଷ୍ଠୀ ସମସ୍ତ ୧୫ ପଦବୀ ପାଇଁ ପ୍ରାର୍ଥୀ ଛିଡ଼ା କରିଛି। ରିପୋର୍ଟ ଅନୁସାରେ ଏହି ଗୋଷ୍ଠୀ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ଫେଭରାଇଟ୍ ଅଛନ୍ତି।


ଅନୀତା ଶେଓରାନ ଓ ସଞ୍ଜୟ କୁମାର ସିଂ।

### ଭାରତୀୟ କୁସ୍ତି ମହାସଂଘ ନିର୍ବାଚନ

### ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ

# ବିଶ୍ୱକପ ଦଳରୁ ଲାବୁଶେନ୍ ବାଦ୍

**ସିଡ୍‌ନୀ, ୭।୮ (ପି.ଟି):** ଭାରତରେ ଖେଳାଯିବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଅଷ୍ଟ୍ରେଲିଆ ୧୮ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛି। ସୋମବାର ଘୋଷିତ ଦଳରୁ ବାଦ ପଡିଛନ୍ତି ଟେଷ୍ଟରେ ଦଳର ସଫଳତମ ବ୍ୟାଟର ମାର୍ନସ୍ ଲାବୁଶେନ୍। ଶେଷ ଥର ପାଇଁ ଭାରତ ଗସ୍ତରେ ଥିବା ଅଷ୍ଟ୍ରେଲିଆ ଦଳର ସଦସ୍ୟ ରହିଥିଲେ ଲାବୁଶେନ୍। ଜାନୁୟାରୀ ୨୦୨୦ରେ ପଦାର୍ପଣ ଠାରୁ ମାତ୍ର ୩୦ ଦିନିକିଆ ମ୍ୟାଚ୍ ଖେଳିଛନ୍ତି ଲାବୁଶେନ୍। ଏହି ଦଳରେ ନୂତନ ଚେହେରା ଭାବେ ଅଲରାଉଣ୍ଡର ଆରୋନ୍ ହାର୍ଡି ଓ ଲେଗ୍ ସ୍ପିନର ତନଭୀର ସାଂଘାଙ୍କୁ ମଧ୍ୟ ସ୍ଥାନ ମିଳିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ପରେ ଏହା ମଧ୍ୟରୁ ୧୫ ଜଣିଆ ଦଳ ଚୟନ କରାଯିବ। ଅଧିନାୟକ ପ୍ୟାଟ୍ କୁମିନ୍ସ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜରୁ ବାଦ ପଡିଥିବା ବେଳେ ଦିନିକିଆ ସିରିଜ ପାଇଁ ସେ ଉପଲବ୍ଧ ହେବେ। କୁମିନ୍ସଙ୍କ ଅନୁପସ୍ଥିତିରେ ମିଚେଲ ମାର୍ଶ ଦଳର ନେତୃତ୍ୱ ନେବେ। ଏହା ସହିତ ଗ୍ଲେନ୍ ମ୍ୟାକ୍ସୱେଲ ବିଶ୍ୱକପ ଦଳରେ ସାମିଲ ଥିବା ବେଳେ ଦକ୍ଷିଣ ଆଫ୍ରିକା ସିରିଜରେ ଉପଲବ୍ଧ ରହିବେ ନାହିଁ ବୋଲି ଜଣାପଡିଛି। ସେପ୍ଟେମ୍ବର ୨୮ ବିଶ୍ୱକପ ଦଳ ଘୋଷଣାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି।

# ଜାତୀୟ ଜାଭେଲିନ ଥ୍ରୋ ଦିବସରେ ପ୍ରତିଯୋଗିତା

**କଟକ ଅଫିସ, ୭।୮**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

ଟୋକିଓ ଅଲିମ୍ପିକ୍ସରେ ଅଗଷ୍ଟ ୭ରେ ଭାରତର ନୀରଜ ଚୋପ୍ରା ଜାଭେଲିନ୍ ଥ୍ରୋରେ ଐତିହାସିକ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଫଳରେ ଅଗଷ୍ଟ ୭କୁ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଜାତୀୟ ଜାଭେଲିନ୍ ଦିବସଭାବେ ପାଳନ କରି ଆସୁଛି। ସେହି ପରିପ୍ରେକ୍ଷୀରେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ ପକ୍ଷରୁ କଟକର ବାରବାଟୀ ଷ୍ଟାଡିୟମରେ ଜାଭେଲିନ୍ ଥ୍ରୋ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୪, ୧୬, ୧୮, ୨୦ ବର୍ଷରୁ କମ୍ ବର୍ଗ ଏବଂ ସିନିୟର ବିଭାଗରେ ବିଭିନ୍ନ ଜିଲାରୁ ୩୦ ମହିଳା ଓ ୪୦ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ ଅଲିମ୍ପିକ୍ସ ଆସୋସିଏଶନ ସମ୍ମିଳନୀ କକ୍ଷରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ସଭାପତି ଜି. ଶ୍ରୀନିବାସ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିପିନ ବିହାରୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଏବଂ ବୈଷୟିକ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜାଭେଲିନ୍ ଥ୍ରୋ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଆଥଲେଟ୍‌ମାନେ ଅତିଥିଙ୍କ ଗହଣରେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ